

ଦ୍ରୁତଗତିରେ ଚାଲିଛି ବିକାଶ କାର୍ଯ୍ୟ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଇଂଲଣ୍ଡ ବିପକ୍ଷ ଟେଷ୍ଟରେ ଶତକ | ୭

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୦୩ Vol. 22 No-103 13 JULY 2025 SUNDAY, BHUBANESWAR ରବିବାର, ୧୩ ଜୁଲାଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ବଜ୍ରପାତରେ ୪ ମୃତ

ନୀଳଗିରି/ଅସ୍ତରଙ୍ଗ, ୧୨।୭ (ଭାସ୍କର ନ୍ୟୁଜ): ଶନିବାର ଅପରାହ୍ଣରେ ବଜ୍ରପାତ ଘଟି ଦୁଇଟି ସ୍ଥାନରେ ୪ଜଣଙ୍କର ମୃତ୍ୟୁ ଘଟିଛି। ପ୍ରଥମଟି ନୀଳଗିରି ବ୍ରହ୍ମପୁର ଥାନା ଛତ୍ରପୁରରେ ଘଟିଛି। କେନାଲ କାମ କରୁଥିବାବେଳେ ଏହି ଅଘଟଣ ଘଟି ୨ ମହିଳାଙ୍କ ସମେତ ୩ଜଣଙ୍କର ଜୀବନ ଯାଇଥିବାବେଳେ ୨ଜଣ ଗୁରୁତର ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେହିପରି ପୁରୀଜିଲ୍ଲା ଅସ୍ତରଙ୍ଗରେ ବଜ୍ରପାତ ଘଟି ଜଣକର ମୃତ୍ୟୁ ଘଟିଥିବା ସୂଚନା ମିଳିଛି।

### ମାଈହାତୀର ମୃତଦେହ ଠାବ

ଅନୁଗୋଳ, ୧୨।୭ (ଭାସ୍କର ନ୍ୟୁଜ): ଶନିବାର ସକାଳେ ଅନୁଗୋଳ ବନାଞ୍ଚଳ ରେଞ୍ଜ ସାହାଡାଗୋଡ଼ା ଗାଁ ନିକଟରେ ଏକ ମାଈ ହାତୀର ମୃତଦେହ ଉଦ୍ଧାର କରାଯାଇଛି। ତେବେ ହାତୀଟିର ମୃତ୍ୟୁର କାରଣ ଜଣାପଡ଼ି ନାହିଁ। ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଚଳାଇଛନ୍ତି।


### ୨୪ ଘଣ୍ଟାରେ ୪୫ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୧୨।୭ (ଭାସ୍କର ନ୍ୟୁଜ): ବନ୍ଧୁକ ଛାଡ଼ି ୨୪ ଘଣ୍ଟାରେ ୪୫ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଛତିଶଗଡ଼ ସୁକମା ପୋଲିସ ନିକଟରେ ୨୩ଜଣ ହାଡ୍‌କୋର ମାଓବାଦୀ ଆତ୍ମସମର୍ପଣ କରିଥିବାବେଳେ ନାରାୟଣପୁର ପୋଲିସ ନିକଟରେ ୨୨ଜଣ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୮ଜଣ ମହିଳା ମାଓବାଦୀ ରହିଛନ୍ତି। ଏହି ୨୨ଜଣଙ୍କ ନାମରେ ୩୭ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ଆତ୍ମ ସମର୍ପଣ ପରେ ପ୍ରତ୍ୟେକଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି।

ସେନ୍‌ସେକ୍ସ: ୮୨,୫୦୦.୪୭
ସର୍ବାଧିକ: ୩୩ ଡିଗ୍ରୀ
ସର୍ବନିମ୍ନ: ୨୬ ଡିଗ୍ରୀ

### ୧୨।୭।୨୦୨୫ ର ମତାମତ

ରାହୁଲଙ୍କ ଓଡ଼ିଶା ଗସ୍ତ ରାଜ୍ୟ ରାଜନୀତିରେ ପ୍ରଭାବ ବିସ୍ତାର କରିବାରେ ସହାୟକ ହେବ କି?




### ଆଜିର ପ୍ରସଙ୍ଗ

ବରିଷ୍ଠ ଅଧିକାରୀମାନେ ଲାଞ୍ଚ ନେଇ ଜେଲ ଗଲେ ପ୍ରଭାବ କନିଷ୍ଠଙ୍କ ଉପରେ ପଡ଼ିବ ନାହିଁ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ଡ୍ରାଇଭର ମହାସଂଘକୁ ଝଟ୍‌କା

# ଗଡ଼ିଲା ଘରୋଇ ବସ୍



- ମହାସଂଘରେ ସ୍ପଷ୍ଟ ହେଲା ଫାଟ
- ମେଣ୍ଟୁଲିଙ୍କ ଆକାଉଣ୍ଟ ଯାଞ୍ଚ ଦାବି
- ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କ ଚାଲ: ମନ୍ତ୍ରୀ
- ମହାସଂଘ କୋଷାଧ୍ୟକ୍ଷ ଗିରଫ

ଭୁବନେଶ୍ୱର, ୧୨।୭ (ଭାସ୍କର ନ୍ୟୁଜ): ୭ ଦଫା ଦାବିରେ ଓଡ଼ିଶା ଡ୍ରାଇଭର ମହାସଂଘର ଆନ୍ଦୋଳନ ଶନିବାର ୫ମ ଦିନରେ ପହଞ୍ଚିଛି। ତେବେ ଏହି ଆନ୍ଦୋଳନବେଳେ ମହାସଂଘକୁ ବଡ଼ ଧରଣର ଝଟ୍‌କା ଲାଗିଥିବା ଚର୍ଚ୍ଚା ଜୋର ଧରିଛି। ମେଣ୍ଟୁଲିଙ୍କ ପଛରେ କିଛି ରାଜନୈତିକ ବ୍ୟକ୍ତି ରହି ତାଙ୍କୁ ଉସୁକାଉଥିବା ଅଭିଯୋଗ ଆଣିଛନ୍ତି ରାଜ୍ୟ ସଡ଼କ ପରିବହନ ସଂଘ ଉପସଭାପତି ଦେବେନ୍ଦ୍ର ପାଣିଗ୍ରାହୀ। ସେ କହିଛନ୍ତି, ରାଜ୍ୟର ମୋଟ ୩୫ଟି ସଂଘରୁ ୨-୩ଟି ସଂଘ ମେଣ୍ଟୁଲିଙ୍କ ସହ ରହିଛନ୍ତି। ଅନ୍ୟମାନେ କେହି ଏହି ଆନ୍ଦୋଳନକୁ ସମର୍ଥନ କରୁନାହାନ୍ତି। ସେ ଆହୁରି କହିଛନ୍ତି ଯେ ମେଣ୍ଟୁଲି ଏବଂ ମହାସଂଘର କୋଷାଧ୍ୟକ୍ଷ ଆଦିତ୍ୟ ବେହେରାଙ୍କ ଆକାଉଣ୍ଟ ଯାଞ୍ଚ କରାଗଲେ ସବୁ ସତ ପଦାକୁ ଆସିବ। ଏହିସବୁ ଆକାଉଣ୍ଟରେ ୧୦ କୋଟିରୁ ଅଧିକ ଟଙ୍କା ଜମା ରହିଛି। ଏଥିନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ତଦନ୍ତ ଜରୁରି ବୋଲି ସେ କହିଛନ୍ତି। ତେବେ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ଶନିବାରଠାରୁ ବସ୍ ଚଳାଚଳ ଆରମ୍ଭ କରିଛି। ଫଳରେ ମହାସଂଘକୁ ବଡ଼ଧରଣର ଝଟକା ଲାଗିଛି। ଭୁବନେଶ୍ୱର, ପୁରୀ, କଟକ, କେନ୍ଦ୍ରାପଡ଼ା, ସମ୍ବଲପୁର ସବୁଠି ଘରୋଇ ବସ୍ ଚଳାଚଳ କରୁଛି। ଫଳରେ ଯାତ୍ରୀମାନେ ଗତ ୪ ଦିନ ଧରି ଯେଉଁ ଅସୁବିଧାର ସମ୍ମୁଖୀନ ହେଉଥିଲେ ସେଥିରେ ଆପାତତଃ କିଛିଟା ଆଶ୍ୱସ୍ତି ମିଳିଛି। ଶୁକ୍ରବାର ପୁରୀରେ ଘରୋଇ ବସ୍ ମାଲିକ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇ ବସ୍ ଚଳାଚଳ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟପକ୍ଷରେ ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି ଯେ ଡ୍ରାଇଭର ମହାସଂଘ ନାମରେ କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସରକାର ମହାସଂଘର ଦାବିକୁ ମାନିଛନ୍ତି ଓ ସବୁ ଦାବି ପୂରଣ କରାଯିବ ବୋଲି ସେ କହିବା ସହ ଆନ୍ଦୋଳନ ପ୍ରତ୍ୟାହାର କରିବାକୁ ଅନୁରୋଧ କରିଛନ୍ତି। ତେବେ ଓଡ଼ିଶା ମିନିଟ୍ରକ ମାଲିକ ସଂଘ ପକ୍ଷରୁ ଦିଆଯାଇଥିବା ଏତଲା ଆଧାରରେ ପୋଲିସ ଶନିବାର ମହାସଂଘର କୋଷାଧ୍ୟକ୍ଷ ଆଦିତ୍ୟ ବେହେରାଙ୍କୁ ଦେବଗଡ଼ରୁ ଗିରଫ କରିଛି। ଏତେସବୁ ଭିତରେ ବି ମହାସଂଘର ସଭାପତି ପ୍ରଶାନ୍ତ ମେଣ୍ଟୁଲି କହିଛନ୍ତି ଯେ ସରକାର ଲିଖିତ ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ଆନ୍ଦୋଳନ ପ୍ରତ୍ୟାହୃତ ହେବ ନାହିଁ।

## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

# ଓଡ଼ିଶାର ବିକାଶ ନେଇ ମାନସ ମନ୍ଥନ



ନୂଆଦିଲ୍ଲୀ/ଭୁବନେଶ୍ୱର, ୧୨।୭ (ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଦିଲ୍ଲୀରେ ସାକ୍ଷାତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଶନିବାର ପ୍ରଧାନମନ୍ତ୍ରୀଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ସାକ୍ଷାତ ସମୟରେ ଓଡ଼ିଶାର ମହତ୍ୱାକାଂକ୍ଷୀ ଭିଜନ ଡକ୍ୟୁମେଣ୍ଟ-୨୦୩୬କୁ ନେଇ ଆଲୋଚନା ହୋଇଥିବା ଜଣାପଡ଼ିଛି। ଡବଲ ଇଞ୍ଜିନ ସରକାରରେ ଓଡ଼ିଶା ୨୦୩୬ ସୁଦ୍ଧା ବିକାଶ ସମୃଦ୍ଧିର ହବ୍ ହେବ ବୋଲି ଆଶା କରାଯାଉଛି। ଭିତ୍ତିଭୂମିର

**ରାଷ୍ଟ୍ରପତିଙ୍କୁ ମଧ୍ୟ ଭେଟିଲେ**

ବିକାଶ, ଶିକ୍ଷର ଅଗ୍ରଗତି ଓ କଲ୍ୟାଣମୂଳକ କାର୍ଯ୍ୟ ତ୍ୱରାନ୍ୱିତ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ବିଭିନ୍ନ ବିକାଶମୂଳକ କାର୍ଯ୍ୟ, ଭବିଷ୍ୟତ କାର୍ଯ୍ୟପନ୍ଥା, କେନ୍ଦ୍ର-ରାଜ୍ୟ ସୁସମନ୍ୱୟ ତଥା ରାଜ୍ୟର ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। କେନ୍ଦ୍ର ଓ ରାଜ୍ୟ ମିଳିତ ଭାବେ ସମୃଦ୍ଧ ଓଡ଼ିଶା, ବିକଶିତ ଭାରତ ଲକ୍ଷ୍ୟ ହାସଲ କରିବା ନିମନ୍ତେ ପ୍ରତିଶ୍ରୁତିବଦ୍ଧ। ଓଡ଼ିଶାର ବିକାଶ ପାଇଁ ମୋଦୀଙ୍କ ● ପୃଷ୍ଠା ୫ ଦେଖନ୍ତୁ

## ଓଡ଼ିଶା ଫେରିଲେ ନବୀନ

# ବିମାନ ବନ୍ଦରରେ ଭବ୍ୟ ସମ୍ବର୍ଦ୍ଧନା



ଭୁବନେଶ୍ୱର, ୧୨।୭ (ଭାସ୍କର ନ୍ୟୁଜ): ଭୁବନେଶ୍ୱରରେ ପହଞ୍ଚିଲେ ବିରୋଧୀଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ସୁସ୍ଥ ହେବା ପରେ ସେ ମୁମ୍ବାଇରୁ ଭୁବନେଶ୍ୱର ଫେରି ଆସିଛନ୍ତି। ବିମାନ ବନ୍ଦରରେ ପହଞ୍ଚିବା ପରେ ଦଳୀୟ କର୍ମୀଙ୍କ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହାଛଡ଼ା ବିମାନ ବନ୍ଦରରୁ ନବୀନ ନିବାସ ପର୍ଯ୍ୟନ୍ତ ରୋଡ ଶୋ କରାଯାଇଥିଲା। ସର୍ଭାଇକାଲ ଆର୍ଥ୍ରାଇଟିସ୍ ଚିକିତ୍ସାପାଇଁ ମୁମ୍ବାଇ ଯାଇଥିଲେ ନବୀନ। ଗତମାସ ୨୦ ତାରିଖରେ ସେ ଚିକିତ୍ସାପାଇଁ ମୁମ୍ବାଇ ଯାଇଥିବାବେଳେ ୨୨ ତାରିଖରେ ମୁମ୍ବାଇର କୋକିଳାବେନ ● ପୃଷ୍ଠା ୫ ଦେଖନ୍ତୁ

## କଲେଜ ଛାତ୍ରୀଙ୍କ ଆତ୍ମାହୂତି ଘଟଣାରେ ସରକାରଙ୍କ କଡ଼ା ପଦକ୍ଷେପ

# ଅଭିଯୁକ୍ତ ଏଚ୍‌ଓଡି ଗିରଫ



- ଗୁରୁତର ଅବସ୍ଥାରେ ଛାତ୍ରୀ ଏମ୍ସ ସ୍ଥାନାନ୍ତର
- ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ ଉଚ୍ଚଶିକ୍ଷାମନ୍ତ୍ରୀ
- ଅଧ୍ୟକ୍ଷ ଏବଂ ବିଭାଗୀୟ ମୁଖ୍ୟ ନିଲମ୍ବିତ
- ତଦନ୍ତ ପାଇଁ କମିଟି ଗଠନ କଲେ ସରକାର

ବାଲେଶ୍ୱର/ଭୁବନେଶ୍ୱର, ୧୨।୭ (ବ୍ୟୁରୋ): ବାଲେଶ୍ୱରସ୍ଥିତ ଫକୀରମୋହନ ମହାବିଦ୍ୟାଳୟର ଜଣେ ପିଏଚ୍‌ଡି ତୃତୀୟ ବର୍ଷର ଛାତ୍ରୀ ଦେହରେ ନିଆଁ ଲଗାଇ ଆତ୍ମାହୂତି ଦେବା ଘଟଣାରେ ରାଜ୍ୟ ସରକାର କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲୀପ ଘୋଷ ଏବଂ ଶିକ୍ଷା ବିଭାଗର ମୁଖ୍ୟ ତଥା ସହକାରୀ ପ୍ରଫେସର ସମୀର ସାହୁଙ୍କୁ ନିଲମ୍ବନ କରାଯାଇଛି। ଏଥିସହ ଅଭିଯୁକ୍ତ ଅଧ୍ୟାପକ ଶ୍ରୀ ସାହୁଙ୍କୁ ପୋଲିସ ଗିରଫ ● ପୃଷ୍ଠା ୫ ଦେଖନ୍ତୁ

## ଜୁଏଲଙ୍କ ଘୋଷଣା

# ଆଉ ଲଢିବେନି ନିର୍ବାଚନ



ଭୁବନେଶ୍ୱର, ୧୨।୭ (ଭାସ୍କର ନ୍ୟୁଜ): ସରିଲା କ୍ୟାରିୟର। ଆଉ ନିର୍ବାଚନ ଲଢିବେନି ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ। ଏ ନେଇ ସେ ନିଜେ ଶନିବାର ଘୋଷଣା କରିଛନ୍ତି। ସମ୍ବଲପୁରରେ ଆୟୋଜିତ ରୋଜଗାର ମେଳାରେ ଯୋଗଦେଇ ଶ୍ରୀ ଓରାମ ଏହା କହିଛନ୍ତି। ସେ କହିଥିଲେ, ଗତ ନିର୍ବାଚନବେଳେ ସାଂସଦ ଓ ବିଧାୟକ ପଦବୀ ପାଇଁ ଆଉ ଲଢିବି ନାହିଁ ବୋଲି ଘୋଷଣା କରିଥିଲି। ତେବେ ଦଳରେ ରହି ସବୁକାମ କରିବି। ଯୁବପିଢିଙ୍କ ପାଇଁ ବାଟ ଛାଡ଼ିବି। ଦଳୀୟ ସଂଗଠନରେ ମନ ନିବେଶ କରିବି। ମୋ ଜୀବନରେ ପଶ୍ଚାତାପ ବୋଲି କିଛି ଆସିବ ନାହିଁ। ମୁଁ ସଂପୂର୍ଣ୍ଣଭାବେ ସନ୍ତୁଷ୍ଟ ଯେ ମୋତେ ଦିଆଯାଇଥିବା ଦାୟିତ୍ୱ ମୁଁ ସୁଚାରୁରୂପେ ନିର୍ବାହ କରିଛି। ସେ ଆହୁରି କହିଛନ୍ତି ଯେ ଯଦି ଦଳ ଚାହେଁ, ତେବେ ରାଜ୍ୟପାଳ ହେବି। ଦଳପାଇଁ କାମ କରିବି। ରାଜ୍ୟସଭା ଯିବି ନ ହେଲେ ରାଜ୍ୟପାଳ ହୋଇପାରିବି। ତେବେ ଏ ନେଇ ଦଳ ନିଷ୍ପତ୍ତି ନେବ। ଏହା ମୋର ବ୍ୟକ୍ତିଗତ ନିଷ୍ପତ୍ତି। କିନ୍ତୁ ଦଳ ଯଦି କହିବ ଯେ ମୁଁ ନିର୍ବାଚନ ଲଢିବା ସମ୍ଭାବନା ରହିଛି। ● ପୃଷ୍ଠା ୫ ଦେଖନ୍ତୁ

## ବିଷାକ୍ତ ମଦ ପିଇ ୨ ମୃତ

ଢେଙ୍କାନାଳ, ୧୨।୭ (ଭାସ୍କର ନ୍ୟୁଜ): ପୁଣି ମଦମୃତ୍ୟୁ ବିଭୀଷିକା। ଢେଙ୍କାନାଳର ବମ୍ପା ଗ୍ରାମରେ ଅଭାବନୀୟ ଘଟଣା। ହିନ୍ଦୋଳ ଉପକଣ୍ଠ ଏହି ଗ୍ରାମରେ ବିଷାକ୍ତ ମଦକୁ ନେଇ ଆତଙ୍କ। ବିଷାକ୍ତ ଦେଶୀମଦ ପିଇ ୨ଜଣଙ୍କ ଜୀବନ ଯାଇଥିବାବେଳେ ୩ଜଣ ଗୁରୁତର ଅସୁସ୍ଥ ହୋଇଥିବା ଅଭିଯୋଗ ହୋଇଛି। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ଚଳିତ ସପ୍ତାହରେ ୭ଜଣଙ୍କର ବିଷାକ୍ତ ମଦଜନିତ ମୃତ୍ୟୁ ହୋଇଥିବା କୁହାଯାଉଛି। ଗୁରୁତରଙ୍କୁ ଢେଙ୍କାନାଳ ଓ କଟକରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ଅନ୍ତର୍ଗତ ବମ୍ପା ଗ୍ରାମରେ ଶନିବାର ବିଷାକ୍ତ ଦେଶୀମଦ ପିଇ ୨ଜଣ ମୃତ୍ୟୁବରଣ କରିଛନ୍ତି। ସେମାନେ ହେଲେ ମନ୍ମଥ ସାମଲ ଓ ପ୍ରଫୁଲ୍ଲ ସାମଲ। ଅନ୍ୟ ୩ଜଣ ଗୁରୁତର ହୋଇଥିବାବେଳେ ସେମାନଙ୍କୁ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟ ଓ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଶୁକ୍ରବାର ଅପରାହ୍ଣରେ ସେମାନେ ଏହି ମଦ ପିଇଥିଲେ। ତେବେ କିଛି ସମୟ ପରେ ଛାତି ● ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ମନ୍ତ୍ରୀପଦ ପାଇଁ ଦଉଡ଼ ଆରମ୍ଭ
ପୋଷ୍ଟ ହେଇପାରେ ଫିଲପ,
ଦେଖିଲାବେଳକୁ ବର୍ଷେ ପୂରିଲାଣି
ଫିଟୁନାହିଁ କିନ୍ତୁ କୋଲପ ।
ଯୁବ ବିଧାୟକ ଅନେକ,
ନସରପସର ହେଉଛନ୍ତି ଜୋର
ବଜେଇ ବଜେଇ ଢୋଲକ !




ବିଶ୍ୱେଶ୍ୱର
ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର






କେନ୍ଦୁଝର (ଭାସ୍କର ନ୍ୟୁଜ):ସାରା ବିଶ୍ୱରେ ଜଙ୍ଗଲ ଦ୍ରୁତ ଅବକ୍ଷୟ ସହିତ କଳ କାରଖାନା, ଗାଡ଼ି, ମୋଟରର ଧୂଳି ଓ ଧୂଆଁ ଯୋଗୁ ପରିବେଶ ପ୍ରଦୂଷିତ ପ୍ରକୃତି ଶନ୍ତୁଳ ହରାଉଛି। ଯଦ୍ୱାରାକି ପ୍ରାକୃତିକ ବିପର୍ଯ୍ୟୟ ଘଟି ବହୁ ଧନଜୀବନ ହାନି ହେଉଛି। ଭାରତ ବର୍ଷର ଯଶସ୍ୱୀ ଲୋକପ୍ରିୟ ପ୍ରଧାନମନ୍ତ୍ରୀ ଶ୍ରୀମାନ ନରେନ୍ଦ୍ର ମୋଦୀ ଜୀ ପରିବେଶ ର ସୁରକ୍ଷା ପାଇଁ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ତେ ବୃକ୍ଷରୋପଣ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଆଜି ବିଜେପି କୃଷକ ମୋର୍ଚ୍ଚା ଆନୁକୂଲ୍ୟରେ କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ତୁରୁମୁଗାଁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ତ୍ରିଧା ହାଟପଡିଆ ପ୍ରାଙ୍ଗଣରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ ଓ ପାଟଣା ବିଧାୟକ ଶ୍ରୀ ଅଖିଳ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ବିଜେପି ସଭାପତି ଶ୍ରୀ ରାଧାକାନ୍ତ ମହାନ୍ତ, ବରିଷ୍ଠ ବିଜେପି ନେତା ଶ୍ରୀ ଗୌତମ ନାୟକ, ରାଜେଶ କୁମାର ମହାନ୍ତ, ଜୁଲିୟସ୍ ସିଂହ, ମିତ୍ରଭାନୁ ମହାନ୍ତ, ନରେନ୍ଦ୍ର ମହାନ୍ତ, ଟୁଟୁ ମିଶ୍ର, ତପଲ ଚାନ୍ଦ ସିଂହ, ହରିହର ନାୟକ, ପୂର୍ଣ୍ଣ ଚନ୍ଦ୍ର ମହାନ୍ତ, ଧ୍ରୁବ ନାୟକ, ନେତ୍ରାନନ୍ଦ ମହାନ୍ତ, ତରଣୀ ସେନ୍ ମହାନ୍ତ, ବ୍ରଜ ମୋହନ ସାହୁ, ଦୁର୍ଯ୍ୟୋଧନ ମହାନ୍ତ, ହୃଷୀକେଶ ସାହୁ, ନାଗେଶ୍ୱର ମହାରଣା, ଅରୁଣ କୁମାର ସାହୁ, ସରପଞ୍ଚ ଶ୍ରୀମତୀ ସୁଲୋଖା ନାୟକ, ସ୍ୱାଗତିକା ସାହୁ, ବାସନ୍ତୀ ମହାରଣା, ସୁବାସିନୀ ପୃଷ୍ଟି, ପ୍ରମୁଖ ଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଙ୍କ ସମେତ ଶତାଧିକ କାର୍ଯ୍ୟକର୍ତା ଯୋଗଦାନ କରିଥିଲେ।

## ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

ବଡ଼ଚଣା (ଭାସ୍କର ନ୍ୟୁଜ୍):ବଡ଼ଚଣା ଗ୍ରାମ ଦଳେଇ ସାହିରେ ଅଜା ଘରେ ରହ ପାଠ ପଢୁଥିବା ଜଣେ ୯ଶ୍ରେଣୀ ଛାତ୍ରୀକୁ କେହି ଅପହରଣ କରି ନେଇଥିବା ୯ ତାରିଖ ଥାନା ରେ ଲିଖିତ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ତଦନ୍ତ ଅଧିକାରୀ ଶାନ୍ତନୁ କୁମାର ମିଶ୍ର ୨୨୪/୨୫ ଦଫା ୧୩୭(୨) ରେ ଅପହରଣ ମାମଲା ରୁଜୁ କରି ଜଣକୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଖବର ରୁ ପ୍ରକାଶ ଯେ ଛଦ୍ମନାମ ରିନୁ (୧୪) ବିଳମ୍ବିତ ରାତ୍ରିରେ ବାହାର କୁ ଆସି ଘରକୁ ନ ଫେରିବାରୁ ମାମୁଁ ଘର ଲୋକେ ଖୋଜାଖୋଜି କରି ପାଇନଥିଲେ। ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ବାଲିଚନ୍ଦ୍ରପୁର ଥାନା କଳାଶ୍ରି ଗ୍ରାମର ବୈଲୋଚନର ପୁତ୍ର ଗୌତମ ଦଳାଇ(୨୨) ନେଇଥିବା ଜାଣି ତା ଘରୁ ଠାବ କରି ଦୁଇଜଣଙ୍କୁ ଥାନାକୁ ଆଣି ପଚରା ଉଚରା କରି ଅଭିଯୁକ୍ତକୁ କୋର୍ଟଚାଲାଣ କରିବା ସହିତ ନାବାଳିକା ଛାତ୍ରୀ ଜଣକୁ ତା' ପରିବାରର ଜିମା ଦେଇଥିବା ଜଣାପଡ଼ିଛି।

## ପଞ୍ଚାୟତ ସମିତି ବୈଠକରେ ଲୋକ ପ୍ରତିନିଧିଙ୍କ ନାରାବାଜି ଓ ଧାରଣା

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ଫଂଚାୟତ ସମିତିର ଷଷ୍ଠତମ ବୈଠକରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ବ୍ଲକ ପ୍ରଶାସନ ଚଳାଇଥିବା ଏକଛତ୍ରବାଦୀ ହିଟଲରୀ ଶାସନରେ ଅତିଷ୍ଠ ହୋଇ ନିର୍ବାଚିତ ଲୋକପ୍ରତିନିଧିମାନେ ବୈଠକରେ ନାରାବାଜି କରିବା ସହ ଧାରଣାରେ ବସିବା ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଥିଲା। ଦୀର୍ଘ ଦିନ ପରେ ଆଜି ନିଶ୍ଚିନ୍ତକୋଇଲି ଫଂଚାୟତ ସମିତିର ଷଷ୍ଠତମ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଫଂଚାୟତ ସମିତି ଅଧ୍ୟକ୍ଷା ରୋଜି ସେଠୀ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ଓ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦାନ କରିଥିଲେ। ତେବେ ବୈଠକ ଆରମ୍ଭ ହେବା ମାତ୍ରେ ଫଂଚାୟତ ସମିତିର ବହୁ ନିର୍ବାଚିତ ଲୋକ ପ୍ରତିନିଧି ବୈଠକରେ ପ୍ରଶାସନ ବିରୁଦ୍ଧରେ ନାରାବାଜି କରିବା ସହ ବିଧାୟକ ଫଂଚାୟତ ସମିତିର ଉନ୍ନୟନ ମୂଳକ କାର୍ଯ୍ୟରେ ବାଧକ ସାଜିଥିବାର ଖୁଲମ ଖୁଲା ଭାବେ ଅଭିଯୋଗ କରିଥିଲେ। ଏପରିକି ନିର୍ବାଚିତ ଲୋକପ୍ରତିନିଧିମାନେ ବୈଠକରେ ପ୍ରବଳ ହୋହାଲା କରିବା ସହ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଏପରିକି ବ୍ଲକ ପ୍ରଶାସନ ତରଫରୁ ରାଜନୈତିକ ଚାପରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରକଳ୍ପର ବିଲ କରାଯାଉ ନଥିବା କାରଣରୁ ବହୁ ପ୍ରତିନିଧି ବୈଠକରେ ଧାରଣା ଦେବା ସହ ତୀବ୍ର ପ୍ରତିବାଦ କରିଥିଲେ। ଏପରିକି ଫଂଚାୟତ ସମିତିର ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ ହୋଇଯାଇଥିବାରୁ ପ୍ରତିନିଧିମାନେ ଘୋର ଉଦବେଗ ପ୍ରକାଶ କରିଥିଲେ। ତେବେ ଏହି ଉନ୍ନୟନ ମୂଳକ କାର୍ଯ୍ୟରେ ସ୍ଥାନୀୟ ବିଧାୟକ ପ୍ରଶାସନକୁ ହାତ ବାରିସି କରି ଏଥିରେ ବାଧକ ସାଜିଥିବାର ଅଭିଯୋଗ କରାଯାଇଥିଲା। ସୂଚନା ଥାଉକି ନିଶ୍ଚିନ୍ତକୋଇଲି ବ୍ଲକରେ ନବୀନ ସରକାରଙ୍କ ସମୟରେ ହୋଇଥିବା କୋଟି କୋଟି ଟଙ୍କାର ପ୍ରକଳ୍ପ ବିଲ ଏପର୍ଯ୍ୟନ୍ତ ଠିକାଦାର ମାନଙ୍କୁ ପ୍ରଦାନ କରାଯାଉନଥିବା କାରଣରୁ ଠିକାଦାରମାନେ ଆଉ ନୂତନ କାର୍ଯ୍ୟ କରିବା ନିମନ୍ତେ ଆଗ୍ରହ ପ୍ରକାଶ କରୁନଥିବାର କାହାରିକୁ ଅଛପା ନାହିଁ। ସେପରି ଭାବେ ବ୍ଲକ ପ୍ରଶାସନ ତରଫରୁ ପୂର୍ବରୁ ବିଭାଗୀୟ ନାମରେ ଦିଆଯାଉଥିବା କାର୍ଯ୍ୟାଦେଶର ବିଲ ପ୍ରଦାନ କରାଯାଉନଥିବା ବେଳେ ସମ୍ପ୍ରତି ବିଭିନ୍ନ ଫଂଚାୟତରେ ହେଉଥିବା ଉନ୍ନୟନ ମୂଳକ କାର୍ଯ୍ୟର କାର୍ଯ୍ୟାଦେଶ କିଭଳି ଭାବେ ବିଭାଗୀୟ ଅଧିକାରୀଙ୍କ ନାମରେ ଦିଆଯାଉଛି ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଅପରପକ୍ଷରେ ବିଡ଼ିଓ ମନମୁଖି ଭାବେ ରାଜନୈତିକ ଚାପରେ ସ୍ୱଚ୍ଛକର୍ମୀ ପାରିଶ୍ରମିକ ଦେଉଥିବାର ଅଭିଯୋଗ ହୋଇଛି। ତେବେ ଏହି ବୈଠକରେ ପ୍ରବଳ ହଟ୍ଟଗୋଳ ହେବା କାରଣରୁ ବୈଠକ କେବଳ ଖାଇବା ପିଇବାରେ ଶେଷ ହୋଇଛି। ଏହି ବୈଠକରେ ଖୋଦ ଦୁଇ ବିଧାୟକଙ୍କ ଉପସ୍ଥିତିରେ ବହୁ ବିଭାଗୀୟ ଅଧିକାରୀ ଅନୁପସ୍ଥିତ ରହିଥିବାର ଦେଖାଯାଇଥିଲା। ସେହିପରି ଭାବେ କେନ୍ଦ୍ରାପଡ଼ା ସାଂସଦ ଓ କଟକ ସାଂସଦ ଏହି ବୈଠକରେ ଅନୁପସ୍ଥିତ ରହିଥିବା ଦେଖିବାକୁ ମିଳିଥିଲା। ତେବେ ଏହି ବୈଠକ ଏକ ରକମ ପ୍ରହସନରେ ପରିଣତ ହେଉଥିବାରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଥିଲା।

## ଭୂଷଣ୍ଡପୁର ଗାଁରେ ଡାଇରିଆ ଆତଙ୍କ
### ନିୟନ୍ତ୍ରଣ ପାଇଁ ପ୍ରଶାସନ ଓ ନେତାଙ୍କ ବୈଠକ



ଟାଙ୍ଗୀ(ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ବ୍ଲକ ଅଧିନସ୍ଥ ଭୂଷଣ୍ଡପୁର ଅଞ୍ଚଳରେ ହଠାତ୍ ଡାଇରିଆ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ୧୦ ରୁ ଅଧିକ ଲୋକ ଡାଇରିଆ ରୋଗରେ ଆକ୍ରାନ୍ତ ହୋଇ ଆଖପାଖ ମେଡିକାଲରେ ଚିକିତ୍ସା ଦେଉଥିବାବେଳେ ଗାଁରେ ଦେଖା ଦେଇଛି ଭୟର ବାତାବରଣ। ଏଭଳି ପରିସ୍ଥିତି ଦେଖି ଭୂଷଣ୍ଡପୁର ସରପଞ୍ଚ ସୌରଭ ଦାସ ମହାପାତ୍ର ସଙ୍ଗେ ସଙ୍ଗେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହିତ ଯୋଗାଯୋଗ କରି ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ପାଇଁ ନିବେଦନ କରିଥିଲେ। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯଥାସମ୍ଭବ ପଦକ୍ଷେପ ଗ୍ରହଣ କରାଯାଇଛି। ଇତିମଧ୍ୟରେ ପରିସ୍ଥିତି କଣ୍ଟ୍ରୋଲ ହେବା ପରେ ଆଜି ପୁଣି ସରପଞ୍ଚ ସୌରଭ ଦାସ ମହାପାତ୍ରଙ୍କ ନେତୃତ୍ୱରେ ସ୍ଥାନୀୟ ମହିଳା ସଂଗଠନ ଏବଂ ଆଖପାଖ ଅଞ୍ଚଳର ଶତାଧିକ ଲୋକଙ୍କୁ ଏକତ୍ରିତ କରାଯାଇ ଜନ ସଚେତନତା ସୃଷ୍ଟି କରାଯାଇଥିଲା। ଏଥିରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଟାଙ୍ଗୀ ବିଡ଼ିଓ, ପାନୀୟ ଜଳଯୋଗାଣ ବିଭାଗର ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ, ଟାଙ୍ଗୀ ବ୍ଲକ ଚେୟାରମ୍ୟାନ ରୀସ୍ମା ମାଝୀ, ଟାଙ୍ଗୀ ବ୍ଲକ ଉପାଧ୍ୟକ୍ଷ ଦୁର୍ଗାନାଥ ଶର୍ମା, ସ୍ଥାନୀୟ ଜନ ପ୍ରତିନିଧିମାନେ ସାମିଲ ହୋଇଥିଲେ। ଭୂଷଣ୍ଡପୁର ସରପଞ୍ଚ ସୌରଭ ଦାସ ମହାପାତ୍ର ଙ୍କ ଏଭଳି ତ୍ୱରିତ ପଦକ୍ଷେପ ଯୋଗୁଁ ଜନବସତି ବହୁଳ ଗାଁ ଭୂଷଣ୍ଡପୁର ଅଞ୍ଚଳରେ ବ୍ୟାପିଥିବା ଡାଇରିଆ ରୋଗ ଏବେ କଣ୍ଟ୍ରୋଲ ସ୍ଥିତିରେ ରହିଛି ବୋଲି ବିଭାଗୀୟ ଅଧିକାରୀ ମାନେ ମତବ୍ୟକ୍ତ କରିଥିଲେ। ସରପଞ୍ଚ ଙ୍କ ଏହି ଜନହିତକର କାର୍ଯ୍ୟକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ସାଧୁବାଦ ଜଣାଇଥିଲେ।

## ବୁଥସ୍ତରୀୟ ଜାତୀୟ କର୍ମଶାଳା

କଣ୍ଟାପଡା(ଭାସ୍କର ନ୍ୟୁଜ୍):କଣ୍ଟାପଡା ବ୍ଲକ ପରିସରରେ ଥିବା ରାଜୀବ ଗାନ୍ଧୀ ସେବା ଗୃହରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ ରେ ବୁଥ ସ୍ତରୀୟ ଅଧିକାରୀମାନଙ୍କ ପାଇଁ ୧୦ ଓ ୧୧ ଦୁଇଦିନ ଧରି କଣ୍ଟାପଡା ସମିତି ପକ୍ଷରୁ ଜାତୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ କଣ୍ଟାପଡା ତହସିଲଦାର ପ୍ରସନ୍ନ କୁମାର ସାମନ୍ତ ରାୟ ବିଡ଼ିଓ ସ୍ୱପ୍ନିତା ନାୟକ, ଶିକ୍ଷକ ଅଙ୍ଗନବାଡି କର୍ମୀଙ୍କୁ ନେଇ ଏହି ଦୁଇଦିନିଆ ଜାତୀୟ ପ୍ରଶିକ୍ଷଣ ଶିବିର କରାଯାଇଅଛି।

## ମିଶନ ଶକ୍ତି ଘର ପାଲଟିଛି ମଦୁଆଙ୍କ ଆଡ୍ଡାସ୍ଥଳୀ

ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ବ୍ଲକ ତେଲିବନ୍ଧ ଛକ ନିକଟରେ ନିର୍ମାଣ ହୋଇଥିବା ମିଶନ ଶକ୍ତି ଗୃହ ଏବେ ମଦୁଆଙ୍କ ଅଡ୍ଡାସ୍ଥଳୀ ପାଲଟିଛି। ସୂଚନାଯୋଗ୍ୟ ଯେ ୨୦୨୨ ମସିହାରେ ମିଶନ ଶକ୍ତି ମହିଳାମାନଙ୍କ ବୈଠକ ଓ କାର୍ଯ୍ୟ ପାଇଁ ପ୍ରାୟ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ଗୃହ ନିର୍ମାଣ କରାଯାଇଥିଲା। ତେବେ ଏହାର ବିଦ୍ୟୁତ ସଂଯୋଗ ହୋଇ ନଥିବାରୁ ଏହା ମହିଳା ମାନଙ୍କ କାର୍ଯ୍ୟରେ ଲାଗୁନାହିଁ। ପଂଚାୟତ କାର୍ଯ୍ୟାଳୟ




ପରିସରରେ ଥିବା ପୁରୁଣା ଘରକୁ ମିଶନ ଶକ୍ତି ମହିଳାମାନେ ବ୍ୟବହାର କରୁଛନ୍ତି। ଏବଂ ନୂତନ ଭାବେ ନିର୍ମାଣ ହୋଇଥିବା ମିଶନ ଶକ୍ତି ଗୃହ ସନ୍ଧ୍ୟାହେଲେ ମଦୁଆଙ୍କ ଅଡ୍ଡାସ୍ଥଳୀ ପାଲଟିଛି। ଯାହାଫଳରେ ୫ ଲକ୍ଷ ଟଙ୍କା ଏଠାରେ ଖତ ଖାଉଛି। ତୁରନ୍ତ ଏହି ଘରକୁ କାର୍ଯ୍ୟକ୍ଷମ କରିବାକୁ ଦାବି ହେଉଛି।

## ଧାନର ଅଭାବୀ ବିକ୍ରିକୁ ନେଇ ଚାଷୀଙ୍କ ଗଣଆନ୍ଦୋଳନ



କଣାସ (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାର ଚାଷୀମାନଙ୍କ ଠାରୁ ଉତ୍ତମ ଦରରେ ଧାନ କିଣି ନେବେ ବୋଲି ଗଣ ମାଧ୍ୟମରେ ଡେଙ୍ଗୁରା ପିଟୁଥିବାବେଳେ ଚାଷୀମାନଙ୍କଠାରୁ ଧାନମଣ୍ଡିରେ ମିଲରମାନେ ନଉଠାଇବା ଯେଉଁ କିଛି ଉଠାଉଛନ୍ତି ସେଥିରେ ଅଧିକ ପରିମାଣରେ କଟଣୀ ଛଟଣୀ କରୁଥିବାରୁ କଣାସ ବ୍ଲକର ଚାଷୀମାନେ ଅସନ୍ତୋଷ କରି ଆଜି ନୂଆ ଜଗନ୍ନାଥ ସଡକର ବିଜିପୁର ବଜାର ନିକଟରେ ଚାରି ଚକିଆ ଗାଡି ଉପରେ ଧାନବସ୍ତା ରଖି ଗଣ ଆନ୍ଦୋଳନ କରି ରାସ୍ତାରେ ବସି ରହିଥିବାରୁ ଦୀର୍ଘ ସମୟ ଧରି ଜଗନ୍ନାଥ ସଡକରେ ଯାନବାହନ ଯାତାୟତ ବନ୍ଦ ରହିଥିଲା। ସତ୍ୟବାଦୀର ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ, ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ ପଣ୍ଡା, ବିଜେଡି ଯୁବ ସଭାପତି ବସନ୍ତ ଜେନା,ବଡାସ ପୂର୍ବତନ ସରପଞ୍ଚ ବଳରାମ ପଲାଇ ବିଜୁ ଜନତା ଦଳର ସତ୍ୟବାଦୀ ଓ କଣାସ ବ୍ଲକର ଅନେକ ଲୋକପ୍ରତିନିଧି ଓ କର୍ମୀ ଉପସ୍ଥିତ ରହିଥିଲେ। କଣାସ ତହସିଲିଦାର ହିମାଂଶୁ ଶେଖର ଗିରି ଓ ଏଡିଏମ ଶରତ ଚନ୍ଦ୍ର ବେହେରା କଣାସ ଥାନା ପୁଲିସ ଘଟଣା ସ୍ଥଳରେ ପହଁଚି ଚାଷୀମାନଙ୍କ ସହିତ ଆଲୋଚନା କରିବା ସହିତ ଖୁବ ଶୀଘ୍ର ଏହାର ସମାଧାନ ନିମନ୍ତେ ଜିଲ୍ଲାପାଳଙ୍କୁ ଜଣାଇବେ ବୋଲି ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଆନ୍ଦୋଳନରୁ ଓହରିଥିଲେ।

## ଦୁର୍ଘଟଣା ଘଟାଇ ଗାଡ଼ି ଫେରାର୍, ଜଣେ ମୃତ

ବଡ଼ଚଣା (ଭାସ୍କର ନ୍ୟୁଜ୍): ଚଣ୍ଡିଖୋଲ ଛକ ଉର୍ମି ହୋଟେଲ୍ ନିକଟବର୍ତ୍ତୀ ୧୬ ନମ୍ବର୍ ଜାତୀୟ ରାଜପଥ ପାର୍ଶ୍ୱରେ ରାତି ୮ ଘଟିକା ସମୟରେ ଅଜଣା ବ୍ୟକ୍ତି ଦୁର୍ଘଟଣା ହୋଇ ମୃତ୍ୟୁବରଣ କରିଥିବାବେଳେ ସ୍ଥାନୀୟ ଲୋକ ନିକଟବର୍ତ୍ତୀ ଚଣ୍ଡିଖୋଲ ଫାଣ୍ଡିକୁ ଜଣାଇଥିଲେ। ଖବରମତେ ସନ୍ଧ୍ୟାରେ ବର୍ଷା ହେଉଥିବାବେଳେ ଏକ ଅଜଣା ଗାଡ଼ି ଦୁର୍ଘଟଣା ଘଟାଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଛି। ଅଜଣା ମୃତ ଶବଟିକୁ ଅଗ୍ନିଶମ ଆମ୍ବୁଲାନ୍ସ ସହାୟତାରେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିବା ପରେ ଡାକ୍ତର ତାକୁ ମୃତ୍ୟୁ ଘୋଷଣା କରିଛନ୍ତି। ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ମୃତ ବ୍ୟକ୍ତିର କୌଣସି ପରିଚୟ ମିଳିନାହିଁ।

## ଯୁଗ୍ମ ନିର୍ଦ୍ଦେଶକଙ୍କ କଣାସ ଗସ୍ତ

କଣାସ (ଭାସ୍କର ନ୍ୟୁଜ୍): ରାଜ୍ୟ ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ଶୁଭ୍ରାଂଶୁ ପ୍ରଧାନ ଡାଇରିଆ କ୍ୟାମ୍ପେନ୍ କାର୍ଯ୍ୟକ୍ରମକୁ ସମୀକ୍ଷା ପାଇଁ କଣାସରେ ପହଞ୍ଚିଥିଲେ। ପ୍ରଥମେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ବର୍ହିବିଭାଗ ଓ ଅନ୍ତବିଭାଗ ରୋଗୀଙ୍କୁ ସ୍ୱାସ୍ଥ୍ୟ ସଚେତନତା ଏବଂ ଝାଡାବାନ୍ତି ବ୍ୟାପିବା ସଂପର୍କରେ ପଚାରିବୁଝିଥିଲେ। ଡାକ୍ତରଖାନାର ବିଭିନ୍ନ ବିଭାଗ ବୁଲି ପରିସ୍କାର ପରିଚ୍ଛନ୍ନତା ଓ ସଫାସୁତୁରା ବିଷୟରେ ତର୍ଜମା



କରିଥିଲେ। ନିରାମୟ ବିଭାଗ ବୁଲି ଔଷଧ ଗୁଡିକୁ ଯାଞ୍ଚ କରିବା ସହିତ ଡାକ୍ତରଙ୍କ ସହିତ ଆଲୋଚନା କରିଥିଲେ। ପରେ ଡାଇରିଆ କାର୍ଯ୍ୟକ୍ରମ ତଦାରଖ କରିବା ପାଇଁ ହରଷପଡା ଓ ଜଗନ୍ନାଥପୁର ଯାଇ ସ୍ଥାୟୀ ସମିକ୍ଷା କରିଥିଲେ। କୂଅ ବିଶୋଧନ, ପାନୀୟଜଳର ମାନ ପରୀକ୍ଷା ସଂର୍ପକରେ ପଚାରି ବୁଝିଥିଲେ। ତାଙ୍କ ସହିତ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର କ୍ଷମାନିଧି ସେଠୀ, ବିପିଓ ଧନେଶ୍ୱର ସ୍ୱାଇଁ ଏବଂ ସ୍ୱର୍ଣ୍ଣଲତା ରଥ ରହିଥିବା ବେଳେ ଜିଲ୍ଲା ମହାମାରୀ ବିଶେଷଜ୍ଞ ଡାକ୍ତର ଶିଳ୍ପି ଦାସ ଉପସ୍ଥିତ ଥିଲେ।

## ଲଗାଣ ବର୍ଷା ପାଇଁ ପନିପରିବା ଦର ଆକାଶଛୁଆଁ

ବୋଲଗଡ (ଭାସ୍କର ନ୍ୟୁଜ୍): ବଜାରରେ ପରିବାର ଦର ଆକାଶଛୁଆଁ ରହିଥିବା ହେତୁ ବଜାରକୁ ଯିବା ପାଇଁ ଲୋକମାନେ ଭୟ କରୁଛନ୍ତି। ସତେ ଯେପରି ପରିବା ବଜାରରେ ନିଆଁ ଲାଗିଛି। କିଣିବେ କଣ ଲଗାଣ ବର୍ଷା ଏବଂ ଷ୍ଟିୟିରିଂ ଛାଡ ଆନ୍ଦୋଳନ ପାଇଁ ପରିବହନ କିଛି ମାତ୍ରାରେ ପ୍ରଭାବିତ ହୋଇଥିବାରୁ ପରିବାର ଦର ବୃଦ୍ଧି ହୋଇଥିବା କୁହାଯାଉଥିବା ବେଳେ ବଜାରରେ ପରିବା ଦର ବଢିଛି। ଖାଉଟି ପରିବା କିଣିବାକୁ ହନ୍ତସନ୍ତ ହେଉଛନ୍ତି। ଏହି ଦର ଯଦି ଏମିତି ରୁହେ ତେବେ ଶ୍ରାବଣ ମାସରେ ଲୋକଙ୍କ ପାଇଁ ପରିବା ଖାଇବା ମୁସକିଲ୍ ହୋଇପଡିବ। ରାଜସୁନାଖଳା ପରିବାବଜାର ସମେତ, କଳାପଥର, ଭାପୁର, ପିଚୁକୁଳି, ବୋଲଗଡ଼ ବଜାରରେ ଆଳୁ ପିଆଜକୁ ଛାଡ଼ି ଦେଲେ ସବୁଜ ପନିପରିବା ଦର ୫୦ଟଙ୍କା ଉପରେ ରହିଛି। ତେବେ ଆଳୁ-କିଲୋ ୨୦, ପିଆଜ - କିଲୋ ୨୫, କଖାରୁ - କିଲୋ ୩୦ରୁ ୫୦ଟଙ୍କା, ପୋଟଳ - କିଲୋ ୪୦, ଭେଣ୍ଡି - କିଲୋ ୫୦, ଟମାଟୋ- କିଲୋ ୪୦ରୁ ୧୨୦, ବାଇଗଣ - କିଲୋ ୬୦ରୁ ୮୦ଟଙ୍କା, ଗାଜର -କିଲୋ ୩୦ରୁ ୬୦ଟଙ୍କା, କଞ୍ଚାଲଙ୍କା ୧୨୦,ଜହ୍ନି ୬୦,ଝୁଲଣକେଜି ୬୦ଟଙ୍କା ଏବଂ ଅଦା ୨୬୦ଟଙ୍କାରହିଛି। ଆଳୁ କିଲୋ ୨୦ଟଙ୍କା ଓ ପିଆଜ କେଜି ୨୦ରୁ ୩୦ଟଙ୍କା ରହିଥିବା ହେତୁ ସବୁଜ ପରିବାରେ ହାତ ମାରୁନାହାନ୍ତି ଗ୍ରାହକ। ଅନେକ ଲୋକ ଆଳୁ ପିଆଜରେ କାମ ଚଳାଉଛନ୍ତି। ଏପରିକି ପରିବାଦର ଆକାଶ ଛୁଆଁ ରହିଥିବା ବେଳେ ଗରିବଶ୍ରେଣୀର ଜନ ସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## ରେଲୱେରେ ଚାକିରି କରାଇଦେବା ନାମରେ ଠକେଇ; ମାଷ୍ଟରମାଇଣ୍ଡ ଗିରଫ
### ■ ୨୭ ଜଣଙ୍କ ଠାରୁ ୩କୋଟି ୩୭ଲକ୍ଷ ଟଙ୍କା ଠକେଇ

ବ୍ରହ୍ମପୁର (ଭାସ୍କର ନ୍ୟୁଜ) : ଏକାଧିକ ଚାକିରି ଆଶାୟୀଙ୍କଠାରୁ ଲକ୍ଷାଧିକ ଟଙ୍କା ଠକିବା ଅଭିଯୋଗରେ ସଦର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ କୁକୁଡାଖଣ୍ଡି ଗ୍ରାମ ଶାନ୍ତି ନଗରର ଏ ବିଶ୍ୱେଶ୍ୱର ରାଓ ଦୋରା(୫୦)। ନିଯୁକ୍ତି ପତ୍ର, ପୋଷ୍ଟିଂ ଚିଠି, ପୂର୍ବତଟ ରେଲୱେରେ ଗ୍ରୁପ୍-ସି (ଟିଟିଇ) ପଦବୀ ପାଇଁ ନିଯୁକ୍ତି ପତ୍ର ଭଳି ଜାଲ ନଥିପତ୍ର ସମେତ ଅଭିଯୁକ୍ତଙ୍କ ମୋବାଇଲକୁ ଜବତ କରାଯାଇଥିବା ଥାନା ଅଧିକାରୀ ରାମ ସୁବ୍ରମଣ୍ୟମ ପ୍ରଧାନ ସୂଚନା ଦେଇଛନ୍ତି। ବ୍ରହ୍ମପୁର ଏସପିଙ୍କ ଠାରୁ ମିଳିଥିବା ସୂଚନା ପ୍ରକାରେ, ପାଟପୁର ଥାନା ଅନ୍ତର୍ଗତ କଂସାମାରି ଗ୍ରାମର ଏସ୍ କୃଷ୍ଣଚନ୍ଦ୍ର ଦୋରା(୩୨) ଓ ତାଙ୍କର ଅନ୍ୟକିଛି ସାଙ୍ଗ ଚାକିରି ସନ୍ଧାନରେ ଥିଲେ। ୨୦୨୩ ମାର୍ଚ୍ଚ ୧୮ରେ କୃଷ୍ଣଚନ୍ଦ୍ର ତାଙ୍କ ବନ୍ଧୁମାନଙ୍କ ସହିତ ଦିଗପହଣ୍ଡି ବସଷ୍ଟାଣ୍ଡରେ ଏ ବିଶ୍ୱେଶ୍ୱର ରାଓ ଦୋରାଙ୍କୁ ଭେଟିଥିଲେ। ସମସ୍ତେ ଚାକିରି ସନ୍ଧାନରେ ରହିଥିବା କୃଷ୍ଣଚନ୍ଦ୍ର ଦୋରା ଅଭିଯୁକ୍ତ ଏ, ବିଘ୍ନରଙ୍କୁ କହିଥିଲେ। ରେଳବିଭାଗର ଉଚ୍ଚ ଅଧିକାରୀମାନଙ୍କ ସହ ସୁସମ୍ପର୍କ ରହିଥିବା ବେଳେ ସମସ୍ତଙ୍କୁ ରେଲୱେରେ ଚାକିରି କରାଇଦେବେ ବୋଲି ବିଶ୍ୱେଶ୍ୱର ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ପ୍ରତ୍ୟେକଙ୍କୁ ୧୨ଲକ୍ଷ ୫୦ହଜାର ଲେଖାଏଁ ଟଙ୍କା ଦେବାକୁ କହିଥିଲେ। କିଛିଦିନ ପରେ ସେ ବରମୁଣ୍ଡା ବସଷ୍ଟାଣ୍ଡରେ ଏ ବିଶ୍ୱେଶ୍ୱରଙ୍କ ମାଧ୍ୟମରେ ୫ଜଣ ଚାକିରି ଆଶାୟୀଙ୍କ ଠାରୁ ୧୨ଲକ୍ଷ ୫୦ହଜାର ଟଙ୍କା ନେଇଥିଲେ। ୫ଜଣ ଆଶାୟୀ ମୋଟ ୭୨ଲକ୍ଷ ୫୦ହଜାର ଟଙ୍କା ଦେଇଥିଲେ। ଟଙ୍କା ଗ୍ରହଣ ପରେ ଡାକ ମାଧ୍ୟମରେ ନିଯୁକ୍ତିପତ୍ର ପଠାଇବାକୁ ପ୍ରତିଶ୍ରୁତି ଦେଇଥିଲେ ଏବଂ ଡାକ୍ତରୀ ପରୀକ୍ଷା ପରେ ତାଲିମ ପାଇଁ କଲିକତା ନିଆଯିବ ବୋଲି କହିଥିଲେ। କିଛିଦିନ ପରେ ଅଭିଯୁକ୍ତ ଏବିଶ୍ୱେଶ୍ୱର ଅଭିଯୋଗକାରୀ କୃଷ୍ଣ ଏବଂ ତାଙ୍କ ବନ୍ଧୁମାନଙ୍କୁ ଭୁବନେଶ୍ୱର ନେଇଗଲେ। ସେଠାରେ ସମରଜିତ ରାଉତ ଓରଫ ବସନ୍ତ ସିଂହ ଏବଂ ଶୁଭଲକ୍ଷ୍ମୀ ରାଉତଙ୍କ ସହିତ ସମସ୍ତଙ୍କ ପରିଚୟ କରାଇଥିଲେ। ବସନ୍ତ ସିଂ' ନିଜକୁ ରେଲୱେର ସ୍କାଉଟ୍ ଏବଂ ଗାଇଡ୍‌ରେ ଟିଟିଇ ଭାବରେ ପରିଚୟ ଦେଇଥିଲେ ଏବଂ ବିଭିନ୍ନ ବ୍ୟକ୍ତିଙ୍କ ଯୋଗଦାନ ପତ୍ର ଏବଂ ପୋଷ୍ଟିଂ ପତ୍ର ଦେଖାଇଥିଲେ। ପୂର୍ବତଟ ମହାପ୍ରବନ୍ଧକ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଭିନ୍ନ ଭିନ୍ନ ଫଟୋ ଦେଖାଇଥିଲେ। ପରେ କୃଷ୍ଣ ତାଙ୍କ ବନ୍ଧୁମାନେ ଟ୍ରେନ ଯୋଗେ ବିଶ୍ୱେଶ୍ୱରଙ୍କ ସହ ୩ ଜଣ କୋଲକାତା ଯାଇଥିଲେ। ବି ଆର ସିଂହ ହସ୍ପିଟାଲରେ ସେମାନଙ୍କର ଡାକ୍ତରୀ ପରୀକ୍ଷା କରାଯାଇଥିଲା। ପରେ କୃଷ୍ଣ ଓ ଅନ୍ୟମାନେ ନିଜ ନିଜ ଘରକୁ ଫେରିଥିଲେ। କିଛିଦିନ ପରେ କୃଷ୍ଣ ଏବଂ ଅନ୍ୟମାନେ ଡାକ ମାଧ୍ୟମରେ କଲ୍ ଲେଟର, ଡକ୍ୟୁମେଣ୍ଟ ଯାଞ୍ଚ ଅନୁମୋଦନ ଏବଂ ଡାକ୍ତରୀ ପରୀକ୍ଷା ଫଳାଫଳ ପାଇଥିଲେ। ଦୁଇ ସପ୍ତାହ ପରେ ସେମାନେ ଭିନ୍ନ ଭିନ୍ନ ତାରିଖରେ ଯୋଗଦାନ ପତ୍ର ଭଳି ବିଭିନ୍ନ ନକଲି ଚିଠି ପାଇଥିଲେ। ଅଭିଯୋଗକାରୀ ଏବଂ ଅନ୍ୟମାନେ ମେଲକୁ ନେଇ ସନ୍ଦେହ କରି ବସନ୍ତ ସିଂହ ଏବଂ ଶୁଭଲକ୍ଷ୍ମୀଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ହେଁ ସମ୍ଭବପର ହୋଇନଥିଲା। ଚାକିରି ଆଶାୟୀ କୃଷ୍ଣ ମୁଖ୍ୟ କାର୍ପଟଦାର ବିଶ୍ୱେଶ୍ୱରଙ୍କ ସହିତ ଯୋଗାଯୋଗ କରିବାକୁ ଚେଷ୍ଟା କରି ବିଫଳ ହେବାପରେ କୁକୁଡ଼ାଖଣ୍ଡି ସ୍ଥିତ ଅଭିଯୁକ୍ତଙ୍କ ଘରକୁ ଯାଇଥିଲେ ହେଁ ସେଠାରେ ତାଙ୍କୁ ପାଇନଥିଲେ। ପରେ କୃଷ୍ଣ ଓ ଅନ୍ୟ ୪ଯୁବକ କୋଲକାତା ଯାଇ ବସନ୍ତ ସିଂହଙ୍କୁ ଭେଟିଥିଲେ। ପରେ କୃଷ୍ଣ ଅନ୍ୟମାନେ ଚାକିରି ଆଶାରେ ଠକେଇର ଶିକାର ହୋଇଥିବା ଜାଣିପାରିଥିଲେ। ଏନେଇ କୃଷ୍ଣ ସଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲାରୁଜୁ କରି ତଦନ୍ତ କରି ଅଭିଯୁକ୍ତ ଏ ବିଶ୍ୱେଶ୍ୱର ରାଓ ଦୋରାଙ୍କୁ ଗିରଫ କରିଥିଲା। ଗିରଫ ବେଳେ ଅଭିଯୁକ୍ତ ବିଶ୍ୱେଶ୍ୱର ବିଭିନ୍ନ ଜିଲ୍ଲାର ପ୍ରାୟ ୨୭ଜଣ ଯୁବକଙ୍କୁ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇ ପ୍ରତ୍ୟେକଙ୍କ ଠାରୁ ୧୨ଲକ୍ଷ ୫୦ହଜାର ଲେଖାଏଁ ମୋଟ ୩କୋଟି ୩୭ଲକ୍ଷ ୫୦ହଜାର ଟଙ୍କା ଠକି ନେଇଥିବା ଜଣାପଡିଛି। ବର୍ତ୍ତମାନ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ଖୁବଶୀଘ୍ର ଏହି ମାମଲାରେ ସମ୍ପୃକ୍ତ ଥିବା ଅନ୍ୟସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ବ୍ରହ୍ମପୁର ଏସପି ଡ଼ା. ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି।




## ଆଦର୍ଶ ଶିକ୍ଷକଙ୍କ ୮୦ତମ ଜୟନ୍ତୀ ପାଳିତ



ଧର୍ମଶାଳା (ଭାସ୍କର ନ୍ୟୁଜ୍): ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ପତିତପାବନ ହାଇସ୍କୁଲର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ଅବଧୂତ୍ ପରିଡ଼ାଙ୍କ ୮୦ତମ ଜୟନ୍ତୀ ଉତ୍ସବ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଉତ୍ସାହ ଉଦ୍ଦିପନା ସହ ଗୁରୁବାର ସଂଧ୍ୟାରେ ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ପାଳିତ ହୋଇଯାଇଛି। ଅବଧୂତ ପରିଡ଼ା ପତିତପାବନ ହାଇସ୍କୁଲରେ ଶିକ୍ଷକତା ଜୀବନ ଆରମ୍ଭ କରି ଅବସରଗ୍ରହଣ କରିଥିଲେ। ସେ ଜଣେ ଛାତ୍ରବତ୍ସଳ, କ୍ରୀଡ଼ା ଓ ସଙ୍ଗୀତପ୍ରେମୀ ଶିକ୍ଷକ ଥିଲେ। ଏଥିସହିତ ସ୍କୁଲ ହଷ୍ଟେଲରେ ରହି ଛାତ୍ରମାନଙ୍କୁ ମାଗଣାରେ ଟିୟୁସନ୍ କରାଉଥିଲେ। ପତିତପାବନ ହାଇସ୍କୁଲ ପୁରାତନ ଛାତ୍ର ସଂସଦ, ଧର୍ମଶାଳା ଅବସରପ୍ରାପ୍ତ କର୍ମଚାରୀ ସଂଘ ଓ ପରିବାର ଓ ଆତ୍ମୀୟସ୍ୱଜନଙ୍କ ପକ୍ଷରୁ ଜୟନ୍ତୀ ଉତ୍ସବ ମହାଆଡ଼ମ୍ବରେ ସହ ପାଳିତ ହୋଇଛି। ପୁରାତନ ଛାତ୍ର ସଂସଦର ଉପଦେଷ୍ଟା ଯୁଧିଷ୍ଠିର ସ୍ୱାଇଁ, ବଟକୃଷ୍ଣ ପରିଡା, ସଭାପତି ଇଂ. ନିରଞ୍ଜନ ମିଶ୍ର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ନବଘନ ମହାନ୍ତି, ବେଣୁଧର ନାୟକ, ପ୍ରାଣକୃଷ୍ଣ ସାମଲ, ଯୁଧିଷ୍ଠିର ରାଉତ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଆଶାତୋଷ ନାୟକ, ସରପଂଚ ତ୍ରିଲୋଚନ ଜେନା ପ୍ରମୁଖ ଅବଧୂତ୍ ପରିଡାଙ୍କ ଶିକ୍ଷାଦାନ ସମୟାନୁବର୍ତ୍ତିତା ଉପରେ ଆଲୋକପାତ କରିଥିଲେ। ପୁରାତନ ଛାତ୍ର ସଂସଦ ପକ୍ଷରୁ ରମେଶ ସ୍ୱାଇଁ, ଦିଲିପ୍ ଜେନା, ହୃଷିକେଶ ସାମଲ, ସଦାଶିବ ନାସ, ପ୍ରଦିପ୍ତ କୁମାର ପତି, ନରେନ୍ଦ୍ର ବେହେରା ପ୍ରମୁଖ ଶ୍ରୀ ପରିଡ଼ାଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ପୁଷ୍ପଗୁଚ୍ଛ ଦେଇ ଆଶୀର୍ବାଦ ଭିକ୍ଷା କରିଥିଲେ। ପରିବାର ପକ୍ଷରୁ ଅକ୍ଷୟ ପରିଡ଼ା, ଯଯାତିକେଶରୀ ପରିଡ଼ା, ଆରୋହନ୍ ପରିଡ଼ା, ଅଭନ୍ ପରିଡ଼ା, ଦିନିକା ଜେନା ପ୍ରମୁଖ ଶ୍ରୀ ପରିଡ଼ାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଆତ୍ମୀୟସ୍ୱଜନମାନେ ବହୁ ସଂଖ୍ୟାରେ ଯୋଗ ଦେଇ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ଦେଇ ଦୀର୍ଘଜୀବି ସହ ନିରାମୟ ଜୀବନ କାମନା କରିଥିଲେ। ପୁରାତନ ଛାତ୍ର ସଂସଦ ପକ୍ଷରୁ ଦେବବ୍ରତ ରାଉତ ମଞ୍ଚ ପରିଚାଳନା କରିଥିଲେ। ବଡ଼ପୁଅ ଅନ୍ତରୀକ୍ଷ ପରିଡ଼ା ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ସକାଳେ ଗୋକର୍ଣ୍ଣେଶ୍ୱର ମନ୍ଦିର ପରିସରରେ ଅବଧୂତ ପରିଡ଼ାଙ୍କ ପରିବାର ପକ୍ଷରୁ ଦୀଘାୟୁ କାମନା କରି ପୂଜାର୍ଚ୍ଚନା କରାଯିବା ସହ ମନ୍ଦିର ପରିସରରେ ଚାରାରୋପଣ କରାଯାଇଥିଲା।

## ଘରପୋଡି ଅଭିଯୋଗରେ ଜଣେ ଗିରଫ

ନିଆଳି (ଭାସ୍କର ନ୍ୟୁଜ୍): ନିଆଳି ଥାନା ଅଧିନସ୍ଥ ବିନିସପୁର ପଂଚାୟତ ଆମ୍ବପଡା ଗ୍ରାମର ରୁମା ମହାରଥା ଘରକୁ କିଏ ନିଆଁ ଲଗାଇ ଦେଇଥିବା ନେଇ ରୁମା ନୂଆଳି ଥାନାରେ ଅଭିଯୋଗ କରିଥିଲେ। ନିଆଳି ଥାନା ପୋଲିସ ୨୯୯/୨୫ ରେ ମାମଲା ରୁଜୁ କରି ତଦନ୍ତ କରୁଥିବାବେଳେ ଏହି ଘଟଣାରେ ପୁଅ ଜିତେନ୍ଦ୍ର ମହାରଥା ( କାଳିଆ (୪୨)) କୁ ଗିରଫ କରି ଶୁକ୍ରବାର ଦିନ କୋର୍ଟ ଚାଲାଣ କରି ଗିରଫ କରିଥିବା ନିଆଳି ଆଇଆଇସି ସୂଚନା ପ୍ରଦାନ କରିଛନ୍ତି।



## ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରି ଯୁବକ ଗିରଫ



ନିଆଳି (ଭାସ୍କର ନ୍ୟୁଜ୍): ନିଆଳି ଥାନା ଅଧିନସ୍ଥ କପାସି ଫଂଚାୟତ ଗୁଣ୍ଡର ଗ୍ରାମର ଜଣେ ଯୁବତୀ ଙ୍କ ଅଶ୍ଳୀଳ ଫଟୋ କୁ ମୋବାଇଲରେ ଭିଡିଓ କରି ସୋସିଆଲ ମିଡ଼ିଆରେ ଭାଇରାଲ କରି ଯୁବକ ଗିରଫ ହୋଇଛି। ଯୁବତୀ ଜଣଙ୍କ ୮ ତାରିଖ ଦିନ ନିଆଳି ଥାନାରେ ଅଭିଯୋଗ କରିବା ପରେ ନିଆଳି ପୋଲିସ ୩୦୧/୨୦୨୫ ରେ ମାମଲା ରୁଜୁ କରି ଅଲଣା ଫଂଚାୟତ ପସଙ୍ଗ ଗ୍ରାମର ସୁବାସ ଭୋଇଙ୍କ ପୁଅ ଜୀବନ ଭୋଇ (୨୧) କୁ ଗିରଫ କରି ଶୁକ୍ରବାର ଦିନ କୋର୍ଟ ଚାଲାଣ କରିଥିବା ନିଆଳି ଥାନା ଆଇ ଆଇ ସି ବିଜୟ କୁମାର ମଲିକ ସୂଚନା ଦେଇଛନ୍ତି।

## କାଡା କେନାଲ ଭାଙ୍ଗି ଚୂର୍‌ମାର କ୍ଷେତକୁ ଯାଉନି ପାଣି, ଚିନ୍ତାରେ ଚାଷୀ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍): କାଡା କେନାଲ ମାଧ୍ୟମରେ ଚାଷୀର କ୍ଷେତକୁ ପାଣି ଯୋଗାଇ ଦେବା ନିମନ୍ତେ ସରକାର ଯୋଜନା ଉପରେ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏଥିନିମନ୍ତେ ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ବିନିଯୋଗ ହେଉଛି। ଏପରିସ୍ଥଳେ ନିଶ୍ଚିନ୍ତକୋଇଲି ବ୍ଲକ ବନ୍ଧକାଟିଆ ଗ୍ରାମପଂଚାୟତ ସହଦେବପୁର(ମସ୍ତରାମଠ) ଗ୍ରାମରେ କାଡା କେନାଲ ସମ୍ପୂର୍ଣ୍ଣ ଭାଙ୍ଗି ଚୂରମାର ହୋଇ ଯାଇଥିବାର ଚାଷୀମହଲରେ ଅଭିଯୋଗ ହୋଇଛି। ଫଳରେ କ୍ଷେତକୁ ପାଣି ଯାଉନଥିବା କାରଣରୁ ଚାଷୀମାନେ ଚିନ୍ତିତ ହୋଇପଡିଛନ୍ତି। ସହଦେବପୁର ଗ୍ରାମର ଶହ ଶହ ଏକର ଚାଷଜମି ଜଳସେଚନ ନିମନ୍ତେ କାଡା କେନାଲ ଉପରେ ନିର୍ଭର କରିଥାଏ। ଦୀର୍ଘ ଦିନ ହେଲା ଏହି କାଡା କେନାଲ ନିମ୍ନମାନର କାର୍ଯ୍ୟହେତୁ ଭାଙ୍ଗି ଚୂରମାର ହୋଇଯାଇଛି। ଫଳରେ ଏହି କାଡା କେନାଲରେ ପାଣି ଯାଇପାରୁନାହିଁ। ଯାହା ଦ୍ୱାରାକି ପ୍ରତିବର୍ଷ ଏହି ଅଞ୍ଚଳର ଶହ ଶହ ଏକର ଜମିରେ ମରୁଡି ସମସ୍ୟା ସୃଷ୍ଟି ହେଉଛି। ଏଦିଗରେ ପ୍ରତିକାର ନିମନ୍ତେ ଚାଷୀମାନେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବି କରି ଆସୁଥିଲେ ମଧ ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାର ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ଚାଷୀଙ୍କୁ କାଡା କେନାଲ ମାଧ୍ୟମରେ ପାଣି ଯୋଗାଇ ଦିଆଯିବା ନିମନ୍ତେ ଦାବି ହୋଇଛି।



ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭିଏସ୍ଏସ୍ ନଗର ବରିଷ୍ଠ ନାଗରିକ ଭବନରେ ଶନିବାର ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ମଣିପାଲ ଡାକ୍ତରଖାନା ଓ ଏଏସ୍‌ଜି ଆଖି ଡାକ୍ତରଖାନାର ଡାକ୍ତର ଓ ସହାୟକମାନେ ଚକ୍ଷୁ ପରୀକ୍ଷା, ଡାଇବେଟିସ୍, ବ୍ଲଡ ପ୍ରେସର ଓ ଇସିଜି ଭଳି ବହୁ ପରୀକ୍ଷା କରାଇଥିଲେ । ବରିଷ୍ଠ ନାଗରିକ ମଞ୍ଚର ସଭାପତି କୃପାସିନ୍ଧୁ ସାହୁଙ୍କ ତତ୍ତ୍ୱାବଧାନରେ ଓ ଉପ-ସଭାପତି ଇଂ ସୁରେଶ ଚନ୍ଦ୍ର କରଙ୍କ ସଭାପତିତ୍ୱରେ ଭିଏସ୍ଏସ୍ ନଗର ବରିଷ୍ଠ ନାଗରିକ ମଞ୍ଚର ମାସିକ ବୈଠକ ସହ ସ୍ୱାସ୍ଥ୍ୟ ଶିବିରରେ ସାଧାରଣ ସମ୍ପାଦକ ଭ୍ରମରବର ପ୍ରଧାନ, କୋଷାଧ୍ୟକ୍ଷ ଏସ୍ ନରସିଂଘ ରାଓ, ଡ. କୁମୁଦ ମିଶ୍ର, ମହେଶ୍ୱର ବିଶ୍ୱାଳ, ସରୋଜିନୀ ପରମଗୁରୁ, ଶଶୀଭୂଷଣ ଦାସ, ଧରଣିଧର ରାଉତ, ପ୍ରଫୁଲ୍ଲ ମହାପାତ୍ର, ତ୍ରିଲୋଚନ ରଥ, ବିଜୟ କୁମାର ଦେ, ନବକିଶୋର ବେଉରା ଓ ରାମ ଚନ୍ଦ୍ର ସାମଲ ସହଯୋଗ କରିଥିଲେ । ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା, ଯୁଗ୍ମ-ସମ୍ପାଦକ ଚିନ୍ତାମଣି ବାରିକ ଓ ଦୁର୍ଗାପୂଜା ସମିତିର ସାଧାରଣ ସମ୍ପାଦକ ପ୍ରତାପ କୁମାର ନନ୍ଦଙ୍କ ସହ ସ୍ଥାନୀୟ ବାସିନ୍ଦା ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଶୀତଳ ଚନ୍ଦ୍ର ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ ।



### ସାରସ୍ୱତ ସାଧିକା ବିଦ୍ୟୁତ୍‌ପ୍ରଭା ଦେବୀଙ୍କ ଜନ୍ମ ଶତବାର୍ଷିକୀ ପାଳିତ

# ବିଦ୍ୟୁତ୍‌ପ୍ରଭା ନାରୀ ସଶକ୍ତିକରଣର ଅନ୍ୟତମ ପ୍ରତୀକ: ଧର୍ମେନ୍ଦ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଆ ସାହିତ୍ୟ ଜଗତର ସାରସ୍ୱତ ସାଧିକା ବିଦ୍ୟୁତପ୍ରଭା ଦେବୀଙ୍କ ଜନ୍ମଶତବାର୍ଷିକୀ ଆଜି ଭୁବନେଶ୍ୱର ସ୍ଥିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ପାଳିତ ହୋଇଯାଇଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଏହି ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ନିଜର ଅଭିଭାଷଣରେ ସେ କହିଥିଲେ ଯେ, 'ସାରସ୍ୱତ ସାଧିକା ବିଦ୍ୟୁତପ୍ରଭା ଦେବୀଙ୍କ ଜନ୍ମଶତବାର୍ଷିକୀ ସମାରୋହରେ ଯୋଗଦେବା ମୋର ସୌଭାଗ୍ୟ । ବାଲ୍ୟାବସ୍ଥାରୁ ବିଦ୍ୟୁତପ୍ରଭା ଦେବୀଙ୍କର ସାହିତ୍ୟ ପ୍ରତି ରହିଥିବା ସାଧନା ଓ ସମର୍ପଣ ଭାବ ଆମ ସମସ୍ତଙ୍କୁ ପ୍ରେରିତ କରିଛି । ଓଡ଼ିଆ ସାହିତ୍ୟରେ ନାରୀବାଦୀ କବିତାର କଥା ଉଠିଲେ ବିଦ୍ୟୁତପ୍ରଭା ଦେବୀଙ୍କ କଥା ମନେପଡେ । ଲବ୍ଧ ପ୍ରତିଷ୍ଠିତ କବି ବିଦ୍ୟୁତପ୍ରଭା ଦେବୀ ହେଉଛନ୍ତି ନାରୀ ସଶକ୍ତିକରଣର ଅନ୍ୟତମ ପ୍ରତୀକ । ବିଦ୍ୟୁତପ୍ରଭାଙ୍କ ସାହିତ୍ୟ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ । ଆଜିର କୃତ୍ରିମ ବୁଦ୍ଧିମତାର ଯୁଗରେ ଓଡ଼ିଆ ସାହିତ୍ୟର ପ୍ରଚାର ଓ ପ୍ରସାର ସହ ଏହାକୁ ଆଗକୁ ନେବା ପାଇଁ ଟେକ୍ନୋଲୋଜିର ଯେପରି ବ୍ୟବହାର ହୋଇପାରିବ ସେ ଦିଗରେ ଆମେ କାର୍ଯ୍ୟ କରିବା ଉଚିତ । ଆମ ଓଡ଼ିଆ ସାହିତ୍ୟ ଯେପରି ବିଶ୍ୱବିଦିତ ଓ ସୁସମୃଦ୍ଧ ହୋଇପାରିବ ସେଥିପାଇଁ ଆମେ ନିଜର ନିରନ୍ତର ପ୍ରୟାସ ଜାରି ରଖିବା ଉଚିତ । ସମ୍ମାନିତ ଅତିଥିଭାବେ ଯୋଗଦେଇ ପଦ୍ମଭୂଷଣ ଡ଼. ପ୍ରତିଭା ରାୟ କହିଥିଲେ ଯେ, 'କବି ବିଦ୍ୟୁତପ୍ରଭା ଦେବୀ ହେଉଛନ୍ତି ଅନନ୍ୟା । ବିଦ୍ୟୁତପ୍ରଭାଙ୍କ ସାହିତ୍ୟ ସର୍ଜନା ଓଡ଼ିଆ ସାହିତ୍ୟ ଜଗତକୁ ପରିପୁଷ୍ଟ କରିଛି । ନାରୀବାଦୀ ଓ ସମାଜବାଦୀ କବିତା ଲେଖି ସେ ଆମ ସମସ୍ତଙ୍କୁ ପ୍ରେରିତ କରିଛନ୍ତି । ପ୍ରେମ ଓ ବେଦନାରୁ କବିତା ଜନ୍ମ ହୋଇଥାଏ, ବିଦ୍ୟୁତପ୍ରଭାଙ୍କ କବିତାରେ ଉଭୟର ଝଲକ ଦେଖିବାକୁ ମିଳେ । ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ, 'ନାରୀବାଦର ସକାରାତ୍ମକ ଉଦ୍‌ଘୋଷିକା ଓ ନାରୀଶକ୍ତିର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି କବି ବିଦ୍ୟୁତପ୍ରଭା । ତାଙ୍କ ଲେଖନୀରେ ପ୍ରସ୍ଫୁଟିତ ହୋଇଥିବା କବିତା ନାରୀ ସଶକ୍ତିକରଣର କଥା କହିଛି । ଏକ ସଶକ୍ତ ରାଷ୍ଟ୍ର ଓ ସଶକ୍ତ ସମାଜ ଗଠନରେ ନାରୀଶକ୍ତିର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ଏକାମ୍ର ବିଧାୟକ ବାବୁ ସିଂ କହିଥିଲେ ଯେ, 'ସାହିତ୍ୟ ଓ ସଂସ୍କୃତି ଆମ ସମାଜର ଦର୍ପଣ । ବିଦ୍ୟୁତପ୍ରଭା ହେଉଛନ୍ତି ଓଡ଼ିଆ ସାହିତ୍ୟ ଜଗତର ଧ୍ରୁବତାରା । ତାଙ୍କର ଜୀବନୀ, ତାଙ୍କର ବ୍ୟକ୍ତିତ୍ୱ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ । ତାଙ୍କ ଆଦର୍ଶରେ ଆମ ଯୁବପିଢ଼ି ପ୍ରେରିତ ହୋଇ ଏକ ସଶକ୍ତ ସମାଜ ଗଠନ ନିମନ୍ତେ କାର୍ଯ୍ୟ କରିବେ ବୋଲି ମୁଁ ଆଶା କରୁଛି । କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ କୋରାପୁଟର ପୂର୍ବତନ କୁଳପତି ତଥା ବିଦ୍ୟୁତପ୍ରଭା ଦେବୀଙ୍କ ସୁପୁତ୍ର ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି କବି ବିଦ୍ୟୁତପ୍ରଭାଙ୍କ ସାରସ୍ୱତ ସାହିତ୍ୟ ସର୍ଜନା ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟୁତପ୍ରଭା ଦେବୀଙ୍କ ଜୀବନୀ ଉପରେ ଆଧାରିତ ଚିତ୍ରକଳା ଶିବିରକୁ ମୁଖ୍ୟ ଅତିଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଥିଲେ । ଶିଳ୍ପୀଙ୍କ ତୂଳୀରେ ପ୍ରସ୍ଫୁଟିତ ଚିତ୍ରକଳାକୁ ଶ୍ରୀ ପ୍ରଧାନ ବେଶ୍ ପ୍ରଶଂସା କରିଥିଲେ । ଏଥିସହିତ ଆଜିର କାର୍ଯ୍ୟକ୍ରମରେ 'ବାଜିରାଉତ' ଶୀର୍ଷକ ପୁସ୍ତକ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ପତ୍ରିକା 'କୋଣାର୍କ' ଉନ୍ମୋଚିତ ହୋଇଥିଲା । ବିଦ୍ୟୁତପ୍ରଭା ଦେବୀଙ୍କ ଜୀବନୀ ଉପରେ ଆଲୋଚନା ଚକ୍ର ମଧ୍ୟ ଆୟୋଜିତ ହୋଇଥିଲା । ଓଡ଼ିଶା ସାହିତ୍ୟ ଏକଡେମୀର ସଚିବ ଡ଼. ଚନ୍ଦ୍ରଶେଖର ହୋତା କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥ ଧନ୍ୟବାଦ ଅର୍ପଣ କରିଥିଲେ । ଆଜିର କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ, ରମାଦେବୀ ବିଶ୍ୱବିଦ୍ୟାଳୟ ଛାତ୍ରୀବୃନ୍ଦ, ସାହିତ୍ୟିକ, ବୁଦ୍ଧିଜୀବୀ, ସମାଜସେବୀ ପ୍ରମୁଖ ଉପସ୍ଥିତ ଥିଲେ ।




# କୃଷି ପାଇଁ ଶ୍ରେଷ୍ଠ ରାଜ୍ୟ ପୁରସ୍କାର ରାଜ୍ୟପାଳଙ୍କୁ ପ୍ରଦାନ କଲେ ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଚଳିତ ଜୁଲାଇ ମାସ ୯ ତାରିଖରେ ନୂଆଦିଲ୍ଲୀ ଠାରେ ଏଗ୍ରିକଲଚର ଟୁଡେ ଗ୍ରୁପ ଦ୍ୱାରା ଆୟୋଜିତ ପ୍ରତିଷ୍ଠିତ ୧୬ ତମ ଏଗ୍ରିକଲଚର ଲିଡ଼ରସିପ କନକ୍ଲେଭ ଆୟୋଜିତ ହୋଇଥିଲା । ଏଥିରେ, ଓଡ଼ିଶାକୁ କୃଷି ପାଇଁ ଶ୍ରେଷ୍ଠ ରାଜ୍ୟ ଭାବେ ପୁରସ୍କୃତ କରାଯାଇଥିଲା । ଏହି ପୁରସ୍କାରକୁ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓଡ଼ିଶା ସରକାରଙ୍କ ପକ୍ଷରୁ ଗ୍ରହଣ କରିଥିଲେ । ଗତକାଲି ରାତିରେ ଓଡ଼ିଶା ଫେରିବା ପରେ ଶନିବାର ଏହି ପୁରସ୍କାରକୁ ରାଜ୍ୟପାଳ ଡ଼ ହରିବାବୁ କମ୍ଭମପାଟିଙ୍କୁ ପ୍ରଦାନ କରିଛନ୍ତି । ଏହି ଅବସରରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ ମଧ୍ୟ ଉପସ୍ଥିତ ଥିଲେ । ଏହା କୃଷି କ୍ଷେତ୍ରରେ ଆହୁରି ଉନ୍ନତି ଆଣିବା ପାଇଁ ରାଜ୍ୟବାସୀଙ୍କୁ ପ୍ରେରଣା ଯୋଗାଇବ । କୃଷି କ୍ଷେତ୍ର ସହ ଜଡ଼ିତ ବିଭିନ୍ନ ବର୍ଗ ବିଶେଷ କରି ଚାଷୀ ଭାଇ ଭଉଣୀଙ୍କୁ ଏଥିପାଇଁ ରାଜ୍ୟପାଳ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ଓସିଏ କନ୍‌ଫରେନ୍ସ ହଲ୍‌ରେ ଲାଗିଲା ନିଆଁ, ଆସବାବପତ୍ର ଭସ୍ମୀଭୂତ

କଟକ(ଭାସ୍କର ନ୍ୟୁଜ୍): ଓଡ଼ିଶା କ୍ରିକେଟ ଆସୋସିଏସନ ପରିସରରେ ଅଗ୍ନିକାଣ୍ଡ । ଓସିଏ କନଫରେନ୍ସ ହଲରେ ଶନିବାର ନିଆଁ ଲାଗିବାରୁ ଅନେକ ଆସବାବପତ୍ର ପୋଡି ନଷ୍ଟ ହୋଇଯାଇଛି । ଦମକଳ ବାହିନୀର ତ୍ୱରିତ ପଦକ୍ଷେପ ଯୋଗୁ ନିଆଁକୁ ଆୟତ୍ତ କରାଯାଇଛି । ଶନିବାର ଅପରାହ୍ନ ୨ଟା ୧୫ରେ ନିଆଁ ଲାଗିଥିଲା । କନଫରେନ୍ସ ହଲ୍ ପରିସରରୁ ଧୂଆଁ ବାହାରୁଥିବା ଦେଖି ଓସିଏ କର୍ମକର୍ତ୍ତା ଦମକଳ ବାହିନୀକୁ ଖବର ଦେଇଥିଲେ । ବକ୍ସିବଜାର ଦମକଳ କେନ୍ଦ୍ରର ଗୋଟିଏ ଟିମ୍ ପହଞ୍ଚି ତୁରନ୍ତ ପଦକ୍ଷେପ ନେଇଥିଲା । ଖୁବ୍‌କମ୍ ସମୟ ଭିତରେ ନିଆଁକୁ ଆୟତ୍ତ କରାଯାଇପାରିଛି । ତେବେ ସର୍ଟସର୍କିଟ କାରଣରୁ ନିଆଁ ଲାଗିଥିବା କହିଛି ଅଗ୍ନିଶମ ବିଭାଗ । ନିଆଁ ଲାଗିବା କାରଣରୁ କନଫରେନ୍ସ ହଲରେ କ୍ଷୟକ୍ଷତି ହୋଇଛି ।

## ଓଡ଼ିଆ ପାଠାଗାର ଆନ୍ଦୋଳନର ପୁରୋଧା ଦାଶରଥିଙ୍କୁ ସ୍ମରଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଆ ପାଠାଗାର ଆନ୍ଦୋଳନର ପୁରୋଧା ଦାଶରଥି ପଟ୍ଟନାୟକ ସ୍ମୃତିଚାରଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ପ୍ରଖ୍ୟାତ ସଂଗ୍ରାହକ ତଥା ଓଡ଼ିଆ ପାଠାଗାର ଆନ୍ଦୋଳନର ପୁରୋଧା ଦାଶରଥି ପଟ୍ଟନାୟକ(ଦାସିଆ ଅଜା)ଙ୍କ ଜୟନ୍ତୀରେ ଭକ୍ତିପୂତ ପ୍ରଣାମ । ଓଡ଼ିଆ ଭାଷା, ସାହିତ୍ୟ ଓ ଐତିହ୍ୟର ସଂରକ୍ଷଣ କ୍ଷେତ୍ରରେ ତାଙ୍କ ଅବଦାନ ପାଇଁ ସେ ଚିରସ୍ମରଣୀୟ ହୋଇ ରହିବେ ।

## ମୁଣ୍ଡଳୀ ବ୍ରିଜ୍ ଉପରୁ ମିଳିଲା ହେମନ୍ତଙ୍କ ଗାଡ଼ି, ମିଳୁନି ପତ୍ତା

କଟକ(ଭାସ୍କର ନ୍ୟୁଜ୍): ମୁଣ୍ଡଳୀ ବ୍ରିଜ୍‌ରୁ ମହାନଦୀକୁ ଜଣେ ଯୁବକ ଡେଇଁଥିବା ସନ୍ଦେହ କରାଯାଉଛି । ମୁଣ୍ଡଳୀ ବ୍ରିଜରୁ ଡେଇଁବା କଥା ସ୍ତ୍ରୀକୁ ଭଏସ୍ ମେସେଜ୍ କରିଥିଲେ ନିଖୋଜ ଯୁବକ । ଶୁକ୍ରବାର ବିଳମ୍ବିତ ରାତିରେ ବାରଙ୍ଗ ପୋଲିସ ପାଟ୍ରୋଲିଂ ବେଳେ ବ୍ରିଜ୍ ଉପରେ ଏକ ଗାଡି ଥୁଆ ହୋଇଥିବା ଦେଖିଥିଲେ । କାହାକୁ ନପାଇବାରୁ ଗାଡିକୁ ଗୋଡିସାହି ଫାଣ୍ଡିକୁ ପୋଲିସ ନେଇଥିଲା । ଘଟଣାସ୍ଥଳରେ ଗୋଡିସାହି ଫାଣ୍ଡି ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ପୋଲିସଠାରୁ ଖବର ପାଇ ପରିବାର ଲୋକ ଗୋଡିସାହି ଫାଣ୍ଡିକୁ ଆସିଥିଲେ । ସେମାନଙ୍କ ଠାରୁ ବ୍ରିଜ୍ ଉପରୁ ଉଦ୍ଧାର ଗାଡ଼ିରୁ ଯୁବକଙ୍କ ପରିଚୟ ମିଳିଛି । ଯୁବକ ଜଣକ ଖୋର୍ଦ୍ଧା ବୋଲୋଗଡ ଗବଡି ଗ୍ରାମର ହେମନ୍ତ କୁମାର ସାହୁ(୩୫) । ସେ ପାରିବାର ସହିତ ସିଡିଏ ସେକ୍ଟର ୧୦ ଅଞ୍ଚଳରେ ରହୁଛନ୍ତି । ସେ କଟକରେ ଧୂପକାଠି ବ୍ୟବସାୟ କରୁଥିଲେ । ଧାର କରଜ କରିଥିବା ପରିବାର ଠାରୁ ଜଣାପଡ଼ିଛି । ତେବେ ସେ ଆତ୍ମହତ୍ୟା କରିଛନ୍ତି କି କେଉଁଆଡେ ଚାଲିଯାଇଛନ୍ତି ତାହା ଏବେ ସନ୍ଦେହରେ ରହିଛି । ପୋଲିସ ଅନୁସଂଧାନ ଜାରି ରହିଛି ।





ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସୁସ୍ଥ ହୋଇ ମୁମ୍ବାଇରୁ ଫେରିବା ପରେ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ଶୁଭେଚ୍ଛୁଙ୍କ ପ୍ରବଳ ଭିଡ଼

## ବିପଦରେ ଜଳାଶୟ ସୁରକ୍ଷା ସମସ୍ୟା

କଟକ(ଭାସ୍କର ନ୍ୟୁଜ୍): କଟକ ସହରରେ ଦିନକୁ ଦିନ ଜଳାଶୟ ସଂଖ୍ୟା କମିବାରେ ଲାଗିଛି । କଟକ ସହରରେ ଥିବା ୧୬୮ରୁ ଅଧିକ ଜଳାଶୟ ମଧ୍ୟରୁ ଏବେ ଅଧିକାଂଶ ଜଳାଶୟ ତାର ସ୍ଥିତି ହରାଇ ସାରିଥିବାବେଳେ ଅନେକ ଜଳାଶୟ ଉପରେ ବେଆଇନ ଭାବରେ ସୁଉଚ୍ଚ ଅଟାଳିକା ନିର୍ମାଣ ହୋଇଛି । କଟକ ମହାନଗର ନିଗମ ଅଞ୍ଚଳରେ ବେଆଇନ ଭାବରେ ଜଳାଶୟ ଗୁଡିକର କିସମ ପରିବର୍ତ୍ତନ କରାଯାଇ ଏହା ଉପରେ ଏକାଧିକ ଅଟ୍ଟାଳିକାମାନ ତିଆରି କରାଯାଇଛି । ଏହି ଖବର ଲୋକଲୋଚନକୁ ଆସିବା ପରେ ଏ ନେଇ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ହାଇକୋର୍ଟ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ଏକ ୭ ଜଣିଆ କମିଟି ଗଠନ କରି ତଦନ୍ତ କରିବା ସହ କଟକ ସହରରେ ଥିବା ଜଳାଶୟର ସୁରକ୍ଷା ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ରାଜ୍ୟରେ ଥିବା ସମସ୍ତ ଜଳାଶ୍ରୟ ଗୁଡିକର ସୁରକ୍ଷା ନିମନ୍ତେ ଏକ ସ୍ୱତନ୍ତ୍ର ଆଇନ ତିଆରି କରିବାକୁ ମଧ୍ୟ ହାଇକୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଥିଲେ ।

## ଏଆଇ ଟେକ୍ନୋଲୋଜି ସହ ଯୋଡ଼ି ହେବାକୁ ଧର୍ମେନ୍ଦ୍ରଙ୍କ ଅନୁରୋଧ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏଆଇ ଟେକ୍ନୋଲୋଜି ସହ ଯୋଡି ହେବାକୁ ସମସ୍ତ ନାଗରିକଙ୍କୁ ଅନୁରୋଧ କରିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଟେକ୍ନୋଲୋଜିକୁ ନାଗରିକମାନେ ନିଜ ଅକ୍ତିଆର କରନ୍ତୁ । ଏଆଇକୁ ବ୍ୟବହାର କରି ସେ ମାଧମରେ ଏମଏଲଏମକୁ ଆପଣାନ୍ତୁ । ଆର୍ଥତ ମଲ୍ଟି ଲାଙ୍ଗୁଏଜ ମୋଡ ମାଧ୍ୟମରେ ଓଡ଼ିଆ ଲୋକେ ସେଠାରେ ପ୍ରଶ୍ନ ରଖନ୍ତୁ । ଓଡ଼ିଆ ପଖାଳ କଣ, ଖଣ୍ଡୁଆ ପାଟ କଣ, ଉପକୂଳ ଅଞ୍ଚଳର ଗହୀର ମଥା କଇଁଛ ବିଷୟରେ ପଚାରନ୍ତୁ, ଖଣିଜ ସମ୍ପଦ, ରଙ୍ଗବତୀ କିଏ ଲେଖିଛନ୍ତି ଏମିତି ଅନେକ ପ୍ରସଙ୍ଗ ଉପରେ ଅନେକ ପ୍ରଶ୍ନର ଉତ୍ତର ସେଠାରେ ରହିଛି । ବୁଦ୍ଧିମନ୍ତ ହେଉଛି । କିନ୍ତୁ ଆହୁରି ତଥ୍ୟ ସେଠାରେ ଉପଲବ୍ଧ ହେବାର ଆବଶ୍ୟକତା ରହିଛି, ତେଣୁ ସମସ୍ତେ ଆହୁରି ସେ ଉପରେ ଦକ୍ଷତା ରଖନ୍ତୁ ବୋଲି ପ୍ରତିକ୍ରିୟା ରଖିଛନ୍ତି ଶ୍ରୀ ପ୍ରଧାନ ।

## ଦାଶରଥି ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ନବୀନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦାଶରଥି ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏନେଇ ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, ମହାନ ସଂଗ୍ରାହକ ତଥା ପାଠାଗାର ଆନ୍ଦୋଳନର ପ୍ରଣେତା ଦାଶରଥି ପଟ୍ଟନାୟକ (ଦାସିଆ ଅଜା)ଙ୍କ ଜୟନ୍ତୀରେ ମୋର ଶ୍ରଦ୍ଧାଞ୍ଜଳି ଜଣାଉଛି । ନିଜସ୍ୱ ଉଦ୍ୟମରେ ଓଡ଼ିଶାର ଗାଁ ଗାଁ ବୁଲି ସେ ପ୍ରତିଷ୍ଠା କରିଥିବା ପାଠାଗାର ଏବଂ ସଂଗ୍ରହାଳୟ ଏବେ ମଧ୍ୟ ସମସ୍ତଙ୍କ ପାଇଁ ଆଲୋକବର୍ତ୍ତିକା ହୋଇ ରହିଛି ।

### ଏମ୍ସ ଭୁବନେଶ୍ୱରର ୫ମ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ ରାଷ୍ଟ୍ରପତି

## ୩୧ ଜଣଙ୍କୁ ୫୯ ସ୍ୱର୍ଣ୍ଣ ପଦକ, ୬୪୩ ଜଣଙ୍କୁ ଡିଗ୍ରୀ ପ୍ରଦାନ କରାଯିବ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏମ୍ସ ଭୁବନେଶ୍ୱରର ୫ମ ସମାବର୍ତ୍ତନ ସମାରୋହ ଉତ୍ସବରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ଚଳିତ ମାସ ୧୪ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ସ୍ମରଣୀୟ ଉତ୍ସବରେ ରାଷ୍ଟ୍ରପତିଙ୍କ ଉପସ୍ଥିତି ଛାତ୍ରଛାତ୍ରୀ, ଅଭିଭାବକ ତଥା ସମସ୍ତ ଏମ୍ସ ପରିବାରକୁ ଅନୁପ୍ରେରିତ କରିବା ନେଇ ମତରଖିଛନ୍ତି ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ । କାର୍ଯ୍ୟକ୍ରମରେ ରାଷ୍ଟ୍ରପତିଙ୍କ ସହିତ ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମ୍ପାଟି, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ, ସାଂସଦ, ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଯୋଗଦେବେ ବୋଲି ଡ. ବିଶ୍ୱାସ ସୂଚନା ଦେଇଛନ୍ତି । ଚଳିତ ବର୍ଷ ମୋଟ ୬୪୩ ଜଣ ସ୍ୱାସ୍ଥ୍ୟସେବା ବୃତିଗତଧାରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବ । ଏହି ସୂଚୀରେ, ୧୯୬ ଡାକ୍ତରୀ ଛାତ୍ରଛାତ୍ରୀ, ୧୫୮ ବିଶେଷଜ୍ଞ(ପିଜି) ଡାକ୍ତର, ୪୯ ସୁପର ସ୍ପେଷିଆଲିଟି (ଡିଏମ୍/ଏମ୍ସିଏଚ୍), ୨୧ ପୋଷ୍ଟ-ଡକ୍ଟରାଲ୍ ଫେଲୋ (ପିଡିଏଫ୍), ୧୧୬ ବିଏସ୍ସି ନର୍ସିଂ, ୬୨ ବିଏସ୍ସି ପାରାମେଡିକାଲ୍, ୪୧ ଏମ୍ଏସସି ନର୍ସିଂ ଛାତ୍ରଛାତ୍ରୀ ଅନ୍ତର୍ଭୁକ୍ତ । ଅସାଧାରଣ ଶିକ୍ଷାଗତ ପ୍ରଦର୍ଶନର ସ୍ୱୀକୃତି ସ୍ୱରୂପ, ୧୭ ଡାକ୍ତରୀ ଛାତ୍ରଛାତ୍ରୀ, ଜଣେ ଏମଡି/ଏମ୍ଏସ, ଜଣେ ଡିଏମ୍/ଏମ୍ସିଏଚ୍, ୩ ବିଏସ୍ସି ନର୍ସିଂ, ୭ ବିଏସ୍ସି ପାରାମେଡିକାଲ୍, ଦୁଇ ଏମ୍ଏସସି ନର୍ସିଂ ଛାତ୍ରଛାତ୍ରୀଙ୍କ ସମେତ ୩୧ ମେଧାବୀ ଛାତ୍ରଛାତ୍ରୀଙ୍କୁ ୫୯ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ । ଏହି ଅବସରରେ ଡ. ପି.ଆର ମହାପାତ୍ର (ଡିନ୍), ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ୍ ସରକାର (ଡିଡିଏ), ଡ. ସୁଦୀପ୍ତ ରଞ୍ଜନ ସିଂହ (କୁଳସଚିବ), ଡ. ଦିଲ୍ଲୀପ କୁମାର ପରିଡ଼ା (ମେଡିକାଲ୍ ଅଧୀକ୍ଷକ), ଏବଂ ଡ.ବିକାଶ ଭାଟିଆଙ୍କ ସମେତ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ରାଷ୍ଟ୍ରପତିଙ୍କ ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କଲେ ମୁଖ୍ୟ ସଚିବ, ଡିଜିପି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆସନ୍ତା ୧୪ ତାରିଖରେ ଭାରତର ମାନ୍ୟବର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭୁବନେଶ୍ୱରର ଏମ୍ସରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗ ଦେବେ । ଏହି ପରିପ୍ରେକ୍ଷୀରେ ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ପ୍ରମୁଖ ଏମ୍ସ ପରିଦର୍ଶନ କରିବା ସହ ସେଠାକାର ସୁରକ୍ଷା ବ୍ୟବସ୍ଥା ସଂକ୍ରାନ୍ତରେ ବିସ୍ତୃତ ଭାବେ ସମୀକ୍ଷା କରିଛନ୍ତି । ଏହି ଅବସରରେ ଭୁବନେଶ୍ୱର-କଟକ ପୋଲିସ କମିଶନର, ଅତିରିକ୍ତ ପୋଲିସ କମିଶନର, ଭୁବନେଶ୍ୱର ଡିସିପିଙ୍କ ସମେତ ଏମ୍ସର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ ।

## 'ଡ୍ରାଇଭରଙ୍କ ଆନ୍ଦୋଳନକୁ ସମର୍ଥନ ଦେବ କଂଗ୍ରେସ'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଡ୍ରାଇଭର ସଂଘ ଆନ୍ଦୋଳନ ପ୍ରସଙ୍ଗ ନେଇ ପିସିସି ସଭାପତି ଭକ୍ତ ଚରଣ ଦାସ ସାମ୍ବାଦିକ ସମ୍ମିଳନୀରେ ବଡ ବୟାନ ଦେଇଛନ୍ତି । ସେ କହିଛନ୍ତି ଡ୍ରାଇଭର ସଂଘ ସହଯୋଗ ଯୋଗୁଁ କଂଗ୍ରେସ ସମ୍ବିଧାନ ବଞ୍ଚାଅ ଆନ୍ଦୋଳନ ସଫଳ ହେଲା । ୧୦ ଲକ୍ଷ ଡ୍ରାଇଭର ହେଲେ ନୀତି ନିୟମ ନାହିଁ । ରାହୁଲ ଗାନ୍ଧୀ ତାଙ୍କ ପାଇଁ ସ୍ୱର ଉଠାଇଲେ । ବିଜେପି ସରକାର ଚାହୁଁଥିଲା କଂଗ୍ରେସର ସମ୍ବିଧାନ ବଞ୍ଚାଅ ଆନ୍ଦୋଳନ ବିଫଳ ହେଉ । ଡ୍ରାଇଭର ସଂଘର ସହଯୋଗ ଯୋଗୁଁ କଂଗ୍ରେସ ସମ୍ବିଧାନ ବଞ୍ଚାଅ ଆନ୍ଦୋଳନ ସଫଳ ହେଲା । ଆନ୍ଦୋଳନକୁ କଂଗ୍ରେସ ସବୁ ଜାଗାରେ ସମର୍ଥନ କରିବ । ଆନ୍ଦୋଳନ ଯୋଗୁଁ ତାଙ୍କୁ ରାଜନୈତିକ ଉଦ୍ଦେଶ୍ୟ ରଖି ଫସା ଯାଉଛି ।

## ଏୟାର-ଟୁ-ଏୟାର ମିସାଇଲ୍ ଅସ୍ତ୍ରର ସଫଳ ପରୀକ୍ଷଣ ପାଇଁ ନବୀନଙ୍କ ଶୁଭେଚ୍ଛା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏୟାର-ଟୁ-ଏୟାର ମିସାଇଲ୍ ଅସ୍ତ୍ର ସଫଳ ପରୀକ୍ଷଣ ପାଇଁ ଶୁଭେଚ୍ଛା ଜଣାଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଏନେଇ ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, ସୁ-୩୦ ଏମକେ-୧ ପ୍ଲାଟଫର୍ମରୁ ଓଡ଼ିଶା ଉପକୂଳରେ ଏୟାର-ଟୁ-ଏୟାର ମିସାଇଲ୍ 'ଅସ୍ତ୍ର'ର ସ୍ୱଦେଶୀ ରେଡିଓ ଫ୍ରିକ୍ୱେନ୍ସିର ସଫଳ ଉଡାଣ ପରୀକ୍ଷା ପାଇଁ ଡିଆରଡିଓକୁ ହାର୍ଦ୍ଦିକ ଅଭିନନ୍ଦନ ।

# ଭୁବନେଶ୍ୱରରେ କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶ ସଫଳ: ଭକ୍ତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସମ୍ବିଧାନ ବଞ୍ଚାଅ ମହାସମାବେଶର ଅଭୂତପୂର୍ବ ସଫଳତାରେ ବିଜେପି-ବିଜେଡି ଚକିତ ହୋଇଥିବା ସ୍ପଷ୍ଟ ହୋଇଛି । ବରମୁଣ୍ଡା ପଡିଆ ଭିତରେ ଯେତେ ଲୋକ ଥିଲେ ବାହାରେ ମଧ୍ୟ ସେତିକି ଲୋକ ରାହୁଲ ଗାନ୍ଧିଙ୍କୁ ଦେଖିବା ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷାରତ ଥିଲେ । ଡ୍ରାଇଭର ଧର୍ମଘଟ ନେଇ ପ୍ରଥମରୁ ଅନିଶ୍ଚିତତା ନଥିଲେ ଆହୁରି ମଧ୍ୟ ଅଧିକ ଜନସମାଗମ ହୋଇଥାନ୍ତା । ଏହା ରାହୁଲ ଗାନ୍ଧୀ, ମଲ୍ଲିକାର୍ଜୁନ ଖଡ଼ଗେଜୀ ପ୍ରମୁଖଙ୍କ ନେତୃତ୍ୱାଧୀନ କଂଗ୍ରେସ ଦଳ ସପକ୍ଷରେ ଅନ୍ତଃସ୍ରୋତକୁ ଦର୍ଶାଉଛି ବୋଲି ଶନିବାର ମଧ୍ୟାହ୍ନରେ କଂଗ୍ରେସ ଭବନରେ ଆହୂତ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଭକ୍ତ ଚରଣ ଦାସ ପ୍ରକାଶ କରିଛନ୍ତି । ପିସିସି ମିଡ଼ିଆ ସେଲ୍ ଅଧ୍ୟକ୍ଷ ଅରବିନ୍ଦ ଦାସଙ୍କ ପୌରହିତରେ ଆୟୋଜିତ ଉକ୍ତ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଶ୍ରୀ ଦାସ ମହାସମାବେଶ ପ୍ରତି ରାଜ୍ୟବାସୀଙ୍କ ଅକୁଣ୍ଠ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଶ୍ରୀ ଦାସ ସ୍ୱତନ୍ତ୍ର ଭାବେ ଡ୍ରାଇଭର ମହାସଂଘକୁ କୃତଜ୍ଞତା ଜଣାଇ କହିଥିଲେ, କେବଳ ମହାସମାବେଶ ପାଇଁ ହିଁ ମହାସଂଘ ଧର୍ମଘଟକୁ କୋହଳ କରିବା ଦ୍ୱାରା ସରକାର ଓ ବିଜେପିର ଚକ୍ରାନ୍ତ ଭଣ୍ଡୁର ହୋଇଥିଲା । ଏଥିସହ ସମଗ୍ର ରାଜ୍ୟରେ ଡ୍ରାଇଭର ମହାସଂଘର ଆନ୍ଦୋଳନକୁ ସମର୍ଥନ କରିବା ପାଇଁ ଶ୍ରୀ ଦାସ ସମସ୍ତ କଂଗ୍ରେସ ସଂଗଠନ ଓ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ । ରାଷ୍ଟ୍ରପତିଙ୍କ ବିଷୟରେ ଏଆଇସିସି ଅଧ୍ୟକ୍ଷ ଅଶାଳୀନ ଟିପ୍ପଣୀ ଦେଇଥିବା ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କରିଥିବା ଅଭିଯୋଗକୁ ସେ ଖଣ୍ଡନ କରିଥିଲେ । ସେହିପରି, ରାହୁଲ ଗାନ୍ଧୀଙ୍କୁ 'ସାମନ୍ତବାଦୀ' ଆଖ୍ୟା ଦେଇଥିବା ଶ୍ରୀ ପ୍ରଧାନଙ୍କ ଟିପ୍ପଣୀ ନେଇ ସେ ପାଲଟା ପ୍ରଶ୍ନ କରିଥିଲେ, 'ଯିଏ ଦେଶର ବଡବଡ ପୁଞ୍ଜିପତିଙ୍କ ବିରୁଦ୍ଧରେ ଲଢୁଛନ୍ତି ସିଏ ସାମନ୍ତବାଦୀ ଅଥଚ ଯେଉଁମାନେ ମଧ୍ୟଯୁଗୀୟ ବିଚାରର ଅଧିକାରୀ ସେମାନେ କିପରି ଏପରି ଆକ୍ଷେପ କରିପାରିବେ । ଶ୍ରୀ ଦାସ ମହାସମାବେଶର ସୁପରିଚାଳନା ପାଇଁ ନିୟୋଜିତ ପୋଲିସ ପ୍ରଶାସନ ଓ ସହଯୋଗୀ ସରକାରୀ ସଂସ୍ଥାର ନିୟୋଜିତ ଅଧିକାରୀ ମାନଙ୍କୁ ଧନ୍ୟବାଦ ଜଣାଇ ଥିଲେ । ଅନୁରୁପ ଭାବେ ଶ୍ରୀଯୁକ୍ତ ଦାସ ରାଜ୍ୟର ସମସ୍ତ ଜିଲ୍ଲା ସଂଯୋଜକ, ସମସ୍ତ ଛାମୁଆ ସଂଗଠନର ମୁଖ୍ୟ ଓ କର୍ମକର୍ତ୍ତା, ସମସ୍ତ ବିଭାଗ ପ୍ରକୋଷ୍ଠର ମୁଖ୍ୟ ଓ କର୍ମକର୍ତ୍ତା, କଂଗ୍ରେସ ଶୁଭେଚ୍ଛୁଙ୍କୁ ଧନ୍ୟବାଦ ଦେବାସହ କୃତଜ୍ଞତା ଜ୍ଞାପନ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ପିସିସି କୋଷାଧ୍ୟକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାସ, ଉପସଭାପତି ତାରାପ୍ରସାଦ ବାହିନୀପତି, ରମେଶ ଜେନା, ସିଏସ୍ ରାଜେନ୍ ଏକ୍କା, ସନ୍ତୋଷ ସିଂହ ସାଲୁଜା, ଦେବାଶିଷ ପଟ୍ଟନାୟକ, ଲଲାଟେନ୍ଦୁ ମହାପାତ୍ର, ସସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।





ନିଜେ ବିତରି ନ ଜାଣେ କୃପଣ,
ଖଣ୍ଡେ ନିଅନ୍ତି ବଳେ ତାର ଧନ।
ଖଣ୍ଡ ହେଲେ ହେଁ ପରକୁ ପ୍ରଦାନ
କରି ଜାଣେ ଯେ ସେ ଲୋକ ପ୍ରଧାନ।
-ସ୍ୱଭାବକବି ଗଙ୍ଗାଧର ମେହେର



ମହତ ନିଧନେ ସେ ମହତ ସ୍ଥାନେ
ପଡ଼ିଥିଲେ କ୍ଷୁଦ୍ର ଧୂଳିକଣିକା
ଭକତି ଆଦର କରେ ଯେ ତାହାର
ସେ ଦିଏ ମହତ ହୃଦୟ-ଶିକ୍ଷା।
- ଉତ୍କଳମଣି ଗୋପବନ୍ଧୁ ଦାସ



# ହା' ଅନ୍ନର ଲୋମହର୍ଷକ କାହାଣୀ



ସୁଜାତା ପ୍ରହରାଜ
ଭୁବନେଶ୍ୱର
ମୋ : ୮୨୪୯୭୦୫୪୨୧

## ମୁଦ୍ରା କାହାଣୀ

ନିର୍ଜୀବପଦାର୍ଥରେ ଗଢ଼ା ହୋଇ ଭୌତିକ ଦୃଷ୍ଟିରେ ନିର୍ଜୀବ ଦିଶୁଥିଲେ ହେଁ ପ୍ରତି ଦେଶର ଜୀବନ ଥାଏ। ମଣିଷ ପରି ଉତ୍ଥାନପତନ, ସୁଖଦୁଃଖ, ଭଲମନ୍ଦ ଦେଇ ସମୟଚକ୍ରରେ ସେ ଗୁରୁଥାଏ। କିଛି ମଣିଷ ଯେମିତି ଆମରଣ ହତଭାଗ୍ୟ ଥାଆନ୍ତି ସେମିତି ଅନେକ ଦେଶର ଭାଗ୍ୟରେ ଚିରକାଳ ଦୁଃଖ ଲେଖାଥାଏ। ପୃଥିବୀର ଇତିହାସରେ ଏହାର ଉଦାହରଣର ଅଭାବ ନାହିଁ। ପ୍ରାକୃତିକ କାରଣ ଅପେକ୍ଷା ମନୁଷ୍ୟର ଅହଂକାର ତଥା ଧନ ଓ କ୍ଷମତାଲିପ୍ସା କେତେକେତେ ଦେଶକୁ ତଳିତଳାନ୍ତ କରିଦେଇଛି, ଇତିହାସ ତା'ର ସାକ୍ଷୀ। ଅନନ୍ତକାଳ ପ୍ରବହମାନ ସେ ଧାରା। ମାନବସଭ୍ୟତାର ବିକାଶ ସହିତ ବଢ଼ିଛି କେବଳ ଶୋଷଣ, ନିଷ୍ପେଷଣ ଓ ବର୍ବରତାର ଉପାୟ। ନିରୀହ ଦେଶ ନିଜର ଶକ୍ତିଶାଳୀ ତଥା କ୍ରୁର ପଡ଼ୋଶୀଦେଶର ଶ୍ୟେନଦୃଷ୍ଟିର ଶିକାର ହୋଇ ଧ୍ୱଂସ ହୋଇଯାଇଛନ୍ତି। ହରାଇ ବସିଛନ୍ତି ନିଜର ଅପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ବିଭବ ପ୍ରାଚୁର୍ଯ୍ୟ। ଅକାଳରେ ହଜିଯାଇଛି ଲକ୍ଷଲକ୍ଷ ନିରୀହ ଅମୂଲ୍ୟ ମନୁଷ୍ୟ ଜୀବନ। ୟୁକ୍ରେନ୍ ତା'ର ସର୍ବଶ୍ରେଷ୍ଠ ଦୃଷ୍ଟାନ୍ତ। ବାରମ୍ବାର ନିଜକୁ ଧ୍ୱଂସର କବଳ ଭିତରୁ ଆଣି ସଳଖ ହୋଇ ଠିଆ ହେଲା ବେଳକୁ ଖଳ, ନିଷ୍ଠୁର ପ୍ରତିବେଶୀ ରାଷ୍ଟ୍ରର ଆକ୍ରମଣରେ ପୁଣି ସେ ସବୁ କିଛି ହରେଇ ହୋଇଛନ୍ତି ଶ୍ରୀହୀନ। ବର୍ତ୍ତମାନ ତାହା ଆସନ୍ନଧ୍ୱସ୍ତ, ଯୁଦ୍ଧ କେବେ ସରିବ ଜଣାନାହିଁ। ୟୁକ୍ରେନର ଲୋମହର୍ଷଣକାରୀ ଗଣସଂହାର 'ହୋଲୋଦୋମୋର' ଏକ ଆର୍ଥିକ ବିଭୀଷିକାର ଇତିହାସ।

ପ୍ରଥମ ବିଶ୍ୱଯୁଦ୍ଧ ପରେ ରୁଷରେ ମହାପ୍ରତାପଶାଳୀ, କ୍ରୁର, ବର୍ବର ଜାର୍ ଶାସନର ଅବସାନ ଘଟିଲା। ବଲସେଭିକ୍ ଆନ୍ଦୋଳନର ମୂଳ ବିଚାରଧାରା ସାମ୍ୟବାଦର ଜୟ ହେଲା। ସାମ୍ୟବାଦର ପୁରୋଧା ଭ୍ଲାଦିମିର୍ ଲେନିନ୍ ଶାସନକୁ ଆସିଲେ, ବଲସେଭିକ୍ ଶାସନ ଆରମ୍ଭ ହେଲା। ଜନାଦୃତ ସାମ୍ୟବାଦର ନିୟମ ଅନୁସାରେ କୃଷି ଓ ଉଦ୍ୟୋଗର ଜାତୀୟକରଣ କରାଗଲା ହେଲେ ଏହାର ଆଦର୍ଶ ଦିଗଟି ଅବହେଳିତ ହେଲା, ଜନହିତକର ସାମାଜିକ ବଣ୍ଟନ ବ୍ୟବସ୍ଥା ଠିକ୍ ରୂପେ କାର୍ଯ୍ୟକାରୀ ହେଲାନି। ରାଷ୍ଟ୍ରାୟତ୍ତ ହେଲା ପରେ କୃଷି ପାଇଁ କୌଣସି ପ୍ରୋତ୍ସାହନ ଦିଆଗଲାନି।

ନିଜ ଜମିରୁ ବଞ୍ଚିତ କୃଷକମାନେ ପ୍ରୋତ୍ସାହନର ଅଭାବରେ କୃଷି ପ୍ରତି ଆକର୍ଷଣ ହରାଇଲେ। ତେଣୁ ଉତ୍ପାଦନ ହ୍ରାସ ପାଇଲା। ଏହା ଅବସ୍ଥା ଉଦ୍ୟୋଗକ୍ଷେତ୍ରରେ। ଲୋକମାନେ କାର୍ଯ୍ୟକ୍ଷମ ଥାଇ ମଧ୍ୟ ନିଯୁକ୍ତି ପାଉନଥିଲେ। ଫଳରେ ଲୋକେ ସରକାର ଓ ସରକାରୀ ବ୍ୟବସ୍ଥାକୁ ଜନବିରୋଧୀ ବୋଲି ଗ୍ରହଣ କରି ତା' ବିରୁଦ୍ଧରେ ପ୍ରତିବାଦ ଓ ଧର୍ମଘଟ ଆରମ୍ଭ କଲେ। ଏକଦା ଯେଉଁ ଜନସାଧାରଣ ଲେନିନଙ୍କୁ ସମର୍ଥନ କରି ଶାସନକୁ ଆଣିଥିଲେ ସେମାନେ ଲେନିନଙ୍କର ବିରୋଧୀ ହୋଇଗଲେ। ବାଧ୍ୟ ହୋଇ ଲେନିନ୍ ଆର୍ଥିକନୀତିରେ କିଛି ପରିବର୍ତ୍ତନ କଲେ। କିଛି ଉଦ୍ୟୋଗ ଘରୋଇକରଣ କରାଗଲା। ଫସଲରେ ବାଧ୍ୟତାମୂଳକ କୋଟା ଆଦାୟ ବନ୍ଦ କରାଗଲା ସତ, ହେଲେ ନୂଆ ନୀତିକର ପ୍ରଚଳନ କରାଗଲା। ଯଦିଓ ଉଗ୍ର ସାମ୍ରାଜ୍ୟବାଦୀ ଜାର୍ ଶାସନର ଅନ୍ତ ହୋଇଥିଲା, ନୂଆ ଶାସକମାନେ ସେ ମାନସିକତାରୁ ମୁକ୍ତ ହୋଇ ନ ଥିଲେ।

ଆଖପାଖର କ୍ଷୁଦ୍ର ଦୁର୍ବଳ ଦେଶମାନଙ୍କୁ କଳେବଳେକୌଶଳେ ରୁଷର ଅଧୀନ କରିବାର ଇଚ୍ଛା ଥିଲା ଅଦମ୍ୟ। ସେଥିପାଇଁ ଆବଶ୍ୟକ ଥିଲା ଏକ ବିରାଟ ସୈନ୍ୟବାହିନୀ ଏବଂ ତାକୁ ଚଳେଇବା ପାଇଁ ପ୍ରଚୁର ଅର୍ଥ। ସେତିକିବେଳେ ୟୁକ୍ରେନ୍ 'ପିପୁଲ୍ସ ରିପବ୍ଲିକ୍ ଅଫ୍ ୟୁକ୍ରେନ୍' ନାମରେ ଏକ ସ୍ୱାଧୀନ ଗଣରାଜ୍ୟ ଥିଲା। ପ୍ରାକୃତିକ ସୁଷମା ଓ ସମ୍ପଦଭରା ୟୁକ୍ରେନ୍ ଏକ ସୁଜଳାସୁଫଳା ଓ ସ୍ୱର୍ଣ୍ଣପ୍ରସୂ ଭୂଖଣ୍ଡ ଥିଲା ଏବଂ ଏହାର ଲୋକେ ସ୍ୱାଧୀନଚେତା ଥିଲେ। ସେହି ହେତୁ ବିରାଟ ଶକ୍ତିଶାଳୀ ପଡ଼ୋଶୀ ରୁଷର ଲୋଲୁପ ଦୃଷ୍ଟି ତା' ଉପରେ ରହିଥିଲା। ଶେଷରେ ୟୁକ୍ରେନ୍ ରୁଷ ଅଙ୍କୁଶିଆକୁ ଆସିଲା।

ୟୁକ୍ରେନବାସୀ ବାଧ୍ୟ ହୋଇ ରୁଷ ଅଧୀନତା ସ୍ୱୀକାର କରିଥିଲେ ମଧ୍ୟ ସେମାନଙ୍କ ମନରେ ରୁଷ ପ୍ରତି ଘୃଣା ଓ ପ୍ରତିବାଦ ଭରି ରହିଥିଲା। ଏହା ରୁଷକୁ କ୍ରୋଧାନ୍ୱିତ କରିଥିଲା। ଲେନିନଙ୍କ ଆର୍ଥିକନୀତିକୁ କୁଟଚାଳ ରୂପରେ ୟୁକ୍ରେନ୍ ଉପରେ ଲଦି ଦିଆଗଲା। ସେଠିରୁ ଆରମ୍ଭ ହୋଇଥିଲା ଏକ ସୁନ୍ଦର ଦେଶର କରୁଣକାହାଣୀ। ଆର୍ଥିକନୀତିକୁ ଆଳ କରି ୟୁକ୍ରେନ୍କୁ ବର୍ବାଦ କରିବାର ସମସ୍ତ ଉପାୟ କରାଗଲା। ଅକଥନୀୟ ଅତ୍ୟାଚାର, ଶୋଷଣ, ନିଷ୍ପେଷଣ ଏବଂ ନିର୍ଯ୍ୟାତନାର ଶିକାର ହେଲା ସେ ଦେଶ ଆଉ ଥିଲା ପୃଥିବୀ ଇତିହାସରେ ଜଘନ୍ୟତମ ଇଚ୍ଛାକୃତ ଗଣସଂହାର ଆଡ଼କୁ, ପଶିଯାଉଥିଲା ଲୋମହର୍ଷଣକାରୀ 'ହୋଲୋଦୋମୋର୍'ର ଭଉଁରି ଭିତରେ।

୧୯୨୪ ମସିହାରେ ଲେନିନଙ୍କର ମୃତ୍ୟୁ ହୁଏ। ଜୋସେଫ୍ ଷ୍ଟାଲିନ୍ ତାଙ୍କ ଜାଗାରେ ରୁଷର ଶାସକ ହୁଅନ୍ତି। ଯଦିଓ ସାମ୍ୟବାଦର ସେ ଜଣେ କଠୋର ଅନୁଗାମୀ ଥିଲେ, ସ୍ୱଭାବରେ ସେ ନିର୍ଦ୍ଦୟ ଥିଲେ। ଆସୁଆସୁ ସେ ଲେନିନଙ୍କ ସମୟରେ ଲୋକମାନଙ୍କ ହିତ ପାଇଁ ନିଆଯାଇଥିବା କୋହଳ ପଦକ୍ଷେପ ଗୁଡ଼ିକୁ ପ୍ରତ୍ୟାହାର କରିନେଲେ। ସବୁ କାରଖାନା ପୁଣି ସରକାରଙ୍କ ଅଧୀନ ହେଲା। କେବଳ ସେତିକି ନୁହେଁ, କୃଷକମାନଙ୍କ ଠାରୁ ଆଦାୟ ହେଉଥିବା ଫସଲର ନିର୍ଦ୍ଧାରିତ ପରିମାଣ ବଢ଼ିଲା। ଦେଶର ତଳସ୍ତରର ଲୋକ ଦିନକୁ ଦୁଇଓଳି ଖାଇବାକୁ ପାଇଲେନି।

ଦେଶର ଅର୍ଥନୈତିକ ଅଗ୍ରଗତି ପାଇଁ ଷ୍ଟାଲିନ୍ ପଞ୍ଚବାର୍ଷିକ ଯୋଜନାର ଧାରା ଆରମ୍ଭ କଲେ। ୧୯୨୮ ଠାରୁ ୧୯୫୩ ମସିହାରେ ତାଙ୍କର ମୃତ୍ୟୁ ଭିତରେ ଚାରିଟି ପଞ୍ଚବାର୍ଷିକ ଯୋଜନା କାର୍ଯ୍ୟକାରୀ ହେଲା। ରୁଷ୍ ଏହାର ଅନେକ ସୁଫଳ ପାଇଲା। ହେଲେ ୟୁକ୍ରେନକୁ ଏହା ମୃତ୍ୟୁର ବିଭୀଷିକା ଆଡ଼କୁ ଟାଣି ନେଉଥିଲା। ଆର୍ଥିକନୀତିର ଅଂଶ ସ୍ୱରୂପ ୟୁକ୍ରେନର ଚାଷଜମିସବୁକୁ ଚାଷୀମାନଙ୍କ ଠାରୁ ଜବରଦସ୍ତ ଛଡ଼େଇ ନିଆଗଲା ଓ ସେସବୁକୁ ରାଷ୍ଟ୍ରାଧୀନ କରାଯାଇ ଏକତ୍ରୀକରଣ କରାଗଲା ଯାହାକୁ କୋଲକୋଜ୍ (kolkhoz) କୁହାଗଲା। ଅଳ୍ପ ସମ୍ଭ୍ରାନ୍ତଶ୍ରେଣୀୟ ବଡ଼ଚାଷୀଙ୍କୁ ଛାଡ଼ିଦେଲେ ଅନ୍ୟମାନେ ପ୍ରାୟ ଅନ୍ୟ ଜମିରେ କାମ କରୁଥିବା ନାମମାତ୍ର ଚାଷୀ ଥିଲେ। ସେମାନଙ୍କୁ ଗୋତିଶ୍ରମିକ ଠାରୁ ଆହୁରି ଅମାନୁଷିକ ବ୍ୟବହାର ଦେଖାଗଲା। ଫସଲରେ କୋଟା ଏତେ ଅଧିକ ରଖାଗଲା ଯେ ସାଧାରଣଲୋକଙ୍କ ପାଖରେ ଖାଇବାକୁ ଶସ୍ୟ ବଳିଲାନି। ଲୋକଙ୍କ ଦୁର୍ଦ୍ଦଶା ସେତିକିରେ ସରିଲାନି। କାଳେ କିଏ ଶସ୍ୟ ଲୁଚାଇ ରଖିଥିବ ସେଥିପାଇଁ ଘରଦ୍ୱାର ଖୋଳାତଡ଼ା ଯାଇ ଶସ୍ୟ ଖୋଜାଗଲା। ଖାଦ୍ୟର ଅଭାବ ସାଙ୍ଗକୁ ସରକାରୀ ବର୍ବରତା ଓ ନିର୍ମମତା ସମସ୍ତ ସୀମା ଲଂଘିଥିଲା।

ଷ୍ଟାଲିନଙ୍କ ତଳକୁ ଭାଚେସ୍ଲାଭ୍ ମୋଲୋତୋଭ୍ ରୁଷର ସବୁଠାରୁ ଶକ୍ତିଶାଳୀ ନେତା ଥିଲେ। ଷ୍ଟାଲିନଙ୍କ 'ଟେରର୍ ରିଜିମ୍'ର ଜଣେ ସକ୍ରିୟ ଅଂଶୀଦାର ଥିବା ମୋଲୋତୋଭ୍ ଜଣେ ଅତି ନିଷ୍ଠୁର ବ୍ୟକ୍ତି ଥିଲେ। ଦେଶକୁ ଆଗେଇ ନେବାକୁ ଗୃହୀତ ପଞ୍ଚବାର୍ଷିକ ଯୋଜନାର ସେ କର୍ଣ୍ଣଧାର ଥିଲେ । ଯୋଜନାର ଅଂଶ ଭାବରେ ପ୍ରଣୀତ ଏକ ଅତ୍ୟନ୍ତ କଠୋର ଆର୍ଥିକନୀତି ଜିଦି ଓ ଅମଣିଷପଣିଆର ଭାଷାରେ ଲିପିବଦ୍ଧ ହୋଇଥିଲା। ଏହା କେବଳ ଗୋଟିଏ ନିରୀହଦେଶକୁ ଛାରଖାର କରି ନ ଥିଲା। ଏହା ଥିଲା ପୃଥିବୀର କ୍ରୁରତମ ମନୁଷ୍ୟକୃତ ଗଣସଂହାରର କାରଣ। କୁହାଯାଏ ଜର୍ମାନୀର କ୍ରୁରଶାସକ ହିଟଲରଙ୍କ ପାଇଁ ନିଷ୍ଠୁର ହେନେରିକ୍ ହିମଲର୍ ଯାହା ଥିଲେ ଷ୍ଟାଲିନଙ୍କ ପାଇଁ ମୋଲୋତୋଭ୍ ସେଇଆ ଥିଲେ - ବିରାଟ ନରସଂହାରର ରଚୟିତା। ନିଷ୍ଠୁର, କ୍ରୁର, ପଶୁଠାରୁ ହୀନ ମୋଲୋତୋଭ୍ ଅଗଣିତ ମୃତ୍ୟୁଦଣ୍ଡାଦେଶରେ ଦସ୍ତଖତ କରିଥିବାର ନିଜେ ସ୍ୱୀକାର କରିଥିଲେ ଏବଂ ସେଥିପାଇଁ ତାଙ୍କର ଲେଶମାତ୍ର ଅନୁଶୋଚନା ନ ଥିଲା ବୋଲି ଇତିହାସ କହେ।

ଯନ୍ତ୍ରଣା ଓ ନିର୍ଯାତନା ଅସହ୍ୟ ଥିଲା। ଲୋକେ ପ୍ରତିବାଦ କଲେ। ୧୯୨୯ରୁ ୧୯୩୩ ମସିହା ଭିତରେ ଏହା ସାଂଘାତିକ ରୂପ ଧାରଣକଲା। ଇତିହାସରୁ ଜଣାପଡ଼େ ଛୋଟବଡ଼ ପ୍ରାୟ ଚାରିହଜାର ଆନ୍ଦୋଳନକୁ ଷ୍ଟାଲିନ୍ ନିର୍ମମ ଭାବରେ ଦମନ କରିଥିଲେ। ସେଥିରେ ତାଙ୍କର ପ୍ରମୁଖ ସହଯୋଗୀ ଥିଲେ ତାଙ୍କର ଘନିଷ୍ଠ ଭାଚେସ୍ଲାଭ୍ ମୋଲୋତୋଭ୍। ୧୯୩୨ ମସିହାରେ ସେ 'ଫାଇଭ୍ ଷ୍ଟେକ୍ସ୍ ଅଫ୍ ଗ୍ରେନ୍' ନାମରେ ଗୋଟିଏ ନିୟମ ଲାଗୁକଲେ ଯାହା ପ୍ରଥମ ପଞ୍ଚବାର୍ଷିକ ଯୋଜନାର ଅଂଶ ଥିଲା। ଦେଶର ଅର୍ଥନୈତିକ ଅଗ୍ରଗତି ପାଇଁ ଦ୍ରୁତ ଔଦ୍ୟୋଗୀକରଣ ଓ ଆଖପାଖର ଛୋଟଛୋଟ ଦେଶକୁ ଅକ୍ତିଆର କରିବା ପାଇଁ ସାମରିକୀକରଣ ସରକାରୀନୀତିର ମୂଳମନ୍ତ୍ର ହେଲା। ଏଥିପାଇଁ ଶସ୍ୟସଂଗ୍ରହକୁ ପ୍ରଧାନସମ୍ବଳ ଭାବରେ ଉପସ୍ଥାପନ କରାଗଲା। ଶସ୍ୟର ନିର୍ଦ୍ଧାରିତ ଦେୟକୁ ପାଞ୍ଚଗୁଣ ବଢ଼େଇ ଦିଆଗଲା। ବଡ଼ଚାଷୀମାନଙ୍କୁ 'କୁଲକ୍' କୁହାଯାଉଥିଲା। ସରକାର ଏହି ସାମାଜିକଶ୍ରେଣୀର ଉଚ୍ଛେଦ କରିବାକୁ ନିଷ୍ପତ୍ତି ନେଲେ। ଯେଉଁମାନେ ବିରୋଧ କଲେ ସେମାନଙ୍କୁ ଦେଶଦ୍ରୋହୀ ଘୋଷଣା କରି କାରାଦଣ୍ଡ ଦିଆଗଲା ନ ହେଲେ ଦେଶାନ୍ତର କରାଗଲା କିମ୍ବା ଫାଶୀ ଦିଆଗଲା। କୌଣସି ଲୋକର ହାତରେ ଯଦି କେବଳ ମୁଠାଏଶସ୍ୟ ଦେଖାଯାଉଥିଲା ତାହା ରାଷ୍ଟ୍ରୀୟସମ୍ପତ୍ତିର ଚୋରି ଭାବରେ ଗ୍ରହଣ କରି ଦଶବର୍ଷ କାରାଦଣ୍ଡ କିମ୍ବା ଫାଶୀ ଦିଆଯାଉଥିଲା। ଏପରିକି କୋମଳମତି ଛୋଟପିଲା ଏଥିରୁ ବାଦ୍ ପଡ଼ି ନ ଥିଲେ। ଯେଉଁ ପିଲା ହାତରେ ସାମାନ୍ୟ ମୁଠାଏ ଶସ୍ୟ ଦେଖିବାକୁ ମିଳୁଥିବା ସେ ପିଲାଙ୍କୁ କାରାଗାରକୁ ପଠେଇ ଦିଆ ଯାଉଥିଲା କିମ୍ବା ଗୁଳି କରି ମାରି ଦିଆ ଯାଉଥିଲା। ନିୟମଭଙ୍ଗ ଅଭିଯୋଗରେ ୧୯୩୩ ମସିହା ବେଳକୁ ପ୍ରାୟ ୨୦୦୦ ୟୁକ୍ରେନୀୟଙ୍କୁ ମାରି ଦିଆଯାଇଥିଲା ଏବଂ ପ୍ରାୟ ୫୫୦୦୦ ୟୁକ୍ରେନୀୟଙ୍କୁ ଜେଲ୍ ପଠାଇ ଦିଆଯାଇଥିଲା।

ଚାଷଜମିର ଜବରଦସ୍ତ ରାଷ୍ଟ୍ରୀୟକରଣ, କ୍ଷୁଦ୍ର ଓ ବଡ଼ଚାଷୀଙ୍କର ବିରୋଧ ଯୋଗୁ ଉତ୍ପାଦନ ହ୍ରାସ ଏବଂ ଲୋକଙ୍କ ଠାରୁ ଅତ୍ୟଧିକ ଫସଲ ଆଦାୟ ଫଳରେ ୟୁକ୍ରେନରେ ଉତ୍କଟ ଖାଦ୍ୟାଭାବ ଦେଖା ଦେଲା। ମାସମାସ ଖାଦ୍ୟ ନ ପାଇ ଲୋକେ ଭୋକଉପାସରେ ରହିଲେ। ପଚାସଢ଼ା ଖାଦ୍ୟ ଖାଇଲେ। ଶେଷରେ କୁକୁର ବିରାଡ଼ିମାନଙ୍କୁ ମାରି ଖାଇବାକୁ ଲାଗିଲେ। ଲୋକମାନେ ପୋକମାଛି ପରି ମରିବାକୁ ଲାଗିଲେ। 'ହା ଅନ୍ନ'ର ବୁକୁଫଟା କ୍ରନ୍ଦନ ୟୁକ୍ରେନର ଆକାଶରେ ପ୍ରତିଧ୍ୱନିତ ହୋଇ ଫେରି ଆସୁଥିଲା। କିନ୍ତୁ ପାଷାଣହୃଦୟ ସାମାନ୍ୟ ତରଳୁ ନ ଥିଲା। ୧୯୩୩ ମସିହା ଜୁନ୍ ମାସ ସବୁଠାରୁ ଭୟାବହ ଥିଲା। ପ୍ରତିଦିନ ପ୍ରାୟ ୨୮୦୦୦ ଲୋକ ମରୁଥିଲେ। ଉତ୍କଟ ଖାଦ୍ୟାଭାବ ଭିତରେ ବଞ୍ଚି ଯାଇଥିବା ଲୋକ ପ୍ରାଣ ବିକଳରେ ଘରଦ୍ୱାର ଛାଡ଼ି ଅନ୍ୟ ଜାଗାକୁ ପଳାଇବାକୁ ଲାଗିଲେ। କିନ୍ତୁ ମୃତ୍ୟୁ ଯେମିତି ତାଙ୍କୁ ଗୋଡ଼ାଉ ଥିଲା। ମୋଲୋତୋଭ୍ ସେତେବେଳେ ସୋଭିଏତ୍ ରୁଷର ବୈଦେଶିକ ମନ୍ତ୍ରୀ ଥାଆନ୍ତି। ସେ ୟୁକ୍ରେନରୁ ବାହାର ଦେଶକୁ ଯାଉଥିବା ସମସ୍ତବାଟ ବନ୍ଦ କରିଦେଲେ। ଲୋକଙ୍କ ପାଖରେ ମୃତ୍ୟୁ ଛଡ଼ା ଆଉ କିଛି ବିକଳ୍ପ ନ ଥିଲା। ନିୟୁତନିୟୁତ ଅସହାୟ ଲୋକ ମୃତ୍ୟୁର କରାଳଗର୍ଭରେ ପଶି ଯାଉଥିଲେ। ୟୁକ୍ରେନ ଭାଷାରେ ଏ 'ହୋଲୋଦୋମୋର୍' ପୃଥିବୀ ଇତିହାସରେ ରାଷ୍ଟ୍ରପ୍ରାୟୋଜିତ ଜଘନ୍ୟତମ ଗଣସଂହାର ଥିଲା।

ବର୍ବରତାର ଏ କାହାଣୀକୁ ସୋଭିଏତ୍ ରୁଷ୍ ଲୋକଲୋଚନ ଉହାଡ଼ରେ ରଖିବାକୁ ଚେଷ୍ଟା କରିଥିଲା। କିନ୍ତୁ ତାହା ସମ୍ଭବ ହୋଇ ନ ଥିଲା। ବ୍ରିଟିଶ୍ ସାମ୍ବାଦିକ ଗ୍ୟାରେଥ୍ ଜୋନ୍ସ ୧୯୩୩ ମସିହାରେ ୟୁକ୍ରେନ ଯାଇଥିଲେ। ସେ ସେଠାରେ ହୋଲୋଦୋମୋର୍‌ର ଭୟାବହତା ଦେଖି ଦେଶକୁ ଫେରି 'ଦି ଟାଇମ୍' ଖବରକାଗଜରେ ତାହାକୁ ଲେଖିବା ପରେ ଏହା ବିଷୟରେ ପୃଥିବୀ ଜାଣିବାକୁ ପାଇଥିଲା। ୟୁକ୍ରେନର ଡେମୋଗ୍ରାଫିକ୍ ଇନ୍‌ଷ୍ଟିଚ୍ୟୁଟ୍ ୨୦୧୫ ମସିହାରେ ଦେଇଥିବା ଏକ ହିସାବ ଅନୁସାରେ ହୋଲୋଦୋମୋର୍‌ରେ ପ୍ରାୟ ୩୯ ଲକ୍ଷ ଲୋକ ପ୍ରାଣ ହରାଇଥିଲେ। ବିଭିନ୍ନ ସଂସ୍ଥାର ହିସାବରେ ଏହି ସଂଖ୍ୟା ଭିନ୍ନ ହୋଇଥିଲେ ମଧ୍ୟ ପ୍ରାୟ ୧୦ ନିୟୁତରୁ ଅଧିକ ଲୋକ ମରିଥିବାର ଜଣାଯାଏ। ଇତିହାସ କହେ ୧୯୩୨-୩୩ ରେ ସୋଭିଏତ୍ ରୁଷ୍ ୪୨.୭ ନିୟୁତ ଟନ୍ ଶସ୍ୟ ମହଜୁଦ କରିଥିଲା ଯାହା ଦେଇଥିଲେ ୧୨ ନିୟୁତ ଲୋକ ଖାଇ ବଞ୍ଚି ପାରିଥାଆନ୍ତେ। କିନ୍ତୁ ନିର୍ଦ୍ଦୟ ମନ ଓ ଅହଂକାର ଆଗରେ ଲକ୍ଷଲକ୍ଷ ଅମୂଲ୍ୟ ମଣିଷଜୀବନ ପୋକମାଛି ଠୁ ମଧ୍ୟ ହୀନ ହୋଇଗଲା। ହୋଲୋଦୋମୋର୍‌ର ବିଭୀଷିକା ସମସ୍ତ ମାନବୀୟମୂଲ୍ୟବୋଧର ହନନ ଥିଲା। ଏ ସୃଷ୍ଟିର ସୁନ୍ଦର, ବୁଦ୍ଧିମାନ ଜୀବଟି କେତେ କ୍ରୁର, ନିର୍ଦ୍ଦୟ, ନିଷ୍ଠୁର ଓ ଭୟଙ୍କର ହୋଇପାରେ, ହୋଲୋଦୋମୋର୍‌ର କରୁଣକାହାଣୀ ତା'ର ନୀରବଦ୍ରଷ୍ଟା।

# ଜୀବାତ୍ମାର ପରିଧାନ ପରିବର୍ତ୍ତନ

ରାଇଚରଣ ବିଶ୍ୱାଳ
ସାମନ୍ତରାୟପୁର, ପିରହାଟ, ଭଦ୍ରକ
ମୋ : ୮୬୩୭୨୪୪୧୧୫

ପରମେଶ୍ୱର ୮୪ଲକ୍ଷ ପ୍ରକାରର ଜୀବ ସୃଷ୍ଟି କରିଛନ୍ତି ଓ ତନ୍ମଧ୍ୟରୁ ମନୁଷ୍ୟ ଜନ୍ମ ହେଉଛି ସର୍ବଶ୍ରେଷ୍ଠ। ଏସବୁ ଜୀବଙ୍କର ଭିନ୍ନ ଭିନ୍ନ ରଙ୍ଗ ଓ ଆକୃତିର କଳେବର ରହିଛି ଓ ସମୟାନୁସାରେ ଏସବୁ ଜୀବ ମଧ୍ୟ ନବ ପରିଧାନ ଗ୍ରହଣ କରୁଛନ୍ତି। ସବୁ ଜୀବଙ୍କ ପକ୍ଷେ ଏହା ଅନିର୍ବାଯ୍ୟ ଅଟେ। ଏଠାରେ ପରମାତ୍ମା ପରମେଶ୍ୱର ଶ୍ରୀକୃଷ୍ଣଙ୍କ ଗୀତା ବାଣୀ ଉଲ୍ଲେଖନୀୟ, 'ବାସାଂସି ଜୀର୍ଣ୍ଣାନି ଯଥା ବିହାୟ, ନବାନି ଗୃହଣାତି ନରୋପରାଣି। ତଥା ଶରୀରାଣି ଭିହାୟ ଜୀର୍ଣ୍ଣ, ନନ୍ୟାନି ସଂଯାତି ନଓ୍ୱାନି ଦେହୀ ॥ ' ଏହି ଶ୍ଳୋକର ଅର୍ଥ ହେଉଛି ଯେପରି ଜଣେ ବ୍ୟକ୍ତି ପୁରାତନ ବସ୍ତ୍ର ତ୍ୟାଗ କରି ନୂତନ ବସ୍ତ୍ର ପରିଧାନ କରିଥାଏ, ଠିକ୍ ସେହିପରି ମୃତ୍ୟୁ ସମୟରେ ଜୀବାତ୍ମା ନିଜର ଜରାଜୀର୍ଣ୍ଣ ଶରୀର ତ୍ୟାଗ କରି ଅନ୍ୟ ଏକ ଶରୀର ଗ୍ରହଣ କରିଥାଏ। ଆମେ ଜନ୍ମମୃତ୍ୟୁ ଚକ୍ରରୁ ମୁକ୍ତ ନହେବା ପର୍ଯ୍ୟନ୍ତ ଏହା ଚାଲିଥାଏ। ଏହାଦ୍ୱାରା ଜୀବାତ୍ମାର କେବଳ ନବକଳେବର ହୋଇଥାଏ କିନ୍ତୁ ଆତ୍ମାର ପରିବର୍ତ୍ତନ ହୋଇନଥାଏ। ସୁତରାଂ, ସର୍ବଶ୍ରେଷ୍ଠ ଜୀବ ମନୁଷ୍ୟ ଏହି ନଶ୍ୱର କଳେବରର ପରିବର୍ତ୍ତନ ପାଇଁ ଦୁଃଖ ଓ ଭୟ କରିବା ଉଚିତ୍ ନୁହେଁ। ଯୁଗାନୁସାରେ ମନୁଷ୍ୟ ନିଜ ନଶ୍ୱର ଶରୀରକୁ ସୁନ୍ଦର କରାଇବା ପାଇଁ ଅନେକ ସମୟ ଓ ଅର୍ଥ ବରବାଦ କରିଚାଲିଛି ଯାହା ଅନାବଶ୍ୟକ ଅଟେ। ସମାଜର ରୂପଜୀବୀ, ମଡେଲ ତଥା ଯାତ୍ରା ଓ ଚଳଚ୍ଚିତ୍ର ଜଗତର ସମସ୍ତ ଅଭିନେତା ଓ ଅଭିନେତ୍ରୀଗଣ ଏଭଳି ନକଲି ଶୃଙ୍ଗାର ଓ ରୂପସଜ୍ଜାରୁ ନିବୃତ ରହି ଅପରିଣାମଦର୍ଶୀ ଯୁବ ସମାଜ ପାଇଁ ଉଦାହରଣ ସୃଷ୍ଟି କରିବା ଉଚିତ୍। ଏଠାରେ ଭକ୍ତକବି ଭକ୍ତଚରଣ ଦାସଙ୍କ ମନବୋଧ ଚଉତିଶାର ଏକ ପଦ, 'ଚିତ୍ର ପ୍ରତିମା ପ୍ରାୟ ଦିଶୁ ସୁନ୍ଦର। ଚିରି ଭିତର ଦେଖ କି ନାରଖାର।' ଉଲ୍ଲେଖନୀୟ। ସୁତରାଂ, ମନୁଷ୍ୟ ନିଜ ନିଜର ନଶ୍ୱର ପାର୍ଥିବ ଶରୀରର ଅନାବଶ୍ୟକ ଶୃଙ୍ଗାର ଓ ରୂପସଜ୍ଜାରୁ ନିବୃତ୍ତ ରହିବା ଉଚିତ୍ କାରଣ ଆଜି ନୁହେଁ ତ କାଲି ଆମକୁ ପଞ୍ଚଭୂତରେ ବିଲୀନ ହେବାକୁ ପଡିବ। ଅତଃ, ମନୁଷ୍ୟ ଧ୍ରୁବ ଓ ପ୍ରହ୍ଲାଦଙ୍କ ପରି ଆବାଲ୍ୟରୁ ଭକ୍ତି ରସରେ ମଜ୍ଜି ରହି ପରମେଶ୍ୱରଙ୍କ ଦର୍ଶନ ଓ କୃପାପ୍ରାପ୍ତ ହେବା ଉଚିତ୍ ଯାହାକି ସବୁ ଜୀବଙ୍କର ଚରମ ଲକ୍ଷ୍ୟ ଅଟେ।

# ଭାରତର ତୈଳ ବିପ୍ଳବ: ଆତ୍ମନିର୍ଭର ଭାରତ ଦିଗରେ ପଦକ୍ଷେପ

ପୂର୍ଣ୍ଣ ଚନ୍ଦ୍ର କିଷାନ
ଯୁଗ୍ମ ସଚିବ
କୃଷି ଏବଂ କୃଷକ କଲ୍ୟାଣ ବିଭାଗ

ରିଷି କାନ୍ତ
ଅତିରିକ୍ତ ଅର୍ଥନୈତିକ ପରାମର୍ଶଦାତା
କୃଷି ଏବଂ କୃଷକ କଲ୍ୟାଣ ବିଭାଗ

ଗତ ଦଶନ୍ଧି ମଧ୍ୟରେ, ଭାରତ ତୈଳବୀଜ ଉପରେ ସ୍ପଷ୍ଟ ଧ୍ୟାନ ଦେଇ କୃଷି କ୍ଷେତ୍ରରେ ଏକ ପରିବର୍ତ୍ତନମୂଳକ ଯାତ୍ରା ଆରମ୍ଭ କରିଛି। ୨୦୧୪-୧୫ ରୁ ୨୦୨୪-୨୫ ମଧ୍ୟରେ, ତୈଳବୀଜ ଉତ୍ପାଦନ ୫୫% ବୃଦ୍ଧି ପାଇଛି, ୨୭୫ ଲକ୍ଷ ଟନ୍ ରୁ ୪୨୬ ଲକ୍ଷ ଟନ୍, ଯାହାର ଏକ ଦୃଢ଼ ଚକ୍ରବୃଦ୍ଧି ହାର (CAGR) ୫% ରୁ ଅଧିକ। ତୈଳବୀଜ ଚାଷ ଅଧୀନରେ ଥିବା କ୍ଷେତ୍ରଫଳ ୧୮% ବୃଦ୍ଧି ପାଇଛି, ୨୫.୬୦ ନିୟୁତ ହେକ୍ଟରରୁ ୩୦.୨୭ ନିୟୁତ ହେକ୍ଟର, ଯେତେବେଳେ ଉତ୍ପାଦକତା ୩୧% ବୃଦ୍ଧି ପାଇଛି, ୧,୦୭୫ କିଲୋଗ୍ରାମ/ହେକ୍ଟରରୁ ୧,୪୦୮ କିଲୋଗ୍ରାମ/ହେକ୍ଟର। ଖାଦ୍ୟ ତେଲ ଉତ୍ପାଦନ ନିଜେ ୪୪% ବୃଦ୍ଧି ପାଇଛି, ୮୭ ଲକ୍ଷ ଟନ୍‌ରୁ ୧୨୩ ଲକ୍ଷ ଟନ୍, ଯାହା ଖାଦ୍ୟ ସୁରକ୍ଷା ଏବଂ ଆର୍ଥିକ ଆତ୍ମନିର୍ଭରତା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଲମ୍ଫ।

ସାରଣୀ: ୨୦୧୪-୨୦୨୪ ମସିହାରୁ ଭାରତର ତୈଳବୀଜ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ପାରାମିଟର

| ପାରାମିଟର | ୨୦୧୪-୧୫ | ୨୦୨୪-୨୫* | % ପରିବର୍ତ୍ତନ |
|---|---|---|---|
| କ୍ଷେତ୍ର (ଲକ୍ଷ ହେକ୍ଟର) | ୨୫୬.୦ | ୩୦୨.୭ | +୧୮% |
| ଉତ୍ପାଦନ (ଲକ୍ଷ ଟନ୍) | ୨୭୫.୧ | ୪୨୬.୧ | +୫୫% |
| ଉତ୍ପାଦନ (କେଜି/ହେକ୍ଟର) | ୧୦୭୫ | ୧୪୦୮ | +୩୧% |
| ଖାଦ୍ୟତୈଳ ଉତ୍ପାଦନ (ଲକ୍ଷ ଟନ୍) | ୮୭ | ୧୨୫.୨ | +୪୪% |

ଉତ୍ସ: ତୃତୀୟ ଅଗ୍ରିମ ଆକଳନ, DA&FW

**କୃଷି କ୍ଷେତ୍ରରେ ଏକ ଦଶନ୍ଧି ସଫଳତା:**

୨୦୧୪-୧୫ ପରଠାରୁ, ଭାରତର ତୈଳବୀଜ କ୍ଷେତ୍ର ସମସ୍ତ ପ୍ରମୁଖ ପାରାମିଟରରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଅନୁଭବ କରିଛି। ଉଚ୍ଚ-ଅମଳକ୍ଷମ ବିହନ କିସମର ବ୍ୟାପକ ଗ୍ରହଣ, ଉନ୍ନତ ଜଳସେଚନ ସୁବିଧା ଏବଂ ସରକାରଙ୍କ ଦ୍ୱାରା ନିରନ୍ତର ନୀତିଗତ ସମର୍ଥନ ଦ୍ୱାରା ଉତ୍ପାଦନ ୫୫% ବୃଦ୍ଧି ପାଇଛି, ୨୭୫.୧ ଲକ୍ଷ ଟନ୍ ରୁ ୪୨୬.୧ ଲକ୍ଷ ଟନ୍ କୁ ବୃଦ୍ଧି ପାଇଛି, ଫଳସ୍ୱରୂପ ଖାଦ୍ୟ ତେଲ ଉତ୍ପାଦନରେ ୪୪% ବୃଦ୍ଧି ଘଟିଛି, ୮୭ ଲକ୍ଷ ଟନ୍ ରୁ ୧୨୫ ଲକ୍ଷ ଟନ୍ କୁ। ଚାଷ କ୍ଷେତ୍ର ୧୮% ବୃଦ୍ଧି ପାଇଛି, ୨୫୬ ଲକ୍ଷ ହେକ୍ଟରରୁ ୩୦୨.୭ ଲକ୍ଷ ହେକ୍ଟର, ବର୍ଦ୍ଧିତ କୃଷକଙ୍କ ଆତ୍ମବିଶ୍ୱାସ ଏବଂ ପତିତ ଏବଂ ଅବ୍ୟବହୃତ ଜମିକୁ ତୈଳବୀଜ ଚାଷରେ ଆଣିବା ପାଇଁ ରଣନୈତିକ ପ୍ରୟାସକୁ ପ୍ରତିଫଳିତ କରୁଛି। ଉତ୍ପାଦକତାରେ ଉନ୍ନତି ଆହୁରି ଆକର୍ଷଣୀୟ ଥିଲା, ପ୍ରଯୁକ୍ତିବିଦ୍ୟା ପ୍ରଗତି ଏବଂ ଉନ୍ନତ କୃଷି ପଦ୍ଧତି ଦ୍ୱାରା ୧,୦୭୫ କିଲୋଗ୍ରାମ/ହେକ୍ଟରରୁ ୧,୪୦୮ କିଲୋଗ୍ରାମ/ହେକ୍ଟରକୁ ୩୧% ବୃଦ୍ଧି ଘଟିଛି। ରାପସିଡ୍-ସୋରିଷ, ସୋୟାବିନ୍ ଏବଂ ଚିନାବାଦାମ ଭଳି ପ୍ରମୁଖ ତୈଳବୀଜ ଫସଲ ଏଥିରେ ନେତୃତ୍ୱ ନେଇଥିଲା, ନଡ଼ିଆ, କପା ବିହନ ଏବଂ ଚାଉଳର କୁଣ୍ଡା ଭଳି ଦ୍ୱିତୀୟ ଉତ୍ସ ଉତ୍ପାଦନକୁ ବୃଦ୍ଧି କରିଥିଲା।

**କୃଷକମାନଙ୍କୁ ସଶକ୍ତ କରିବା: ସର୍ବନିମ୍ନ ସହାୟକ ମୂଲ୍ୟ ଏବଂ କ୍ରୟ ବିପ୍ଳବ**

ଏହି କୃଷି ପରିବର୍ତ୍ତନର ଏକ ମୂଳଦୁଆ ହେଉଛି ତୈଳବୀଜ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟର ଯଥେଷ୍ଟ ବୃଦ୍ଧି, ଯାହା ଚାଷୀମାନଙ୍କୁ ସେମାନଙ୍କ ଉତ୍ପାଦର ଲାଭଦାୟକ ମୂଲ୍ୟ ପାଇବାକୁ ସୁନିଶ୍ଚିତ କରିଥାଏ। ତୈଳବୀଜ ପାଇଁ ଏମଏସପି ନାଟକୀୟ ବୃଦ୍ଧି ପାଇଛି, ନାଇଜର ବିହନ ୧୪୨.୧୪% (୩,୬୦୦ ଟଙ୍କା/କ୍ୱିଣ୍ଟାଲରୁ ୮,୭୧୭ ଟଙ୍କା/କ୍ୱିଣ୍ଟାଲ), ତିଲ ୧୦୧.୪୬% (୯,୨୬୭ ଟଙ୍କା / କ୍ୱିଣ୍ଟାଲ) ଏବଂ ଅନ୍ୟାନ୍ୟ ଯେପରିକି ରେପସିଡ୍-ସୋରିଷ (୯୧.୯୪%) ଏବଂ ଚିନାବାଦାମ (୬୯.୫୮%) ୨୦୧୪-୧୫ ତୁଳନାରେ ବୃଦ୍ଧି ପାଇଛି, ଯାହା ଚାଷୀଙ୍କ ଆୟ ଯଥେଷ୍ଟ ବୃଦ୍ଧି କରିଛି, ଯାହା ତୈଳବୀଜ ଚାଷକୁ ଲାଭଦାୟକ କରିଛି।

| ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ବିବୃତ୍ତି | | | | | |
|---|---|---|---|---|---|
| ତୈଳବୀଜର ସର୍ବନିମ୍ନ ସହାୟକ ମୂଲ୍ୟ ଟଙ୍କା/କ୍ୱିଣ୍ଟାଲ | | | | | |
| | ଫସଲ | ୨୦୧୪-୧୫ | ୨୦୨୪-୨୫ | ସମ୍ପୂର୍ଣ୍ଣ ପରିବର୍ତ୍ତନ | % ପରିବର୍ତ୍ତନ |
| ୧ | ଚିନାବାଦାମ | ୪୦୦୦.୦୦ | ୬୭୮୩.୦୦ | ୨୭୮୩.୦୦ | ୬୯.୫୮ |
| ୨ | ନାଇଜର ବିହନ | ୩୬୦୦.୦୦ | ୮୭୧୭.୦୦ | ୫୧୧୭.୦୦ | ୧୪୨.୧୪ |
| ୩ | ରେପସିଡ/ସୋରିଷ | ୩୧୦୦.୦୦ | ୫୯୫୦.୦୦ | ୨୮୫୦.୦୦ | ୯୧.୯୪ |
| ୪ | କୁସୁମ | ୩୦୫୦.୦୦ | ୫୯୪୦.୦୦ | ୨୮୯୦.୦୦ | ୯୪.୭୫ |
| ୫ | ତିଲ | ୪୬୦୦.୦୦ | ୯୨୬୭.୦୦ | ୪୬୬୭.୦୦ | ୧୦୧.୪୬ |
| ୬ | ସୋୟାବିନ୍ ହଳଦିଆ | ୨୫୬୦.୦୦ | ୪୮୯୨.୦୦ | ୨୩୩୨.୦୦ | ୯୧.୦୯ |
| ୭ | ସୂର୍ଯ୍ୟମୁଖୀ ବିହନ | ୩୭୫୦.୦୦ | ୭୨୮୦.୦୦ | ୩୫୩୦.୦୦ | ୯୪.୧୩ |

ଉତ୍ସ: DA&FW

ଏମଏସପିରେ ଏହି ଆଶ୍ଚର୍ଯ୍ୟଜନକ ବୃଦ୍ଧି ସରକାରୀ କ୍ରୟ କାର୍ଯ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ଦ୍ୱାରା ପରିପୂରକ ହୋଇଥିଲା। ୨୦୧୪-୧୫ ରେ, ତୈଳବୀଜର ସରକାରୀ କ୍ରୟ ସର୍ବନିମ୍ନ ଥିଲା, ମାତ୍ର ୪,୨୦୦ ମେଟ୍ରିକ୍ ଟନରୁ ଅଧିକ ଏବଂ ଗୋଟିଏ କିମ୍ବା ଦୁଇଟି ଫସଲ ପର୍ଯ୍ୟନ୍ତ ସୀମିତ ଥିଲା। ୨୦୨୪-୨୫ ସୁଦ୍ଧା, କ୍ରୟ ୪୧.୮ ଲକ୍ଷ ମେଟ୍ରିକ୍ ଟନ୍ ରୁ ଅଧିକ ହୋଇଛି, ଯାହା ଚିନାବାଦାମ (୧୭.୭ ଲକ୍ଷ ମେଟ୍ରିକ୍ ଟନ୍), ସୋୟାବିନ୍ (୨୦ ଲକ୍ଷ ମେଟ୍ରିକ୍ ଟନ୍), ଏବଂ ରେପସିଡ୍/ସୋରିଷ (୪ ଲକ୍ଷ ମେଟ୍ରିକ୍ ଟନ୍) ଭଳି ପ୍ରମୁଖ ଫସଲକୁ ଅନ୍ତର୍ଭୁକ୍ତ କରିଛି। ଏହି ଉଲ୍ଲେଖନୀୟ ବୃଦ୍ଧି, ବିଶେଷକରି PM-AASHA ଭଳି ଯୋଜନା ମାଧ୍ୟମରେ, ଏକ ଅର୍ଥପୂର୍ଣ୍ଣ ସ୍ତରରେ ଏମଏସପି ହସ୍ତକ୍ଷେପର କାର୍ଯ୍ୟକ୍ଷମତାକୁ ସୂଚିତ କରେ, ଯାହା ବଜାର ଅସ୍ଥିରତା ମଧ୍ୟରେ ଚାଷୀଙ୍କ ପାଇଁ ଆୟ ସୁରକ୍ଷା ସୁନିଶ୍ଚିତ କରେ।

ଏମଏସପି ଏବଂ କ୍ରୟ ସମର୍ଥନରେ ଅଭିବୃଦ୍ଧି ଏବଂ ଖାଦ୍ୟ ତେଲରେ ଆତ୍ମନିର୍ଭରଶୀଳତାକୁ ତ୍ୱରାନ୍ୱିତ କରିବା ପାଇଁ, ସରକାର ଦୁଇଟି ପ୍ରମୁଖ ମିଶନ ଆରମ୍ଭ କରିଥିଲେ: ଖାଦ୍ୟ ତେଲ ଉପରେ ଜାତୀୟ ମିଶନ - ତୈଳବୀଜ (୨୦୨୪) ଏବଂ ଖାଦ୍ୟ ତେଲ ଉପରେ ଜାତୀୟ ମିଶନ - ତୈଳ ପାମ୍ (୨୦୨୧)। ୧୦,୧୦୩ କୋଟି ଟଙ୍କାର ବଜେଟ୍ ସହିତ, NMEO-Oilseeds ୨୦୩୦-୩୧ ସୁଦ୍ଧା ଉତ୍ପାଦନକୁ ଦ୍ୱିଗୁଣିତ କରି ୬୯.୭ ନିୟୁତ ଟନ୍ କରିବାକୁ ଲକ୍ଷ୍ୟ ରଖିଛି, ୪୦ ଲକ୍ଷ ହେକ୍ଟର ପତିତ ଜମିରେ ଚାଷକୁ ବିସ୍ତାର କରିବ ଏବଂ ଉଚ୍ଚ-ଅମଳକ୍ଷମ ବିହନ କିସମ ଏବଂ କ୍ଲଷ୍ଟର-ଆଧାରିତ ମଡେଲଗୁଡ଼ିକୁ ପ୍ରୋତ୍ସାହିତ କରିବ। ଏହି ସମୟରେ, ୧୧,୦୪୦ କୋଟି ଟଙ୍କା ସହାୟତାରେ NMEO-OP ତୈଳ ପାମ୍ ଚାଷକୁ ବିସ୍ତାର କରିବା ଉପରେ ଧ୍ୟାନ ଦେବ, ବିଶେଷକରି ଉତ୍ତର-ପୂର୍ବ ଏବଂ ଆଣ୍ଡାମାନ ଅଞ୍ଚଳରେ, ଏହାର ଉଚ୍ଚ ଉତ୍ପାଦକତା ଏବଂ ଆୟ ସମ୍ଭାବନାକୁ ବ୍ୟବହାର କରି କୃଷକଙ୍କ ରୋଜଗାର ବୃଦ୍ଧି କରିବା ଏବଂ ଆମଦାନୀ ନିର୍ଭରଶୀଳତା ହ୍ରାସ କରିବା।

**ବ୍ୟବହାର, ଆମଦାନୀ ଏବଂ ସ୍ୱାସ୍ଥ୍ୟକୁ ସମ୍ବୋଧିତ କରିବା**

ଘରୋଇ ଉତ୍ପାଦନ ପ୍ରଭାବଶାଳୀ ଭାବରେ ବୃଦ୍ଧି ପାଇଥିବା ବେଳେ, ବୃଦ୍ଧି ପାଉଥିବା ଆୟ, ସହରୀକରଣ ଏବଂ ପ୍ରକ୍ରିୟାକୃତ ଏବଂ ପ୍ୟାକେଜଡ୍ ଖାଦ୍ୟ ଆଡକୁ ପରିବର୍ତ୍ତନ ଯୋଗୁଁ ୨୦୨୩-୨୪ ମସିହାରେ ଭାରତର ଖାଦ୍ୟ ତେଲ ବ୍ୟବହାର ୨୭.୮ ନିୟୁତ ଟନ୍ ହୋଇଛି, ଯାହା ପ୍ରତି ମୁଣ୍ଡପିଛା ଗ୍ରହଣ ୧୯.୩ କିଲୋଗ୍ରାମରେ ପହଞ୍ଚିଛି - ଯାହା ଭାରତୀୟ ଚିକିତ୍ସା ଗବେଷଣା ପରିଷଦର ସୁପାରିଶ ସ୍ତର ୧୨ କିଲୋଗ୍ରାମ ଅପେକ୍ଷା ପ୍ରାୟ ୬୦% ଅଧିକ। ୧୯୫୦ ଦଶକ ପରଠାରୁ ଚାହିଦାରେ ଏହା ପାଞ୍ଚ ଗୁଣ ବୃଦ୍ଧି, ଦେଶରେ ତୈଳ ବିହନ ଉତ୍ପାଦନରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିବା ସତ୍ତ୍ୱେ ଆମଦାନୀ ତେଲ ଉପରେ ଆମର ନିର୍ଭରଶୀଳତା ଜାରି ରଖିଛି। ଏହା ବ୍ୟତୀତ, ଖାଦ୍ୟ ତେଲର ଅଧିକ ବ୍ୟବହାର ମଧ୍ୟ ଅବାଞ୍ଛିତ ସ୍ୱାସ୍ଥ୍ୟ ପରିଣାମ ସୃଷ୍ଟି କରେ, ଯାହା ମେଦବହୁଳତା ହାର ଏବଂ ଅଣ-ସଂକ୍ରାମକ ରୋଗ (NCD,) ବୃଦ୍ଧିରେ ସହାୟକ ହୁଏ। ଅତ୍ୟଧିକ ଖାଦ୍ୟ ଚର୍ବି ଦ୍ୱାରା ଆଂଶିକ ଭାବରେ ପରିଚାଳିତ NCD, ୨୦୩୦ ସୁଦ୍ଧା ଭାରତକୁ ୪.୫୮ ଟ୍ରିଲିୟନ ଟଙ୍କା ଖର୍ଚ୍ଚ କରିବ ବୋଲି ଆକଳନ କରାଯାଇଛି। ଏହାକୁ ସ୍ୱୀକାର କରି, ପ୍ରଧାନମନ୍ତ୍ରୀ ତେଲ ବ୍ୟବହାରରେ ୧୦% ହ୍ରାସ ପାଇଁ ଆହ୍ୱାନ କରିଛନ୍ତି, ଯାହା ମେଦବହୁଳତା, ମଧୁମେହ ଏବଂ ହୃଦ୍‌ରୋଗ ରୋକିବା ପାଇଁ ଏକ ସାହସିକ ପଦକ୍ଷେପ। ସ୍ୱାସ୍ଥ୍ୟ ବ୍ୟତୀତ, ଏହା ଘରୋଇ ଯୋଗାଣ-ଚାହିଦା ଗତିଶୀଳତାକୁ ସନ୍ତୁଳିତ କରିବାରେ ଏବଂ ଆମଦାନୀ ଚାପକୁ ହ୍ରାସ କରିବାରେ ସାହାଯ୍ୟ କରିପାରିବ।

**ଆତ୍ମନିର୍ଭରଶୀଳତାକୁ ସୁଦୃଢ଼ କରିବା: ଆର୍ଥିକ ଏବଂ ପରିବେଶଗତ ଲାଭ**

ଆମଦାନୀ ହୋଇଥିବା ଖାଦ୍ୟ ତେଲ - ବିଶେଷକରି ପାମ୍ ଏବଂ ସୋୟାବିନ୍ - ଉପରେ ଭାରତର ଅତ୍ୟଧିକ ନିର୍ଭରଶୀଳତା ଏକ ପ୍ରମୁଖ ଆର୍ଥିକ ଦୁର୍ବଳତା ସୃଷ୍ଟି କରିଛି। ୨୦୨୪-୨୫ ସୁଦ୍ଧା, ଲକ୍ଷ୍ୟଭିତ୍ତିକ ସରକାରୀ ସମର୍ଥନ ଏବଂ ସକ୍ଷମ ଶୁଳ୍କ ପଦକ୍ଷେପର ମିଶ୍ରଣ ଖେଳ କ୍ଷେତ୍ରକୁ ସମାନ କରିବାରେ ସାହାଯ୍ୟ କରିଛି, ଯାହା ଘରୋଇ ତେଲକୁ ଅଧିକ ପ୍ରତିଯୋଗିତାମୂଳକ କରିଛି। ଏହି ପରିବର୍ତ୍ତନ ସୋରିଷ, ଚିନାବାଦାମ ଏବଂ ତିଲର ଚାଷକୁ ଉତ୍ସାହିତ କରିଛି, ଯାହା ଭାରତର ବିବିଧ କୃଷି-ଜଳବାୟୁ କ୍ଷେତ୍ର ପାଇଁ ଉପଯୁକ୍ତ। ଏହା ସହିତ, ଚାଉଳର କୁଣ୍ଡା ଏବଂ କପା ବିହନ ଭଳି ସୁସ୍ଥ ତୈଳ ମିଶ୍ରଣର ପ୍ରୋତ୍ସାହନ ଭାରତର ପ୍ରଚୁର ଚାଉଳ ଏବଂ କପା ଉତ୍ପାଦନରେ ପ୍ରବେଶ କରିଥାଏ - ଏକ ରଣନୀତି ଯାହା ଏକ ଦଶନ୍ଧି ପୂର୍ବରୁ ସୀମିତ ଧ୍ୟାନ ଦେଇଥିଲା।

ଏହି ପ୍ରୟାସଗୁଡ଼ିକ କେବଳ ଆମଦାନୀ ନିର୍ଭରଶୀଳତା ହ୍ରାସ କରି ଏବଂ ବିଦେଶୀ ମୁଦ୍ରା ସଂରକ୍ଷଣ ସଂରକ୍ଷଣ କରି ଆର୍ଥିକ ସ୍ଥିରତା ବୃଦ୍ଧି କରିବା ପାଇଁ ପ୍ରୟାସ କରେ ନାହିଁ, ବରଂ ପରିବେଶଗତ ସହ-ଲାଭ ମଧ୍ୟ ସୃଷ୍ଟି କରେ। କ୍ଷୁଦ୍ର-ଚାଷୀ-ଚାଳିତ ତେଲ ପାମ୍ ପ୍ରସାରଣ ସହିତ ମିଶି ପତିତ ଜମିରେ ତୈଳବୀଜ ଚାଷ ଉପରେ ଗୁରୁତ୍ୱ ଦେବା, ପରିବେଶଗତ ବିଭ୍ରାଟକୁ ହ୍ରାସ କରେ ଏବଂ ଜୈବ ବିବିଧତା ବଜାୟ ରଖିବାରେ ସାହାଯ୍ୟ କରେ। ଅଧିକନ୍ତୁ, ଏପରି ଭୂମି-ବ୍ୟବହାର ଅଭ୍ୟାସଗୁଡ଼ିକ ବ୍ୟାପକ ଜଳବାୟୁ ଲକ୍ଷ୍ୟ ସହିତ ସମନ୍ୱୟ ରଖି କାର୍ବନ ସିଙ୍କ ଭାବରେ କାର୍ଯ୍ୟ କରିପାରିବ। ସ୍ୱଦେଶୀ ତେଲ ମିଶ୍ରଣକୁ ପ୍ରୋତ୍ସାହିତ କରିବା ଦ୍ୱାରା ଗ୍ରାହକମାନେ ସୁସ୍ଥ ବିକଳ୍ପ ମଧ୍ୟ ପାଇପାରିବେ ଏବଂ ଭାରତର ପ୍ରାକୃତିକ ଶକ୍ତି ଉପରେ ନିହିତ ସ୍ଥାୟୀ କୃଷି ପଦ୍ଧତିକୁ ସୁଦୃଢ଼ କରିପାରିବେ।

**ଦଶନ୍ଧିର ପ୍ରଗତିରୁ ସୃଷ୍ଟି ହୋଇଥିବା ଏକ ସଦଗୁଣ ଚକ୍ର**

ଭାରତର ତୈଳବୀଜ ବିପ୍ଳବ, ଯାହା ଦଶନ୍ଧିର ଉଲ୍ଲେଖନୀୟ ଅଭିବୃଦ୍ଧି ଏବଂ ରଣନୈତିକ ହସ୍ତକ୍ଷେପରେ ଗଭୀର ଭାବରେ ଜଡିତ, ଦେଶର କୃଷି ସ୍ଥିରତା ଏବଂ ନୀତିଗତ ପ୍ରତିବଦ୍ଧତାର ପ୍ରମାଣ ସ୍ୱରୂପ ଠିଆ ହୋଇଛି। NMEO-ତୈଳବୀଜ ଏବଂ NMEO-OP ଭଳି କେନ୍ଦ୍ରିତ ମିଶନ ମାଧ୍ୟମରେ ଘରୋଇ ଉତ୍ପାଦନକୁ ବୃଦ୍ଧି କରି, ସ୍ଥାୟୀ କୃଷି ପଦ୍ଧତିକୁ ଗ୍ରହଣ କରି ଏବଂ ସଚେତନ ବ୍ୟବହାରକୁ ପ୍ରୋତ୍ସାହିତ କରି, ଭାରତ କେବଳ ଏହାର ଯଥେଷ୍ଟ ଆମଦାନୀ ବୋଝ ହ୍ରାସ କରିବାକୁ ଲକ୍ଷ୍ୟ ରଖିଛି ନାହିଁ ବରଂ ଏକ ସୁସ୍ଥ, ଅଧିକ ଆତ୍ମନିର୍ଭରଶୀଳ ଏବଂ ଆର୍ଥିକ ଦୃଷ୍ଟିରୁ ସୁଦୃଢ଼ ଭବିଷ୍ୟତ ପାଇଁ ଏକ ପଥ ନିର୍ମାଣ କରୁଛି।

**ଲେଖକମାନଙ୍କ ବିଷୟରେ:**

- ରାଜସ୍ଥାନ କ୍ୟାଡରର ଭାରତୀୟ ପ୍ରଶାସନିକ ସେବା(IAS)ର ୨୦୦୫ ବ୍ୟାଚ୍ ଅଧିକାରୀ **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର କିଷାନ** ବର୍ତ୍ତମାନ ଭାରତ ସରକାରଙ୍କ କୃଷି ଏବଂ କୃଷକ କଲ୍ୟାଣ ବିଭାଗରେ ଯୁଗ୍ମ ସଚିବ ଭାବରେ କାର୍ଯ୍ୟ କରୁଛନ୍ତି। ଏହି ପଦବୀରେ, ସେ ତୈଳବୀଜ ଏବଂ ମାର୍କେଟିଂ ବିଭାଗର ତଦାରଖ ପାଇଁ ଦାୟୀ।
- ଭାରତୀୟ ଅର୍ଥନୈତିକ ସେବା (IES)ର ୨୦୧୨ ବ୍ୟାଚ୍ ଅଧିକାରୀ **ଶ୍ରୀ ରିଷି କାନ୍ତ**ଙ୍କୁ କୃଷି ଏବଂ କୃଷକ କଲ୍ୟାଣ ବିଭାଗରେ ଅତିରିକ୍ତ ଅର୍ଥନୈତିକ ପରାମର୍ଶଦାତା ଭାବରେ ନିଯୁକ୍ତି ଦିଆଯାଇଛି, ଯେଉଁଠାରେ ସେ ତୈଳବୀଜ ବିଭାଗ ଏବଂ କୃଷି ଏବଂ ଅର୍ଥନୈତିକ ଗବେଷଣା ୟୁନିଟ୍ ଦେଖାଶୁଣା କରୁଛନ୍ତି।

# ଉତ୍ତରଦାୟୀ କରାଯାଉ

ସୌଭାଗ୍ୟ ରଞ୍ଜନ ମହାନ୍ତି

ଗୁଜରାଟର ମୋର୍ବିରେ ମାଛଚାଉ ନଦୀରେ ଏକ ସେତୁ ଭୁଶୁଡି ୧୪୦ ଜଣ ମୃତ୍ୟୁ ଘଟିବାର ତିନିବର୍ଷ ପରେ ଏବେ ବଡୋଦରାରେ ମାହିସାଗର ନଦୀରେ ଏକ ୪୦ବର୍ଷର ସେତୁ ଭୁଶୁଡି ପଡିବା ଫଳରେ ଅଧ ଡ୍ରଜନରୁ ଅଧିକ ଗାଡି ନଦୀଗର୍ଭକୁ ଖସି ପଡିବା ସହ ୧୮ଜଣଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଗୁଜରାଟର ମୁଖ୍ୟମନ୍ତ୍ରୀ ସେତୁ ଭୁଶୁଡିବା କାରଣର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ପୁରୁଣା ସେତୁର ରକ୍ଷଣାବେକ୍ଷଣ ପ୍ରତି ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଅବହେଳା ନେଇ ସ୍ଥାନୀୟ ବାସିନ୍ଦା ବହୁପୂର୍ବରୁ ଅଭିଯୋଗ କରିଆସୁଥିବା ନେଇ ଅଭିଯୋଗ ହୋଇଛି। ଏହା ନିଃସନ୍ଦେହ ଯେ, ସେତୁ ଭୁଶୁଡି ଏବଂ ବହୁ ଧନଜୀବନ ହାନୀ ଆମ ଦେଶରେ ନୂଆ ନୁହେଁ। ଭାରତରେ ସେତୁ ଭୁଶୁଡି ନେଇ ଆନ୍ତର୍ଜାତିକ ପତ୍ରିକା ଷ୍ଟକରେ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକଚର ଇଞ୍ଜିନିୟରିଂ ୨୦୨୦ ଅକ୍ଟୋବରରେ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଥିଲା ଯେ, ୧୯୭୭ରୁ ୨୦୧୭ ମଧ୍ୟରେ ଅର୍ଥାତ ଚାରି ଦଶନ୍ଧି ମଧ୍ୟରେ ୨୧୩୦ଟି ସେତୁ ଭୁଶୁଡି ପଡିଥିଲା କିମ୍ବା ବ୍ୟବହାର ପାଇଁ ଅନୁପଯୋଗୀ ହୋଇଥିଲା। ରିପୋର୍ଟରେ ଆହୁରି କୁହାଯାଇଛି ଥିଲା ଯେ, ଭାରତରେ ସେତୁଗୁଡିକର ହାରାହାରୀ ଜୀବନକାଳ ୩୫ବର୍ଷ ଥିବାବେଳେ ଆନ୍ତର୍ଜାତିକ କ୍ଷେତ୍ରରେ ହାରାହାରି ବ୍ୟବହାର ଉପଯୋଗୀ ସମୟ ୫୦ବର୍ଷ ରହିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁନ ୨୫ତାରିଖ ଦିନ ପୁନେରେ ଇନ୍ଦ୍ରାୟଣୀ ନଦୀରେ ଲୁହାରେ ନିର୍ମିତ ଏକ ପାଦଚଲା ସେତୁ ଭାର ସମ୍ଭାଳିନପାରି ଭୁଶୁଡି ପଡିବା ଯୋଗୁଁ ୪ଜଣଙ୍କର ମୃତ୍ୟୁ ଘଟିଥିଲା। ସେହିପରି 'ମେ' ମାସରେ କଟକରେ କାଠଯୋଡି ନଦୀରେ ଏକ ନିର୍ମାଣଧୀନ ସେତୁରେ କ୍ରେନ ସହାୟତାରେ ଏକ ସ୍ଲାବ ଉଠାଇବା ସମୟରେ ଖସିପଡିବା ଯୋଗୁଁ ୩ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଥିବାବେଳେ ୨୦୨୪ରେ ବିହାରରେ ୩ ସପ୍ତାହ ମଧ୍ୟରେ ୧୨ଟି ସେତୁ ଭୁଶୁଡି ପଡିଥିଲା। ଯାହାକି ଦେଶବ୍ୟାପୀ ଘୋର ଆଲୋଡନ ସୃଷ୍ଟି କରିଥିଲା। ସେହିପରି ୨୦୨୩ରେ ମିଜୋରାମରେ ଏକ ନିର୍ମାଣଧୀନ ରେଲୱେ ଓଭରବ୍ରିଜ ଭୁଶୁଡି ୨୬ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଥିଲା। ବେଙ୍ଗାଲୁରୁରେ ଦୁଇବର୍ଷ ତଳେ ଏକ ରେଲୱେ ବ୍ରିଜର ଖୁଣ୍ଟ ଭାଙ୍ଗିଯିବା ଯୋଗୁଁ ଜଣେ ମହିଳା ଓ ତାଙ୍କର ଶିଶୁର ମୃତ୍ୟୁ ଘଟିଥିଲା। ଗତ ଦୁଇ ଦଶନ୍ଧି ତଳେ କେରଳରେ ଏକ ନଦୀ ଉପରେ ସେତୁ ଭୁଶୁଡି ୨୦୦ରୁ ଊର୍ଦ୍ଧ୍ୱ ରେଳଯାତ୍ରୀଙ୍କର ମର୍ମନ୍ତୁଦ ମୃତ୍ୟୁ ଘଟିଥିଲା। କହିବା ବାହୁଲ୍ୟ ଯେ, ଗଲା କିଛି ଦଶନ୍ଧି ମଧ୍ୟରେ ଦେଶର ବିଭିନ୍ନ ଅଞ୍ଚଳରେ ହଜାର ହଜାର ସେତୁ ଭୁଶୁଡି ବହୁ ଧନଜୀବନ ହାନୀ ହୋଇଛି। ସରକାରୀ ତଥ୍ୟ ଅନୁସାରେ ଦେଶରେ ୨୦୨୧ ରୁ ୨୦୨୪ ମଧ୍ୟରେ ୨୧ଟି ସେତୁ ଭୁଶୁଡି ଥିବାବେଳେ ୨୦୧୯ ରୁ ୨୦୨୧ ମଧ୍ୟରେ ୨୨ଟି ସେତୁ ଭୁଶୁଡି ଥିଲା। ତେବେ ଗଲା ୫ବର୍ଷ ମଧ୍ୟରେ ଏହି ଘଟଣାରେ ୨୩୫ଜଣଙ୍କ ମୃତ୍ୟୁ ଘଟିବା ସହ ୬୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ତେବେ ଗୁଜରାଟରେ ସେତୁ ଭୁଶୁଡି ଜନିତ ମୃତ୍ୟୁ ସଂଖ୍ୟା ସର୍ବାଧିକ ରହିଥିବା ସରକାରୀ ତଥ୍ୟ କହେ। ନିକଟରେ ଗୁଜରାଟରେ ଭୁଶୁଡି ଥିବା ସେତୁ ନିରାପଦ ଏବଂ କୌଣସି ବଡ ଧରଣର ଦୁର୍ବଳତା ନଥିବା ନେଇ ବର୍ଷକ ତଳେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ରିପୋର୍ଟ ଦେଇଥିବାବେଳେ ଏବେ ଭୁଶୁଡି ପଡିଛି। ଏଥିରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କର ଖାମଖିଆଲ ମନୋଭାବ ସ୍ପଷ୍ଟ ଅନୁମାନ କରାଯାଇପାରେ। ଉଲ୍ଲେଖଯୋଗ୍ୟ ଯେ, ନିର୍ମାଣରେ ବ୍ୟାପକ ଦୁର୍ନୀତି ବୈଷୟିକ ତ୍ରୁଟି, ରକ୍ଷଣାବେକ୍ଷଣ ଓ ମରାମତି ଅଭାବ  ଯୋଗୁଁ ଦେଶରେ ବହୁ ସେତୁ କେବଳ ଭୁଶୁଡି ନାହିଁ, କେତେକ ନିର୍ମାଣ ସରିବାର ସ୍ୱଳ୍ପ ସମୟ ମଧ୍ୟରେ ବ୍ୟବହାର ଅନୁପଯୋଗୀ ହୋଇଯାଉଛି। ନିର୍ମାଣ ସମ୍ପୂର୍ଣ୍ଣ ହେବାର ବା ଉଦ୍‌ଘାଟିତ ହେବାର କିଛି ମାସ ପରେ ରାସ୍ତାରୁ ପିଚୁ ଉଠିଯିବା, ପ୍ରବଳ ବର୍ଷାରେ ଧୋଇହୋଇଯିବା, ରାସ୍ତାରେ ବଡ ବଡ ଗାତ ସୃଷ୍ଟି ହେବା ଏବେ ଦୈନିକ ଗଣମାଧ୍ୟମର ଶିରୋନାମା ପାଲଟିଛି। ଗତ ୧୫ବର୍ଷ ମଧ୍ୟରେ କେବଳ ସେତୁ ଭୁଶୁଡିବା ବାବଦରେ ଦେଶରେ ୪୦କୋଟି ହଜାର କ୍ଷତି ଘଟିଥିବାବେଳେ ସଡ଼କ ଧୋଇଯିବା  ଜନିତ କ୍ଷତି ୩ଲକ୍ଷ କୋଟି ଏବଂ ପାଦଚଲା ରାସ୍ତା ମରାମତି ବାବଦରେ ପ୍ରାୟ ୧ଲକ୍ଷ କୋଟି ଟଙ୍କା ରାଜକୋଷରୁ କ୍ଷତି ଘଟିଥିବା ସରକାରୀ ରିପୋର୍ଟ କହେ। ଏହା ନିଃସନ୍ଦେହ ଯେ, ଭିତ୍ତିଭୂମିର ବିକାଶ ଏବେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଫୋକସ୍‌ର ଏକ ବୃହତ କ୍ଷେତ୍ର ପାଲଟିଛି। ଗତ କିଛି ଦଶନ୍ଧି ମଧ୍ୟରେ ରାଜପଥ, ବିମାନବନ୍ଦର, ନଦୀବନ୍ଧ, ଟନେଲ, ଏବଂ ବନ୍ଦରରେ ଦେଶ ଉଲ୍ଲେଖନୀୟ ପୁଞ୍ଜିନିବେଶ କରିଛି। ମାତ୍ର ଏସବୁର ବିକାଶ ରାଜପଥରେ ବଡ ବଡ ଗାତ, କାଠବାକ୍ସ ସଦୃଶ ବିଲିଡିଂ ଏବଂ ଦୁର୍ବଳ ସେତୁ ନିକଟରେ ଫିକା ପଡିଯାଇଛି। ନିମ୍ନମାନର କାମ ନେଇ ଜନସାଧାରଣ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଉଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାଁନ୍ତି। ସେହିପରି ଯେକୌଣସି ଅଘଟଣା ପରେ ତଦନ୍ତ ଏବଂ କ୍ଷତିପୂରଣ ଘୋଷଣା ପରେ ସମସ୍ତ ନୀରବ ରୁହନ୍ତି। କେବଳ କରଦାତାଙ୍କ ଦ୍ୱାରା ସମୃଦ୍ଧ ରାଜକୋଷରୁ ଅର୍ଥ ବ୍ୟୟ ସାର ହେଉଛି। ଏଥିପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଉତ୍ତରଦାୟୀ କରାଯିବାର ସମୟ ଏବେ ଆସିଛି।

ଗାଙ୍ଗୋତ୍ରୀ ନଗର, ଶିଶୁପାଳଗଡ, ମୋ : ୭୯୭୮୬୬୬୪୦୩




ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): ଲକ୍ଷ୍ମୀପୁର ବ୍ଲକ କୁଟୀଙ୍ଗା ପଞ୍ଚାୟତ ସାଦରରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଗାଁ'ର ଦୁଇଜଣ ମହିଳା ଟେଙ୍କର ମାଛି ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ଆହତ ଦୁଇ ମହିଳାଙ୍କୁ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଖବର ନେବାରେ ଜଣାପଡିଛି କି ନିଜ ବାଡ଼ିରେ ଲଗେଇଥିବା ବିନ୍ସ ଗଛରେ ରଂଜା ଦେବା ପାଇଁ ଦୁଇ ମହିଳା ଗୁମି ମିଣିଆକା ଓ ଜୁଲ ମିଣିଆକା ସାଙ୍ଗହୋଇ ଗ୍ରାମ ପାଖ ପାହାଡକୁ ରଞ୍ଜା ଆଣିବାକୁ ଯାଇଥିଲେ। ରଞ୍ଜା କାଟିବା ସମୟରେ ସେଇ ଗଛ ଉପରେ ଘର କରିଥିବା ଟେଙ୍କର ମାଛି ଦୁଇ ମହିଳାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଏହା ଦେଖି ଦୁଇଜଣ ଗାଁ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ଆସିଥିଲେ ସୁଧା ଟେଙ୍କର ମାଛି କିନ୍ତୁ ଦୁହିଁଙ୍କୁ ଛାଡି ନଥିଲେ। ଏହା ଦେଖି ଗ୍ରାମବାସୀଙ୍କ ସହାୟତାରେ ପରିବାର ବର୍ଗ ସେମାନଙ୍କୁ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ହେଲେ ଏତେ ସଂଖ୍ୟାରେ ଟେଙ୍କର ମାଛି ଉଭୟଙ୍କୁ କାମୁଡିଥିବାରୁ ଦୁହିଁଙ୍କ ମଧ୍ୟରୁ ଗୁମି ମିଣିଆକାଙ୍କ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ଅଛନ୍ତି।

## ତାଳପଦାରେ ଚାଲିଛି ଦେଶୀମଦ କାରଖାନା

# ପ୍ରଶାସନର ବାରମ୍ବାର ଚଢ଼ାଉ ପରେ ବି ବନ୍ଦ ହେଉନି

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅଧୀନ ତାଳପଦା ପଞ୍ଚାୟତର ବିଭିନ୍ନ ଗ୍ରାମରେ ଦେଶୀମଦର କାରଖାନା ଚାଲିଛି। ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ବାରମ୍ବାର ଚଢ଼ାଉ କରାଯାଇ ଦେଶୀମଦ ପ୍ରସ୍ତୁତି ପାଇଁ ରଖାଯାଇଥିବା ସରଞ୍ଜାମକୁ ନଷ୍ଟ କରାଯିବା ସହ ଏଥିରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଗିରଫ କରୁଛନ୍ତି। ଏଥିସହ ବିଭିନ୍ନ ସମୟରେ ସଚେତନ ମହିମାନେ ଏହି ମଦ ଭାଟି ବିରୋଧରେ ରାଲି କରିବା, ଭାଟି ଭାଙ୍ଗିବା ସହ ପ୍ରଶାସନକୁ ଅବଗତ କରାଉଛନ୍ତି। ମାତ୍ର ଏହାର କୌଣସି ପ୍ରଭାବ ଚୋରା ମଦ ବେପାରୀଙ୍କ ଉପରେ ପଡୁନାହିଁ। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଏବଂ ପୋଲିସ ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ଶୁକ୍ରବାର ପୋଲିସ ସାଧା ପୋଷାକରେ ଚଢ଼ାଉ କରି ଏହି ପଞ୍ଚାୟତରେ ଦେଶୀମଦ ପ୍ରସ୍ତୁତି ପାଇଁ ବେଆଇନ ଭାଟିରେ ରଖାଯାଇଥିବା ପୋଚ ଓ ବିଭିନ୍ନ ସରଞ୍ଜାମକୁ ନଷ୍ଟ କରିଥିବା ଜଣାଯାଇଛି। କାନ୍ତକବିଙ୍କ ଜନ୍ମପୀଠ ରୂପେ ସୁପରିଚିତ ତାଳପଦା ଗ୍ରାମର ସ୍ୱତନ୍ତ୍ର ମର୍ଯ୍ୟାଦା ରହିଛି। ଏହି ଗ୍ରାମ ବରପୁତ୍ର



ଐତିହ୍ୟ ଗ୍ରାମ ଯୋଜନାରେ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି। ଏପରିସ୍ଥଳେ ଏହି ମାଟିକୁ କେତେକ ଅସାମାଜିକ ବ୍ୟକ୍ତି କଳଙ୍କିତ କରିବାରେ ଲାଗିଛନ୍ତି। ଗ୍ରାମର ବିଭିନ୍ନ ସ୍ଥାନରେ ସେମାନେ ଦେଶୀମଦ ପ୍ରସ୍ତୁତ କରି ବ୍ୟବସାୟ ଚଳାଇଛନ୍ତି। ତେବେ ଗତ ମାର୍ଚ୍ଚ ମାସରେ ସେହି ପଞ୍ଚାୟତରେ ପୋଲିସ ଚଢ଼ାଉ କରି ଦେଶୀମଦ ପ୍ରସ୍ତୁତି ସରଞ୍ଜାମ ସହିତ ମଦରନ୍ଧା ଚୁଲିକୁ ନଷ୍ଟ କରିଥିଲା। ଏହାର କିଛିଦିନ ପରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯିବା ବେଳେ ଦେଶୀମଦ ପ୍ରସ୍ତୁତକାରୀମାନେ ସେମାନଙ୍କୁ ଆକ୍ରମଣ କରିଥିଲେ। ଅବକାରୀ ବିଭାଗ ପକ୍ଷରୁ ଏନେଇ ଥାନାରେ ଏତଲା ମଧ୍ୟ ଦିଆଯାଇଥିଲା। ତେବେ ଗତମାସ ୨୭ତାରିଖରେ ପୋଲିସ ସେହି ଗ୍ରାମରେ ଚଢ଼ାଉ କରି ଦେଶୀମଦ ତିଆରି ସରଞ୍ଜାମକୁ ନଷ୍ଟ କରିଥିଲା। ତେବେ ଚଢ଼ାଉ ସମ୍ପର୍କରେ ପୂର୍ବରୁ ଖବରପାଇ ଦେଶୀମଦ ପ୍ରସ୍ତୁତକାରୀମାନେ ଖସି ଯାଉଥିବାରୁ ପୋଲିସ ସେମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇପାରୁନଥିବା ଚର୍ଚ୍ଚା ହେଉଛି। ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଦୃଢ଼ ପଦକ୍ଷେପ ନିଆଯାଇ ତାଳପଦାରେ ଦେଶୀମଦ ପ୍ରସ୍ତୁତି ଓ ବ୍ୟବସାୟକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ମଦ ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି ଭୁବନ

ଭୁବନ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ଭୁବନ ଅଞ୍ଚଳରେ ଚୋରା ତଥା ନକଲି ଦେଶୀ, ବିଦେଶୀ ମଦ ବେପାର ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି। ଅବକାରୀ ବିଭାଗ ତରଫରୁ ରୀତିମତ ଚଢ଼ାଉ ହେଉ ନଥିବା କାରଣରୁ ଚୋରା ନକଲି ମଦ ବେପାର ବନ୍ଦ ହୋଇପାରୁ ନାହିଁ। ଅବକାରୀ ବିଭାଗର ବଟିଖିଆ ନୀତି ଯୋଗୁଁ ଚୋରା ମଦମାଫିଆଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି ଭୁବନ। ଆଉ ଅକାଳରେ ଚାଲିଯାଉଛି ଭେଣ୍ଡିଆଙ୍କ ଜୀବନ। ଅନୁସନ୍ଧାନରୁ ପ୍ରକାଶ ଯେ, ଭୁବନ ଏନ୍‌ଏସିରେ ୩ଟି ଠିପିଖୋଲା ବାର ସହିତ ଗୋଟିଏ ଠିପି ବନ୍ଦ ବିଦେଶୀ ମଦଦୋକାନ ରହିଛି। ଭୁବନ ବ୍ଲକର ଦୟଣାବିଲିରେ ଗୋଟିଏ ଠିପି ବନ୍ଦ ବିଦେଶୀ ମଦ ଦୋକାନ ଥିବା ବେଳେ ଚନ୍ଦାର, ନୟା ନୀଳକଣ୍ଠପୁରରେ ଗୋଟିଏ ଲେଖାଏଁ ଦେଶୀ ମଦ ଭାଟି ରହିଛି। ଭୁବନ ଏନ୍‌ଏସିର ନିର୍ଦ୍ଦିଷ୍ଟ ଗୋଟିଏ ୱାର୍ଡ ସମେତ ବ୍ଲକର ଏକତାଳି, କନ୍ତିରା, ଚନ୍ଦାର, ମହୁଲପାଳ, ନୀଳକଣ୍ଠପୁର, ନିମେଇପୁର ସମେତ ମନ୍ଦାର, ଷଡ଼ଙ୍ଗୀ, ଖଙ୍କିରା ପ୍ରଭୃତି ଅଞ୍ଚଳରେ ରନ୍ଧା ଦେଶୀମଦ ପ୍ରସ୍ତୁତ କରାଯାଇ ଦୈନିକ ହଜାରହଜାର ଲିଟର ମଦ ବିକ୍ରି କରାଯିବା ସହିତ ବିଭିନ୍ନ ଅଞ୍ଚଳକୁ ଚାଲାଣ ହେଉଛି। ଅଧିକ ଦାମ୍ ଯୋଗୁଁ ବିଦେଶୀ ମଦ ପରିବର୍ତ୍ତେ ଗାଁ ଗାଁ'ରେ ଏବଂ ହୋଟେଲ, ଢାବା, ପାନ ଦୋକାନରେ ଶସ୍ତାରେ ମିଳୁଥିବା ରନ୍ଧା ଦେଶୀ (ପାଉଚ) ମଦ ଓ ନକଲି ବିଦେଶୀ ମଦ ବେପାର ବୃଦ୍ଧି ପାଇବାରେ ଲାଗିଛି। ଚୋରା ମଦ ବେପାରୀ ଓ ମୋବାଇଲ ବେପାରୀ ଫୋନ୍ ପାଇବା ମାତ୍ରେ ସଙ୍ଗେ ସଙ୍ଗେ ଗ୍ରାହକଙ୍କ ନିକଟରେ ପହଞ୍ଚି ଯାଉଛନ୍ତି। ନକଲି ଓ ଚୋରା ମଦ ବେପାରୀଙ୍କ ପ୍ରତି ରୀତିମତ ଚଢ଼ାଉ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା କାରଣରୁ ନକଲି ତଥା ଅତ୍ୟଧିକ ନିଶାଯୁକ୍ତ ନକଲି ମଦ ପିଇ ମଦୁଆ ରାସ୍ତାରେ ଗଡୁଥିବା ଦେଖିବାକୁ ମିଳୁଛି। ସରକାର ମଦରୁ ବିପୁଳ ରାଜସ୍ୱ ପାଉଥିବା ଯୋଗୁଁ ମଦ ବିକ୍ରିକୁ ପ୍ରୋତ୍ସାହନ ଦେଇ ନୂଆ ନୂଆ ଲାଇସେନ୍ସ ପ୍ରଦାନ କରୁଥିବା ବେଳେ ଅବକାରୀ ବିଭାଗର ଶିଥିଳତା ସାଙ୍ଗକୁ ମାସିକିଆ ବଟିଖିଆ ନୀତି ଯୋଗୁଁ ଭୁବନ ଅଞ୍ଚଳରେ ଚୋରା ନକଲି ଦେଶୀ, ବିଦେଶୀ ମଦର ବନ୍ୟା ହୋଇଛି। ନକଲି ତଥା ଅପମିଶ୍ରିତ ମଦ ପିଇ ଗତ ମାର୍ଚ୍ଚ ମାସରେ ସପ୍ତାହକ ମଧ୍ୟରେ ତିନିଜଣ ଯୁବକଙ୍କ ଅକାଳ ମୃତ୍ୟୁ ହୋଇଥିଲା। ଏହାପରେ ବ୍ୟାପକ ଚଢ଼ାଉ କରାଯିବାରୁ ମାଫିଆମାନେ କିଛି ଦିନ ନୀରବ ରହି ବ୍ୟବସାୟ ବନ୍ଦ କରିଦେଇଥିଲେ। ପରବର୍ତ୍ତୀ ସମୟରେ ସେମାନେ ନୂଆ ଫର୍ମୁଲାରେ ନିଜ ସମର୍ଥକଙ୍କ ଜରିଆରେ ଲାଇସେନ୍ସ ପ୍ରାପ୍ତ କାଉଣ୍ଟର ନାମରେ ମିଥ୍ୟା ଅଭିଯୋଗ କରିବା ସହ କାଉଣ୍ଟର ସାମ୍ନାରେ ଆନ୍ଦୋଳନ କରାଇ ଦୋକାନ ବନ୍ଦ କରିବାକୁ ଉଦ୍ୟମ କରି ଏଥିରେ ସଫଳ ମଧ୍ୟ ହୋଇଥିଲେ। ଏହି ସମାନ ଫର୍ମୁଲା ଏବେ ଭୁବନ ବ୍ଲକର ବାଲିବୋ ପଞ୍ଚାୟତରେ ଦେଖିବାକୁ ମିଳିଛି। ବାଲିବୋ ପଞ୍ଚାୟତର ବାଲିବୋ, କାନଖାଇ, ଅନନ୍ତପୁର ଅଞ୍ଚଳରେ ଚୋରା, ନକଲି, ଦେଶୀ, ବିଦେଶୀ ମଦ ଅବାଧରେ ବିକ୍ରି ହେଉଥିବା ବେଳେ ସରକାରଙ୍କ ତରଫରୁ କନଖାଇରେ ଏକ ନୂଆ ଠିପି ବନ୍ଦ ବିଦେଶୀ ମଦ ଦୋକାନ ପାଇଁ ଅନୁମତି ଦିଆଯାଇଛି। ଲାଇସେନ୍ସ ପ୍ରାପ୍ତ କାଉଣ୍ଟର ଖୋଲାଯିବା ପରେ ଚୋରା ମଦ ମାଫିଆମାନଙ୍କର ବ୍ୟବସାୟ କ୍ଷତି/ବନ୍ଦ ହୋଇଯିବା ଆଶଙ୍କା କରି ମାଫିଆମାନେ ସେମାନଙ୍କ ନିଜ ସମର୍ଥକଙ୍କ ଜରିଆରେ ଏହାକୁ ବନ୍ଦ କରିବାକୁ ଆପ୍ରାଣ ଉଦ୍ୟମ ଚଳାଇଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏବଂ ଜିଲ୍ଲାପାଳ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ଉଚିତ୍ ପଦକ୍ଷେପ ଗ୍ରହଣ ନକଲେ ଚୋରା ନକଲି ଦେଶୀ ବିଦେଶୀ ମଦ ପିଇ ଲୋକମାନେ ଅକର୍ମଣ୍ୟ ହେବା ସହ ଅକାଳରେ ମୃତ୍ୟୁବରଣ କରିବେ ବୋଲି ବୁଦ୍ଧିଜୀବୀ ଓ ସଚେତନ ନାଗରିକ ମହଲରେ ଆଲୋଚନା ଓ ଚର୍ଚ୍ଚା ହେଉଛି।

# ନିମାପଡ଼ାରେ ରାଜ୍ୟ ସରକାରଙ୍କ ବିକାଶ ଧାରା ଜାରି

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ରାଜ୍ୟ ସରକାରଙ୍କର ବିକାଶ ଜାରି ରହିଥିବା ବେଳେ ଦେବାଳୟ ଠାରୁ ଆରମ୍ଭ କରି ରାସ୍ତାଘାଟ ଗମନାଗମନ ବିଭିନ୍ନ କାର୍ଯ୍ୟ ଉପରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଦୃଷ୍ଟି ଦେଇଥିବା ବେଳେ କେତେକ ସ୍କୁଲ ମଧ୍ୟ କାର୍ଯ୍ୟ କରାଯାଇଛି। ଯାହାକୁ ନେଇ ରାଜ୍ୟ ସରକାରଙ୍କର ବିକାଶ କାରଣରୁ ବେଳକୁ ବେଳ ଜନ ସମର୍ଥନ ବଢ଼ିଚାଲିଛି। ବିଶେଷକରି, ସୁଭଦ୍ରା ଯୋଜନା ଟଙ୍କା ସିଧା ସଳଖ ମହିଳାଙ୍କ ଜମା ଖାତାକୁ ଯାଇଥିବା ବେଳେ ଅନେକ ମହିଳା ଉପକୃତ ହୋଇପାରିଛନ୍ତି। ମାତ୍ର ଏହାକୁ ବିରୋଧୀ ସହଜରେ ହଜମ ନ କରିପାରି କୁମ୍ଭୀର କାନ୍ଦଣା କାନ୍ଦୁଥିବା କୁହାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ନିର୍ବାଚନ ମଣ୍ଡଳୀ ଏକ ବୃହତ ନିର୍ବାଚନ ମଣ୍ଡଳୀ ହୋଇଥିବା ବେଳେ ବିଜେପି ସରକାର କ୍ଷମତାକୁ ଆସିବା ପରେ ଏହି ନିର୍ବାଚନ ମଣ୍ଡଳୀରେ ଅନେକ ବିକାଶ ହୋଇଥିବା ବେଳେ ନିମାପଡ଼ା ଠାରୁ ବଳଙ୍ଗା ରାସ୍ତା, ପାଟପୁର କାଳୀ ମନ୍ଦିର ଠାରୁ ଅରିଷଣ୍ଡ ଦୋଳବେଦୀ ପର୍ଯ୍ୟନ୍ତ ରାସ୍ତା, ବାମଦେଇପୁର ଗଡ଼ା ଠାରୁ ଡ଼ଗରାସାହିକୁ ରାସ୍ତା ଏପରି ବିଭିନ୍ନ ରାସ୍ତାର ଶିଳାନ୍ୟାସ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିବା ବେଳେ ଡ଼ଗରାସାହି ଠାକୁରାଣୀ ମନ୍ଦିର ମଣ୍ଡପ ପାଇଁ ୫ଲକ୍ଷ ଟଙ୍କା ଅନୁଦାନ ଦିଆଯାଇ ମଣ୍ଡପ ନିର୍ମାଣ କରାଯାଇଛି। ଅନେକ ଦେବାଳୟ ପୁନଃରୁଦ୍ଧାର ହୋଇଥିବା ବେଳେ ଅନ୍ୟ କେତେକ ଦେବାଳୟ ଖୁବ୍ କମ୍ ଦିନରେ କାର୍ଯ୍ୟ କରାଯିବ ବୋଲି ଜଣାପଡ଼ିଛି। ଅରିଷଣ୍ଡ ପଞ୍ଚାୟତରେ ରାଜ୍ୟ ସରକାରଙ୍କର ବିକାଶକୁ ଦୁଇଜଣ କର୍ମୀ ବାଟବଣା କରିବା ପାଇଁ ଉଦ୍ୟମ କରୁଥିବା ବେଳେ ନିଜକୁ ସର୍ବେସର୍ବା ବୋଲାଉଛନ୍ତି। ପଞ୍ଚାୟତ ଅର୍ଥ ପଞ୍ଚାୟତରେ ବିନିଯୋଗ କରା ନଯାଇ ଅନ୍ୟ ବ୍ଲକ୍ ଏରିଆରେ କାର୍ଯ୍ୟ କରାଯିବା ପାଇଁ ମସୁଧା ଚାଲିଥିବା ଘଟଣାକୁ ନେଇ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ବଳଙ୍ଗାଠାରୁ ଆରମ୍ଭ କରି ତୁଳସୀପୁର, ବାହାରଣା, ଭୋଗଶାଳଦା, ଅରିଷଣ୍ଡ, ଭିଲ୍ଲିଗ୍ରାମ, କୋଠକୁସାଙ୍ଗ, ସାଇଁଶ ଶାସନ ଆଦି ୪୬ଟି ପଂଚାୟତରେ ବିକାଶ କରାଯାଇଛି। ଯାହାକୁ ନେଇ ଲୋକମାନଙ୍କର ସମସ୍ୟା ଦୂର ହେବାକୁ ଲାଗିଛି। ମାତ୍ର ଏହାକୁ ବିରୋଧୀ ଅତିରଞ୍ଜିତ କରି ବିକାଶରେ ବାଧା ଉପୁଜାଇବା ପାଇଁ ଚେଷ୍ଟା କରୁଛନ୍ତି। ପୂର୍ବ ସରକାର ଅମଳରେ କେତେକ ମୋ ପୋଖରୀ ଓ ଆମ ପୋଖରୀ କାର୍ଯ୍ୟ ଅଧାରେ ଅଟକିଛି। ଧଳାଙ୍ଗ ପୋଖରୀ କାର୍ଯ୍ୟ ଅଧାରେ ଅଟକି ଥିବା ବେଳେ ଅନେକ ପୋଖରୀ ଏବେ ମଧ୍ୟ ଦଳ ହୋଇପଡ଼ିଛି।

# ବଜ୍ରପାତରେ ବିଲରେ କାର୍ଯ୍ୟରତ ୨ ମହିଳା ଗୁରୁତର




ଜଳେଶ୍ୱର, (ଭାସ୍କର ନ୍ୟୁଜ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଇବଣିଆ ଥାନା ଅଧୀନ ସର୍ଦ୍ଦାରବନ୍ଧ ପଞ୍ଚାୟତର ବଡ଼ ଟିକାୟତପୁର ଗ୍ରାମରେ ଶନିବାର ଦିନ ୩ ଘଟିକା ସମୟରେ କ୍ଷେତରେ ଚାଷ କାମ କରୁଥିବା ସମୟରେ ହଠାତ ପ୍ରବଳ ବର୍ଷା ସହ ଘଡ଼ଘଡ଼ି ଆରମ୍ଭ ହୋଇଥିଲା। ଠିକ ଏହି ସମୟ ବୁଧିନି ହେମ୍ବ୍ରମ୍ (୫୦) ଏବଂ ପାନ ମାରାଣ୍ଡି (୩୫) କ୍ଷେତରେ ଚାଷ କାମ କରୁଥିବା ସମୟରେ ପାନ ମାରାଣ୍ଡି ପାଖରେ ବଜ୍ରପାତ ହୋଇଥିଲା। ବଜ୍ରପାତ ଫଳରେ ପାନ ମାରାଣ୍ଡିଙ୍କ ଡାହାଣ ଗୋଡଟି ଜଳି ଯାଇଥିଲା ଏବଂ ସେ ଚେତା ଶୂନ୍ୟ ହୋଇ ଯାଇଥିବା ବେଳେ ବୁଧିନୀ ହେମ୍ବ୍ରମ ମଧ୍ୟ ଚେତାଶୂନ୍ୟ ହୋଇ ପଡିଥିଲେ। ପାଖରେ ଥିବା କିଛି ଲୋକେ ତାଙ୍କୁ ଉଦ୍ଧାର କରି ହାତୀଗଡ଼ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତେବେ ବୁଧିନି ହେମ୍ବ୍ରମ୍ ଅଧିକ ଗୁରୁତ୍ତର ହେବାରୁ, ତାଙ୍କୁ ବାଲେଶ୍ୱର ମୁଖ୍ୟ ହସପିଟାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ବର୍ଷାରେ ଗରିବ ଖଟିଖିଆକୁ କାମରେ ଲଗାଇଥିବାରୁ ରାଇବଣିଆ ଅଞ୍ଚଳର ସମାଜସେବୀ ସନ୍ତୋଷ କୁମାର ଜେନା ଏହାକୁ ବିରୋଧ କରି ଆହତ ହୋଇଥିବା ଦୁଇ ମହିଳାଙ୍କ ପରିବାରକୁ ଜମି ମାଲିକ କ୍ଷତିପୂରଣ ଦିଅନ୍ତୁ ବୋଲି ଦାବି କରିଛନ୍ତି।

## ସମସ୍ୟାରେ ପାଲବଣି ପ୍ରାଥମିକ ବିଦ୍ୟାଳୟ

କେନ୍ଦୁଝର, (ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ସଗଡପଟା ପଞ୍ଚାୟତ ପାଲବଣି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁଁ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି। ଗତ ୬ ମାସ ହେବ ପ୍ରଧାନ ଶିକ୍ଷକ ଅବସର ନେଇଥିଲେ। ଏବେ ଜଣେ ଶିକ୍ଷୟିତ୍ରୀଙ୍କ ହାତରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ପାଠପଢା ଚାଲିଥିବାରୁ ଦୁଇଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ସମସ୍ୟାରେ ପଡିଛନ୍ତି। ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ଏଠାରେ ଶିକ୍ଷକ ନିଯୁକ୍ତି ଦିଆଯାଉନି। ଫଳରେ ପିଲାମାନଙ୍କ ପାଠପଢାରେ ବାଧା ସୃଷ୍ଟି ହେଉଛି। ଅଭିଭାବକ ଏବଂ ଗ୍ରାମବାସୀ ଅଭିଯୋଗ କରିଆସୁଥିଲେ ହେଁ କୌଣସି ସୁଫଳ ମିଳୁ ନଥିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ତୁରନ୍ତ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦିଆଯିବାକୁ ଦାବି ହୋଇଛି।

# ମାନୁନାହାଁନ୍ତି ମାର୍ଗଦର୍ଶିକା:ପୋକା ବାଦାମଲଡୁ ଅଙ୍ଗନବାଡି ପିଲାଙ୍କ ଜଳଖିଆ !

ରାଜନଗର, (ଭାସ୍କର ନ୍ୟୁଜ୍): ସବୁବେଳେ ବିବାଦରେ ରହି ଆସିଥିବା କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ମହିଳା ଓ ଶିଶୁବିକାଶ କାର୍ଯ୍ୟାଳୟର କାର୍ଯ୍ୟ ଧାରା ଓ ଅଧିକାରୀଙ୍କୁ ନେଇ ପୁଣି ଉଠିଛି ପ୍ରଶ୍ନ। ଅଙ୍ଗନବାଡ଼ି କେନ୍ଦ୍ରରେ ସକାଳୁଆ ଜଳଖିଆ ଓ ଗର୍ଭବତୀ ପ୍ରସୂତିମାନଙ୍କ ପାଇଁ ଯୋଗାଉଥିବା ପଟାମୁଣ୍ଡାଇ ବ୍ଲକର ବୁଢିଯାଗୁଳାଇ ଓ ମହାକାଳପଡ଼ା ବ୍ଲକର ପୁରୁଷୋତ୍ତମ ସ୍ୱୟଂ ସହାୟକ ଗୋଷ୍ଠୀଙ୍କର ଘୋଟାଲା ଉପରେ ଅଭିଯୋଗ ହେଉଛି। ସତେଯେମିତି କୁନିକୁନି ପିଲାମାନଙ୍କର ସକାଳୁଆ ଜଳଖିଆ ଉଭାନ ହୋଇ ପୋକଭରା ବାଦାମ ଲଡୁ ଦିଆଯାଉଛି। ରାଜନଗର ବ୍ଲକରେ ୨୭୩ ଅଙ୍ଗନବାଡ଼ି କେନ୍ଦ୍ର ଗୁଡ଼ିକ ପାଇଁ ତଦାରଖ କରିବାକୁ ମହିଳା ସୁପରଭାଇଜର ଅଛନ୍ତି। ଏଠାରେ ସୁପରଭାଇଜରମାନେ ଦିନେ ଦୁଇଦିନ ଛାଡ଼ିଲେ ଅଧିକାଂଶ ଦିନ କ୍ଷେତ୍ର ପରିଦର୍ଶନରେ ଯାଉ ନଥିବା ସୁଯୋଗ ନେଇ ଅସାଧୁ ଅଙ୍ଗନବାଡ଼ି କର୍ମୀମାନେ ଅନିୟମିତତାରେ ସାମିଲି ଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଛି। ତେଣୁକରି ସିଡିପିଓଙ୍କ ଦ୍ୱାରା ଆଖିଦୃଶିଆ ପଦକ୍ଷେପ ନିଆଯାଉ ନଥିବାରୁ ଅଙ୍ଗନବାଡ଼ି କେନ୍ଦ୍ରମାନଙ୍କରେ ପୋଷଣ ଯୁକ୍ତ ଜଳଖିଆ ଦେବାରେ ଅନୀୟମିତତା ହେଉଛି। ଏଥିରେ ସୋମବାର ଓ ଶୁକ୍ରବାର ପୋଷଣ ଯୁକ୍ତ ସକାଳ ଜଳଖିଆ ବେସନ ଓ ଅଟା ଲଡୁ, ମଙ୍ଗଳବାର ଓ ଗୁରୁବାର ଚୁଡାଲଡୁ, ବୁଧବାର ଏବଂ ଶନିବାର ଦିନ ଗଜା ମୁଗର ବ୍ୟବସ୍ଥା ରହିଛି। ଏସବୁ ନିୟମ ସବୁ କେନ୍ଦ୍ର ଉଲ୍ଲଂଘନ ହେଉଥିବା ବେଳେ ସିଡିପିଓ, ସୁପରଭାଇଜର ନିଜ ସ୍ୱାର୍ଥ ପାଇଁ ଆଖି ବୁଜି ପିଲାମାନଙ୍କୁ ସଠିକ୍ ପୋଷଣ ଦିଆନଯାଇ କାଗଜପତ୍ର ରେ ଦର୍ଶାଉଛନ୍ତି। ଦୀର୍ଘବର୍ଷ ହେବ ଏହି ବ୍ଲକର ସ୍ୱଂୟ ସହାୟକ ଗୋଷ୍ଠିଙ୍କ ଦ୍ୱାରା ସୁଖିଲା ଖାଦ୍ୟ ଯୋଗାଇ ଦିଆଯାଉଥିଲା। ହେଲେ ବିଜେପି ସରକାର ଆସିବା ପରେ ଡିଏସଡବ୍ଲୁଙ୍କ ଅବସର ସମୟ ହେବାରୁ ବିନା ନୋଟିସ୍ କିମ୍ବା ଟେଣ୍ଡରରେ ମୋଟା ଅଙ୍କର କାରବାର କରି ସ୍ଥାନୀୟ ବ୍ଲକର ସ୍ୱଂୟ ସହାୟକ ଗୋଷ୍ଠୀଙ୍କ ଅଗୋଚରରେ ପଟ୍ଟାମୁଣ୍ଡାଇ ବ୍ଲକର ବୁଢି ଯାଗୁଳାଇ ଓ ପାଟକୁରା ବ୍ଲକର ପୁରୁଷୋତ୍ତମ ସ୍ୱଂୟ ସହାୟକ ଗୋଷ୍ଠୀଙ୍କୁ ରାଜନଗର ବ୍ଲକର ଅଙ୍ଗନବାଡ଼ି କେନ୍ଦ୍ରମାନଙ୍କୁ ସୁଖିଲା ଖାଦ୍ୟ ଯୋଗାଇ ଦେବାକୁ ଆଦେଶ ହୋଇ ଥିବାରୁ ସ୍ଥାନୀୟ ସ୍ୱଂୟ ସହାୟକ ଗୋଷ୍ଠୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ହେଲେ ଏହି ଯୋଗାଣ କାରୀ ଗୋଷ୍ଠି ନୀୟମ ଅନୁଯାଇ ସଠିକ୍ ଖାଦ୍ୟ ନ ଯୋଗାଇ ତାଙ୍କ ମନ ଇଚ୍ଛାରେ ମାର୍ଗ ଦର୍ଶିକାକୁ ଜଳାଞ୍ଜଳି ଦେଇ ନିମ୍ନମାନର ଖାଦ୍ୟ ଯୋଗାଇ ଚାଲିଛନ୍ତି। ବେସନ ଲଡୁ ସ୍ୱପ୍ନ ହୋଇଥିବା ବେଳେ ପୋକା ବାଦାମ ଲଡୁ ସାଙ୍ଗକୁ ଗମୁ ହୋଇଥିବା ଖଜୁରୀ ଓ ମୁଢି ଚଣା ଦିଆଯାଇଥିବା ଅନ୍ୟାନ୍ୟ କେନ୍ଦ୍ରମାନଙ୍କ ସମେତ ଇଶ୍ୱରପୁରୁ ପଞ୍ଚାୟତର ଯୁନୁସନଗର ଅଙ୍ଗନବାଡ଼ି କେନ୍ଦ୍ରରେ ଦେଖିବାକୁ ମିଳିଛି, ଏସବୁ ସମେତ ନିମ୍ନମାନର ପୋକ ସୁଜି ଏ ସମସ୍ତ ଜିନିଷ ଓଜନରେ କମ୍ ରହୁଥିବା ବହୁ କେନ୍ଦ୍ର ଅଞ୍ଚଳର ହିତାଧିକାରୀ ଅଭିଯୋଗ କରିଛନ୍ତି। ଏହାଛଡ଼ା କେନ୍ଦ୍ରରେ ରନ୍ଧା ଖାଦ୍ୟ କେଉଁଠି ନା କେଉଁଠି ଅନୀୟମିତ ହେଉଥିବା ବେଳେ ଅନେକ କେନ୍ଦ୍ରରେ ରୋଷେଇ ହେଉନାହିଁ, ଯେଉଠି ହେଉଛି ତାହା ପୁଣି ସନ୍ତୋଷ ଜନକ ନୁହେଁ। ଭାତ ଅଣ୍ଡା ତରକାରୀ ବଦଳରେ କଞ୍ଚା ଅଣ୍ଡା ଦିଆଯାଉଛି। ଏଥିପାଇଁ ବ୍ୟାପକ ଅର୍ଥ ବରାଦ ହଡ଼ପ ହେଉଥିବା ଅଭିଯୋଗ ହେଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏବେ ପୋଷଣ ମାସ ପାଳନ ହେଉଥିବା ବେଳେ ଶିଶୁମାନଙ୍କୁ ପୋଷଣ ନିମନ୍ତେ ପୃଷ୍ଟିକର ଖାଦ୍ୟ ଦେବାର ବ୍ୟବସ୍ଥା ଏପରି ଅନୀୟମିତତା ବିଭାଗୀୟ ପାରିବା ପଣିଆ ଉପରେ ପ୍ରଶ୍ନ ଉଠାଇଛି। ତେଣୁ ବାହାର ଗୋଷ୍ଠୀର ଏଜେନ୍ସି ଯୋଗାଉଥିବା ଅନୀୟମିତ ନିମ୍ନମାନର ସୁଖିଲା ଖାଦ୍ୟକୁ ମାର୍ଗ ଦର୍ଶୀକା ଅନୁଯାୟୀ ଅଙ୍ଗନବାଡ଼ି କେନ୍ଦ୍ରକୁ ଯୋଗାଇ ଦିଆନଗଲେ ଭବିଷ୍ୟତରେ ସ୍ୱାସ୍ଥ୍ୟ ଗତ ନେଇ ଯାହା କିଛି ଅଘଟଣ ଘଟେ ସେଥିପାଇଁ ସିଡିପିଓ, ସୁପରଭାଇଜର ଓ ଡିଏସଡବ୍ଲୁ ଦାୟୀ ରହିବା ସହ ଯୋଗାଣକାରୀ ମହିଳା ଗୋଷ୍ଠି ଦାୟୀ ରହିବେ ବୋଲି ଅଞ୍ଚଳର ହିତାଧିକାରୀ ଚେତାବନୀ ଦେଇଛନ୍ତି।



## ମୁଖ୍ୟ ରାସ୍ତା ପାଲଟିଛି କାଦୁଅ

# ଡ୍ରେନେଜ୍ ସମସ୍ୟାକୁ ନେଇ ଲୋକମାନେ ଅସୁବିଧାର ସମ୍ମୁଖୀନ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ରାସ୍ତା ଦବି ଯାଇଥିବା ବେଳେ ଆଣ୍ଠୁଏ କାଦୁଅ ଅସରାଏ ବର୍ଷାରେ ନିମାପଡ଼ା ବେହାଲ ହୋଇପଡୁଛି। ଏହି ମୁଖ୍ୟରାସ୍ତା ଦେଇ ଲୋକମାନେ ଯାତାୟତ କରିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହି ସମସ୍ୟା ଦୂର କରିବା ପାଇଁ ଜନସାଧାରଣ ଗଣମାଧ୍ୟମ ମାଧ୍ୟମରେ ଉପ-ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଛନ୍ତି। ନିମାପଡ଼ାରେ ଅନେକ ରାସ୍ତା ଉପରେ ପାଣି ଜମା ହୋଇ ରହୁଥିବା ବେଳେ ଜଳ ନିଷ୍କାସନ ପାଇଁ ବାଟ ବାହାରି ପାରୁନାହିଁ। ପୂର୍ବ ସରକାର ଅମଳରେ ଦୀର୍ଘ ୨୪ବର୍ଷ ଧରି ଡ୍ରେନେଜ ନିର୍ମାଣ କାର୍ଯ୍ୟରେ କୋଟି କୋଟି ଟଙ୍କା ବ୍ୟୟ କରାଯାଇଥିଲେ ମଧ୍ୟ ତାହା ଲୋକମାନଙ୍କ କାର୍ଯ୍ୟରେ ଆସିନାହିଁ। କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଡ୍ରେନେଜ୍ ରାସ୍ତାକୁ ଅବରୋଧ କରିଥିବା ବେଳେ ଅନେକ କଲୋନୀ ବିନା ଆଦେଶରେ ଗଢ଼ିଉଠିଛି। କଲୋନୀ ରାସ୍ତା ଅଣ ଓସାରିଆ ହୋଇଥିବା ବେଳେ ଡ୍ରେନେଜ୍ ନିର୍ମାଣ ପାଇଁ ଜାଗା ନାହିଁ। ଏପରି ହେବା ଦ୍ୱାରା ନିମାପଡ଼ା ସହର ଭିତରୁ ଜଳ ନିଷ୍କାସନ ହେବା କଷ୍ଟକର ବ୍ୟାପାର ହୋଇପଡୁଛି। ଅନ୍ୟ କେତେକ ବ୍ୟକ୍ତି ଗୃହ ନିର୍ମାଣ କରି ଚକ ନାଳୀକୁ ପୋତି ପକାଇ ରାସ୍ତା ନିର୍ମାଣ କରିଛନ୍ତି। ଯାହାକୁ ନେଇ ଜଳ ନିଷ୍କାସନ ଏକ ବଡ଼ ସମସ୍ୟା ସୃଷ୍ଟି କରିଥିବା ବେଳେ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ନିମାପଡ଼ା ଅଞ୍ଚଳରେ ଅବରୋଧ ବଢ଼ିଥିବା ବେଳେ ଡ୍ରେନେଜ୍ ନିର୍ମାଣ ଦୀର୍ଘ ୨୪ ବର୍ଷ ଧରି କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। ପୂର୍ବ ସରକାର ଅମଳରେ ଠିକାଦାରଙ୍କୁ ପୋଷିବା ସଦୃଶ କାର୍ଯ୍ୟ କରାଯାଇଛି। ଡ୍ରେନେଜ୍ ନିର୍ମାଣ ୬ମାସ ନ ପୁରୁଣୁ ଡ୍ରେନେଜ୍ ଭାଙ୍ଗିଯାଇଛି। ପାଟପୁର ୨ନଂ ୱାର୍ଡ଼ ଠାରୁ ୩ନଂ ୱାର୍ଡ଼ ପର୍ଯ୍ୟନ୍ତ ଡ୍ରେନେଜ ନାମରେ ଅର୍ଥ ମଞ୍ଜୁର କରାଯାଇଛି ମାତ୍ର ଡ୍ରେନେଜ୍ ନିର୍ମାଣ କରା ନଯାଇ ଆଳୁ ପୋହଣି ପରି ଗାତ ଖୋଳାଯାଇ ସାମାନ୍ୟ କିଛି ସିମେଣ୍ଟ ଦିଆଯାଇ କାର୍ଯ୍ୟ କରାଯାଇଥିବା ବେଳେ ସେହି କାର୍ଯ୍ୟ ଭାଙ୍ଗି ପଡ଼ିଛି। ନିମାପଡ଼ା ବଡ଼ ବଜାର ଦେଇ ଜଳ ନିଷ୍କାସନ ହୋଇପାରୁ ନାହିଁ। ଅନେକ ବ୍ୟକ୍ତି ଡ୍ରେନେଜ୍ ଉପରେ ଘର ବାରଣ୍ଡା ନିର୍ମାଣ କରିଥିବା ବେଳେ ଡ୍ରେନେଜ୍‌କୁ ଅବରୋଧ କରି ରଖିଛନ୍ତି। ଯେଉଁଠି ଡ୍ରେନେଜ୍ ଖାଲି ରହିଛି ସେଠାରେ ଅଳିଆ ଆବର୍ଜନା ଗଦା ହେବା ଦ୍ୱାରା ଦୁର୍ଗନ୍ଧ ସୃଷ୍ଟି ହେବା ସହ ମହାମାରୀ ବ୍ୟାପୁଛି। ନିମାପଡ଼ା ଦୋଳବେଦୀ ଛକ ଠାରୁ ପୁରୁଣା ବସ୍‌ଷ୍ଟାଣ୍ଡ କେନାଲ ବ୍ରିଜ୍ ପର୍ଯ୍ୟନ୍ତ ଡ୍ରେନେଜ୍ ନାହିଁ। ଇଲେକ୍ଟ୍ରିକ୍ ଅଫିସ ଧାରରେ ପୂର୍ବ ସରକାର ଅମଳରେ ଡ୍ରେନେଜ୍ କରାଯାଇଥିବା ବେଳେ ସେହି ଡ୍ରେନେଜ୍ ବର୍ତ୍ତମାନ ପୋତି ହୋଇପଡ଼ିଛି। ଭୋବନିପୁର, ନୁହାରକିରି ଆଦି ସମସ୍ତ ଅଞ୍ଚଳରେ ଡ୍ରେନେଜ୍ ଅବସ୍ଥା ବିପର୍ଯ୍ୟୟ ହୋଇପଡ଼ିଛି। ଦୋଳବେଦୀ ଛକ ଠାରୁ ତଳଅଣିଆ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ ସମୟରେ ଡ୍ରେନେଜ୍ ପୋତି ହୋଇଯାଇଥିବା ବେଳେ ଅଳ୍ପ କିଛି ସ୍ଥାନରେ ଡ୍ରେନେଜ୍ ନିର୍ମାଣ ହୋଇଥିଲେ ମଧ୍ୟ ତାହା ପୂର୍ଣ୍ଣାଙ୍ଗ ହୋଇପାରି ନାହିଁ। ଏହି କାରଣରୁ ମୁଖ୍ୟ ରାସ୍ତା ସହ କଲୋନୀ ୱାର୍ଡ଼ମାନଙ୍କରୁ ଜଳ ନିଷ୍କାସନ ହୋଇ ନପାରି ଜମା ହୋଇ ରହୁଛି। ତୁରନ୍ତ ଏ ଦିଗରେ ସରକାର ଦୃଷ୍ଟି ଦେବା ପାଇଁ ଜନସାଧାରଣଙ୍କ ପକ୍ଷରୁ ଦାବୀ ହୋଇଛି।

## ପୋଲିସକୁ ମଦୁଆ ଚାଳକଙ୍କ ଦୁର୍ବ୍ୟବହାର

କଣିହାଁ, (ଭାସ୍କର ନ୍ୟୁଜ୍): କଣିହାଁ ପୋଲିସ ମଦୁଆ ଗାଡି ଯାଞ୍ଚ କରୁଥିବା ବେଳେ ପୋଲିସକୁ ଦୁର୍ବ୍ୟବହାର କରି ତାଙ୍କ ଠାରୁ ଯାଞ୍ଚ ମେସିନ ଛଡାଇ ନେବା ନେଇ ଏଥିରେ ସମ୍ପୃକ୍ତ ଜଣକୁ ଗିରଫ କରି ଅଦାଲତ ଚାଲାଣ କରିଥିବା ବେଳେ ଅନ୍ୟ ୭/୮ଜଣ ଫେରାର ଥିବା ପୋଲିସ କହିଛି। ଅଦାଲତ ଚାଲାଣ ହୋଇଥିବା ଅଭିଯୁକ୍ତ ଜଣକ କଣିହାଁ ଥାନା ବଡଗୁଣ୍ଡୁରି ଗ୍ରାମର ରାଜେଶ କୁମାର ସାହୁ (୨୦)। ଏଥିନେଇ ପୋଲିସ ଏକ ମୋକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗୁରୁବାର ରାତି ପ୍ରାୟ ସାଢେ ୯ ଘଟିକା ସମୟରେ ବଡ଼ଗୁଣ୍ଡୁରି ଗ୍ରାମ ପଞ୍ଚାୟତ ଅଫିସ ନିକଟରେ ମଦୁଆ ଚାଳକଙ୍କୁ ଚେକିଂ କରିବା ବେଳେ ବଡଗୁଣ୍ଡୁରୀ ଗାଁର ରାଜେଶ କୁମାର ସାହୁ (୨୦) ପୋଲିସ ହାବୁଡ଼ରେ ଧରା ପଡିଥିଲେ। ପରେ ରାଜେଶ ଘଟଣାସ୍ଥଳରୁ ଫେରାର ହୋଇଯାଇ ଗାଁ'ର ୭/୮ ଜଣ ଯୁବକଙ୍କୁ ଧରି ପୋଲିସ ପାଖକୁ ଆସି ଦୁର୍ବ୍ୟବହାର କରି ତାଙ୍କ ଠାରୁ ମଦ ଯାଞ୍ଚ ମେସିନକୁ ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ। ପରେ ପୋଲିସ ରାଜେଶକୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଥିବା ବେଳେ ଶୁକ୍ରବାର ସନ୍ଧ୍ୟାରେ ଯାଞ୍ଚ ମେସିନ ବଡଗୁଣ୍ଡୁରି ଗ୍ରାମରୁ ଉଦ୍ଧାର କରିଥିବା ଜଣାଯାଇଛି।

# ନିଶା ପାଇଁ କୋରେଇରେ ବୃଦ୍ଧିପାଉଛି ଅପରାଧ

କୋରେଇ, (ଭାସ୍କର ନ୍ୟୁଜ୍): କୋରେଇରେ ଦିନକୁ ଦିନ ବଢ଼ିବାରେ ଲାଗିଛି ଚୋରା, ନକଲି ମଦ କାରବାର। ସରକାରୀ ସ୍ୱୀକୃତିପ୍ରାପ୍ତ ମଦ ଦୋକାନକୁ ଛାଡ଼ିଦେଲେ ଗାଁ ଗଣ୍ଡା ଛକବଜାର ଛୋଟବଡ଼ ଢାବା, ହୋଟେଲ ଓ ପାନ ଦୋକାନ ମିଠା ଦୋକାନ ସବୁଠି ଖୁଲମ୍‌ଖୁଲା ଚାଲିଛି ଚୋରା ମଦ ସହିତ ଧଳା ପାଉଡରକୁ ଗଞ୍ଜେଇ ସିଗାରେଟ କାରବାର। ଗାଁ ଗହଳିର ସାଧାରଣ ଲୋକ ବର୍ତ୍ତମାନ ଚୋରା, ନକଲି ମଦ ପିଇ ମଦ୍ୟପାନରେ ଅଭ୍ୟସ୍ତ ହୋଇ ନିଜର ସମସ୍ତ ରୋଜଗାର ପରିବାର ପ୍ରତିପୋଷଣ କରିବା ବଦଳରେ ନିଶା ଖାଇବାରେ ଖର୍ଚ୍ଚ କରିବା ସହିତ ବିଭିନ୍ନପ୍ରକାର ରୋଗକୁ ନିମନ୍ତ୍ରଣ କରୁଛନ୍ତି। ଯୁବକମାନେ ଧଳା ପାଉଡର ଓ ଗଞ୍ଜେଇ ସିଗାରେଟ ନିଶାରେ ପାଗଳ ହୋଇ ଚୋରୀ, ରାହାଜାନି ଭଳି ଅପରାଧ କରିବାକୁ ପଛାଉ ନାହାଁନ୍ତି। ଯାହାଫଳରେ ନିଜ ପରିବାର ସମେତ ଗାଁ ଛକ ବଜାର ଓ ଅନେକ ପରିବାରରେ ବିଶୃଙ୍ଖଳା ସୃଷ୍ଟି ହେଉଥିବା ଦେଖିବାକୁ ମିଳୁଛି। ସରକାରୀ ନିୟମ ଅନୁସାରେ ସରକାରୀ ସ୍ୱୀକୃତିପ୍ରାପ୍ତ ଦୋକାନକୁ ଛାଡ଼ିଦେଲେ ଅନ୍ୟ କୌଣସି ଜାଗାରେ ମଦ ବିକ୍ରୟ ସମ୍ପୂର୍ଣ୍ଣ ନିଷେଧ ଥିବାବେଳେ କୋରେଇରେ ପ୍ରତି ଗାଁ'ର ଛକ ମାନଙ୍କରେ ନିଶାର ଅବାଧ କାରବାର ହେଉଥିବା ଅଭିଯୋଗ ହେଉଛି। ଅନ୍ୟପଟେ ସରକାରୀ ମଦଦୋକନ ଗୁଡ଼ିକ ବିଭିର୍ନ୍ନ ନାମୀ ବ୍ରାଣ୍ଡ ନାମରେ ନକଲି ମଦକୁ କୋରେଇ ଗାଁ ଗହଳିର ଛୋଟ ଛୋଟ ବଜାରର ହୋଟେଲ, ଢାବା ଓ କେତକ ଯୁବକମାନଙ୍କୁ ଏଜେଣ୍ଟ କରି ବ୍ୟବସାୟ ବୃଦ୍ଧି କରି ଚାଲିଛନ୍ତି। କୋରେଇର ଧନେଶ୍ୱର, ପାଣିକୋଇଲି, ସଠିପୁର, ବରୁଣ୍ଡେଇ, ବନ୍ଧାଳୋ, ମଥୁରାପୁର, ତାରାକୋଟ, ବେଲଟିକିରି, ବଛିପୁର, ଗୌରପୁର, ପୂର୍ବକୋଟ, ରଗଡ଼ି, ତୁଳତି, ବ୍ୟାସନଗରର ବସ୍ତି ଅଞ୍ଚଳ, ଶଙ୍ଖଚିଲା ଭଳି ପ୍ରମୁଖ ସ୍ଥାନରେ ବହୁଳ ଭାବରେ ନିଶା ଜିନିଷ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ସେହିପରି ବ୍ୟାସନଗର, ପାଣିକୋଇଲି ବିଭିନ୍ନ ପାନ ଦୋକାନମାନଙ୍କରେ ଧଳା ପାଉଡର, ଗଞ୍ଜେଇ ସିଗାରେଟର ମଜା ନେବା ପାଇଁ ଯୁବ ପିଢ଼ି ପାଗଳ ହେଉଛନ୍ତି। ବିଶେଷ କରି ରଣପୁର ପଞ୍ଚାୟତ ବେଲଟିକିରି ଛକର ଭଗବାନ, କନ୍ତୋର ପଞ୍ଚାୟତର ଗରିବ ଓ ଗୌରପୁର ପଞ୍ଚାୟତର ମୁତା ସାହୁ ନାମକ ବ୍ୟକ୍ତି ଚୋରା ନକଲି ମଦ କାରବାର ବାଦଶାହା ପାଲଟିଥିବା ଶୁଣିବାକୁ ମିଳୁଛି। ସେମାନେ କୁଆଡେ ସବୁ ନାମୀ ଦାମୀ ବ୍ରାଣ୍ଡର ନକଲି ମଦ ସାରା କୋରେଇକୁ ଯୋଗାଉଥିବା ଅଭିଯୋଗ ହେଉଛି। ସେହିପରି ଧନେଶ୍ୱର ଛକର ଜଗନ୍ନାଥ ହୋଟେଲ ବ୍ୟବସାୟ କମ, ନକଲି ମଦ କାରବାର ଅଧିକ କରୁଛି ବୋଲି ଅଭିଯୋଗ ହେଉଛି। ସୂଚନା ଅନୁଯାୟୀ ପ୍ରତିଦିନ ସରକାରୀ ମଦ ଦୋକାନରେ ଯେତିକି ମଦ ବିକ୍ରି ହୁଏ ନାହିଁ ଏହି ପ୍ରମୁଖ ସ୍ଥାନ ମାନଙ୍କରେ ତା ଠାରୁ ଅଧିକ ଚୋରା ନକଲି ମଦ ବିକ୍ରି ହୁଏ, ତାହା ପୁଣି କମ ଦାମରେ। ଶୁଣିବାକୁ ମିଳୁଛି କି ଏହି ଚୋରା ମଦ କାରବାର କରୁଥିବା ବ୍ୟକ୍ତି ମାନଙ୍କୁ ଯାଜପୁର ରୋଡ଼ ଅବକାରୀ ବିଭାଗ ଓ ସ୍ଥାନୀୟ ପୋଲିସମାନେ ମାସିକିଆ ବଟି ନେଇ ପରୋକ୍ଷରେ ସହଯୋଗ କରୁଛନ୍ତି। ଅଭିଯୋଗ ହେଉଛି କି କିଛି ପୋଲିସ ଓ ସ୍ଥାନୀୟ କୁଜିନେତା ମାନଙ୍କ ମାଧ୍ୟମରେ ପ୍ରତିଦିନ ଚୋରା ବେପାରୀ ମାନଙ୍କ ଠାରୁ ବଟି ଆଦାୟ ହୋଇ ତଳୁ ଉପରପର୍ଯ୍ୟନ୍ତ ଭାଗ ଦିଆଯାଉଛି। ସେଥିପାଇଁ ଚୋରା ନକଲି ମଦ କାରବାର ପାଇଁ କୌଣସି ପ୍ରତିବନ୍ଧକ ନଥିବା ଓ ଦୁର୍ନୀତି ଖୋର୍ ଅଧିକାରୀ ମାନେ ଏଥିପାଇଁ ଦାୟୀ ବୋଲି ଚର୍ଚ୍ଚା ହେଉଛି। ଅବକାରୀ ବିଭାଗ, ପୋଲିସର ଉଚ୍ଚକର୍ତ୍ତୃପକ୍ଷ ବିଶେଷ କରି ଯାଜପୁର ଜିଲ୍ଲାପାଳ କୋରେଇ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଇ ଚୋରା ନକଲି ମଦ କାରବାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହିତ ନିଶା ଦ୍ରବ୍ୟ କାରବାରକୁ ରୋକ ଲଗାଇବା ପାଇଁ ଅଞ୍ଚଳ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## ସାପ କାମୁଡାରେ ଯୁବକ ମୃତ

ବଡ଼ଚଣା, (ଭାସ୍କର ନ୍ୟୁଜ୍): ବଡ଼ଚଣା ଧାନ ମଣ୍ଡଳ ଫାଣ୍ଡି ଅଧିନସ୍ଥ ଧାନ ମଣ୍ଡଳ ଗ୍ରାମର ଜଣେ ୨୭ ବର୍ଷର ଯୁବ ନେତାଙ୍କର ବିଷଧର ସାପ କାମୁଡାରେ ମୃତ୍ୟୁ ହୋଇଛି। ଖବରରୁ ମତ ଶନିବାର ସକାଳେ ଧାନ ମଣ୍ଡଳ ଗ୍ରାମର ଖଗେଶ୍ୱର ନାଏକଙ୍କ ପୁତ୍ର ଧନେଶ୍ୱର ନାଏକ ଚଣ୍ଡୀ ଖୋଲ ମେଟ୍ରୋ ଇଣ୍ଡଷ୍ଟ୍ରି ପାଖରେ ଘାସ କାଟୁଥିବା ଅବସ୍ଥାରେ ବିଷଧର ସାପ ତାଙ୍କୁ ଦଂଶନ କରିଥିଲା। ସେ ସଙ୍ଗେ ସଙ୍ଗେ ଡାକ ପକାଇ ଥିଲେ। ଇଣ୍ଡଷ୍ଟ୍ରିରେ କାର୍ଯ୍ୟରତ ଥିବା ଲୋକମାନେ ତାଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତଘୋଷଣା କରିଥିଲେ। ବଡ଼ଚଣା ଥାନା ଏବଂ ଧାନ ମଣ୍ଡଳ ଫାଣ୍ଡିଙ୍କୁ ଖବର ଦିଆଯାଇଥିଲା ଖବର ପାଇ ଫାଣ୍ଡି ଅଧିକାରୀ ଚିତ୍ତରଞ୍ଜନ ମହାନ୍ତି ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ଜବତ୍ କରି ବ୍ୟବଚ୍ଛେଦ କରାଇଥିଲେ। ଏହି ଯୁବ ନେତାଙ୍କର ଅକାଳ ବିୟୋଗ ଅଞ୍ଚଳସାରା ଶୋକର ଛାୟା ଖେଳିଯାଇଛି। ଧାନମଣ୍ଡଳ ସରପଞ୍ଚ ନବଦୀପ ନାଏକ ମେଡିକାଲ ଠାରୁ ଶ୍ମଶାନ ପର୍ଯ୍ୟନ୍ତ ବହୁ ସହାୟତା କରିଥିଲେ।

## ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ଡାବୁଗାଁ, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଅନ୍ତର୍ଗତ ଛେଲିବେଡା ଭାରତ ମାଳା ରାସ୍ତା ଉପରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଘଟଣାସ୍ଥଳରେ ବାଇକ୍‌ଚାଳକର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତ ଯୁବକ ଉମରକୋଟ (ୟୁଭି ୭) ନୁଆଗୁଡାର ସୁଦନ ସାନା (୨୮) ହୋଇଥିବା ବେଳେ ସେହିଗ୍ରାମର ଦୀପକ ବାଲା (୫୫) ଗୁରୁତର ଆହତ ହୋଇଛନ୍ତି। ଖବର ପାଇ ଡାବୁଗାଁ ପୁଲିସ ଶବ ଜବତ କରିବା ସହ ଘଟଣାର ତଦନ୍ତ କରୁଛନ୍ତି। ସୂଚନା ଅନୁଯାଇ ଉମରକୋଟ (ଏମଭି ୭) ନୁଆଗୁଡା ଗ୍ରାମର ସୁଦନ ସାନା (୨୮) ଓ ଦୀପକ ବାଲା (୫୫) ଏକ ବାଇକ୍ ଯୋଗେ କୌଣସି ଏକ କାର୍ଯ୍ୟରେ ମାଲକାନଗିରି ଯାଇଥିଲେ। ମାଲକାନଗିରିରେ କାର୍ଯ୍ୟ ସାରି ନିଜ ଗ୍ରାମ ନୁଆଗୁଡାକୁ ବାଇକ୍ ଯୋଗେ ଫେରୁଥିଲେ। ତେବେ ଅପରାହ୍ନ ପ୍ରାୟ ୪ ଘଣ୍ଟ ସମୟରେ ନବରଙ୍ଗପୁରରୁ ଉମରକୋଟ ପର୍ଯ୍ୟନ୍ତ କାର୍ଯ୍ୟ ଜାରି ରହିଥିବା ଭାରତମାଳା ରାସ୍ତା ଦେଇ ଆସିବା ସମୟରେ ଡାବୁଗାଁ ଥାନା ଅନ୍ତର୍ଗତ ଛେଳି ବେଡା ନିକଟରେ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ସୁଦନ ସାନା ଓ ଦୀପକ ବାଲା ବାଇକ୍‌ରୁ ଛିଟିକି ତଳେ ପଡି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତୁରନ୍ତ ଦୁଇଜଣ ଆହତଙ୍କୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ସେଠାରେ ସୁଦନ ସାନାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଦୀପକ ବାଲାଙ୍କୁ ପ୍ରାଥମିକ ଚିକିତ୍ସା ପରେ ନବରଙ୍ଗପୁର ଜିଲ୍ଲା ସରକାରୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଖବର ପାଇ ଡାବୁଗାଁ ପୁଲିସ ଘଟଣାର ତଦନ୍ତ କରୁଛନ୍ତି।

## ବିପୁଳ ପରିମାଣ ମହୁଲ ଜବତ

ଡାବୁଗାଁ, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧିନ ମହେନ୍ଦ୍ରୀ ଗ୍ରାମରେ ଶୁକ୍ରବାର ରାତିରେ ଡାବୁଗାଁ ଅବକାରୀ ବିଭାଗ ଚଢ଼ାଉ କରି ୮୦ ବସ୍ତା ମହୁଲ ଜବତ କରିଛି। ସୂଚନାଯୋଗ୍ୟ, ନବରଙ୍ଗପୁର ଜିଲା ଅବକାରୀ ଅଧିକ୍ଷକ ପ୍ରତାପ କୁମାର ଦାସଙ୍କ ତତ୍ତ୍ୱାବଧାନରେ ନବରଙ୍ଗପୁର ଅବକାରୀ ନିରିକ୍ଷକ ଦିଲୀପ କୁମାର ରଥ, ଉମରକୋଟ ଉପଖଣ୍ଡ ପୋଲିସ ଅଧିକାରୀ ଶୁଭେନ୍ଦୁ ଶବର, ଡାବୁଗାଁ ଥାନା ଆଇଆଇସି ଗୋପାଳକୃଷ୍ଣ ଆଗୁପାତ୍ର, ସବ୍ ଇନସ୍ପେକ୍ଟର ଚନ୍ଦନ ସାହୁ, ଡାବୁଗାଁ ଅବକାରୀ ଉପନିରିକ୍ଷକ ସମୀର କୁମାର ସ୍ୱାଇଁଙ୍କ ମିଳିତ ଉଦ୍ୟମରେ ଶୁକ୍ରବାର ସନ୍ଧ୍ୟା ସମୟରୁ ମହେନ୍ଦ୍ରୀ ଗ୍ରାମରେ ଚଢ଼ାଉ ଆରମ୍ଭ କରି ରାତ୍ର ପ୍ରାୟ ୧୧ଘ ସମୟ ପର୍ଯ୍ୟନ୍ତ ଚଢ଼ାଉ ଚାଲିଥିଲା। ଯେଉଁ ଲୋକର ଘରେ ମହୁଲ ମହଜୁଦ ରହିଥିଲା ସେହି ଲୋକ ଚଢ଼ାଉ ଖବର ପାଇ ଫେରାର ହୋଇଯାଇଛି। ଏହି ଚଢ଼ାଉରେ ୮୦ ବସ୍ତା ମହୁଲ ପ୍ରାୟ ୨୫କୁଇଣ୍ଟାଲ ୬୦ କିଗ୍ରା ମହୁଲ ଜବତ କରାଯାଇଛି। ଏନେଇ ଅବକାରୀ କାର୍ଯ୍ୟାଳୟରେ ଏକ ମାମଲା ରୁଜୁ କରାଯାଇଛି।



କୋରାପୁଟ, (ଭାସ୍କର ନ୍ୟୁଜ) କୋରାପୁଟ ସହରର ହୋଟେଲ ଗୁଡିକରେ ପୌରପାଳିକା ପକ୍ଷରୁ ଚଢଉ କରାଯାଇଛି । ଅବ୍ୟବସ୍ଥା ଦେଖି ବିଗିଡିବା ସହ ସୁଧାର ଆଣିବା ପାଇଁ ୭ଦିନିଆ ମହଲତ ଦିଆଯାଇଛି । ନସୁଧୁରିଲେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦିଆଯାଇଛି । ପୌର ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ କହିଛନ୍ତି ପୌରପାଳିକା ପକ୍ଷରୁ ଚଢଉ ବେଳେ କିଛି ହୋଟେଲରେ ବିନା ଲାଇସେନସ୍‌ରେ ମଦ ମିଳିଥିଲା । ଏନେଇ ଅବକାରୀ ବିଭାଗକୁ ଅବଗତ କରାଯାଇଛି । ସେହିପରି କିଛି ହୋଟେଲ ସଫା ସୁତୁରା ନଥିବା ଓ ବାସୀ ଖାଦ୍ୟ ଦେଖିବାକୁ ପାଇଥିଲେ । ସଫେଇ ରଖିବା ସହ ଖାଦ୍ୟ ପଦାର୍ଥର ଗୁଣବତା ବଜାୟ ରଖିବା, ବାସି ଖାଦ୍ୟ ନଦେଇ ସଜ ଖାଦ୍ୟ ଯୋଗାଇବା ଏବଂ କର୍ମଚାରୀମାନଙ୍କୁ ପରିଚ୍ଛନ୍ନତା ଉପରେ ଗୁରୁତ୍ୱ ଦିଆଯାଇଛି । ଏଥିରେ ବ୍ୟତିକ୍ରମ ରହିଥିବା ହୋଟେଲ ଗୁଡିକରୁ ୨୨ହଜାର ଟଙ୍କା ଜରିମାନ ଆଦାୟ କରାଯାଇଛି । ଅଧିକାଂଶ ହୋଟେଲରେ ବାସି ଖାଦ୍ୟକୁ ନଷ୍ଟ କରାଯାଇଥିଲା । ଏଣିକି ସହରର ସମସ୍ତ ହୋଟେଲ ଓ ଷ୍ଟ୍ରିଟ ଫୁଡ୍ ଦୋକାନ ଗୁଡିକରେ ନିୟମିତ ଭାବେ ଏହି ଚଢାଉ ଜାରି ରହିବ ବୋଲି କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ବିଭାଗର ଖାଦ୍ୟ ନିରାପତା ଦାୟିତ୍ୱରେ ଥିବା ଅଧିକାରୀ, ପୌରପାଳିକାର କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ ।

## ସିମିଳିପାଳରେ ଶିକାର ପ୍ରଚେଷ୍ଟା ବିଫଳ

# ଏଆଇ କ୍ୟାମେରାରେ ଅଭିଯୁକ୍ତ ଚିହ୍ନଟ, ୩ ଗିରଫ



ବାରିପଦା, (ଭାସ୍କର ନ୍ୟୁଜ୍): ସିମିଳିପାଳ ବୋଫର ଅଞ୍ଚଳରେ ଏକ ଅନୁପ୍ରବେଶ ଓ ଶିକାର ଚେଷ୍ଟାକୁ ଆଧୁନିକ ଏଆଇ ଟ୍ରେଲଗାର୍ଡ କ୍ୟାମେରା ଓ ବନ ବିଭାଗର ଦ୍ରୁତ ପ୍ରତିକ୍ରିୟା ଫଳରେ ବିଫଳ କରାଯାଇଛି । ଗତ ୧୦ ଜୁଲାଇ ରାତିରେ ସିମିଳିପାଳ ଟାଇଗର ରିଜର୍ଭ ଅନ୍ତର୍ଗତ ନୋଟୋ ରିଜର୍ଭ ଫରେଷ୍ଟ ଅଞ୍ଚଳରେ ସ୍ଥାପିତ ଏକ ଏଆଇ ଟ୍ରେଲଗାର୍ଡ କ୍ୟାମେରାରେ ସନ୍ଦିଗ୍ଧ ଶିକାରୀମାନଙ୍କ ଚଳାଚଳ ଧରାପଡିଥିଲା । ଏହି ତଥ୍ୟ ମିଳିବା ପରେ, ସିମିଳିପାଳ ସାଉଥ ବନ୍ୟଜନ୍ତୁ ବିଭାଗ ଅଧୀନ ପଡାଡିହା ବନ ରେଞ୍ଜ ଓ ବାରିପଦା ଟେରିଟୋରିଆଲ୍ ବିଭାଗ ଅଧୀନ କପ୍ତିପଦା ବନ ରେଞ୍ଜର ସଂଯୁକ୍ତ ଟିମ୍ ଜଙ୍ଗଲ ଭିତରେ ତଲାଶ ଅଭିଯାନ ଚଳାଇ ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି । ଚତୁର୍ଥ ଅଭିଯୁକ୍ତ ଘଟଣା ସ୍ଥଳରୁ ଖସିଯିବାରେ ସଫଳ ହୋଇଛି । ଗିରଫ୍ ହୋଇଥିବା ଅଭିଯୁକ୍ତମାନେ ହେଲେ:ଜଗନ୍ନାଥ ନାଏକ(ଜଗା), ପିତା -ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ନାଏକ, ଗ୍ରାମ-ମଣଭଙ୍ଗା, ବୁଧିରାମ ସିଂହ(କାଳିଆ), ପିତା - ଶ୍ୟାମ ସିଂହ, ଗ୍ରାମ-ପାଗଡାଡିହା, କୁଆର ମୁର୍ମୁ ପିତା- ରଥା ମୁର୍ମୁ, ଗ୍ରାମ- ଗଣ୍ଡିଧର ବୋଲି ବନବିଭାଗ ପକ୍ଷରୁ ମିଳିଥିବା ସୂଚନା ଆଧାରରେ ପ୍ରକାଶିତ । ଘଟଣା ସ୍ଥଳରୁ ଖସି ପଳାଇ ଯାଇଥିବା ଅଭିଯୁକ୍ତ: (୪).ବୁଧିରାମ ନାଏକ(୪୦), ପିତା-ଦେବେନ୍ଦ୍ର ନାଏକ, ଗ୍ରାମ - ପାଗଡାଡିହା ବୋଲି ଜଣାପଡିଛି । ଅଭିଯୁକ୍ତମାନଙ୍କ ଠାରୁ ୩ଟି ଦେଶୀ ଗନ୍, ବେଶି ପରିମାଣର ବିସ୍ଫୋରକ ଓ ଅନ୍ୟାନ୍ୟ ଶିକାର ସାମଗ୍ରୀ ଜବତ କରାଯାଇଛି । ଏହିମାନେ ସଂରକ୍ଷିତ ଅଞ୍ଚଳକୁ ପୂର୍ବ ପରିକଳ୍ପନା ସହ ଶିକାର ଉଦ୍ଦେଶ୍ୟରେ ପ୍ରବେଶ କରିଥିଲେ ବୋଲି ବନ ବିଭାଗ ତଥ୍ୟ ଦେଇଛି । ଅଟକ ଅଭିଯୁକ୍ତମାନଙ୍କ ବିରୋଧରେ ଆର୍ମସ ଆକ୍ଟ(୧୯୫୯) ଅନୁଯାୟୀ ମାମଲା ରୁଜୁ କରାଯିବ ଓ ତାଙ୍କୁ ଆଜି ବାରିପଦା ମୁଖ୍ୟ ଜୁଡିସିଆଲ୍ ମଜିଷ୍ଟ୍ରେଟ୍ (ସିଜିଏମ୍) ଅଦାଲତରେ ଉପସ୍ଥାପନ କରାଯିବ । ଘଟଣାସମ୍ପର୍କିତ ଅନୁସନ୍ଧାନ ଜାରି ରହିଛି । ଇଓ ଭିତ୍ତିକ ପ୍ରଯୁକ୍ତି ଓ ବନ କର୍ମଚାରୀଙ୍କ ପ୍ରାକ୍ରିୟାଶୀଳ ପଦକ୍ଷେପ ଫଳରେ ସିମିଳିପାଳ ଅଞ୍ଚଳରେ ଏକ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଶିକାର ଚେଷ୍ଟାକୁ ବିଫଳ କରାଯିବାରେ ସଫଳତା ମିଳିଛି ।

# ନିମ୍ନମାନର ପଥର ପ୍ୟାକିଂକୁ ନେଇ ସାଧାରଣରେ ଅଭିଯୋଗ



ରାୟଗଡା, (ଭାସ୍କର ନ୍ୟୁଜ୍) : ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ନାଗାବାଳୀ ଓ କଲ୍ୟାଣୀ ନଦୀକୂଳରେ ନିମ୍ନମାନର ପଥର ପ୍ୟାକିଂ କାମକୁ ନେଇ ସାଧାରଣରେ ଅଭିଯୋଗ ହେଉଛି । ଏହି ବ୍ଲକରେ ନାଗାବାଳୀ ନଦୀକୂଳରେ ଥିବା କଣ୍ଡା ସାହି, ଦେବଗିରି ସାହି, ଦାଣ୍ଡିଆ ସାହି, ମାଳତୀ ସାହି ଏବଂ କଲ୍ୟାଣୀ ନଦୀକୂଳରେ ଥିବା ବଡଦ୍ୱାରସାହି ଠାରୁ ସାନବ୍ରାହ୍ମଣ ସାହି ବୁଲାଣି ପୋଲ ଠାରୁ ମେଡିକାଲ ନିକଟସ୍ଥ ନାଗାବଳୀ ନଦୀକୂଳରେ ଜଳ ସମ୍ପଦ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ଅଟକଳ ମୁଲ୍ୟ ବ୍ୟୟରେ ପଥର ପ୍ୟାକିଂ କାର୍ଯ୍ୟ କରାଯାଇଛି । ଏହି କାର୍ଯ୍ୟ ଅତି ନିମ୍ନମାନ କରାଯାଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ବର୍ଷା ଦିନରେ ଉପର ମୁଣ୍ଡରେ ଉଚ୍ଚ ପର୍ବତ ମାଳାରେ ଅଧିକ ବର୍ଷା ହେବା ଫଳରେ ୨୦୧୭ ଜୁଲାଇ ୧୬ ତାରିଖରେ ନାଗାବାଳୀ ଓ କଲ୍ୟାଣୀ ନଦୀରେ ଜଳସ୍ତର ବୃଦ୍ଧି ପାଇବା ଦ୍ୱାରା ନଦୀକୂଳବର୍ତ୍ତି ତଳ ଭାଗରେ ଥିବା ଅଞ୍ଚଳ ମାନଙ୍କ ଭିତରେରେ ପାଣି ପଶିବା ସହ ଲୋକଙ୍କ ଧନ ଜୀବନ କ୍ଷୟକ୍ଷତି ହେବା ଫଳରେ ଏହାର ଗତି ପଥର ଚିତ୍ର ବଦଳୀ ଯାଇଥିବାରୁ ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗ ପକ୍ଷରୁ ଏହି କାର୍ଯ୍ୟ ଟେଣ୍ଡର ମଧ୍ୟରେ କରାଯାଥିବାବେଳେ ସୂଚନା ଫଳକ କୋଉଠି ଲଗା ଯାଇଛି କୋଉଠି ଲଗାଯାଇ ନଥିବାରୁ ବୁଦ୍ଧିଜୀବି ମହଲରେ ବାରମ୍ବାର ଚର୍ଚ୍ଚା ହେଉଛି, ଏଥିରେ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକାରେ ଚାଲିଥିବା ଅଭିଯୋଗ ହେଉଛି, ନଦୀକୂଳରେ ପଥର ପକାଇ ବେଳେ ପଥର ନ ଖସିବା ପାଇଁ କୂଳରେ ତିନ ଫୁଟ ଖୋଳି ପଥର ପକାଇବା କଥା, କିନ୍ତୁ ଠିକାଦାର ଜଣକ ସେମିତି କିଛି କରିନଥିବାରୁ ବର୍ଷା ଦିନରେ ନଦୀର ପାଣି ବଢିବା ପରେ ପଥର ଖସି ନଦୀ ଲୀନ ହୋଇଯିବ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି, ସେହିପରି ପଥର ପ୍ୟାକିଂ ସମୟରେ ଭଲ ଭାବରେ କାର୍ଯ୍ୟ କରାଯାଇ ନଥିବାରୁ ବିଭିନ୍ନ ସ୍ଥାନରେ ପଥର ଦବୀଯାଇ ଭଙ୍ଗାରୁଜୁ ହୋଇ ମାଟି ଅତୋଡ଼ା ଖସି ପଥର ପ୍ୟାକିଂ ନଷ୍ଟ ହୋଇଗଲାଣି, ଏଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ଏହାର ଭିଜିଲାନ୍ସ ତଦନ୍ତ ପାଇଁ ଦାବି ହୋଇଛି ।

# ସୀମାନ୍ତରେ ଆନ୍ଧ୍ର ସ୍ୱାସ୍ଥ୍ୟସେବା ଶିବିର, ବନ୍ଦ କଲା ପଟାଙ୍ଗୀ ତହସିଲ



କୋରାପୁଟ, (ଭାସ୍କର ନ୍ୟୁଜ) : କୋରାପୁଟ ଜିଲ୍ଲା ପଟାଙ୍ଗି ବ୍ଲକ ସୀମାନ୍ତ କୋଟିଆ ପଞ୍ଚାୟତର ପନିକିଗ୍ରାମରେ ଆନ୍ଧ୍ରପ୍ରଦେଶ ସାଲୁର ବ୍ଲକର ଏକ ସ୍ୱାସ୍ଥ୍ୟ ଟିମ୍ ଅନୁପ୍ରବେଶ କରି ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଥିଲା । ଏହାକୁ ପଟାଙ୍ଗି ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ ବନ୍ଦ କରିଛନ୍ତି । ଏହା ଓଡିଶାର ସୀମାନ୍ତ ଗ୍ରାମ । ଏହିପରି ବିନା ଅନୁମତିରେ ଅନୁପ୍ରବେଶ କରି ଆଇନକୁ ହାତକୁ ନେବା ଠିକ୍ ନୁହେଁ କହି ଆନ୍ଧ୍ର ସ୍ୱାସ୍ଥ୍ୟ ଟିମକୁ ଫେରିବାକୁ ନିର୍ଦ୍ଦେଶ ଦେଇଥିଲେ । ସୂଚନା ଅନୁଯାୟୀ, ସ୍ୱାସ୍ଥ୍ୟ ଟିମ୍ କୋଟିଆ ସରପଞ୍ଚ ଦିବକର ଗେମେଲଙ୍କ ଉପସ୍ଥିତିରେ ଅନ୍ୟ ସୀମାନ୍ତ ତଳଗଞ୍ଜେଇ ପଦର ଗ୍ରାମବାସୀଙ୍କୁ ଏକତ୍ରକରି ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଥିଲା । ସ୍ୱାସ୍ଥ୍ୟ ପରୀକ୍ଷା ଜାରି ରଖିଥିବା ବେଳେ ଖବର ପାଇ ପଟାଙ୍ଗି ତହସିଲଦାର ଧାରୁଆ ପନିକିଗ୍ରାମରେ ପହଞ୍ଚି ସ୍ୱାସ୍ଥ୍ୟ ଟିମ୍ ଓ ଡାକ୍ତରଙ୍କୁ ଏଭଳି ଅନୁପ୍ରବେଶ କରି ବିବାଦକୁ ସୃଷ୍ଟି ନକରିବାକୁ ବୁଝାଇ ଚାଲିଯିବାକୁ କହିଥିଲେ । ଏହାପରେ ଆନ୍ଧ୍ର ସ୍ୱାସ୍ଥ୍ୟ ଟିମ୍ ସ୍ୱାସ୍ଥ୍ୟ ପରୀକ୍ଷା ବନ୍ଦ କରି ଆନ୍ଧ୍ର ଫେରିଯାଇଥିଲେ । କୋଟିଆ ପଞ୍ଚାୟତକୁ ନେଇ ରାଜ୍ୟ ସରକାର କମିଟି ଗଠନ କରିଥିଲେ । ସୀମାନ୍ତ ଅଞ୍ଚଳର ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିବା ଆଳରେ ରଥଯାତ୍ରାରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ସହ ୪ମନ୍ତ୍ରୀ ଗସ୍ତକରି ଫେରିବା ପରଠାରୁ ଜିଲ୍ଲା ଓ ବ୍ଲକ ପ୍ରଶାସନ ଆନ୍ଧ୍ରର ଅନୁପ୍ରବେଶ ଉପରେ କଡା ନଜର ରଖିଥିବା ଜଣାପଡିଛି । ଓଡିଶାର ଏହି ପଦକ୍ଷେପକୁ ସୀମାନ୍ତବାସୀ ନାପସନ୍ଦ କରି ୨ରାଜ୍ୟର ବିବାଦରେ ଆମେ ଛନ୍ଦିହୋଇ ନିର୍ଯାତିତ ହେଉଥିବା ଅଭିଯୋଗ କରିଛନ୍ତି । ଏହିବିବାଦର ଅନ୍ତ କେବେ ଘଟିବ ବୋଲି ପ୍ରଶ୍ନ କରିଛନ୍ତି ।

# ଶିକ୍ଷକ ବଦଳି ପ୍ରତିବାଦ, ସାତଶୋଳା ସ୍କୁଲରେ ତାଲା

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକର ସାତଶୋଳା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ବଦଳି ପ୍ରତିବାଦରେ ତାଲା ଶୁକ୍ରବାର ପଡିଥିବା ବେଳେ ଉତ୍ତରବାଡ(ଦ) ପ୍ରାଥମିକ ବିଦ୍ୟାଳୟରେ ତାଲା ୨ୟ ଦିନରେ ପଡିବା ସହ ଉଭୟ ବିଦ୍ୟାଳୟ ସମ୍ମୁଖରେ ଛାତ୍ରଛାତ୍ରୀମାନେ ଧାରଣା ଦେଇଥିଲେ । ସାତଶୋଳା ବିଦ୍ୟାଳୟର ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ସଂଖ୍ୟା ୮୪ ରହିଛି । ଛାତ୍ରଛାତ୍ରୀ ଓ ଶିକ୍ଷକ ଅନୁପାତ ଦୃଷ୍ଟିରୁ ୩ ଜଣ ଶିକ୍ଷକ ନିୟୋଜିତ ହେବା କଥା । ମାତ୍ର ୪ଜଣ ଶିକ୍ଷକ ନିୟୋଜିତ ଥିଲେ । ରାସନାଲାଇଜେନସ ଦୃଷ୍ଟିକୋଣରୁ ଜଣେ ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ପିତାମ୍ବର ନାୟକଙ୍କୁ ମଢିଆଳି ଉପ୍ରା ଶିକ୍ଷକ ଆବଶ୍ୟକ ବିଦ୍ୟାଳୟକୁ ବଦଳି କରାଯାଇଛି । ମାତ୍ର ଜଣେ ଶିକ୍ଷକ ବଦଳି ପରେ ସାତଶୋଳା ବିଦ୍ୟାଳୟରେ ୩ ଜଣ କେବଳ ଶିକ୍ଷୟତ୍ରୀ ନିୟୋଜିତ ରହିଛନ୍ତି । ଜଣେମାତ୍ର ଶିକ୍ଷକଙ୍କୁ ବଦଳି କରାନଯାଇ ଜଣେ ଶିକ୍ଷୟତ୍ରୀଙ୍କୁ ବଦଳି କରାଯିବା ଉଚିତ ବୋଲି ଯୁକ୍ତିବାଢି ଅଭିଭାବକ କମିଟି ବିଦ୍ୟାଳୟରେ ତାଲା ପକାଇବା ସହ ଛାତ୍ରଛାତ୍ରୀମାନେ ଧାରଣା ଦେଇଥିଲେ । ବଦଳି ହୋଇଥିବା ପିତାମ୍ବର ନାୟକଙ୍କ ବଦଳରେ ଜଣେ ଶିକ୍ଷୟତ୍ରୀଙ୍କୁ ବଦଳି କରାଯାଉ ବୋଲି ସେମାନେ ଦାବି କରିଥିଲେ । ବିଇଓ ଅଧିର ରଞ୍ଜନ ତରାଇ ସାତଶୋଳା ଯାଇ ବୁଝାସୁଝା କରିଥିଲେ । ହେଲେ ସମାଧାନର ସୂତ୍ର ବାହାରି ପାରିନଥିଲା । ଏଠାରେ ପ୍ରକାଶ ଯୋଗ୍ୟ ଯେ ମଢିଆଳି ଉପ୍ରା ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୦୦ ପିଲା ଶିକ୍ଷାଗ୍ରହଣ କରୁଛନ୍ତି । ସେଠାରେ ୪ଜଣ ଶିକ୍ଷକ ଆବଶ୍ୟକ ଓ ଅଛନ୍ତି ୪ଜଣ । ସେମାନଙ୍କ ମଧ୍ୟରୁ ଜଣେ ଶିକ୍ଷକ ଶିକ୍ଷା ସଂଯୋଜକ ଭାବେ କୁଲଣା ସାଧନକେନ୍ଦ୍ରରେ ନିୟୋଜିତ ଅଛନ୍ତି । ଜଣେ ଶିକ୍ଷକ ଅଭାବ ପୂରଣ ପାଇଁ ସାତଶୋଳା ବିଦ୍ୟାଳୟରୁ ପିତାମ୍ବର ନାୟକଙ୍କୁ ରାସନାଲାଇଜେସନ ଆଧାରରେ ମଢିଆଳି ବିଦ୍ୟାଳୟକୁ ବଦଳି କରାଯାଇଛି । ମାତ୍ର ଏହାକୁ ବିରୋଧ କରି ଅଭିଭାବକମାନଙ୍କ ପକ୍ଷରୁ ବିଦ୍ୟାଳୟରେ ଦିନତମାମ ତାଲା ପଡିଥିଲା ।

## ବୋଲେରୋ ସହ ଓ ସ୍କୁଟି ଧକ୍କା ଘଟଣା

# ପୋଲିସର ହସ୍ତକ୍ଷେପ ପରେ ସମସ୍ୟା ସମାଧାନ



କାଲିମେଳା, (ଭାସ୍କର ନିଉଜ):ଗତ ଶୁକ୍ରବାର ଦିନ ସାଢ଼େ ଗୋଟାଏ ବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ-୨ ର କନିଷ୍ଠ ଯନ୍ତ୍ରୀ ଓ ସ୍ଥାନୀୟ ଠିକାଦାର ବସିଥିବା ବୋଲେରୋ (ଓଡି ୩୦ଇ ୩୪୫୭) ଗାଡ଼ି ଏବଂ ସ୍କୁଟି ମୁହାଁ ମୁହିଁ ଧକ୍କା ହେବାରୁ ସ୍କୁଟି ଚାଳକ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ଦୁଇ ଜଣ ଗୁରୁତର ଆହାତ ହୋଇଥିଲେ । କାଲିମେଳା ପୁଲିସ ଘଟଣା ସ୍ଥଳରେ ପହଁଚି ସ୍କୁଟିକୁ ଥାନାକୁ ଆଣିଥିଲେ । କିନ୍ତୁ ଯନ୍ତ୍ରୀଙ୍କ ବୋଲେରୋ ଗାଡ଼ି ଆଣିବା ବେଳେ ଗ୍ରାମବାସୀ ବିରୋଧ କରିଥିଲେ । କାଳେ ପୁଲିସ ନେଇଯିବ ବୋଲି ଗ୍ରାମବାସୀ ରାତିସାରା ଜଗି ରହିଥିଲେ । ସକାଳ ପାଇଲା ପରେ ଗ୍ରାମବାସୀଙ୍କୁ ଥାନାରେ ଡାକି ଆପସ ବୁଝାମଣା ପରେ ଦୁର୍ଘଟଣା ଗ୍ରସ୍ତ ବୋଲେରୋ ଗାଡ଼ିକୁ ଥାନାକୁ ଅଣାଯାଇଥିଲା । କାଲିମେଳା ଥାନା ଅନ୍ତର୍ଗତ ଏମଭି-୯୦ ଏବଂ କାଲିମେଳା ଫାର୍ମ କଲୋନୀ ମଝିରେ ଏହି ଦୁର୍ଘଟଣା ଘଟିଥିଲା । ଏଥିରେ ଏମଭି-୭୦ ଗ୍ରାମର ବିକ୍ରମ ପାତ୍ର (୩୧), ତାଙ୍କ ୬ବର୍ଷର ଝିଅ ହିଆ ପାତ୍ର ଏବଂ ମୋନଜ ଦାସ(୨୮) ଏକ ସ୍କୁଟିରେ କାଲିମେଳାରୁ ଘରକୁ ଫେରୁଥିବା ବେଳେ ତାଙ୍କ ବିପରିତ ଦିଗରୁ ଏକ ବୋଲେରୋ ଗାଡ଼ି ଆସୁଥିଲା । ବୋଲେରୋ ଧକ୍କାରେ ସ୍କୁଟି ଟି ରାସ୍ତା କଡ଼ରେ ଛିଟିକି ପଡ଼ିଥିଲା ଏବଂ ବୋଲେରୋ ଗାଡ଼ି ଭାରସାମ୍ୟ ହରାଇ ରାସ୍ତା କଡ଼ ଜମିରେ ଅଟକି ଯାଇଥିଲା । ସ୍କୁଟି ସଂପୂର୍ଣ୍ଣ ଭାବେ ଭାଙ୍ଗି ଚୁରମାର୍ ହୋଇଥିବା ବେଳେ ବୋଲେରୋ ଗାଡ଼ିର ଡାହାଣ ପାର୍ଶ୍ୱ ଅଂଶ ଭାଙ୍ଗି ଯାଇଥିଲା । ଘଟଣା ପରେ କନିଷ୍ଠ ଯନ୍ତ୍ରୀ ଅସ୍ମିତ କୁମାର ଧାରୁଆ, ଠିକାଦାର ସୁଦେବ ହାଲଦାର ଓ ଡ୍ରାଇଭର ଫେରାର ହୋଇଯାଇଥିଲେ । ସ୍କୁଟି ଚାଳକ ବିକ୍ରମ ପାତ୍ର ଗୁରୁତର ଆହାତ ହୋଇଥିଲେ ଏବଂ ଅନ୍ୟ ଦୁଇ ଜଣଙ୍କର ଗୋଡ଼ ଭାଙ୍ଗି ଯାଇଥିଲା । ତିନି ଜଣଙ୍କୁ ଉଦ୍ଧାର କରି କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସାପରେ ମାଲକାନଗିରି ସଦର ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା । ତେବେ ବିକ୍ରମ ପାତ୍ରଙ୍କ ଜୀବନ ସଙ୍କଟାପନ୍ନ ରହିଥିବାରୁ ତାଙ୍କୁ ବିଶାଖାପାଟଣାକୁ ନିଆଯାଉଥିବା ସମୟରେ ପାଣ୍ଡ୍ରିପାଣି ନିକଟରେ ମୃତ୍ୟୁବରଣ କରିଥିବା ଜଣାପଡିଛି । ବୋଲେରୋ ଗାଡ଼ିରେ ଯନ୍ତ୍ରୀ ଏବଂ ଠିକାଦାର ନିକଟସ୍ଥ ଘାଟି ଅଞ୍ଚଳର କାର୍ଯ୍ୟସ୍ଥଳରୁ ଫେରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା । ସେହିପରି କାଲିମେଳା ଡିଏଭି ଗୁରୁକୁଳରେ ପ୍ରଥମ ଶ୍ରେଣୀରେ ପଢୁଥିବା ଛାତ୍ରୀ ହିଆ ପାତ୍ରକୁ ତାଙ୍କ ବାପା ବିଦ୍ୟାଳୟରୁ ଘରକୁ ନେଇଯାଉଥିବା ସମୟରେ ବାଟରେ ଦୂର୍ଘଟଣାର ଶିକାର ହୋଇଥିଲେ । ଏଥିରେ ବାପା ମୃତ୍ୟୁ ବରଣ କରିଥିବା ବେଳେ ଝିଅ ଅଳ୍ପକେ ବର୍ତ୍ତିଯାଇଥିଲେ । ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ସ୍ଥଳେ ଡ୍ରାଇଭର ଫେରାର ରହିଛି ।

# ପ୍ରଧାନ ଶିକ୍ଷକଙ୍କୁ ଘେରିଲେ ଗ୍ରାମବାସୀ

ରାଇଘର, (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଡାବୁଗାଁ ନିକଟବର୍ତ୍ତୀ ମାନିଗାଁ ସରକାରୀ ଆଶ୍ରମ ଉଚ୍ଚ ବିଦ୍ୟାଳୟର ଷଷ୍ଠ ଶ୍ରେଣୀ ଛାତ୍ର ଗତ ମଙ୍ଗଳବାର ଅପରାହ୍ନରେ ଛାତ୍ରାବାସ ପାଚେରୀ ଡେଇଁ ବାହାରକୁ ଆସିବା ଘଟଣାକୁ ନେଇ ଅସନ୍ତୋଷ ହୋଇଛନ୍ତି ଗ୍ରାମବାସୀ । ବିଦ୍ୟାଳୟରେ ଏପରି ଅନିୟମିତତା ନେଇ ଗ୍ରାମବାସୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୃଶୀକେଶ ମିଶ୍ରଙ୍କୁ ଘେରିଥିଲେ । ବିଦ୍ୟାଳୟରେ ରହିଥିବା ଅବ୍ୟବସ୍ଥା ଉପରେ ବ୍ୟାପକ ଆଲୋଚନା କରିଥିଲେ । ଛାତ୍ରାବାସ ରେ ରହୁଥିବା ଛାତ୍ରଛାତ୍ରୀ ମାନଙ୍କ ସୁରକ୍ଷା, ସୁଷମ ଖାଦ୍ୟ ପ୍ରଦାନ, ଛାତ୍ରଛାତ୍ରୀ ମାନଙ୍କ ସୁରକ୍ଷା ନେଇ ଅଭିଭାବକ ମାନେ ପ୍ରଧାନ ଶିକ୍ଷକଙ୍କୁ ଭଲ ବ୍ୟବହାର କରିବା ନିମନ୍ତେ ଧ୍ୟାନ ଦେବାକୁ କୁହଯାଉଥିଲା ତାସହ ଆଗାମୀ ଦିନରେ ଯେପରି ଅପ୍ରୀତିକର ଘଟଣା ଘଟିବ ନାହିଁ ବୋଲି ସତର୍କ ରହିବାକୁ କହିଥିଲେ । ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀ ମାନଙ୍କ ପାଇଁ ସରକାର ଏଠାରେ ପୃଥକ ପୃଥକ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ନିର୍ମାଣ କରିଛନ୍ତି । ଛାତ୍ରଛାତ୍ରୀ ମାନଙ୍କ ସୁରକ୍ଷାକୁ ଧ୍ୟାନ ନ ଦେଇ ପ୍ରଧାନ ଶିକ୍ଷକ ସମ୍ପୃକ୍ତ ବିଦ୍ୟାଳୟରେ ନ ରହି ନବରଙ୍ଗପୁରରେ ରହୁଛନ୍ତି । ଛାତ୍ରାବାସରେ ରହୁଥିବା ଛାତ୍ରଛାତ୍ରୀ ମାନଙ୍କ ସୁରକ୍ଷା ଉପରେ ନିଜେ ଧ୍ୟାନ ନ ଦେଇ ୱାଡେନ୍ ଓ କିଛି ପିଅନଙ୍କ ହାତରେ ଛାଡି ନବରଙ୍ଗପୁର ଚାଲି ଯାଉଛନ୍ତି । ଏଥିନେଇ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଥିଲେ । ଉକ୍ତ ଗ୍ରାମର ମଙ୍ଗଳ ଚରଣ ନାୟକ ଜିଲ୍ଲା ପରିଷଦ ସଭ୍ୟ ଯଶୋବନ୍ତ ନାୟକ, ଶୁକଦେବ ମାଝୀ, ଡମ୍ବରୁଧର ମାଝୀ, ବେଲାଲାସେନ୍ ରାଉତ, ଗଗନ ନାୟକ, ପୂର୍ଣ୍ଣଚନ୍ଦ୍ର ନାୟକ, ଡେବିଡ କର୍କରା ପ୍ରମୁଖ ଆଲୋଚନା ସମୟରେ ଉପସ୍ଥିତ ରହିଥିଲେ । ସୂଚନାଯୋଗ୍ୟ ଗତକାଲି ସମ୍ପୃକ୍ତ ବିଦ୍ୟାଳୟର ଛାତ୍ରାବାସର ଛାତ୍ର ଜଗା ନାୟକ ବିଦ୍ୟାଳୟରେ ରହିଥିବା ଅବ୍ୟବସ୍ଥା ନେଇ ପାଚେରୀ ଡେଇଁ ବାହାରକୁ ଚାଲି ଆସିଥିଲା । ୫ କିମି ଚାଲିବା ପରେ ଡାବୁଗାଁରେ ରାତି ୯ ଘଣ୍ଟା ସମୟରେ ପହଞ୍ଚି ଥିଲେ । ଡାବୁଗାଁର ସ୍ୱେଚ୍ଛାସେବୀ ରାଜେନ୍ଦ୍ର କୁମାର ମିଶ୍ର (ରାଜା ବାବୁ)ଙ୍କୁ ଏତେ ରାତିରେ ଛାତ୍ରକୁ ଦେଖି ସନ୍ଦେହ ଲାଗିବାରୁ ପଚରା ଉଚରା କରି ଛାତ୍ରଙ୍କ ପରିଚୟ ଜାଣିଥିଲେ । ପରିଚୟ ଜାଣିବା ପରେ ଛାତ୍ରଙ୍କ ପରିବାରକୁ ଖବର ଦେବାରୁ ଛାତ୍ରର ବାପା ଆସି ତାଙ୍କ ଘରକୁ ନେଇ ଯାଇଥିଲେ ।

# ୧୩୧ ନୂତନ ହିତାଧିକାରୀଙ୍କୁ ରାସନ୍ କାର୍ଡ ବଣ୍ଟନ



ଛତ୍ରପୁର, (ଭାସ୍କର ନ୍ୟୁଜ୍) : ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ପରିସରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧିନରେ ଯୋଗ୍ୟ ହିତାଧିକାରୀ ମାନଙ୍କୁ ନୂତନ ରାସନ କାର୍ଡ ବିତରଣ କରାଯାଇଛି । ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ର ସମସ୍ତ ୧୪ ଟି ୱାର୍ଡର ନୂତନ ୧୩୧ ଜଣ ହିତାଧିକାରୀଙ୍କୁ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ରାସନ୍ କାର୍ଡ ବଣ୍ଟନ କରିଥିଲେ । ଆଉ ଯେଉଁ ବଳକା ହିତାଧିକାରୀ ମାନେ ରହିଛନ୍ତି ସେମାନଙ୍କୁ ଆଗାମୀ ଦିନରେ ଏହି ରାସନ୍ କାର୍ଡ ଦିଆଯିବ । ଏନସିରେ ଆଉ ୨୬୮ ଜଣ ହିତାଧିକାରୀଙ୍କୁ ରାସନ୍ କାର୍ଡରେ ଅନ୍ତର୍ଭୁକ୍ତ କରାଗଲା । ଆଗାମୀ ଦିନରେ ଅନ୍ୟ ମାନଙ୍କୁ ଏହି ସୁବିଧା ଯୋଗାଇ ଦିଆଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାସ କହିଛନ୍ତି । ଏହି କାର୍ଯ୍ୟକ୍ରମ ରେ ଛତ୍ରପୁର ଏନ୍ ଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଉପାଧ୍ୟକ୍ଷ ଜି ପାପା ରାଓ, କାଉନସିଲର ଏମ୍ ଅରୁନ୍ଧତୀ ରେଡ୍ଡୀ ଓ ଗୋଷ୍ଠୀ ସାଙ୍ଗଠିକା ଗାୟତ୍ରୀ ସାମଲ, ସମସ୍ତ କାଉନସିଲର, ପରସଦ ସଭ୍ୟ ଓ ସଭ୍ୟା ପ୍ରମୁଖ ଉପସ୍ଥିତ ଥିଲେ ।

## 'ଏକ ପେଡ଼ ମା'କେ ନାମ' ମନ୍ତ୍ରରେ ଚାରାରୋପଣ

ମାଲକାନଗିରି, (ଭାସ୍କର ନ୍ୟୁଜ୍) : କେନ୍ଦ୍ରୀୟ ବିଦ୍ୟାଳୟ, ମାଲକାନଗିରିରେ 'ଏକ ପେଡ଼ ମା' କେ ନାମ' ଶୀର୍ଷକରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହେଲା । ଏହି ପବିତ୍ର ଅବସରରେ ବିଦ୍ୟାଳୟର ଗରିମାମୟ ପ୍ରଧାନଶିକ୍ଷକ ଡ଼ଃ କୈଳାଶ ମୀଣା ଓ ମୁଖ୍ୟ ଅତିଥି ଡ଼ଃ ରଞ୍ଜନ କୁମାର ସ୍ୱାଇଁ ବୃକ୍ଷରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ । ବିଦ୍ୟାଳୟରେ ୫୦ରୁ ଊର୍ଦ୍ଧ୍ୱ ଫଳ ଏବଂ ଔଷଧୀୟ ଚାରା ପ୍ରତିରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ପଦାତିକ) ଓ ଏହାର ଦାୟିତ୍ୱରତ ଶିକ୍ଷକ ବିଶାଳ ତିୱାରୀ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ । ବିଦ୍ୟାଳୟର ଶିକ୍ଷକ ରାମବୀର ସିଂହ ଓ ଅଶିଷ କୁମାର ମଧ୍ୟ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ବିଦ୍ୟାଳୟର ୬୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ । ପରିବେଶ ସୁରକ୍ଷା, ପ୍ରକୃତି ସଂରକ୍ଷଣ ଓ ମା'ଙ୍କ ପ୍ରତି ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଅନେକ ଛାତ୍ରଛାତ୍ରୀ ଓ କର୍ମଚାରୀ ମଧ୍ୟ ଅନୁପ୍ରେରିତ ହୋଇଥିଲେ ।

# ନେଟୱ୍ୱର୍କ ସମସ୍ୟାକୁ ନେଇ ୧୭ରେ ଆନ୍ଦୋଳନ ଡାକରା

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଆଧୁନିକ ଦୁନିଆରେ ମୋବାଇଲ ଓ ଇଣ୍ଟରନେଟ ଭଳି ସେବା ଜନସାଧାରଣଙ୍କ ପାଇଁ ଅତ୍ୟାବଶ୍ୟକୀୟ ହୋଇ ପଡିଥିବା ବେଳେ ଏବେ ବି ଉପାନ୍ତ ଅଞ୍ଚଳର ଜନସାଧାରଣ ମୋବାଇଲ୍ ନେଟୱ୍ୱର୍କ ସେବାରୁ ବଞ୍ଚିତ । ଯାହାକୁ ନେଇ ଅଞ୍ଚଳବାସୀ ବହୁବାର ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ଠାରେ ଅଭିଯୋଗ କରି ଆସୁଥିଲେ ମଧ୍ୟ ସମସ୍ୟା ଦୂର ହୋଇ ପାରିନାହିଁ । ଫଳରେ ଆସନ୍ତା ୧୭ ତାରିଖରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ଦୁଇ ଖଣ୍ଡ ପଞ୍ଚାୟତବାସୀ । ଗଜପତି ଜିଲ୍ଲା ଆର. ଉଦୟଗିରୀ ବ୍ଲକ୍ ଛେଲାଗଡ ଓ ଡ଼ାବରାଗୁଡ଼ା ପଞ୍ଚାୟତବାସୀଙ୍କ ଦୁଃଖ କହିଲେ ନ ସରେ । ବର୍ଷ ବର୍ଷ ଧରି ନେଟୱାର୍କ୍ ସମସ୍ୟା ଭୋଗି ଆସୁଛନ୍ତି ଦୁଇ ଖଣ୍ଡ ପଞ୍ଚାୟତର ବହୁ ଗ୍ରାମବାସୀ । ନେଟୱାର୍କ୍ ନ ଥିବାରୁ ଛାତ୍ରଛାତ୍ରୀଙ୍କ ଅନଲାଇନ୍ ପାଠ ପଢା ସମେତ ଆମ୍ବୁଲାନ୍ସ ଭଳି ଜରୁରୀକାଳୀନ ସେବା ପାଉବାରୁ ବଞ୍ଚିତ ହେଉଛନ୍ତି ଗ୍ରାମବାସୀ । ନେଟୱାର୍କ ନ ଥିବାରୁ ସରକାରୀ ସେବା ବାଧାପ୍ରାପ୍ତ ହେଉଛି । ବିଏସ୍ଏନ୍ଏଲ୍ ବିଭାଗ ପକ୍ଷରୁ ଛେଲାଗଡ଼ରେ ନେଟୱ୍ୱର୍କ ସେବା ଯୋଗାଇବା ପାଇଁ ଟାୱାର ସ୍ଥାପନ ହୋଇଛି । ହେଲେ ଆଜିକୁ ୮ ମାସ ହେଲା ଅଚଳ ହୋଇ ପଡିଛି । ଏଥିସହ ଛେଲାଗଡ ପଞ୍ଚାୟତ ଓ ଡ଼ାବରାଗୁଡ଼ା ପଞ୍ଚାୟତର ବିଭିନ୍ନ ସ୍ଥାନରେ ଟାୱାର ସ୍ଥାପନ ହୋଇଥିଲେ ମଧ୍ୟ ଆଜି ଯାଏଁ ତାହା କାର୍ଯ୍ୟକ୍ଷମ ହୋଇ ପାରିନାହିଁ । ଫଳରେ ଅଞ୍ଚଳବାସୀ ନେଟୱ୍ୱର୍କ ସେବା ପାଇବାରୁ ବଞ୍ଚିତ ଅଛନ୍ତି । ସମସ୍ୟା ନେଇ ଅଞ୍ଚଳବାସୀ ବହୁବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ସମେତ ବିଭାଗୀୟ ଅଧିକାରୀମାନଙ୍କୁ ଲିଖିତ ଅଭିଯୋଗ କରି ଆସୁଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇ ପାରିନାହିଁ । ଫଳରେ ବାଧ୍ୟ ହୋଇ ଆସନ୍ତା ୧୭ ତାରିଖରେ ଦୁଇ ଖଣ୍ଡ ପଞ୍ଚାୟତବାସୀ ମକାପଦା ଛକ ଠାରେ ୩୨୬ ନଂ ଜାତୀୟ ରାଜପଥ ଅବରୋଧ କରି ଆନ୍ଦୋଳନକୁ ଓହ୍ଲାଇବେ ବୋଲି ନିଷ୍ପତ୍ତି ନେବା ସହ ଆଜି ଜିଲ୍ଲାପାଳ ଓ ଏସପି ସାକ୍ଷାତ କରି ଏକ ଦାବି ପତ୍ର ପ୍ରଦାନ କରିଛନ୍ତି ।

# ୧୪ରେ ଡାକସେବା ବନ୍ଦ

ବ୍ରହ୍ମପୁର, (ଭାସ୍କର ନ୍ୟୁଜ) : ଡାକ ବିଭାଗରେ ଅଧୁନା ବ୍ୟବହୃତ ହେଉଥିବା ସାପ୍ ସଫ୍ଟୱେର ବଦଳରେ ନିଜସ୍ୱ ଡିଜାଇନ ଆଇଟି ୨.୦ ସଫ୍ଟୱେର ପ୍ରଚଳିତ ହେବାକୁ ଯାଉଛି । ଏହି ସଫ୍ଟୱେରର ଆରମ୍ଭ ପାଇଁ ଦକ୍ଷିଣ ଓଡ଼ିଶାର ପ୍ରାଣ କେନ୍ଦ୍ର ରେଶମ ସହର ବ୍ରହ୍ମପୁରର ମୁଖ୍ୟ ଡାକ ଘର ଓ ତାହା ଅନ୍ତର୍ଗତ ସମସ୍ତ ଉପ ଡାକ ଘରେ ଚଳିତ ମାସରୁ ପ୍ରଚଳିତ କରାଯିବାକୁ ଡାକ ବିଭାଗ ଦ୍ୱାରା ସ୍ଥିରୀକୃତ ହୋଇଛି । ବ୍ରହ୍ମପୁର ଡାକ ମଣ୍ଡଳର ବରିଷ୍ଠ ଡାକ ଅଧିକ୍ଷକ ବସନ୍ତ କୁମାର ପଣ୍ଡା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଏହି ସଫ୍ଟୱେର ପ୍ରଚଳନ ଦ୍ୱାରା ଡାକ ସେବା ଅଧିକ ତ୍ୱରାନ୍ୱିତ ହେବା ସଙ୍ଗେ ସଙ୍ଗେ ନେଟୱାର୍କ ଇସୁ ଜନିତ ସମସ୍ୟା ପ୍ରଭୃତିକୁ ଅପେକ୍ଷାକୃତ ସହଜ, ସରଳ ତଥା ତତକ୍ଷଣାତ୍ ସମାଧାନ କରିହେବ । ଆଇଟି ୨.୦ ସଫ୍ଟୱେର ପ୍ରଚଳନ ସକାଶେ ବ୍ରହ୍ମପୁର ଡାକ ମଣ୍ଡଳର ସବୁ ପ୍ରାକ୍ ପ୍ରସ୍ତୁତି ସରି ଯାଇଥିବା ବେଳେ ଆସନ୍ତା ୧୫ ଜୁଲାଇରୁ ବ୍ରହ୍ମପୁର ମୁଖ୍ୟ ଡାକଘର ଓ ତାର ଅଧିନସ୍ତ ସମସ୍ତ ଡାକ ଘରେ ଆଇଟି ୨.୦ ସଫ୍ଟୱେର କାର୍ଯ୍ୟକ୍ଷମ ହେବ । ଏଣୁ ବିଭାଗୀୟ ନିର୍ଦ୍ଦେଶ କକ୍ଷରେ ବୈଷୟିକ କାରଣରୁ ଆସନ୍ତା ସୋମବାର ୧୪ଜୁଲାଇ ୨୦୨୫ ତାରିଖ ଦିନ ବ୍ରହ୍ମପୁର ମୁଖ୍ୟ ଡାକ ଘର ଓ ତାର ଅନ୍ତର୍ଗତ ସମସ୍ତ ଉପ ଡାକଘର ତଥା ଶାଖା ଡାକ ଘର ଗୁଡିକରେ ଡାକ ସେବା ବନ୍ଦ ରହିବ ଓ ଏ ଦିଗରେ ସଂପୃକ୍ତ ଅଞ୍ଚଳର ଜନସାଧାରଣ, ଡାକଘର ଗ୍ରାହକ, ସରକାରୀ, ବେସରକାରୀ କାର୍ଯ୍ୟାଳୟ ବିଭିନ୍ନ କର୍ମଚାରୀ, ବିଭିନ୍ନ ବ୍ୟବସାୟିକ ଅନୁଷ୍ଠାନ ସହଯୋଗ କରିବା ନିମନ୍ତେ ଶ୍ରୀ ପଣ୍ଡା ଅନୁରୋଧ କରିଛନ୍ତି ।

# ମିଥ୍ୟା ସ୍ୱାସ୍ଥ୍ୟ ପ୍ରମାଣପତ୍ରରେ ନିଜ ଜିଲ୍ଲାକୁ ବଦଳି ପାଇଁ ବ୍ୟଗ୍ର ଶିକ୍ଷକ-ଶିକ୍ଷୟିତ୍ରୀ

ମାଲକାନଗିରି (ଭାସ୍କର ନ୍ୟୁଜ୍): ନିଜ ଯୋଗ୍ୟତାନୁସାରେ ନିଜ ଜିଲ୍ଲାରେ ଚାକିରି ନ ପାଇ ଉପକୂଳ ଜିଲ୍ଲାର କିଛି ଶିକ୍ଷକ, ଶିକ୍ଷୟିତ୍ରୀ ଏହି ଜିଲ୍ଲାରେ ଆସି ଚାକିରି କରୁଛନ୍ତି । କିଛି ବର୍ଷ ଏହି ଜିଲ୍ଲାରେ ଚାକିରି କରିବା ପରେ ମିଥ୍ୟା ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ନିଜ ଜିଲ୍ଲାକୁ ଯିବାକୁ ବ୍ୟଗ୍ର କିଛି ଶିକ୍ଷକ, ଶିକ୍ଷୟିତ୍ରୀ । ଏଥିପାଇଁ ସେମାନେ ବିଭିନ୍ନ ପ୍ରକାରର ଅସତ ଉପାୟ ଅବଲମ୍ବନ କରିବାକୁ ପ୍ରସ୍ତୁତ ହେଉଥିବାର କିଛି ଶିକ୍ଷକ ମହଲରେ ଆଲୋଚନାର କେନ୍ଦ୍ରବିନ୍ଦୁ ହୋଇଥିବାର ଶୁଣିବାକୁ ମିଳୁଛି । ଚଳିତବର୍ଷ ମାଲକାନଗିରି ଜିଲ୍ଲାରୁ ୧୧୪ ଜଣଙ୍କର ସ୍ୱାସ୍ଥ୍ୟ ପ୍ରମାଣ ପତ୍ର ଯାଞ୍ଚ ହେବାପାଇଁ ୧୭-୭-୨୫ରିଖ କୋରାପୁଟ ମେଡିକାଲ ଠାରେ ହେବାକୁ ନିର୍ଦ୍ଦେଶ ନାମା ଜାରି କରାଯାଇଛି । ଏହି ଜିଲ୍ଲାରୁ ଗତବର୍ଷ ୨୬ ଜଣ ନିଜ ଜିଲ୍ଲାକୁ ବଦଳି ହୋଇ ଯାଇଥିଲେ । ସେମାନଙ୍କ ମଧ୍ୟରୁ କିଛି ଅସତ ଉପାୟ ଅବଲମ୍ବନ କରିଥିଲେ । ଏହାର ଜ୍ୱଳନ୍ତ ଉଦାହରଣ ଖଇରପୁଟ ବ୍ଲକରେ ଦେଖିବାକୁ ମିଳିଥିଲା । ଏହି ବ୍ଲକର ଜନୈକ ଶିକ୍ଷୟିତ୍ରୀ ଗତବର୍ଷ ସ୍ୱାସ୍ଥ୍ୟ ପ୍ରମାଣ ଯାଞ୍ଚ ସମୟରେ ନିଜକୁ ପାରାଲିସିସ ହେବାର ଅଭିନୟ କରି ଏବଂ ଡାକ୍ତରଖାନାର କିଛି ଦୁର୍ନିତୀ ଗ୍ରସ୍ତ ଅଫିସରଙ୍କୁ ଧରି ନିଜ ଜିଲ୍ଲାକୁ ବଦଳି ହୋଇ ଥିବାର ନଜରକୁ ଆସିଥିଲା । ଏହି ଦୁର୍ନୀତି ଧାରାକୁ ଅବଲମ୍ବନ କରି ଚଳିତବର୍ଷ କିଛି ଶିକ୍ଷକ ନିଜ ଜିଲ୍ଲାକୁ ବଦଳି ହୋଇ ଯିବାପାଇଁ ଚକ୍ରାନ୍ତ କରୁଛନ୍ତି । ଏଥିପାଇଁ ଉକ୍ତ ବ୍ଲକର ଜଣେ ଦୁର୍ନୀତି ଗ୍ରସ୍ତ ଶିକ୍ଷକ ଯାହାର କି ଉକ୍ତ ତାଲିକାରେ ନାମ ଅଛି, ନିଜ ବ୍ଲକ ଏବଂ ପାଖ ବ୍ଲକରୁ ତାଲିକାରେ ନାମଥିବା କିଛି ଶିକ୍ଷକଙ୍କ ଠାରୁ ପ୍ରଚୁର ଅର୍ଥ ଆଦାୟ କରି କୋରାପୁଟ ମେଡିକାଲର ସେହି ଅଫିସରଙ୍କୁ ଦେଇଥିବାର ଖବର ଶିକ୍ଷକ ମହଲରୁ ଶୁଣିବାକୁ ମିଳୁଛି । ତେଣୁ ଏହାଦ୍ୱାରା ପ୍ରକୃତ ପ୍ରାର୍ଥୀ ନିଜ ଜିଲ୍ଲାକୁ ଯିବାରୁ ବଞ୍ଚିତ ହେଉଛନ୍ତି । ତେଣୁ ଏହି ସମସ୍ୟା ବିଷୟରେ ଜିଲ୍ଲା ଶିକ୍ଷାଧିକାରୀ ଏବଂ କୋରାପୁଟ ମେଡିକାଲ ଅଧିକାରୀ ଏ ବିଷୟରେ ସଠିକ ତଦନ୍ତ କରି ଉପଯୁକ୍ତ ପ୍ରାର୍ଥୀଙ୍କୁ ଚୟନ କରିବାକୁ ଜିଲ୍ଲା ଶିକ୍ଷକ ମହଲରୁ ଦାବି ହେଉଛି ।

# ଅସହାୟକୁ ସାହାଯ୍ୟ କଲେ ବ୍ଲକ ଉପାଧ୍ୟକ୍ଷ ଗୌତମ



ଖଡ଼ିଆଳ, (ଭାସ୍କର ନ୍ୟୁଜ୍) : ମନୁଷ୍ୟର ମାନବିକତା ଏବେ ବି ବଜାୟ ରହିଛି । ଅସହାୟକୁ ସହାୟତା କରିବା, ଦୁଃଖୀ ଦରିଦ୍ରଙ୍କୁ ଅନ୍ନ ଦେବା, ଅର୍ଥ ଅଭାବରୁ ଚିକିତ୍ସିତ ହୋଇ ପାରୁନଥିବା ଲୋକଙ୍କୁ ଚିକିତ୍ସା ପାଇଁ ପଠାଇବା ଭଳି ମହତ କାମରେ ନିଜକୁ ଅନ୍ୟର ଦୁଃଖରେ ସାମିଲ ହେବା ଭଳି ସମାଜରେ କାମରୁଥିବା ବ୍ୟକ୍ତି ମାନବ ଦେବତା କହିଲେ ଭୁଲ ହେବ ନାହିଁ । ଖଡ଼ିଆଳ ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡି ଏଭଳି ମଣିଷ ପଣିଆ କାମ କରି ମଣିଷ ସମାଜକୁ ସଚେତନ କରି ଉଦାହରଣ ସାଜିଛନ୍ତି । ଖଡ଼ିଆଳ ବ୍ଲକ ଅନ୍ତର୍ଗତ ସାନ ମହେଶ୍ୱର ପଞ୍ଚାୟତ ଦେଓ ବାହାଲ ଗ୍ରାମର ରୋଗରେ ଆକ୍ରାନ୍ତ ବିଧବା ପୂର୍ଣ୍ଣମୀ ମାଝି (୫୦)ଙ୍କୁ ଖଡ଼ିଆଳ ବ୍ଲକ ଉପାଧ୍ୟକ୍ଷଙ୍କ ଗୌତମ ତାଣ୍ଡି ଚିକିତ୍ସା ପାଇଁ ସହାୟତାର ହାତ ବଢ଼ାଇଛନ୍ତି । ଦୀର୍ଘଦିନ ଧରି ଅଜଣା ରୋଗରେ ପୂର୍ଣ୍ଣମୀ ପୀଡିତ ହୋଇ ଟଙ୍କା ଅଭାବରୁ ଚିକିତ୍ସା ହୋଇ ପାରୁନଥିଲେ । ଫଳରେ ସେ ଶଯ୍ୟା ସାଇ ହୋଇ ପଡି ରହିଛନ୍ତି । ଖବର ପାଇ ଉପାଧ୍ୟକ୍ଷ ଶ୍ରୀ ତାଣ୍ଡି ଘରେ ପହଞ୍ଚି କିଛି ସାମଗ୍ରୀ ସହିତ ଦଶ ହଜାର ଟଙ୍କା ଓ ଅଧିକ ଚିକିତ୍ସା ପାଇଁ ରାୟପୁର ଯିବାକୁ ଗାଡିର ବ୍ୟବସ୍ଥା କରିଛନ୍ତି । ପୂର୍ଣ୍ଣମୀ ନିରୀହ ହୋଇଥିବା ବେଳେ ତାଙ୍କର ଗୋଟିଏ ଝିଅକୁ ଅନ୍ୟତ୍ର ବିବାହ ଦେଇଛନ୍ତି । ଗୌତମ ତାଣ୍ଡିଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ଖୁବ ପ୍ରଶଂସା କରାଯାଉଛି ।



ଫୁଲନଖରା (ଭାସ୍କର ନ୍ୟୁଜ୍) : ନିଆଳି ନିର୍ବାଚନ ମଣ୍ଡଳୀ ବାରଙ୍ଗ ବ୍ଲକର ଫୁଲନଖରା-ନିଆଳି ରାସ୍ତା ବ୍ରାହ୍ମଣଭେଣିଲୋ ବଜାର ନିକଟରେ ଗଢ଼ିଉଠିଥିବା ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ କମ୍ପ୍ୟୁଟର ଲ୍ୟାବ, ସାଇନ୍ସ ଲାବୋରେଟୋରୀ, ପାଠାଗାର (ଲାଇବ୍ରେରୀ) ସ୍ଥାୟୀ ନୂତନ ଗୃହକୁ ମୁଖ୍ୟ ଅତିଥିଭାବେ ବରିଷ୍ଠ ନାଗରିକ କୈଳାଶ ଚନ୍ଦ୍ର ବେହେରା, ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ ଶେଖ ମୁସ୍ତାକ ଅଲ୍ଲୀ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା କଟକ ଜିଲ୍ଲା କର୍ମଜୀବୀ ସାମ୍ବାଦିକ ସଂଘର ସଭାପତି ଲଳିତ କୁମାର ଦାଶ ଓ ଯୁବ ସମାଜସେବୀ ବିଶ୍ୱରଂଜନ ସାହୁ ପ୍ରମୁଖ ଶୁକ୍ରବାର ଉଦ୍ଘାଟନୀ ଉତ୍ସବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ହାଇସ୍କୁଲର ଅଧ୍ୟକ୍ଷ ସାୟଦ ସହରିୟର ଅଲ୍ଲୀ, ଉପାଧ୍ୟକ୍ଷ ପ୍ରିୟଙ୍କା ନାୟକ, ପ୍ରିୟଙ୍କା ଦାସ, ବରିଷ୍ଠ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ବିଶ୍ୱାଳ, ବିଜୟଲକ୍ଷ୍ମୀ ଜେନା, ଶେଖ ରିଜନ ଇକବାଲ, ଶଶାଙ୍କ ଶେଖର ସେନାପତି ଓ ଅନ୍ୟ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ପୂର୍ବରୁ ବିଦ୍ୟାଳୟରେ ଏଭଳି ପାଠାଗାର, କମ୍ପ୍ୟୁଟର ଲ୍ୟାବ ସୀମିତ ଭିତରେ ଥିଲା। ତେଣୁ ପ୍ରଶସ୍ତ, ନୂତନ ବିଲ୍ଡିଂ ନିର୍ମାଣ କରାଯାଇ ସମସ୍ତ ଛାତ୍ରଛାତ୍ରୀ କମ୍ପ୍ୟୁଟରରେ କିପରି ପାଠ ପଢ଼ିବେ ଏବଂ ସାଇନ୍ସ ଲାବୋରେଟୋରୀରେ ଅଧ୍ୟୟନ ପାଇଁ ସମସ୍ତ ସୁବିଧା ସୁଯୋଗ ପାଇପାରିବେ ତାହା ଆଜି ଉଦ୍ଘାଟନ କରାଗଲା।

## ବ୍ଲୁ-ଫ୍ଲାଗ୍ ବିଚ୍ ନିର୍ମାଣର ତଦାରଖ କଲେ ପର୍ଯ୍ୟଟନ ସଚିବ

ବ୍ରହ୍ମପୁର, (ଭାସ୍କର ନ୍ୟୁଜ): ଗୋପାଳପୁର ବେଳାଭୂମିରେ ବ୍ଲୁ-ଫ୍ଲାଗ ବିଚ ନିର୍ମାଣ ନିମନ୍ତେ ପର୍ଯ୍ୟଟନ ବିଭାଗ ସଚିବ ବଲବନ୍ତ ସିଂ ଗୋପାଳପୁରରେ ପହଞ୍ଚି ତଦାରଖ କରିଥିଲେ। ମତ୍ସ୍ୟ ଅବତରଣ କେନ୍ଦ୍ର ଜେଟି ବେଳାଭୂମି ଠାରୁ ଇକୋରିଟ୍ରିଟ୍ ବେଳାଭୂମି ପର୍ଯ୍ୟନ୍ତ ସୌନ୍ଦର୍ଯ୍ୟକରଣ, ଆଲୋକୀକରଣ, ଶୌଚାଳୟ ନିର୍ମାଣ, ତାରାରୋପଣ, ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ସିସି କ୍ୟାମେରା, ପର୍ଯ୍ୟଟକଙ୍କ ଚଲା ପଥ, ପାର୍କିଂ, ବସିବା ପାଇଁ ଚେୟାର, ବେଳାଭୂମି ସଫା ସୁତରା ରଖିବା ଉପରେ ଶ୍ରୀ ସିଂ ଆଲୋଚନା କରିବା ସହ ବ୍ଲୁ-ଫ୍ଲାଗ ନିମନ୍ତେ ରହିଥିବା ଆବଶ୍ୟକ ଭିତ୍ତିଭୂମି ଉପରେ ଆଲୋଚନା କରିଥିଲେ। ତଦାରଖ ବେଳେ ଗଞ୍ଜାମ ଜିଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା, ବ୍ରହ୍ମପୁର ଉପ ଜିଲ୍ଲାପାଳ ଦିନା ଦସ୍ତଗିର, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢ଼ୀ, ବ୍ରହ୍ମପୁର ବିଏମସି କମିଶନର ତଥା ବିଡିଏ ଅଧ୍ୟକ୍ଷ ପ୍ରଥମେଶ ଅରବିନ୍ଦ ରାଜଶିକେ, ବିଡ଼ିଏ କର୍ତ୍ତୃପକ୍ଷ, ଅକିକେନ୍ ପ୍ରମୁଖ ଉପସ୍ଥିତ ଥିଲେ। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଗୋପାଳପୁର ବେଳାଭୂମିକୁ କିପରି ଅଧିକ ପର୍ଯ୍ୟଟକ ଆସିବେ ସେଥିପାଇଁ ବ୍ଲୁ-ଫ୍ଲାଗ ବିଚ୍ କରାଯିବାକୁ ଆଲୋଚନା ହୋଇଥିଲା। ଏହାସହିତ ବେଳାଭୂମିକୁ ସଫା ସୁତରା ରଖିବାକୁ ପର୍ଯ୍ୟଟନ ସଚିବ ପରାମର୍ଶ ଦେଇଥିଲେ। ଗୋପାଳପୁରରେ ହୋଟେଲ ଥିବା ଡାକଲା ହୋଟେଲ ମାଲିକଙ୍କ ସହ ଭି.ସି ମାଧ୍ୟମରେ ଆଲୋଚନା କରି ଶୀଘ୍ର କାମ ସାରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ବ୍ଲୁ-ଫ୍ଲାଗ ବିଚ୍ କାମ ଚଳିତ ବର୍ଷ ଅଗଷ୍ଟରୁ ଆରମ୍ଭ ହୋଇ ଜୁଲାଇ ୨୦୨୬ ମଧ୍ୟରେ ଶେଷ କରିବା ପାଇଁ ନିଷ୍ପତ୍ତି ହୋଇଛି। ସୂଚନାଯୋଗ୍ୟ ଗତ ୨୦୨୦-୨୧ରେ ଅନୁରୂପ ଭାବେ ପ୍ରଶାସନ ପକ୍ଷରୁ ଗୋପାଳପୁରରେ ବ୍ଲୁ ଫ୍ଲାଗ ବିଚ୍ ଗଠନ ନିମନ୍ତେ ସମସ୍ତ ପ୍ରସ୍ତୁତି ସହ ନିର୍ମାଣ କାମ ଆରମ୍ଭ କରାଯାଇଥିଲା। କିନ୍ତୁ ସ୍ଥାନୀୟ ମତ୍ସ୍ୟଜୀବୀମାନେ ସେମାନେ ବ୍ୟବହାର କରି ଆସୁଥିବା ଜମିରେ ବ୍ଲୁ-ଫ୍ଲାଗ ବିଚ୍ ଗଠନକୁ ପ୍ରବଳ ବିରୋଧ କରିଥିଲେ। ଫଳରେ ପ୍ରଶାସନ ମତ୍ସ୍ୟଜୀବୀଙ୍କ ଦାବି ଆଗରେ ନଇଁ ବା ସହ ବ୍ଲୁ-ଫ୍ଲାଗ ବିଚ୍ ନିର୍ମାଣ ସ୍ଥଗିତ ରହିଥିଲା। ଏବେ ପୁଣି ସୁନାପୁର ବେଳାଭୂମିରେ ବ୍ଲୁ-ଫ୍ଲାଗ ବିଚ୍ କାମ ଆରମ୍ଭ କରାଯାଉଥିଲା। ତେଣୁ ଏବେ ମଧ୍ୟ ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ଅଭାବ ଅସୁବିଧା ନେଇ ସେମାନଙ୍କ ସହ ଆଲୋଚନା କରି ବ୍ଲୁ-ଫ୍ଲାଗ ବିଚ୍ ଗଠନ ପ୍ରକ୍ରିୟା କରିବାକୁ ସାଧାରଣରେ ଦାବି ହେଉଅଛି।

## ରାୟପୁର ବେଆଇନ ଘାଟରେ ପ୍ରଶାସନିକ ଅଧିକାରୀଙ୍କୁ ନାଲିଆଖି ଓ ଗାଳିଗୁଲଜ

କୃଷ୍ଣପ୍ରସାଦ(ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଦହିଖାଆ ରାୟପୁରରେ ବିନା ରେଜିଷ୍ଟ୍ରେସନରେ ଦୀର୍ଘ ୮ ବର୍ଷ ହେଲା ଚିଲିକା ଡାଲଫିନ ବିହାର ରାୟପୁର ନାମରେ ଚାଲୁଅଛି। ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକଙ୍କୁ ରାସ୍ତା ମଝିରେ ଗାଡି ଅଟକାଇ ସେବକମାନେ ଧାର୍ଯ୍ୟ ଅର୍ଥଠାରୁ ୧୮ ଶହ ଟଙ୍କା ଠାରୁ ମାତ୍ରାଧିକ ଅର୍ଥ ରାଶି ୫ରୁ ୬ ହଜାର ଟଙ୍କା ପର୍ଯ୍ୟଟକଙ୍କ ଠାରୁ ଜବରଦସ୍ତ ଲୁଟି କରି ଶୋଷଣ କରାଯାଉଛି। ବଡ ଦୁଃଖର ବିଷୟ ଚିଲିକା ପରିଭ୍ରମଣ ପାଇଁ ଦେଶ ବିଦେଶରୁ ହଜାର ହଜାର ପର୍ଯ୍ୟଟକ ନିଜସ୍ୱ ଚିଲିକାକୁ ଉପଭୋଗ କରିବା ପାଇଁ ଆସିଥାନ୍ତି। କିନ୍ତୁ ପଦମପୁର ଠାରେ ଥିବା ୧୮୭ ଖାତା ପ୍ଲଟ ନମ୍ବର ୫୨୭୬ରେ ଚିଲିକା ଉପକୂଳରେ ମାଟି ପକାଇ ଦିଆଯାଉଛି। ଯାହା ଚିଲିକାର ସୌନ୍ଦର୍ଯ୍ୟକୁ ନଷ୍ଟ କରିବା ସହ ପର୍ଯ୍ୟଟକଙ୍କ ଯାତାୟାତରେ ବ୍ୟାଘାତ ସୃଷ୍ଟି କରୁଛି। ଏପରିକି ବହୁ ପର୍ଯ୍ୟଟକ ପଡି ଖଣ୍ଡିଆ ଖାବରା ହେବାର ନଜିର ମଧ୍ୟ ରହିଛି। ଏଥିପ୍ରତି ସରକାର ଦୃଷ୍ଟିଦେବା ସହ ନକଲି (ବିନା ରେଜିଷ୍ଟ୍ରେସନ) ଘାଟକୁ ବନ୍ଦ କରିବା ସହ ପୁରୀ ଜିଲ୍ଲା ପ୍ରଶାସନ, ଓଡିଶା ପର୍ଯ୍ୟଟନ ମନ୍ତ୍ରୀ ଓ ବିଭାଗୀୟ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି। ଏହାର ସତ୍ୟାସତ୍ୟ ଜାଣିବା ନିମନ୍ତେ ଗତ ୧୦.୭.୨୫ରେ ବ୍ରହ୍ମଗିରି ତହସିଲଦାର ବେଆଇନ ଆସୋସନ ବନ୍ଦ ନିମନ୍ତେ ଯାଇଥିବା ବେଳେ ଏହି ନକଲି ଆସୋସନ ସଂସ୍ଥାର ଥିବା କିଛି ଖଳ ପ୍ରକୃତିର ବ୍ୟକ୍ତି ଗୋଷ୍ଠୀ ହୋଇ ଅତିରିକ୍ତ ତହସିଲଦାର ଶରତ କୁମାର ଦେହୁରିଙ୍କୁ ଗାଳି ଗୁଲଜ ଦେଖାଇ ପ୍ରଳାପ କରିବା ସହ ସାତପଡା ଫାଣ୍ଡି ଅଧିକାରୀ ଉମା ପ୍ରହରାଜଙ୍କୁ ଗାଳିଗୁଲଜ ସହ ମାରିବାକୁ ମଧ୍ୟ ଧମକ ଦେଇଥିଲେ। ସରକାରୀ ବାବୁଙ୍କୁ ଧମକ ଚମକ ନାଲି ଆଖି ଦେଖାଇଥିବା ବ୍ୟକ୍ତିଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ସରକାର ଗ୍ରହଣ କରିବା ବଦଳରେ ନୀରବ ଭୂମିକା ନେଲେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ତେବେ ଦୋଷୀଙ୍କ ବିରୁଦ୍ଧରେ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ବେଆଇନ ଆସୋସନ ସଂସ୍ଥା ବନ୍ଦ କରାଯାଉଛି ଦେଖିବାକୁ ବାକି ରହିଲା।

## ୩ ବିଦ୍ୟାଳୟରୁ ତାଲା ଭାଙ୍ଗି ଚୋରି





ଧାମନଗର (ଭାସ୍କର ନ୍ୟୁଜ୍) : ଧାମନଗର ବ୍ଲକ ଅଞ୍ଚଳରେ ଏବେ ଚୋର ମାନେ ବେଶ୍ ସକ୍ରିୟ ହୋଇଉଠିଛନ୍ତି। କିଛିଦିନ ତଳେ ବିଭିନ୍ନ ଦେବଦେବୀଙ୍କ ମନ୍ଦିରରେ ତାଲାଭାଙ୍ଗି ଚୋରି ହେଉଥିବା ବେଳେ ଏବେ ଚୋର ମାନେ ବିଦ୍ୟାଳୟର ତାଲା ଭାଙ୍ଗି ଚୋରି କରିଥିବାର ଦେଖିବାକୁ ମିଳିଛି। ଏପରି ଏକ ଘଟଣା ଧୁଶୁରୀ ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ଶୁକ୍ରବାର ବିଳମ୍ବିତ ରାତିରେ ଧୁଶୁରୀ ଥାନାର ବୟାଙ୍ଗାଳିଆ ପଞ୍ଚାୟତର ଛତ୍ରସାହି ସ୍ଥିତ ବାଣୀପାଣି ସରକାରୀ ଉଚ୍ଚ ବିଦ୍ୟାଳୟ ଅଫିସ୍ ଓ ଶ୍ରେଣୀ ଗୃହର ତାଲା ଭାଙ୍ଗି ବିଭିନ୍ନ ସାମଗ୍ରୀ ଚୋରି ହୋଇଛି। ସେହିପରି ଉକ୍ତ ବିଦ୍ୟାଳୟ ପରିସରରେ ଥିବା ଅଙ୍ଗନବାଡି କେନ୍ଦ୍ରର ତାଲା ଭାଙ୍ଗିଥିବାର ଅଭିଯୋଗ ହୋଇଛି। ଶନିବାର ସକାଳେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁବାସ ରାଉତ ପହଞ୍ଚିବା ପରେ ବିଦ୍ୟାଳୟରେ ତାଲା ଭଙ୍ଗା ହୋଇଥିବା ଦେଖି ଥାନାରେ ଅଭିଯୋଗ କରିବା ପରେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ କରିଛି। ସେହିପରି ଉକ୍ତ ପଞ୍ଚାୟତର ଉଜ୍ଜଳମଣି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ହାଇସ୍କୁଲ ଓ କୋଠାର ପଞ୍ଚାୟତର ନସଲପୁର ପ୍ରାଥମିକ ବିଦ୍ୟାଳୟର ଗୋଟିଏ ରାତିରେ ତାଲାଭାଙ୍ଗି ମାଇକ, ହାଣ୍ଡି, ପାନ, ଚାଉଳକୁ ଚୋରମାନେ ନେଇଯାଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ବେଳେ ସନ୍ଧ୍ୟା କୁକୁର ମଧ୍ୟ ପହଞ୍ଚିଛି। ସୂଚନା ଥାଉକି ଉକ୍ତ ଅଞ୍ଚଳରେ ମାସକ ତଳେ ଏପରି ଚୋରି ହୋଇଥିବା ବେଳେ ପୁଣି ଏପରି ଚୋରି ବୃଦ୍ଧି ହେବାରୁ ଲୋକମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଏନେଇ ଉକ୍ତ ଅଞ୍ଚଳରେ ପୋଲିସ ପାଟ୍ରୋଲିଂ କରିବା ପାଇଁ ଦାବି ହୋଇଛି।

## ସମାଜସେବୀଙ୍କ ସ୍ମୃତିଚାରଣ



ରଘୁନାଥପୁର (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ବାଗସାହି ଗ୍ରାମର ସମାଜସେବା ସ୍ୱର୍ଗତ ଲତିକା ମିଶ୍ରଙ୍କ ଦ୍ୱାଦଶ ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ଲତିକା ଜଣେ ସମାଜସେବୀ, ପରୋଉପକାରୀ, ମିଷ୍ଟଭାସୀ, ଦରଦି ମହିଳା ଥିଲେ। ସେ ଅନ୍ୟମାନଙ୍କ ଦୁଖରେ ଭାଗିହୋଇ ସମସ୍ତଙ୍କ ମନରେ ହସ ଫୁଟାଉ ଥିଲେ। ଗତ ଜୁଲାଇ ୧ତାରିଖରେ ୮୨ବର୍ଷ ବୟସରେ ତାଙ୍କର ବାର୍ଦ୍ଧକ୍ୟ ଜନିତ ଦେହାନ୍ତ ଘଟିଥିଲା। ତାଙ୍କୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ସେଠାରେ ଶେଷକୃତ୍ୟ ସମ୍ପନ୍ନ କରାଯଇଥିଲା। ତାଙ୍କପୁଅ ପ୍ରଭାତ କିରଣ ମିଶ୍ର ମୁଖାଗ୍ନି ଦେଇଥିଲେ। ଦ୍ୱାଦଶ ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ଏହି ସ୍ମୃତିଚାରଣ ସଭାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗଦେଇ ସ୍ୱର୍ଗତ ଲତିକାଙ୍କ ସ୍ମୃତିଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁଅ ଶ୍ରୀ ମିଶ୍ର, ପୁତ୍ରବଧୁ ସ୍ୱପ୍ନାସୋନାଲିକା ମିଶ୍ର, ଝିଅ ପ୍ରଣତି ମିଶ୍ର, ପ୍ରତିଭା ମିଶ୍ର, ନାତି ପ୍ରଭୁଦତ୍ତ ମିଶ୍ର, ନାତୁଣୀ, ଜାମାତା ଓ ବନ୍ଧୁବାନ୍ଧବ ଯୋଗଦେଇ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ବୃଦ୍ଧଙ୍କୁ ବୀଭତ୍ସ ହତ୍ୟା

## ଘଟଣାସ୍ଥଳରେ ପୋଲିସର ଛାନ୍‌ଭିନ୍

ଡେରାବିଶ (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଦାନପୁର ପଞ୍ଚାୟତର ଦୋହଳି ମିନିଷ୍ଟାଡ଼ିୟମ ପଛରେ ଥିବା ଏକ ପରିତ୍ୟକ୍ତ ପାଇଖାନାରୁ ଆଜି ଜଣେ ବୃଦ୍ଧଙ୍କ ବିଭସ୍ତ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଜଣକ ହେଲେ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର ଗ୍ରାମର ପ୍ରମୋଦ କୁମାର ସେଠୀ (୬୫)। ଏ ସମ୍ପର୍କରେ ମୃତକଙ୍କ ପରିବାରବର୍ଗଙ୍କ ଠାରୁ ଖବର ପାଇ କେନ୍ଦ୍ରାପଡ଼ା ସଦର ଥାନା ଅଧିକାରୀ ସୁଭେନ୍ଦୁ କୁମାର ସାହୁ, ଚାନ୍ଦୋଳ ଫାଣ୍ଡି ଅଧିକାରୀ ପ୍ରତାପ ରଥ, ଏସ୍ଆଇ ସୁନିଲ କୁମାର ସେଠୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରି ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ନିମନ୍ତେ ମୃତକଙ୍କ ବିଭିନ୍ନ ସାମଗ୍ରୀ ପଡ଼ିଥିବା ସ୍ଥାନକୁ ସିଲ୍ କରିଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ସଦର ଥାନାରେ ୨୦/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି। ପରେ ମୃତ ଶରୀରକୁ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ତେବେ ମୃତକଙ୍କ ପୁଅ ସୁଶାନ୍ତ ସେଠୀଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ବାପା ନିକଟସ୍ଥ ଏକ ଇଟା କାରଖାନାରେ ରାତ୍ର ଜଗୁଆଳ ଭାବେ କାର୍ଯ୍ୟ କରନ୍ତି। ସବୁଦିନ ପରି ସେ ଗତକାଲି ରାତିରେ ଘରୁ ରାତ୍ରିଭୋଜନ ସାରି ତାଙ୍କ କାର୍ଯ୍ୟସ୍ଥଳକୁ ସାଇକେଲ୍ ଧରି ବାହାରି ଯାଇଥିଲେ। ତେବେ ଆଜି ସକାଳୁ ତାଙ୍କ ବାପା ଘରକୁ ଫେରିବା ଡେରି ହେବାରୁ ସେ ତାଙ୍କ ବାପାଙ୍କ ଫୋନ୍‌କୁ ଯେତେ ଫୋନ୍ କଲେ ମଧ୍ୟ ସେ ଉଠାଇ ନଥିଲେ। ପରେ ଇଟାଭାଟିକୁ ଯୋଗାଯୋଗ କରିବାରୁ ତାଙ୍କ ବାପା ଗତକାଲି ରାତିରେ ଇଟାଭାଟିକୁ ଯାଇନଥିବା ଜାଣିବାକୁ ପାଇଥିଲେ। ଇତିମଧ୍ୟରେ ତାଙ୍କର ବନ୍ଧୁବାନ୍ଧବଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ତାଙ୍କର କୌଣସି ଖୋଜଖବର ମିଳିନଥିଲା। ଫଳରେ ସେ ନିରୁପାୟ ହୋଇ ଆଜି ସକାଳେ କେନ୍ଦ୍ରାପଡ଼ା ସଦର ଥାନାରେ ଏକ ନିଖୋଜ ମାମଲା ଦାଏର କରିଥିଲେ। ହେଲେ ଅପରାହ୍ନ ୧ ବେଳେ ପରିବାର ସଦସ୍ୟ ମିନି ଷ୍ଟାଡିୟମ ପଛପଟ ରାସ୍ତାକଡ଼ରେ ଥିବା ପରିତ୍ୟକ୍ତ ପାଇଖାନାରେ ତାଙ୍କ ବାପାଙ୍କ ସାଇକେଲ୍ ପଡ଼ିଥିବା ଦେଖିବାକୁ ପାଇଥିଲେ। ପରେ ସାଇକେଲକୁ ଉଦ୍ଧାର କରିବାକୁ ଯିବାରୁ ସେଠାରେ ତାଙ୍କ ବାପାଙ୍କ କ୍ଷତବିକ୍ଷତ ମୃତଦେହ ପଡ଼ିରହିଥିବା ଦେଖିବାକୁ ପାଇଥିଲେ। ଖବର ପାଇ ଘଟଣାସ୍ଥଳରେ ପୋଲିସ୍ ପହଞ୍ଚି ତଦନ୍ତ କରିବାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାପଡ଼ିଥିଲା। ମୃତକଙ୍କ ମୁହଁକୁ କେହି ଦୁର୍ବୃତ୍ତ ଇଟାରେ ଛେଚି ବେକକୁ ଗାମୁଛାରେ ଚିପି ହତ୍ୟା କରିଥିବା ସନ୍ଦେହ କରାଯାଉଛି। ଏଥିସହିତ ପୋଲିସ୍ ଏହାର ପାରିପାର୍ଶ୍ୱିକ ବିଭିନ୍ନ ସ୍ଥାନକୁ ଛାନ୍‌ଭିନ କରିବାରୁ ମୃତକଙ୍କ ଚପଲ, ମୋବାଇଲ, ସାର୍ଟ ଇତ୍ୟାଦି ବିଭିନ୍ନ ସ୍ଥାନରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ପରେ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ନିମନ୍ତେ ଘଟଣାସ୍ଥଳକୁ ସମ୍ପୂର୍ଣ୍ଣ ସିଲ୍ କରିଦେଇଥିଲେ। ରିପୋର୍ଟ ଲେଖା ହେଲା ବେଳକୁ ସାଇଣ୍ଟିଫିକ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ପାରିନଥିବାରୁ ପୋଲିସ୍ ଘଟଣାସ୍ଥଳକୁ ସିଲ୍ କରି ଜଗି ରହିଛି। ଅନ୍ୟପକ୍ଷରେ ସନ୍ଧ୍ୟା ହୋଇଯିବାରୁ ମୃତକଙ୍କ ଶବ ବ୍ୟବଚ୍ଛେଦ ଆସନ୍ତା କାଲି କରାଯିବ ବୋଲି ଜଣାଯାଇଛି।



## ଚରସ ଓ ଗଞ୍ଜେଇ ଜବତ, ୩ ଗିରଫ



କୋରାପୁଟ (ଭାସ୍କର ନ୍ୟୁଜ୍) : କୋରାପୁଟ ଅବକାରୀ ପୋଲିସ ୧କେଜି ଚରସ ସହ ୨୩କେଜି ଗଞ୍ଜେଇ ଜବତ କରିଛି। ମାମଲାରେ ୩ ଗିରଫ ହୋଇଛନ୍ତି। ନନ୍ଦପୁର ବ୍ଲକ ପାଡୁଆ ଷ୍ଟେସନ ନିକଟରୁ ଚରସ ଆନ୍ଧ୍ରାକୁ ଚାଲାଣ ବେଳେ ଅବକାରୀ ବିଭାଗ ଚଢଉ କରିଥିଲା। ଆନ୍ଧ୍ରପ୍ରଦେଶ ଗୁଣ୍ଟୁରୁ ଅଞ୍ଚଳର ଦଳବତ ପବନ କଲ୍ୟାଣ ନାୟକଙ୍କୁ ଗିରଫ କରିଥିଲା। ପବନଙ୍କ ବ୍ୟାଗରୁ ୧କେଜି ଚରସ ମିଳିଥିଲା। ପବନ କେଉଁଠାରୁ ଚରସ ଆଣଥିଲେ। ସେ ସମ୍ପର୍କରେ ଅବକାରୀ ବିଭାଗକୁ କିଛି ତଥ୍ୟ ଦେଇନି। ଜବତ ଚରସର ମୂଲ୍ୟ ୫୦ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ଡିଏସ୍‌ପି ସ୍ୱାଗତିକା ମହାନ୍ତି ସୂଚନା ଦେଇଛନ୍ତି। ସେହିପରି ପାଡୁଆ ଥାନା ବାଞ୍ଚାଲପୁଟ ନିକଟରୁ ବାଇକ୍ ଯୋଗେ ଅଖାବସ୍ତାରେ ଗଞ୍ଜେଇ ଚାଲାଣ ବେଳେ ୧୫କେଜି ଗଞ୍ଜେଇ ଜବତ ହୋଇଛି। ମାମଲାରେ ପାଡୁଆ ଥାନା ଅନ୍ତର୍ଗତ ଅବରଡା ଗ୍ରାମର ଦାମୋଦର ମାଝି ଗିରଫ ହୋଇଛି। ଦାମନଯୋଡି ହାଟପଦା ଅଞ୍ଚଳରେ ଚାଲାଣ ପାଇଁ ଥିବା ଶିବଶଙ୍କର ଦାସଙ୍କ ପାଖରୁ ୭.୫କେଜି ଗଞ୍ଜେଇ ଜବତ ହୋଇଛି। ଅବକାରୀ ପୋଲିସ ପକ୍ଷରୁ ୩ଟି ପୃଥକ ମାମଲା ରୁଜୁ କରାଯାଇ ୩ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଚଢଉରେ ଅବକାରୀ ନିରୀକ୍ଷକ ସୁଧୀର କୁମାର ସାହୁ, ଚନ୍ଦ୍ରଶେଖର ପ୍ରଧାନ, ଏସଆଇ ରାଜୁ ଖାଦି, ଜଗବନ୍ଧୁ ଜାନୀ ପ୍ରମୁଖ ସାମିଲ ହୋଇଥିଲେ।

## ମନ୍ତ୍ରୀ ଓ ଜିଲ୍ଲାପାଳଙ୍କ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ

କୁଚିଣ୍ଡା (ଭାସ୍କର ନ୍ୟୁଜ୍) : ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡ ଅନ୍ତର୍ଗତ ବାମର ବ୍ଲକର ଲାଙ୍ଗବାହାଲ, ଲାଙ୍ଗପୋଷ, ଛତିପୋଷ, ବାବୁନିକ୍ତିମାଲ, କୁରମୁଲେଇ, ତେଣ୍ଡାକୁଦର, ବଡଭୂଇଁ, ନିକ୍ତିମାଲ, ବଳଦମାଳ ଠାରେ ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକୁ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳି ରାମ ବନ୍ଦରଓ ବିଭାଗୀୟ ଅଧିକାରୀଙ୍କ ସହ ପରିଦର୍ଶନ କରିଛନ୍ତି ମନ୍ତ୍ରୀ ରବିନାରାୟଣ ନାଏକ। ଅଧିକାଂଶ ଗ୍ରାମ ଅଞ୍ଚଳରେ ବର୍ଷାଜଳ ପ୍ରବେଶ କରି ରାସ୍ତାଗୁଡ଼ିକ କ୍ଷତିଗ୍ରସ୍ତ ହୋଇଯିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି, ଫଳରେ ସାଧାରଣ ଲୋକଙ୍କ ଜୀବନ ଅସ୍ଥିର ହୋଇପଡ଼ିଛି। ବନ୍ୟା ପ୍ରଭାବିତ ଲୋକମାନଙ୍କ ସହିତ ସାକ୍ଷାତକାର କରି ସେମାନଙ୍କ ଦୁଃଖ ଦୁର୍ଦ୍ଦଶା ବୁଝିବା ସହ ତାଙ୍କ ଚାଷ, ଘର ଓ ସମ୍ପତ୍ତି କ୍ଷତିର ଆକଳନ କରି ଲୋକମାନଙ୍କୁ ଶୀଘ୍ର କ୍ଷତିପୂରଣ ଦେବା ପାଇଁ ସମ୍ପର୍କିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବନ୍ୟା ପ୍ରଭାବିତ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଖରେ ତାଙ୍କର ମୌଳିକ ସୁବିଧା, ଯେପରିକି ପାନୀୟ ଜଳ, ଖାଦ୍ୟ, ଆଶ୍ରୟ ଓ ଚିକିତ୍ସା ସହଯୋଗ ଶୀଘ୍ର ପହଞ୍ଚାଇ ଦିଆଯିବ ସେନେଇ ଜିଲ୍ଲାପାଳ ବିଡ଼ିଓ ଓ ତହସିଲଦାରଙ୍କ ସମେତ ବିଭିନ୍ନ ଅଧିକାରୀଙ୍କ ନିର୍ଦ୍ଦେଶ ଦେଇଛନ୍ତି।

## ଧାନମଣ୍ଡଳ ବଜାର ଉଚ୍ଛେଦ ନକରିବାକୁ ବିଧାୟକଙ୍କ ନିକଟରେ ଦାବି

ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍) : ଦେଶ ସ୍ୱାଧୀନ ହେବା ବହୁ ପୂର୍ବରୁ ପୂର୍ବ ଉପକୂଳ ରେଳ ପଥ ଧାନମଣ୍ଡଳ ଠାରେ ସ୍ଥାନୀୟ ଲୋକମାନେ ଛୋଟ ଛୋଟ ବ୍ୟବସାୟ କରି ନିଜର ପରିବାର ପ୍ରତି ପୋଷଣ କରି ଆସୁଛନ୍ତି। ମାତ୍ର ଏବେ ସେମାନଙ୍କ ଜୀବନ ଜୀବିକା ଉପରେ କଳାମେଘ ଘୋଟି ଆସିଛି। ମେଗା ପାନୀୟ ଜଳ ଯୋଗାଣ ପାଇପ୍ ଲାଇନ୍ ବିଛା ହେବା ପାଇଁ ଆବଶ୍ୟକୀୟ ସ୍ଥାନ ଅଧିଗ୍ରହଣ ପାଇଁ ଦର୍ପଣ ତହସିଲ ପକ୍ଷରୁ ଦୋକାନୀ ମାନଙ୍କୁ ଦୋକାନ ଘର ଉଚ୍ଛେଦ କରିବା ପାଇଁ ନୋଟିସ୍ ଜାରି ହୋଇଛି। ଫଳରେ ଦୋକାନୀ ମାନେ ସେମାନଙ୍କ ବ୍ୟବସାୟକୁ ନେଇ ଭୟ ଓ ଆଶଙ୍କାରେ ଆଶଙ୍କିତ ଅବସ୍ଥାରେ ଅଛନ୍ତି। ଏ ସଂପର୍କରେ ଧାନମଣ୍ଡଳ ବାଜାର କମିଟିର ସଭାପତି ଦୀପକ୍ କୁମାର ମିଶ୍ରଙ୍କ ନେତୃତ୍ୱରେ ବହୁ ବ୍ୟବସାୟୀ ବଡଚଣା ବିଧାୟକ ଅମର ନାୟକଙ୍କୁ ଭେଟ କରି ବ୍ୟବସାୟୀ ମାନଙ୍କୁ ଉଚ୍ଛେଦ ନକରି ଏହାର ବିକଳ୍ପ ବ୍ୟବସ୍ଥା କରିବା ପାଇଁ ଅନୁରୋଧ କରିଥିଲେ। ବିଧାୟକ ଶ୍ରୀ ନାୟକ ତିନିଦିନ ମଧ୍ୟରେ ବଜାରସ୍ଥଳ ପରିଦର୍ଶନ କରି ଦର୍ପଣ ତହସିଲଦାରଙ୍କ ସହିତ ଆଲେଚନା କରି ସମସ୍ୟାର ସମାଧାନ କରିବା ସହିତ ଏଠାରେ ବଜାର ନବୀକରଣ କରିବା ଓ ଅତ୍ୟାଧୁନିକ ଭେଣ୍ଡିଂ ଜୋନ ପ୍ରତିଷ୍ଠା କରିବା ସହିତ ବ୍ୟବସାୟୀ ମାନଙ୍କୁ ଥଇଥାନ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ବରିଷ୍ଠ ବ୍ୟବସାୟୀ କାହ୍ନୁ ଚରଣ ରାଉତ, ଭରତ ସାହୁ, ସୁବାସ ସାହୁ ଡମ୍ବରୁଧର ସାହୁ, ଭାସ୍କର ନାୟକ, ବସନ୍ତ ଦାସ, ପ୍ରଶାନ୍ତ ସାହୁ, ନିତ୍ୟାନନ୍ଦ ଦାସ, ପ୍ରସନ୍ନ କୁମାର ଦାଶ, ଅଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## ପିଲାଙ୍କ ମେଳରେ ବିଇଓ ଓ ପ୍ରକୃତିବନ୍ଧୁ ପାଳିଲେ 'ବନ ମହୋତ୍ସବ'

ବାଙ୍କୀ (ଭାସ୍କର ନ୍ୟୁଜ୍) : କଟକ ଜିଲ୍ଲାର ଡମପଡା ବ୍ଲକର ପ୍ରିତମ କୁମାରୀ ବିଦ୍ୟା ମନ୍ଦିରରେ ପାଳନ କରାଯାଇଛି ୭୬ତମ ବନ ମହୋତ୍ସବ। ବିଦ୍ୟା ମନ୍ଦିରର ପ୍ରଧାନଶିକ୍ଷକ ଡମ୍ବରୁଧର ମନ୍ତ୍ରୀଙ୍କ ପରିଚାଳନାରେ ଡମପଡା ବିଇଓ କାମରାଜ ସାହୁ, ସିଆରସିସି ଦେବଜ୍ୟୋତି ପଣ୍ଡା, ପ୍ରକୃତି ବନ୍ଧୁ ଆଦର୍ଶ ଶିକ୍ଷକ ବଳରାମ ପାଇକରାୟ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବୁଦ୍ଧେଶ୍ୱର ବେହେରାଙ୍କ ଉପସ୍ଥିତରେ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଗହଣରେ କରାଯାଇଥିଲା ବୃକ୍ଷ ରୋପଣ। ଶିକ୍ଷକ ଶ୍ରୀ ପାଇକରାୟ ନିଜେ ବଢାଇଥିବା ଚାରାକୁ ବିନା ମୂଲ୍ୟରେ ଯୋଗାଇ ଦେଇଥିଲେ। 'ଗଛଟିଏ ପିଲାଟିଏ'ର ନାରା ଦେଇ ବି.ଇ.ଓ ଶ୍ରୀସାହୁ କହିଥିଲେ ଯେ, ଆମେ ପିଲାଟିଏ ପାଳିବା ଯାହା, ଗଛଟିଏ ପାଳିବା ସେଇଆ। ବୃକ୍ଷ ଆମର ବହୁବିଧ ଉପକାର କରୁଛି, ତେଣୁ ଆମେ ସମସ୍ତେ ବହୁଳ ଭାବରେ ବୃକ୍ଷରୋପଣ କରି ପରିବେଶର ସନ୍ତୁଳନ ରକ୍ଷା କରିବା ଉଚିତ୍। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବିଦ୍ୟା ମନ୍ଦିରର ଶିକ୍ଷକ ସୁଧୀର କୁମାର ନାୟକ, ଦିପୁନା ମହାନ୍ତି, ଦାମନ ସୋରେନ, ଶିକ୍ଷୟିତ୍ରୀ ତୃପ୍ତିମୟୀ ମହାନ୍ତି, ଲକ୍ଷ୍ମୀପ୍ରୀୟା ସେଠୀ, ସଙ୍ଘମିତ୍ରା ମନ୍ତ୍ରୀ, ଶ୍ରଦ୍ଧାଞ୍ଜଳି ସେଠୀ, ରଞ୍ଜନ କୁମାର ତ୍ରିପାଠୀ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।



## ଡେରାବିଶ ହାଇସ୍କୁଲରେ ଆର୍ଥିକ ସଚେତନତା କାର୍ଯ୍ୟକ୍ରମ

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟ ସ୍ଥିତ ଡେରାବିଶ ହାଇସ୍କୁଲ ପରିସରରେ ଆଜି ବାଲିଆ ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ଆର୍ଥିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଗୋଲରାହାଟ ସରପଞ୍ଚ କାଶିନାଥ କାଣ୍ଡି, ଆଇଡିବିଆଇ ବ୍ୟାଙ୍କ ବାଲିଆ ଶାଖା ପରିଚାଳକ ତାପସ ବାରିକ, ମାର୍କେଟିଂ ମ୍ୟାନେଜର ରଜେଶ କୁମାର ସାହୁ, ବିଦ୍ୟାଳୟର ପୁରାତନ ଛାତ୍ର ରାମଚନ୍ଦ୍ର ରାଉତ ଯୋଗ ଦେଇ ଛାତ୍ରଛାତ୍ରୀମାନେ କିପରି ସୁରକ୍ଷିତ ଭାବେ ସେମାନଙ୍କ ବ୍ୟାଙ୍କ ଜମାଖାତାକୁ ପରିଚାଳନା କରିବେ, ବ୍ୟାଙ୍କରେ ଆର୍ଥିକ ଦେଣନେଣ ସମୟରେ କରାଯାଉଥିବା ବିଭିନ୍ନ ଫର୍ମର ପୂରଣ ଏବଂ ସାଇବର ଠକମାନଙ୍କ ଠାରୁ କିପରି ସେମାନଙ୍କ ଜମା ପୁଞ୍ଜିର ସୁରକ୍ଷା କରିପାରିବେ ସେ ସମ୍ପର୍କରେ ବିଷଦ ଭାବେ ବୁଝାଇଥିଲେ। ପରେ ବ୍ୟାଙ୍କ ପକ୍ଷରୁ ବିଦ୍ୟାଳୟକୁ ୧୫ ଗୋଟି ନୂତନ ଫ୍ୟାନ୍ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସମାଜସେବୀ ଅନୁପ କୁମାର ରାଉତ, ଶିକ୍ଷୟିତ୍ରୀ ଟିକିଲି କୁମାର ସ୍ୱାଇଁ, ଶିକ୍ଷକ ପ୍ରିୟଦର୍ଶୀ ଗାହାଣଙ୍କ ସମେତ ବିଦ୍ୟାଳୟର ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ପରିଚାଳନାରେ ସହଯୋଗ କରିଥିଲେ।



### 'ଉନ୍ନୟନ ଯୋଜନା' ଓ 'କୋଠା ଅନୁମୋଦନ' କମିଟି ବୈଠକ

## ଏଣିକି କୋଠା ଅନୁମୋଦନ ପାଇଁ 'ସୋଲାର ପ୍ୟାନେଲ୍' ଜରୁରି


ବ୍ରହ୍ମପୁର (ଭାସ୍କର ନ୍ୟୁଜ୍) : ସହରରେ ଏଣିକି ନୂତନ କୋଠା ନିର୍ମାଣ ପାଇଁ ପ୍ଲାନ ଅନୁମୋଦନ ପାଇଁ ସୋଲାର ପାନେଲ ବାଧ୍ୟତାମୂଳକ। ଏନେଇ ନିଷ୍ପତ୍ତି ହୋଇଛି ଶୁକ୍ରବାର ଅନୁଷ୍ଠିତ ବିଏମସିର ୧୬ତମ ଉନ୍ନୟନ ପ୍ଲାନ ଓ ବିଲ୍ଡିଂ ପରମିଶନ କମିଟି ବୈଠକରେ। ବିଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜସିକେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ବ୍ରହ୍ମପୁର ତହସିଲଦାର, ଅଗ୍ନିଶମ ଅଧିକାରୀ, ଜନସ୍ୱାସ୍ଥ୍ୟ ଅଧିକାରୀ, ଜଙ୍ଗଲ ଓ ପରିବେଶ ବିଭାଗ ଅଧିକାରୀ, ପ୍ରତ୍ନତତ୍ତ୍ୱ ବିଭାଗ ଅଧିକାରୀ, ଜଳସମ୍ପଦ ବିଭାଗ ଅଧିକାରୀ, ଭୂତଳ ଜଳ ବିଭାଗ ଅଧିକାରୀ, ଜାତୀୟ ରାଜପଥ ଓ ପୂର୍ତ୍ତବିଭାଗ ସମେତ ବିଦ୍ୟୁତବିଭାଗ ଅଧିକାରୀ ଉପସ୍ଥିତ ଥିଲେ। ପ୍ରକାଶ ଯୋଗ୍ୟ ଯେ ଏହି ବୈଠକ ଦିର୍ଘ ୧୮ ମାସ ବା ଦେଢବର୍ଷ ଧରି ଅନୁଷ୍ଠିତ ହୋଇନଥିଲା। ଶୁକ୍ରବାର ଅନୁଷ୍ଠିତ ବୈଠକରେ ମୁଖ୍ୟତଃ ଉତ୍ତରେଶ୍ୱର ମୌଜାରେ ୩ମହଲା ବିଶିଷ୍ଟ ଏକ ଶିକ୍ଷାନୁଷ୍ଠାନ, ଗୋରାଚନ୍ଦ୍ରପୁର ମୌଜାରେ ପ୍ରସ୍ତାବିତ ବହୁତଳ ବିଶିଷ୍ଟ ଆପାର୍ଟମେଣ୍ଟ, ଭାପୁର ମୌଜାରେ ପ୍ରାଣୀସମ୍ପଦ ବିଭାଗର ଜ୍ୟାକ୍ସିନ ପ୍ରସ୍ତୁତ ୟୁନିଟ ନିର୍ମାଣ ପାଇଁ ୩ ମହଲା ବିଶିଷ୍ଟ କୋଠା ନିର୍ମାଣ, ଅଳକାପୁର ମୌଜାରେ ୧୫ମହଲା ବିଶିଷ୍ଟ ପ୍ରସ୍ତାବିତ ଆପାର୍ଟମେଣ୍ଟ ଏବଂ ଉତ୍ତରେଶ୍ୱର ମୌଜାରେ ପ୍ରସ୍ତାବିତ ୧୩ମହଲା ବିଶିଷ୍ଟ ଆବାସିକ ଆପାର୍ଟମେଣ୍ଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଅନୁମୋଦନ ମିଳିଥିବା ଜଣାପଡିଛି। ପୂର୍ବରୁ ଯେକୌଣସି କୋଠା ନିର୍ମାଣ ପାଇଁ ଅନୁମୋଦନ ବେଳେ ବର୍ଷାଜଳ ଅମଳ ପ୍ରକଳ୍ପ ବାଧ୍ୟତାମୂଳକ ଥିବାବେଳେ ବର୍ତ୍ତମାନ ସୋଲାର ପାନେଲ ବ୍ୟବସ୍ଥାକୁ ମଧ୍ୟ ବାଧ୍ୟତାମୂଳକ କରାଯାଇଥିବା ଜଣାପଡିଛି। ଅନ୍ୟାନ୍ୟ ସର୍ତ୍ତ ସହିତ ଏହି ସର୍ତ୍ତକୁ ପାଳନ କରିବାକୁ ସମ୍ପୃକ୍ତ ସଂସ୍ଥା ତଥା ବ୍ୟକ୍ତି ବିଶେଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ରାଶିଫଳ


ରବିବାର, ୧୩ ଜୁଲାଇ ୨୦୨୫



**ମେଷ:** କୌଣସି ନିଷ୍ପତ୍ତି ନେବାରେ ବିବେକ ବ୍ୟବହାର କରନ୍ତୁ। ପରିବାର ସହିତ ଦିନଟି ଖୁସିରେ ବିତାଇବେ। ମୂଲ୍ୟବାନ ସାମଗ୍ରୀ ତୁମ ପାଖରେ ରଖ। ବ୍ୟବସାୟ ଭଲ ହେବ। ଖର୍ଚ୍ଚ ବୃଦ୍ଧି ପାଇବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଦୁଷ୍ଟମାନଙ୍କ ଠାରୁ ସତର୍କତା ଆବଶ୍ୟକ। କ୍ରନିକ ରୋଗ ଦେଖାଦେଇପାରେ।




**ବୃଷ:** ସ୍ଥାୟୀ ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ହୋଇପାରେ। ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି। ଏହା ବହୁତ ଲାଭଦାୟକ ହୋଇପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ପ୍ରଗତିର ରାସ୍ତା ଖୋଲିଯିବ।




**ମିଥୁନ:** ଅଟକି ରହିଥିବା ଟଙ୍କା ମିଳିବାର ସମ୍ଭାବନା ଅଛି। ବ୍ୟବସାୟ ଯାତ୍ରା ସଫଳ ହେବ। ରାଜନୈତିକ ସମର୍ଥନ ମିଳିବ। ବ୍ୟବସାୟ ବୃଦ୍ଧି ପାଇବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ। ଟଙ୍କା ପାଇବା ସହଜ ହେବ। ସେଠାରେ ଭୟ ଏବଂ ସନ୍ଦେହ ରହିବ।



**କର୍କଟ:** ଆପଣ କୋର୍ଟର କାର୍ଯ୍ୟରୁ ମୁକ୍ତି ପାଇପାରିବେ। ବ୍ୟବସାୟ ଅନୁକୂଳ ଲାଭ ଦେବ। ତୁମେ ତୁମର ଜୀବନସାଥୀଙ୍କଠାରୁ ସମର୍ଥନ ପାଇବ। ଚାକିରିରେ କାମକୁ ପ୍ରଶଂସା କରାଯିବ। ଦିନଟି ଭଲ ରହିବ। କାରବାରକୁ ଶୀଘ୍ର କର ନାହିଁ। ବୁଦ୍ଧିମାନ ଭାବରେ ଆପଣଙ୍କର ବିନିଯୋଗରେ ପ୍ରବେଶ କରନ୍ତୁ। ଉପକୃତ ହେବ।




**ସିଂହ:** ଆପଣ ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ସମର୍ଥନ କରିବାକୁ ସମର୍ଥ ହେବେ। ତୁମେ ସମ୍ମାନ ପାଇବ। କିଛି ମହତ୍ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ। ବୟସ୍କଙ୍କ ମାର୍ଗଦର୍ଶନ ଲାଭ ବୃଦ୍ଧି କରିବ। ବ୍ୟବସାୟ ବୃଦ୍ଧି ପାଇବ। ଚାକିରିରେ ତୁମେ ଏକ ଉଚ୍ଚ କର୍ତ୍ତୃପକ୍ଷଙ୍କ ସୁଖ ପାଇବ।




**କନ୍ୟା:** ଉତ୍ସାହଜନକ ସୂଚନା ଗ୍ରହଣ କରାଯିବ। ତୁମେ ଭୁଲିଯାଇଥିବା ସାଙ୍ଗମାନଙ୍କୁ ଭେଟିବ। ସେଠାରେ ଖର୍ଚ୍ଚ ହେବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଆତ୍ମ ସମ୍ମାନ ରହିବ। କିଛି ବଡ କାମ ଏବଂ ବାହାରକୁ ଯିବାକୁ ଇଚ୍ଛା ହେବ। ବ୍ୟବସାୟ ଲାଭଦାୟକ ହେବ। ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ। ଶତ୍ରୁମାନେ ସକ୍ରିୟ ରହିବେ।



**ତୁଳା:** ଉପହାର ଗ୍ରହଣ କରାଯାଇପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ବ୍ୟବସାୟ ଯାତ୍ରା ସଫଳ ହେବ। କିଛି ବଡ ଘଟଣା ହୋଇପାରେ। ଆପଣ ଜଣେ ବୟସ୍କ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ। ବ୍ୟବସାୟ ଅନୁକୂଳ ଲାଭ ଦେବ।



**ବିଛା:** କିଛି ବଡ ଅସୁବିଧା ଆସିପାରେ। ତାହା ଅଧିକ ଦ୍ରୁତ ଗତିରେ ଆସିବ। ଦୁଃଖଦ ଖବର ଗ୍ରହଣ କରାଯାଇପାରେ। ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର। ଆଶା କରାଯାଉଥିବା କାର୍ଯ୍ୟ ବିଳମ୍ବ ହେବ। ଆୟ ହେବ। ବ୍ୟବସାୟ ଭଲ ହେବ। ଚାକିରିରେ କାର୍ଯ୍ୟଭାର ରହିବ। କ୍ରନିକ ରୋଗ ଦେଖାଦେଇପାରେ। ଅନାବଶ୍ୟକ ନକାରାତ୍ମକତା ଦେଖାଯିବ। ଅଳସୁଆତା ଜିତିବ।




**ଧନୁ:** ଛାତ୍ର ଶ୍ରେଣୀ ସଫଳତା ହାସଲ କରିବେ। ପିକନିକ୍ ଉପଭୋଗ କରାଯିବ। ଚାକିରିରେ ଆପଣ କିଛି ନୂଆ କରିବାକୁ ସକ୍ଷମ ହେବେ। ସୁସ୍ୱାଦୁ ଖାଦ୍ୟଗୁଡ଼ିକ ଉପଭୋଗ କରାଯାଇପାରିବ। ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ। ବ୍ୟବସାୟ ଭଲ ହେବ। ସହଭାଗୀମାନେ ସମର୍ଥନ ପାଇବେ। ଦୁଷ୍ଟ ଲୋକମାନେ କ୍ଷତି କରିବାକୁ ଚେଷ୍ଟା କରିବେ। ସୁଖ ମିଳିବ।



**ମକର:** ଆଘାତ ଏବଂ ଦୁର୍ଘଟଣା ହେତୁ କ୍ଷତି ହୋଇପାରେ। ଦ୍ୱନ୍ଦ୍ୱ ଆସିପାରେ। ଜଣେ ବ୍ୟକ୍ତିର ଆଚରଣ ମନକୁ ଆଘାତ ଦେଇପାରେ। ତତ୍ପରତା ନାହିଁ। ବିବାଦ ଉପୁଜିବାକୁ ଦିଅନ୍ତୁ ନାହିଁ। କୌଣସି ଅପରିଚିତ ବ୍ୟକ୍ତିଙ୍କ ଉପରେ ଅନ୍ଧବିଶ୍ୱାସ ରଖନ୍ତୁ ନାହିଁ। ବ୍ୟବସାୟ ଲାଭଦାୟକ ହେବ। ଅଳସୁଆତା ଜିତିବ।



**କୁମ୍ଭ:** ପୂଜା ପାଇଁ ଆଗ୍ରହୀ ହେବେ। ଆପଣ ଜଣେ ସାଧୁଙ୍କ ସେବା କରିବାର ସୁଯୋଗ ପାଇବେ। ବ୍ୟବସାୟ ଯାତ୍ରା ସଫଳ ହେବ। ବ୍ୟବସାୟ ଲାଭଦାୟକ ହେବ। ଅଂଶୀଦାରମାନଙ୍କଠାରୁ ସହଯୋଗ ହେବ। ବିନିଯୋଗ ଲାଭଦାୟକ ହେବ। ଘର ବାହାରେ ସୁଖ ମିଳିବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ।



**ମୀନ:** ଅର୍ଥନୈତିକ ପ୍ରଗତି ପାଇଁ ଏକ ନୂତନ ନୀତି ପ୍ରସ୍ତୁତ କରାଯିବ। ସିଷ୍ଟମ୍ ଉନ୍ନତି କରିବ। ଦୀର୍ଘ ଦିନ ଧରି ବିଚାରାଧୀନ ଥିବା କାର୍ଯ୍ୟ ସମାପ୍ତ କରିବାର ଏକ ସମ୍ଭାବନା ଅଛି, ଚେଷ୍ଟା ଜାରି ରଖନ୍ତୁ। ଆୟ ବୃଦ୍ଧି ପାଇବ। ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ। ପ୍ରତିଷ୍ଠା ବୃଦ୍ଧି ପାଇବ। ବ୍ୟବସାୟ ଲାଭଦାୟକ ହେବ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରିବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବୌଦ୍ଧ(ଭାସ୍କର ନ୍ୟୁଜ୍): ସ୍ଥାନୀୟ ସାମ୍ବାଦିକ ଫୋରୋମ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ପ୍ରେସ କ୍ଲବର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାପତି ବରଜ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ସାଧାରଣ ସମ୍ପାଦକ ରଘୁନାଥ ଷଡ଼ଙ୍ଗୀ ପୂର୍ବ କାର୍ଯ୍ୟକ୍ରମର ଆୟ ବ୍ୟୟ ହିସାବ ଉପସ୍ଥାପନା କରିଥିଲେ । ଏହାପରେ ଚଳିତବର୍ଷ କ୍ଲବର ପ୍ରତିଷ୍ଠା ଦିବସ ପାଳନ ସମ୍ପର୍କରେ ଆଲୋଚନା କରିବା ସହ ସାମ୍ବାଦିକଙ୍କ ନିମନ୍ତେ କଲ୍ୟାଣ ପାଣ୍ଠି ଗଠନ ଓ ବିଭିନ୍ନ ସମାଜ କଲ୍ୟକ୍ଷଣ କାର୍ଯ୍ୟ କରିବାପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏହାପରେ ନୂତନ କାର୍ଯ୍ୟକର୍ତ୍ତା ନିର୍ବାଚନ କରାଯାଇଥିଲା । ସଭାପତି ଭାବେ ପ୍ରଦୋଷ କୁମାର ମିଶ୍ର, ଉପସଭାପତି ଭାବେ ସମରେଶ ମିଶ୍ର, ସୁକାନ୍ତ ପଟ୍ଟନାୟକ, ସତ୍ୟନାରାୟଣ ପାଣି, ସାଧାରଣ ସମ୍ପାଦକ ଭାବେ ରଘୁନାଥ ଷଡ଼ଙ୍ଗୀ, ସହ ସମ୍ପାଦକ ଭାବେ ଦୁର୍ଯ୍ୟୋଧନ ବିଶି, ପ୍ରଭାତ ସାହୁ, ସଂଜୀବ ମହାକୁଡ଼, କୋଷାଧ୍ୟକ ଭାବେ ନରେନ୍ଦ୍ର ସାହୁ, ଉପଦେଷ୍ଟା ଭାବେ ବରଜ ବେହେରା, ଯୁଗଳ ସାମଲ, ଦିବ୍ୟଶଙ୍କର ରାଉତଙ୍କୁ ମନୋନୀତ କରାଯାଇଥିଲା । ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ବାସୁଦେବ ସାହୁ, ଚିତ୍ତରଞ୍ଜନ ସିଂ, ଶମ୍ଭୁପ୍ରସାଦ ମିଶ୍ର, ରଞ୍ଜନ ପାତ୍ର, ବଂଶୀଧର ମାଝୀ, ଦେବାନନ୍ଦ ସାହୁ, ସୁଧାଂଶୁ ମିଶ୍ର, ଜୟକୁମାର ମହାରଣା, ପୂର୍ଣ୍ଣଚନ୍ଦ୍ର ସାହୁଙ୍କୁ ମନୋନୀତ କରାଯାଇଥିଲା । ଶେଷରେ ସଦସ୍ୟ ସତ୍ୟନାରାୟଣ ପାଣି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକରେ ଜିଲ୍ଲା ପ୍ରେସ କ୍ଲବର ସଦସ୍ୟ ମାନେ ଯୋଗଦେଇଥିଲେ ।

## ୨ ଇନାମି ନକ୍ସଲଙ୍କ ସମେତ ୬ ଗିରଫ
## ବିସ୍ଫୋରକ ସାମଗ୍ରୀ ଜବତ




ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସୀମାନ୍ତ ସୁକମା ଜିଲ୍ଲାର ବସ୍ତର ଡିଭିଜନର ସୁରକ୍ଷା ବାହିନୀ ଛଅ ଜଣ ନକ୍ସଲଙ୍କୁ ଗିରଫ କରିଛି । ସେମାନଙ୍କ ମଧ୍ୟରୁ ଦୁଇଜଣ ନକ୍ସଲ ପୁରସ୍କୃତ ଘୋଷିତ ଏବଂ ସେମାନଙ୍କ ଉପରେ ପୋଲିଂ ବୁଥ୍ ଉପରେ ଗୁଳି ଚଳାଇ ଜଣେ ଗ୍ରାମବାସୀଙ୍କୁ ହତ୍ୟା କରିବାର ଅଭିଯୋଗ ରହିଛି । ସୁକମା ଜିଲ୍ଲାର କୋଣ୍ଟା ଏବଂ ଭେଜ୍ଜି ଥାନା ପୋଲିସକୁ ଏକ ବଡ଼ ସଫଳତା ମିଳିଛି ବୋଲି ବିବେଚନା କରାଯାଉଛି । ନକ୍ସଲ ବିରୋଧୀ ଅଭିଯାନ ଅଧୀନରେ ଚାଲିଥିବା ମିଳିତ ସର୍ଚ୍ଚ ଅପରେସନରେ ଦୁଇ ଜଣ ପୁରସ୍କୃତ ସମେତ ମୋଟ ଛଅ ଜଣ ନକ୍ସଲଙ୍କୁ ଗିରଫ କରାଯାଇଛି । ଏମାନଙ୍କ ମଧ୍ୟରୁ ଜଣେ ନକ୍ସଲ ଉପରେ ୨ ଲକ୍ଷ ଟଙ୍କା ଏବଂ ଅନ୍ୟ ଜଣେ ଉପରେ ୧ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା । ଗିରଫ ହୋଇଥିବା ଦୁଇ ମୁଖ୍ୟ ନକ୍ସଲ ୨୦୨୩ ମସିହାରେ ବିଧାନସଭା ନିର୍ବାଚନ ସମୟରେ ବଣ୍ଡା ମତଦାନ କେନ୍ଦ୍ରରେ ସୁରକ୍ଷା ବାହିନୀ ଉପରେ ଗୁଳି ଚଳାଇବା ଘଟଣାରେ ସମ୍ପୃକ୍ତ ଥିଲେ । ଏହା ସହିତ ୨୦୨୪ ମସିହାରେ ଗଙ୍ଗରାଜପାଦ ଗ୍ରାମର ଗ୍ରାମବାସୀ ତାତି ବୁଧରାଙ୍କ ନିର୍ମମ ହତ୍ୟାରେ ମଧ୍ୟ ସେମାନଙ୍କର ସମ୍ପୃକ୍ତି ମିଳିଛି । ଏହି ନକ୍ସଲ ମାନଙ୍କ ପାଖରୁ ୩ କିଲୋଗ୍ରାମ ଓଜନର ଏକ ଟିଫିନ୍ ବୋମା, ୭ ମିଟର କର୍ଡେକ୍ସ ତାର, ୧୫ ମିଟର ବୈଦ୍ୟୁତିକ ତାର ଏବଂ ୫ ଟି ବୈଦ୍ୟୁତିକ ଡେଟୋନେଟର ଆଦି ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରାଯିବା ସହ ସେମାନଙ୍କ ବିରୁଦ୍ଧରେ ଭେଜି ପୋଲିସ ଷ୍ଟେସନରେ ବିସ୍ଫୋରକ ଆଇନର ଧାରା ୪ (କ) ଅନୁଯାୟୀ ଏକ ମାମଲା ରୁଜୁ କରାଯାଇ ଗିରଫ ସମସ୍ତ ୬ ଜଣ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇ, ଯେଉଁଠାରୁ ସେମାନଙ୍କୁ ବିଚାର ବିଭାଗୀୟ ରିମାଣ୍ଡରେ ଜେଲକୁ ପଠାଯାଇଥିଲା ।

## ବିଭିନ୍ନ ସମସ୍ୟା ଘେରରେ ବଡନୀ ଗାଁ ସାପ୍ତାହିକ ହାଟ




ଉମରକୋଟ(ଭାସ୍କର ନ୍ୟୁଜ୍): ତିରିଶ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଆଞ୍ଚଳିକ ସାପ୍ତାହିକ ହାଟ ବସୁଛି ବଡନି ଗାଁ ରେ । ୨୫ ଖଣ୍ଡ ଗାଁ ଲୋକେ କିଣାବିକା କରିବାକୁ ଏହି ରବିବାରିଆ ସାପ୍ତାହିକ ହାଟକୁ ଆସିଥାନ୍ତି । ଝରିଗାଁ ବ୍ଲକର ସୁପୁ ଗାଁ ପଞ୍ଚାୟତ, ପାଲିଆ ପଞ୍ଚାୟତ ଏବଂ ଡାବୁ ଗାଁ ବ୍ଲକ ସୀମାନ୍ତ ପଞ୍ଚାୟତ ଜେବେଡ଼ା ଓ ଅଞ୍ଚଳ ପଞ୍ଚାୟତ ଏପରି ଚାରି ପଞ୍ଚାୟତ ବାସୀ ଏହି ହାଟ ଉପରେ ନିର୍ଭର କରି ଆସୁଛନ୍ତି । ଝରିଗାଁ ଡାବୁଗାଁ ମୁଖ୍ୟ ରାସ୍ତାର ପ୍ରାୟ ୧୬ କିମି ବାଟ ପରେ ବାମ ପାର୍ଶ୍ୱରେ ରହିଛି ବଡ଼ନୀ ଗ୍ରାମ । ହାଟପଡା କୁ ଯିବାକୁ ହେଲେ ମୁଖ୍ୟ ପ୍ରବେଶ ରାସ୍ତା ଭାବେ ସରକାରୀ ସେବାଶ୍ରମ ସ୍କୁଲ ବାଟ ଦେଇ ଯିବାକୁ ହୁଏ । ଗାଁ ଓ ହାଟପଡା ଯିବାକୁ ଏହା ମୁଖ୍ୟ ରାସ୍ତା ଭାବେ ରହିଛି । ଯେଉଁ ରାସ୍ତାର ଅବସ୍ଥା ଅତି ଶୋଚନୀୟ । କାଦୁଅ ମାଟି ପଚପଚ ରାସ୍ତା । ଚାଲିକି ଗଲାବେଳେ ଖସି ପଡିବା ସମ୍ଭାବନା ବେଶି । ଗାଡ଼ି ମୋଟର ଚକ କାଦୁଅରେ ଲାଖିକି ରହିଯାଉଛି । ପରନ୍ତୁ ପରସ୍ତ କାଦୁଅ ଯାନବାହାନ ଚଳାଚଳ ଓ ଲୋକଙ୍କ ଚାଲିବା କଷ୍ଟକର ହେଉଥିବା ବେଳେ ଗୁରୁତର ରୋଗୀ ଗର୍ଭବତୀ ମହିଳା, ସ୍କୁଲ ଛାତ୍ରଛାତ୍ରୀଙ୍କ ବିଦ୍ୟାଳୟକୁ ଯିବା ଆସିବା କରିବା ସମସ୍ୟା ହେଉଛି । ଦୀର୍ଘ ଦିନରୁ ଦାବି ହୋଇ ଆସୁଥିଲେ ମଧ୍ୟ ପକ୍କା ରାସ୍ତା ନିର୍ମାଣ ହୋଇପାରି ନାହିଁ । ଦୟନୀୟ ରାସ୍ତା ଦେଇ ସାପ୍ତାହିକ ହାଟକୁ ଯିବାକୁ ପଡ଼େ ଲୋକଙ୍କୁ । ପ୍ରାୟ ଦେଢ ଏକର ଜମିରେ ବସୁଛି ଏହି ହାଟ । ତିନି ଦଶନ୍ଧି ରୁ ଊର୍ଦ୍ଧ୍ୱ ସମୟ ହେବ ହାଟ ବସିବା ଆରମ୍ଭ ହୋଇଛି । ହାଟପଡା ବଡ଼ନୀ ଗ୍ରାମକୁ ଲାଗି ରହିଛି ହାଟ । କେତୋଟି ତେନ୍ତୁଳି ଓ ବରଗଛ ତଳେ ଆରମ୍ଭ ହୋଇଥିଲା ହାଟ ବସିବା । ହାଟପଡା ପ୍ରାଙ୍ଗଣରେ ରହିଛି ଗ୍ରାମ୍ୟଦେବୀଙ୍କ ଛୋଟ ମନ୍ଦିରଟିଏ । ସମୟକ୍ରମେ ହାଟପଡାର ଉନ୍ନତିକରଣ ପାଇଁ ପ୍ରଶାସନ ଖୋଲା ଆକାଶ ତଳେ ଛାତ ବିହୀନ ପିଣ୍ଡି ନିର୍ମାଣ ହୋଇଥିଲା । ପର୍ଯ୍ୟାୟକ୍ରମେ ୨୪ ଗୋଟି ପିଣ୍ଡି ନିର୍ମାଣ ହୋଇଥିଲା । ଏସବୁ ବର୍ତ୍ତମାନ ଜରାଜୀର୍ଣ୍ଣ ହୋଇ ନଷ୍ଟ ହେବାକୁ ବସିଲାଣି । ୮ଟି ପିଣ୍ଡି ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ବେଳେ ଦୁଇଟି ପିଣ୍ଡି ଉପରେ ଟିଣ ଛପର ରହିଛି । ଅବଶିଷ୍ଟ ୧୪ ଟି ପିଣ୍ଡି ଅବସ୍ଥା ଠିକ ନାହିଁ । ବଜାରକୁ ଆସୁଥିବା ଲୋକଙ୍କ ପାଇଁ ସ୍ୱତନ୍ତ୍ର ପାନୀୟ ଜଳ ବ୍ୟବସ୍ଥା ନାହିଁ । ୨୦୧୧ - ୧୨ ବର୍ଷରେ ବଜାର ପିଣ୍ଡି ନିର୍ମାଣ ହୋଇଥିଲା । ପ୍ରାୟ ପନ୍ଦର ବର୍ଷ ତଳେ ନିର୍ମିତ ପିଣ୍ଡି ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି । ଗାଁ ସହ ଲାଗି ରହିଛି ହାଟପଦା । ତେଣୁ ପିଇବା ପାଣି ପାଇଁ ଗାଁ ନଳକୂପ ଉପରେ ନିର୍ଭର କରନ୍ତି ହାଟକୁ ଆସୁଥିବା ଲୋକେ । ବ୍ୟବସାୟୀ ସବୁ ନିଜସ୍ୱ ଖର୍ଚ୍ଚରେ ପିଣ୍ଡି ସଜାଡି ପଲିଥିନ ଟାଣି ଦୋକାନ ପସରା ବସାଉଥାନ୍ତି । ମୁଖ୍ୟତଃ ଏହି ହାଟ ଗ୍ରାମାଞ୍ଚଳ ଲୋକଙ୍କ ପାଇଁ ବେଶ୍ ସହାୟକ ହେଉଛି । ପାଖ ଦଶ କିଲୋମିଟର ଦୂରବର୍ତ୍ତୀ ଗାଁ ଲୋକେ ଏହି ସାପ୍ତାହିକ ବଜାରକୁ ଆସୁଛନ୍ତି । ବର୍ତ୍ତମାନ ବର୍ଷା ଋତୁ ଜାରି ରହିଛି । ସାମାନ୍ୟ ବର୍ଷା ହେଉ କି ଭୀଷଣ ବର୍ଷା କାଦୁଅ ରାସ୍ତା ଯୋଗୁଁ ସମସ୍ୟା ଭୋଗୁଛନ୍ତି ହାଟକୁ ଆସୁଥିବା ଲୋକ ଏବଂ ସ୍ଥାନୀୟ ଗ୍ରାମବାସୀ । ପଞ୍ଚାୟତ ପ୍ରଶାସନ ଏବଂ ବ୍ଲକ ପ୍ରଶାସନ ବଡ଼ନୀ ଗାଁ ସାପ୍ତାହିକ ବଜାରର ଆବଶ୍ୟକୀୟ ଉନ୍ନତିକରଣ ଏବଂ ନବୀକରଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ମଧ୍ୟରେ ଗଙ୍ଗୁ ପୂଜାରୀ, ହରି ପୂଜାରୀ, ତ୍ରିନାଥ ପୂଜାରୀ, ଡମ୍ବୁଧର ଭତରା, ଜିତେନ୍ଦ୍ର ମେହେର, ଜିତେନ୍ଦ୍ର ମିଶ୍ର, ସଦୀର ଜାନୀ, ନୀଳାମ୍ବର ହରିଜନ, ଲଖଣ ହରିଜନ, ଲକିଚନ୍ଦ୍ର ପୂଜାରୀ, ଛବିଲାଲ ମେହେର, ଅନ୍ତରାମ ଗୌଡ଼, ଦିବାକର ଗୌଡ଼, ଅକୁର ଗୌଡ଼, ପ୍ରମୁଖ ଦାବି ପ୍ରକାଶ କରିଛନ୍ତି ।

## ମାଛ ଜାଲରେ ୧୦ଫୁଟିଆ କୁମ୍ଭୀର
## ଉଦ୍ଧାର କରି ମହାନଦୀରେ ଛାଡିଲା ବନବିଭାଗ



ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲାର ମନମୁଣ୍ଡା ଠାରୁ ମାରଡା ପର୍ଯ୍ୟନ୍ତ ମହାନଦୀ ଶହେ କିଲୋମିଟରରୁ ଊର୍ଦ୍ଧ୍ୱ ଯାଏଁ ପ୍ରବାହିତ ହୋଇଥିବାବେଳେ ବୌଦ୍ଧ ଜିଲ୍ଲାର ବିଭିନ୍ନ ମହାନଦୀ କୂଳିଆ ଅଞ୍ଚଳରେ ବସବାସ କରୁଥିବା ଅଧିବାସୀମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ଗୋଟିଏ ପଟରେ ମହାନଦୀର ବନ୍ୟାଜଳ ଆଉ ଅନ୍ୟପଟରେ କୁମ୍ଭୀର ଓ ବିଷାକ୍ତ ସାପ ଚିନ୍ତା ବଢ଼ାଉଛି । ବନ୍ୟାଜଳ ଯୋଗୁଁ ସାତକୋଶିଆ ଅଞ୍ଚଳରୁ ଏକାଧିକ ଘଡିଆଳ କୁମ୍ଭୀର ମହାନଦୀର ଉପରମୁଣ୍ଡ ଓ ଶାଖା ନଦୀନାଳକୁ ଚାଲି ଆସିଥିବାରୁ ନଦୀକୂଳିଆ ଅଧିବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ବୌଦ୍ଧ ବ୍ଲକ ବହିରା ପଞ୍ଚାୟତର ତେନ୍ତୁଳିପାଲି ଗ୍ରାମର କେଉଟଙ୍କ ମାଛ ଜାଲରେ ଏକ ଦଶଫୁଟିଆ ମାଈ ଘଡିଆଳ କୁମ୍ଭୀର ଫସିଯାଇଥିଲା । ଖବରପାଇ ବୌଦ୍ଧ ବନ ବିଭାଗ ଓ କୁସଙ୍ଗ ବନ୍ୟପ୍ରାଣୀ ଅଭୟାରଣ୍ୟର କର୍ମଚାରୀମାନେ ଉକ୍ତ ଘଡିଆଳ କୁମ୍ଭୀରକୁ ସୁରକ୍ଷିତ ଉଦ୍ଧାର କରି ସୁନାକୋନିଆ ନିକଟରେ ମହାନଦୀରେ ଛାଡିଥିଲେ ।

## ଅଶ୍ଳୀଳ ସଙ୍କୀର୍ତ୍ତନକୁ ବିରୋଧ କରି ଦାବିପତ୍ର



ବରଗଡ଼(ଭାସ୍କର ନ୍ୟୁଜ୍): ସଙ୍କୀର୍ତ୍ତନ ସଂସ୍କୃତିର ସୁରକ୍ଷା ଓ ସଂରକ୍ଷଣ ପାଇଁ ବରଗଡ଼ ଜିଲ୍ଲା ସଙ୍କୀର୍ତ୍ତନ ପରିଷଦ ପକ୍ଷରୁ ବିଭିନ୍ନ ଜନ ଜାଗରଣ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଥିବା ବେଳେ ସଂପ୍ରତି ସଙ୍କୀର୍ତ୍ତନରେ ଦିନକୁ ଦିନ ଅପ ସଂସ୍କୃତି ବଢ଼ି ଚାଲିଛି । ଅଶ୍ଳୀଳ ଓ ଦ୍ୱିଅର୍ଥ ବୋଧକ ସଙ୍କୀର୍ତ୍ତନ ପରିବେଷଣକୁ ବିରୋଧ କରି ବ୍ୟାପକ ପଦକ୍ଷେପ ନିଆଯାଉଥିବା ପରିପ୍ରେକ୍ଷୀରେ ଶନିବାର ଜିଲ୍ଲା ସଙ୍କୀର୍ତ୍ତନ ପରିଷଦର ଅଧ୍ୟକ୍ଷ ପ୍ରମୋଦ ଦାଶଙ୍କ ନେତୃତ୍ୱରେ ସମ୍ପାଦକ ପଣ୍ଡିତ ଜୟଦେବ ପଣ୍ଡା, ବରିଷ୍ଠ ଉପଦେଷ୍ଟା ସଂସ୍କୃତି ଗବେଷକ ଲଳିତ ଭୋଇ, ଲଳିତ ମୋହନ ପଣ୍ଡା ପ୍ରମୁଖ ପ୍ରତିନିଧି ମଣ୍ଡଳୀ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟଙ୍କୁ ତାଙ୍କ କାର୍ଯ୍ୟାଳୟ ରେ ଭେଟି ଏ ଭଳି ଅପ ସଂସ୍କୃତି ସମ୍ପନ୍ନ ସଙ୍କୀର୍ତ୍ତନ ପରିବେଷଣକୁ ସଂସ୍କୃତି ବିଭାଗ ବନ୍ଦ କରିବା ପାଇଁ ପଦକ୍ଷେପ ନେଉ ବୋଲି ଦାବିପତ୍ର ରେ ଉଲ୍ଲେଖ କରିଛନ୍ତି । ତେବେ ଶ୍ରୀ ଆଚାର୍ଯ୍ୟ ଆଗାମୀ ଦିନରେ ରାଜ୍ୟ ସଂସ୍କୃତି ବିଭାଗ ମନ୍ତ୍ରୀଙ୍କ ସହ ଏ ବିଷୟ ରେ ଆଲୋଚନା କରି ଉଚିତ୍ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ ।

## ଭାରସାମ୍ୟ ହରାଇ ଓଲଟିଲା ଟ୍ରକ

ବେତନଟୀ, (ଭାସ୍କର ନ୍ୟୁଜ୍): ବେତନଟୀ ଥାନା ଅଧୀନ ୧୮ନଂ ଜାତୀୟ ରାଜପଥ ପୁରୁଣାପାଣି ଠାରେ ଏକ ପଇଡବୋଝେଇ ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡ଼ିଥିବା ବେଳେ ଏଥିରେ ଚାଳକ ସାମାନ୍ୟ ଆହତ ହେବାସହିତ ଖଲାସୀ ଜଣକ ଗୁରୁତର ଆହତ ହୋଇଥିବା ଜଣାଯାଇଛି । ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ନେଇ ବେତନଟୀ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ସୂଚନା ମୁତାବକ ତାମିଲନାଡୁରୁ ପଇଡ ବୋଝେଇ ବିହାର ଅଭିମୁଖେ ଯାଉଥିବା ଟ୍ରକଟି ୧୮ନମ୍ବର ଜାତୀୟ ରାଜପଥ ପୁରୁଣାପାଣି ଠାରେ କୌଣସି କାରଣରୁ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିଲା । ଏଥିରେ ଚାଳକ ଆହତ ହୋଇଥିବା ବେଳେ ଖଲାସୀ ଜଣକ ଗୁରୁତର ଆହତ ହୋଇଥିଲେ । ଖବରପାଇ ବେତନଟୀ ପୁଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ଅନ୍ୟ ଏକ ଟ୍ରକକୁ ପଇଡ଼ ଗୁଡିକ ସ୍ଥାନାନ୍ତର ହେବାପରେ କ୍ରେନ ସହାୟତାରେ ଦୁର୍ଘଟଣାଗ୍ରସ୍ତ ଟ୍ରକକୁ ଉଦ୍ଧାର କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ଚାଳକ ସାମାନ୍ୟ ଆହତ ହୋଇଥିବା ବେଳେ ଖଲାସୀ ଡାକ୍ତରଖାନାରେ ଚିକିତ୍ସାଧୀନ ରହିଛି ।

## ନୀଳାଚଳ ଖଣି ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ





କୋଇଡା (ଭାସ୍କର ନ୍ୟୁଜ୍): ପରିବେଶ ସନ୍ତୁଳନ ଏବଂ ଜନ ସମାଜ ପାଇଁ ବୃକ୍ଷର ଆବଶ୍ୟକତା ସମ୍ପର୍କରେ ଆଗାମୀ ପିଢି ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ, ନୀଳାଚଳ ଖଣି ପକ୍ଷରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ପାଟମୁଣ୍ଡା ଗ୍ରାମ ପଞ୍ଚାୟତ ଅଧିନସ୍ଥ କଦଳୀଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନୀଳାଚଳ ଖଣି ଚିଫ ରାହୁଲ କିଶୋର, ନୀଳାଚଳ ଖଣି ହେଡ୍ ପଙ୍କଜ କୁମାର, ଅନ୍ୟାନ୍ୟ ଅଫିସର ମାନଙ୍କ ସମେତ ବିଦ୍ୟାଳୟ ର ଶିକ୍ଷକ ଏବଂ ନିକଟସ୍ଥ ଗ୍ରାମବାସୀ ଯୋଗ ଦେଇଥିଲେ । ଜଙ୍ଗଲ ବିଭାଗର ପଦାଧିକାରୀ ମାନେ ମଧ୍ୟ ଏଥିରେ ସାମିଲ ହୋଇ ଛାତ୍ରଛାତ୍ରୀମାନଙ୍କୁ ପରିବେଶ ପାଇଁ ଗଛର ମହତ୍ତ୍ୱ ବୁଝାଇବା ସହ ଏହା କିପରି ଆମ ଜୀବନ ଓ ଜିବିକା ସହ ଜଡିତ ତା' ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଫଳ ଧାରଣକାରୀ ଗଛ ସମେତ ଶାଳ, ଶିଶୁ, ଗମ୍ଭାରୀ, କଞ୍ଚନ ଏବଂ କୁରୁଚୀ ଭଳି ବିଭିନ୍ନ କିସମ ର ପ୍ରାୟ ୧୦୦ ଟି ଚାରା ରୋପଣ କରାଯାଇଥିଲା । ରାହୁଲ କିଶୋର ବୃକ୍ଷର ଉପାଦେୟତା ଏବଂ ପରିବେଶ ସନ୍ତୁଳନରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂପର୍କରେ ଆଲୋକପାତ କରିଥିଲେ । ବର୍ତ୍ତମାନର ପରିବର୍ତ୍ତନଶୀଳ ଜଳବାୟୁ ପାଇଁ ଗଛର ବହୁଳ ଆବଶ୍ୟକତା ରହିଛି ଏବଂ ଏହାକୁ ଆବାଳବୃଦ୍ଧବନିତା ହୃଦୟଙ୍ଗମ କରି ଚାରା ରୋପଣ କରିବା ର ସମୟ ଆସିଛି ବୋଲି ସମସ୍ତେ ମତ ବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ଓ ସ୍ଥାନୀୟ ପୁରୁଷ ଏବଂ ମହିଳା ମାନଙ୍କୁ ଚାରା ପ୍ରଦାନ କରାଯାଇଥିଲା । ସ୍ଥାନୀୟ ଜନସାଧାରଣଙ୍କୁ ପରିବେଶ ସନ୍ତୁଳନ ପାଇଁ ଗଛ ଲଗାଇବା କାର୍ଯ୍ୟକ୍ରମରେ ସାମିଲ କରିବା ସହ ସଚେତନତା ସୃଷ୍ଟି କରାଇବା ହେଉଛି ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ।

## ଦୁର୍ଘଟଣାରେ ଜଣେ ଆହତ

କାଳିମେଳା(ଭାସ୍କର ନ୍ୟୁଜ): ଶୁକ୍ରବାର ସଧ୍ୟା ୬ଟାରେ କାଳିମେଳା ଥାନା ଅନ୍ତର୍ଗତ ବଡୁଗୁଡା ହିରୋହୋଣ୍ଡା ସୋ'ରୁମ ସାମ୍ନା ୩୨୬ ଜାତୀୟ ରାଜପଥରେ ପିକଅପ୍ ଭ୍ୟାନ ଏବଂ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିବା ଜଣାପଡିଛି । ଏଥିରେ ବାଇକ୍ ଚାଳକ ଆହତ ହୋଇଥିବାରୁ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥିଲା ।



## ପୋଲ କାମ ନିମ୍ନମାନର ଅଭିଯୋଗ



ଡାବୁଗାଁ (ଭାସ୍କର ନ୍ୟୁଜ୍): ଗତ କିଛିଦିନ ତଳେ ନାଳ ଉପରେ ପୋଲ ନଥିବା ଖବର 'ଓଡିଶା ଭାସ୍କର'ରେ ଖବର ପ୍ରସାରଣ ପରେ ନାଳ ଉପରେ ପୋଲ ୨ ଦିନ ଭିତରେ ହେଇଥିଲା । କିନ୍ତୁ ଏହି ପୋଲ କାମ ଏତେ ନିମ୍ନମାନର ହୋଇଛି ଯେ ତାହା ନଦେଖିଲେ ବିଶ୍ୱାସ ହେବନି । ଡାବୁଗାଁ ହାଟପଦା ତଳ ସାହିରେ ରାସ୍ତା ସଂଯୋଗ ନ ଥିବାରୁ ସାହିବାସୀ ହଇରାଣ । ଆମ୍ବୁଲାନ୍ସ ତ ଦୂର ର କଥା ସାମାନ୍ୟ ଅଟୋ ମଧ୍ୟ ଯାଉନି । ଡାବୁଗାଁ ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଡଙ୍ଗରିଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ସଦର ହାଟପଦା ତଳ ସାହିରେ ବିଭାଜନ କରୁଥିବା ଦୁଇଟି ରାସ୍ତାକୁ ସଂଯୋଗ ନ ଥିବାରୁ ସାହିବାସୀ ନାହିଁ ନ ଥିବା ହଇରାଣ ହେଉଛନ୍ତି । ଉକ୍ତ ରାସ୍ତା ଦେଇ ପୂର୍ବରୁ ଯାନ ବାହାନ ଓ ବାଇକ୍ ଚଳାଚଳ ହେଉଥିବା ବେଳେ ଗତ କିଛି ଦିନ ହେଲା ଉକ୍ତ ସଂଯୋଗ ରାସ୍ତାକୁ କେହି ହଟାଇ ଦେଇ ଥିବାରୁ ଯାନ ବାହାନ ଚଳାଚଳରେ ଅସୁବିଧା ହେଉଛି । ବିଶେଷ କରି ମାତ୍ର ଅଳ୍ପ ଦୂରରେ ଥିବା ଅଙ୍ଗନୱାଡି କେନ୍ଦ୍ର କୁ ଛୋଟ ଛୋଟ ଶିଶୁ ମାନେ ଉକ୍ତ ରାସ୍ତା ଦେଇ ଯିବା ଆସିବା ସମୟରେ ବହୁତ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି । ରାତ୍ର ସମୟରେ ସାହିବାସୀ ଯାତାୟାତ ସମୟରେ ଡ୍ରେନ ଭିତରେ ଖସି ପଡ଼ି ଖଣ୍ଡିଆ ଖାବରା ହେଉଛନ୍ତି । ଗୁରୁବାର ସାପ୍ତାହିକ ହାଟରେ ମଧ ଉକ୍ତ ରାସ୍ତା ଦେଇ ଗୋରୁ ଯାତାୟାତ କରୁଥିବା ବେଳେ ରାସ୍ତାରୁ ଯୋଗାଯୋଗ ହଟିବା ପରେ ଗୋରୁ ଯାତାୟାତରେ ଅସୁବିଧା ହେଉଛି । ପ୍ରଶାସନ ତରଫରୁ ହାଟପଦା ତଳସାହିରେ ଦୁଇଟି ରାସ୍ତାକୁ ଯୋଗାଯୋଗ କରୁଥିବା ଉକ୍ତ ରାସ୍ତାକୁ ସଂଯୋଗିକରଣ କରିବାକୁ ସାହିବାସୀ ଦାବୀ କରିଛନ୍ତି ।

## ଜିଲ୍ଲାସ୍ତରୀୟ ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳିତ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲା ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ମତ୍ସ୍ୟ ବିଭାଗ ପକ୍ଷରୁ ଜିଲ୍ଲା ସ୍ତରୀୟ ଜାତୀୟ ମତ୍ସ୍ୟ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ଜିଲ୍ଲା ମତ୍ସ୍ୟ ବିଭାଗ ଅଧିକାରୀ ନିରୋଦ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନି ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବରେ ଉପ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ସୁଶାନ୍ତ ରଞ୍ଜନ ଦାସ ,ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ ଡ଼.ବିଦ୍ୟୁତ୍ ଶେଖର ମିଶ୍ର, ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ଗଜପତି ସୁରେଶ ପଟ୍ଟନାୟକ , ସେଞ୍ଚୁରୀୟନ୍ ବିଶ୍ୱ ବିଦ୍ୟାଳୟର ସହକାରୀ ଅଧ୍ୟାପକ ଅରବିନ୍ଦ ଉପାଧ୍ୟାୟ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । ଏଥିରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ମାଝୀ ମତ୍ସ୍ୟ ଚାଷୀଙ୍କୁ ଅଳ୍ପ ଅର୍ଥ ବିନିଯୋଗ କରି ଅଧିକ ଲାଭ କରିବା ପାଇଁ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ । ଗଜପତି ଜିଲ୍ଲାରେ ସବୁଠାରୁ ଅଧିକ ମାଛ ଚାଷ ଉତ୍ପାଦନ ହୋଇପାରିବ । ମତ୍ସ୍ୟ ଚାଷ କରିବା ଦ୍ୱାରା ଚାଷୀ ଭାଇ ଭଉଣୀମାନେ ଅଧିକ ଲାଭବାନ ପାଇପାରିବେ । ଏଥିସହିତ ମତ୍ସ୍ୟ ଚାଷୀ ନୂତନ ଜ୍ଞାନ କୌଶଳ ପଦ୍ଧତି ଆପଣାଇବା ସହ ତଳିଆ ଜମିରେ ମାଛ ଚାଷ କରି ମତ୍ସ୍ୟ ପୋଖରୀ ନିର୍ମାଣ ଏବଂ ମହିଳା ସଶକ୍ତିକରଣ ଓ ବିକାଶ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ସେହିପରି ଜିଲ୍ଲାର ତିନି ଜଣ ସଫଳ ମତ୍ସ୍ୟ ଚାଷୀ ଯଥା କାଶୀନଗର ବ୍ଲକର ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀ, ଗୋସାଣୀ ବ୍ଲକର ଗେଡେଲା କଳ୍ପନା ଓ ଗୁମ୍ମା ବ୍ଲକର ଏଲିଓ ରଇତଙ୍କୁ ସଫଳ ମତ୍ସ୍ୟ ଚାଷୀ ଭାବେ ଅତିରିକ୍ତ ଜିଲ୍ଲାପାଳ ସମ୍ବର୍ଦ୍ଧିତ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମକୁ ସହକାରୀ ମତ୍ସ୍ୟ ଅଧିକାରୀ କିଶୋର ଚନ୍ଦ୍ର ପତି ପରିଚାଳନା କରିଥିବା ବେଳେ ବିଭାଗୀୟ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା



ରାୟଗଡ(ଭାସ୍କର ନ୍ୟୁଜ୍): ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନ ରାୟଗଡା ଠାରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଓଡିଶା ସରକାର ଓ ଜିଲ୍ଲା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଆ ସାହିତ୍ୟ ଏକାଡେମୀର ୬୮ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ପୂର୍ବରୁ ବ୍ଲକ ସ୍ତରରେ ଆୟୋଜିତ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ମାନେ ୪ଟି ବିଭାଗର ଯଥା ସାହିତ୍ୟ ସମ୍ପର୍କିତ ବକ୍ତୃତା, କବିତା ଆବୃତ୍ତି, ପ୍ରବନ୍ଧ ଏବଂ ସାଧାରଣ ଜ୍ଞାନ ଓ ଇଂରାଜୀରୁ ଓଡ଼ିଆ ଅନୁବାଦ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ଷଷ୍ଠ ଓ ସପ୍ତମ ଶ୍ରେଣୀକୁ ନେଇ କନିଷ୍ଠ ଓ ଅଷ୍ଟମ,ନବମ ଓ ଦଶମ ଶ୍ରେଣୀକୁ ନେଇ ବରିଷ୍ଠ ଏହି ଦୁଇଟି ବର୍ଗର ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରଥମ,ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା କୃତୀ ପ୍ରତିଯୋଗୀଙ୍କୁ ମଧ୍ୟାହ୍ନ ଭୋଜନ ପରେ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ସୂଚନାଯୋଗ୍ୟ ଯେ,କନିଷ୍ଠ ବିଭାଗର ପ୍ରଥମ ସ୍ଥାନ ହାସଲ କରିଥିବା ଚାରିଜଣ ଛାତ୍ରଛାତ୍ରୀଙ୍କୁ ଆସନ୍ତା ୧୩ ତାରିଖରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ନିମନ୍ତେ ଅଭିଭାବକଙ୍କ ସହ ଭୁବନେଶ୍ୱର ପ୍ରେରଣ କରାଯିବ ଓ ବରିଷ୍ଠ ବର୍ଗର ପ୍ରଥମ ସ୍ଥାନ ହାସଲ କରିଥିବା ଚାରିଜଣ ଛାତ୍ରଛାତ୍ରୀଙ୍କୁ ଆସନ୍ତା ୧୯ ତାରିଖରେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ପ୍ରେରଣ କରାଯିବ ଯାହାର ସମସ୍ତ ଖର୍ଚ୍ଚ ଓଡିଶା ସାହିତ୍ୟ ଏକାଡେମୀ ବହନ କରିବେ । ଆଜିର ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ଯୋଗଦେଇ ଉପସ୍ଥିତ ଶିକ୍ଷକ, ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ନିଜ ସମ୍ଭାଷଣ ମାଧ୍ୟମରେ ଉତ୍ସାହିତ କରିଥିଲେ ଓ ପୁରସ୍କାର ବିତରଣ କରିଥିଲେ ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ନିଜ ବକ୍ତବ୍ୟ ମାଧ୍ୟମରେ ପିଲା ମାନଙ୍କୁ ଆଶୀର୍ବାଦ ଓ ପୁରସ୍କାର ପ୍ରଦାନ କରିଥିଲେ । ବିଚାରକ ଭାବେ ଶ୍ରୀମତୀ ବି. ଅନିତା,ଶ୍ରୀମତୀ ସୋନାଲି ମିଶ୍ର, ଶ୍ରୀକାନ୍ତ ମାଲିକ ଓ ମନୋରଞ୍ଜନ ମିଶ୍ର ଦାୟିତ୍ୱ ନିର୍ବାହ କରିଥିଲେ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ସୁଚାରୁ ଭାବେ ପରିଚାଳନା କରିଥିଲେ । ପରିଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ବରିଷ୍ଠ ଶିକ୍ଷକ ଶ୍ରୀ ପ୍ରଶାନ୍ତ କୁମାର ନାୟକ କାର୍ଯ୍ୟକ୍ରମରେ ମଞ୍ଚ ସଂଚାଳନ କରିଥିଲେ ।

**ବଦଳିଲେ ବିବାଦୀୟ ଡାକ୍ତର**

## ପ୍ରହସନରେ ପରିଣତ ହେଲା ଆଶାକର୍ମୀଙ୍କ ଧାରଣା

ଉମରକୋଟ(ଭାସ୍କର ନ୍ୟୁଜ୍): ବାରମ୍ବାର ଅଭିଯୋଗ, ଆନ୍ଦୋଳନ ଦୀର୍ଘ ପ୍ରତିବାଦ ଦାବି ପରେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ କାର୍ଯ୍ୟରତ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ସୁମନ୍ତ କୁମାର ରାଉଳଙ୍କୁ ଜିଲ୍ଲା ପ୍ରଶାସନ ବଦଳି କରିଛି । ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପତ୍ରାଙ୍କ ୬୭୬୧/ ୨୦୨୫ ତାରିଖ ୦୮/୦୭/୨୦୨୫ ଅନୁଯାୟୀ ଡାକ୍ତର ରାଉଳଙ୍କୁ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ କର୍ମାନ୍ତର ପ୍ରେରଣ କରାଯାଇଛି । ତାଙ୍କ ବଦଳରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ପ୍ରମୋଦ କୁମାର ନାୟକଙ୍କୁ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ଡେପୁଟେସନ କରାଯାଇଛି । ଏହାର ପ୍ରତିବାଦ କରି ଆଶାକର୍ମୀ ଆନ୍ଦୋଳନକୁ ଓହ୍ଲାଇ ଧାରଣା ଦେଇଥିବା ଦେଖିବାକୁ ମିଳିଥିଲା । ଡାକ୍ତର ରାଉଳଙ୍କ ଡେପୁଟେସନ ଆଦେଶ ବାତିଲ କରି ତାଙ୍କୁ ଏଠାରେ ପୁନଃ ଥଇଥାନ କରିବାକୁ ଦାବି କରିଛନ୍ତି । ତେବେ ଜଣେ ବିବାଦୀୟ ଡାକ୍ତରଙ୍କ ବଦଳି ପ୍ରତିବାଦରେ ଆଶା କର୍ମୀମାନଙ୍କ ଧାରଣା କେତେଦୂର ଯୁକ୍ତି ସଙ୍ଗତ ବୋଲି ପ୍ରଶ୍ନ ଉଠିଛି । ଆଶାକର୍ମୀଙ୍କ ଧାରଣା ସମ୍ପୂର୍ଣ୍ଣ ବେଆଇନ ଓ ପ୍ରହସନ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି । ଏହାକୁ ନେଇ ଅନେକ ମତ ଦେଇଛନ୍ତି କି ଯେ ଜଣେ ଡାକ୍ତର ଦୀର୍ଘ ବର୍ଷ ଧରି ନିଜର ଆଧିପତ୍ୟ ବିସ୍ତାର କରିଥିବାବେଳେ ବହୁ ଦୁର୍ନୀତି ଓ ଅନିୟମିତତାରେ ଲିପ୍ତ ଥିବା ସହ ରୋଗୀଙ୍କୁ ସେବା କମ୍ ଶୋଷଣ ବେଶୀ ଦେଖିବାକୁ ମିଳିଥିଲା । ସମ୍ପୃକ୍ତ ଡାକ୍ତରଙ୍କ ଏଠାରେ ଅବସ୍ଥିତି ବିଶେଷ କରି ଗର୍ଭବତୀ ମହିଳା ରୋଗୀମାନଙ୍କ ପକ୍ଷରେ ମାଗଣା ସ୍ୱାସ୍ଥ୍ୟ ସେବା ସାତ ସପନ ହୋଇଥିଲା । ଗତ ଦିନରେ ଏହି ଡାକ୍ତରଙ୍କ କାର୍ଯ୍ୟକଳାପ ଓ ଲାଞ୍ଚଖୋର ମନୋବୃତ୍ତିକୁ ନେଇ ଅନେକ ବାଦାନୁବାଦ ଆନ୍ଦୋଳନ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ତଥାପି ପୂର୍ବ ସରକାର କି ଜିଲ୍ଲା ପ୍ରଶାସନ ସେଥିପ୍ରତି କୌଣସି କର୍ଣ୍ଣପାତ କରୁନଥିଲେ । ସମ୍ପୃକ୍ତ ଡାକ୍ତର ଏତେ ପ୍ରଭାବଶାଳୀ ଥିଲେ ଯେ ତାଙ୍କ ବିରୁଦ୍ଧରେ ସାମାନ୍ୟତମ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଟିଏ ମଧ୍ୟ ଗ୍ରହଣ କରିବାରେ ପ୍ରାଶାସନିକ ବିଫଳତା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା । ଏଠାରେ ଗର୍ଭବତୀ ମାନଙ୍କ ଅଲଟ୍ରାସାଉଣ୍ଡ ଠାରୁ ଆରମ୍ଭ କରି ଡେଲିଭରି ପର୍ଯ୍ୟନ୍ତ କୌଣସି ସେବା ବିନା ପଇସାରେ ଉପଲବ୍ଧ ହୋଇପାରୁନଥିଲା । ଉମରକୋଟ ବ୍ଲକ ଖାଣ୍ଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ବାସୁଦେବ ପୂଜାରୀଙ୍କ କହିବା ଅନୁଯାୟୀ ଡାକ୍ତର ରାଉଳ ଗର୍ଭବତୀ ମହିଳାମାନଙ୍କ ଚିକିତ୍ସା ହସ୍ପିଟାଲରେ ନ କରି ସଦା ସର୍ବଦା ନିଜ ସରକାରୀ ବାସଭବନରେ ଅଧିକ କରୁଥିବାବେଳେ ଏକ ନିର୍ଦ୍ଦିଷ୍ଟ କମ୍ପାନୀର ଔଷଧ ବାହାର ଦୋକାନରୁ କିଣିବାକୁ ବାଧ୍ୟ କରୁଥିଲେ । ଚିକିତ୍ସାଳୟରେ ନିରାମୟ ଯୋଜନାରେ ପର୍ଯ୍ୟାପ୍ତ ପରିମାଣର ଜୀବନ ରକ୍ଷାକାରୀ ଔଷଧ ଉପଲବ୍ଧ ଥିବା ସତ୍ତ୍ୱେ ଗର୍ଭବତୀ ମହିଳାଙ୍କୁ ସେଥିରୁ ବଞ୍ଚିତ କରାଯାଉଥିଲା । ବାହାରୁ ଔଷଧ କିଣିବା ଦ୍ୱାରା ଗରିବ ରୋଗୀ ଅଧିକ ଖର୍ଚ୍ଚାନ୍ତ ହେବା ସହ ହନ୍ତସନ୍ତ ହେଉଥିଲେ । ପୁଣି ପ୍ରସୂତି ପାଇଁ ଅସ୍ତ୍ରୋପଚାର ପାଇଁ ମୋଟା ଅଙ୍କର ଅର୍ଥ ଦାବି କରୁଥିବାବେଳେ ବେଳେ ଯଦି କେହି ଅର୍ଥ ଦେବାରେ ସକ୍ଷମ ହୋଇପାରେନାହିଁ, ତେବେ ଉକ୍ତ ରୋଗୀଙ୍କୁ ବିଭିନ୍ନ କାରଣ ଦର୍ଶାଇ ଉଦ୍ଦେଶ୍ୟ ମୂଳକ ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନବରଙ୍ଗପୁର କୁ ରେଫର୍ କରୁଥିବା ନେଇ ସଙ୍ଗିନୀ ଅଭିଯୋଗ କରିଛନ୍ତି । ଏହି ଉପଖଣ୍ଡ ଚିକିତ୍ସାଳୟରେ ରାଜନୈତିକ ପଶାପାଲିରେ ଛନ୍ଦିହୋଇ ଗର୍ଭବତୀ ମହିଳା ରୋଗୀ ଅଣନିଃଶ୍ୱାସୀ ହୋଇପଡିଥିଲେ । ତେବେ ବିଳମ୍ବରେ ହେଲେ ମଧ୍ୟ ଜିଲ୍ଲା ପ୍ରଶାସନର ହସ୍ତକ୍ଷେପରେ ଗର୍ଭବତୀ ମହିଳା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂତନ ସୂର୍ଯ୍ୟ ଉଦୟ ହୋଇଛି । ଜଣେ ବିବାଦୀୟ ଡାକ୍ତରଙ୍କ କର୍ମାନ୍ତର ପ୍ରେରଣ ପରେ ଗର୍ଭବତୀ ମହିଳା ରୋଗୀଙ୍କ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନୂତନ ଆଶା ସଞ୍ଚାର ହୋଇଛି । ବର୍ତ୍ତମାନ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ ଦୁଇ ଦୁଇ ଜଣ ଦାୟିତ୍ୱ ସମ୍ପନ୍ନ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତରଙ୍କ ଉପସ୍ଥିତି ଏହା ନିଶ୍ଚିତ ରୂପେ ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟସେବା ରେ ବଳିଷ୍ଠ ପଦକ୍ଷେପ ସୃଷ୍ଟି କରିବ ବୋଲି ଆଶା ଓ ବିଶ୍ୱାସ କରାଯାଉଛି ବୋଲି ବାସୁଦେବ ମତବ୍ୟକ୍ତ କରିଛନ୍ତି ।




## ଜନସଂଖ୍ୟା ଅନୁପାତରେ ଜଙ୍ଗଲ ଓ ବନ୍ୟପ୍ରାଣୀ ବୃଦ୍ଧି ଶୀର୍ଷକ ଆଲୋଚନା



କୁଚିଣ୍ଡା(ଭାସ୍କର ନ୍ୟୁଜ୍): କୁଚିଣ୍ଡା ବ୍ଲକ ହାଡ଼ିପାଲି ସରକାରୀ ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଅଞ୍ଚଳର ସ୍କୁଲ ସମୂହକୁ ନେଇ ବିଶ୍ୱ ଜନସଂଖ୍ୟା ଦିବସ ଓ ବନ ମହୋତ୍ସବ ଉପଲକ୍ଷେ ' ଜନ ସଂଖ୍ୟା ଅନୁପାତରେ ଜଙ୍ଗଲ ଓ ବନ୍ୟ ପ୍ରାଣୀ ର ବୃଦ୍ଧି ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ କରୁଣାକର ଧନୱର୍ଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମାଜସେବୀ ସୁବାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବନ ଓ ବନ୍ୟପ୍ରାଣୀ କିପରି ମାନବ ସମାଜର ବନ୍ଧୁ ତାହା ଉଲ୍ଲେଖ କରି ଉଭୟର ସଂଖ୍ୟା ବୃଦ୍ଧି ଓ ମଣିଷର ସଂଖ୍ୟା ହ୍ରାସ ପାଇଁ ଆହ୍ୱାନ ଦେଇଥିଲେ । ଅବସରପ୍ରାପ୍ତ ଉଦ୍ୟାନ ବିଭାଗ କର୍ମଚାରୀ ରବୀନ୍ଦ୍ର କୁମାର ଦାସ ଓ ପୂର୍ବତନ ଫରେଷ୍ଟର ଶେଖର ବନମାଳୀ ନମଦେଓ ମଧ୍ୟ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଅତିଥି ଗଣ ପୂର୍ବରୁ ଆୟୋଜିତ ପରିବେଶକୁ ନେଇ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ସହକାରୀ ଶିକ୍ଷକ ଗୋପାଳ ନାଥଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ବରିଷ୍ଠ ଶିକ୍ଷକ ପୌଲସ୍ତି କୁମାର ପଟେଲ ପ୍ରାରମ୍ଭିକ ସୂଚନା , ପୁନମ୍ ପ୍ରେମାଞ୍ଜଳି ଡାଙ୍ଗ ଅତିଥି ପରିଚୟ ଓ ପ୍ରାଥମିକ ଶିକ୍ଷୟିତ୍ରୀ ସବିତା ପଟେଲ ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହା ପରେ ସ୍କୁଲ ପରିସରରେ ଭୀଷ୍ମଦେବ ସାହୁ, ରେଖା ସିଂ ଓ ବିଜୟ ପଟେଲଙ୍କ ନେତୃତ୍ୱରେ ଅତିଥି ଓ ଶତାଧିକ ଛାତ୍ରଛାତ୍ରୀ ଚାରାରୋପଣ କରିଥିଲେ । ଏହା ପୂର୍ବରୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ସଚେତନତା ପ୍ରକାଶ କରିଥିଲେ ।



ବେତନଟୀ (ଭାସ୍କର ନ୍ୟୁଜ): ବେତନଟୀ ସ୍ଥିତ ମହୁଲିଆ ଗ୍ରାମରେ ଥିବା ସରସ୍ୱତୀ ଶିଶୁମନ୍ଦିରରେ ଗୁରୁ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ପରିଚାଳନା କମିଟିର ସଂପାଦକ ପ୍ରକାଶଚନ୍ଦ୍ର ବେହେରାଙ୍କର ସଭାପତିତ୍ୱ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଭାରତୀୟ ରେଡକ୍ରସ ସୋସାଇଟିର ଆଜୀବନ ସଦସ୍ୟ ତଥା ଭାଇସ ପେଟ୍ରୋନ ଡ଼କ୍ଟର ରମାକାନ୍ତ ମହାନ୍ତ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଗୁରୁ ପୂର୍ଣ୍ଣିମାର ପୌରାଣିକ ପୃଷ୍ଠଭୂମି, ଅଷ୍ଟାଦଶ ପୁରାଣର ରଚୟିତା ମହାରଷି ବ୍ୟାସ ଦେବଙ୍କର ଜୀବନୀ ଏବଂ ଅବଦାନ ତଥା ଗୁରୁପୂର୍ଣ୍ଣିମା ପାଳନର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ପ୍ରସଙ୍ଗରେ ବିଶଦ ଭାବରେ ଆଲୋଚନା କରିଥିଲେ। ମୁଖ୍ୟ ବକ୍ତାଭାବରେ ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀଧର ବାରିକ ଯୋଗଦାନକରି ଗୁରୁ ଶବ୍ଦ ର ମହାନତା,ବ୍ୟାପକତା ଏବଂ ଗଭୀରତା ବିଷୟରେ ଅତି ସୁନ୍ଦର ଅବତାରଣା କରି ଗୁରୁ ଶିଷ୍ୟ ସମ୍ପର୍କର ପବିତ୍ରତା ମଧୁରତାର ଅନେକ ଦୃଷ୍ଟାନ୍ତ ଉପସ୍ଥାପନା କରିଥିଲେ। ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଶ୍ରୀମତୀ ରାଜଶ୍ରୀ ଦୁର୍ଗା, କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଶ୍ରୀମତୀ ଅଞ୍ଜଳି ଚୌଧୁରୀ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ନିହାରିକା କର। ଏଥିରେ ସରସ୍ୱତୀ ଶିଶୁ ମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା ଏବଂ ଛାତ୍ର ଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ।



# ନାଇଜର ପ୍ରତିଷ୍ଠାନର ସ୍ନାତକ ସମାରୋହରେ ଧର୍ମେନ୍ଦ୍ର




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମନ୍ଦିରମାଳିନୀ ଭୁବନେଶ୍ୱର ଏବଂ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ନାଇଜର ସମେତ ଆଇଆଇଟି, ଏମ୍ସ, ଏସଡ଼ିଆଇ, ଏବଂ ଇନଷ୍ଟିଚ୍ୟୁଟ ଅଫ୍ ଫିଜିକ୍ସ ଭଳି ଅନେକ ଶିକ୍ଷାନୁଷ୍ଠାନ ଗଢି ଉଠିଛି । ଭୁବନେଶ୍ୱରରେ ଦେଶର ପ୍ରତିଭାବାନ ଯୁବଶକ୍ତି ଅଛନ୍ତି । ଏହି ସମୃଦ୍ଧ ନେଟୱାର୍କ ଓଡ଼ିଶାକୁ ବଡ଼ ସ୍ୱପ୍ନ ଦେଖିବା ସହ ଏକ ଶକ୍ତିଶାଳୀ ଏବଂ ଆତ୍ମନିର୍ଭରଶୀଳ ଭାରତ ଗଠନରେ ଅଧିକ ଯୋଗଦାନ ଦେବାରେ ସାହାଯ୍ୟ କରୁଛି। ଏହି ସମ୍ଭାବନାକୁ ଦେଖିଲେ ଆଗାମୀ ଦିନରେ ଭୁବନେଶ୍ୱର ଜ୍ଞାନର ପେଣ୍ଠସ୍ଥଳି ହେବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେହିପରି ଆରାମଦାୟକ ଜୀବନ ପାଇଁ ନୁହେଁ, ରାଷ୍ଟ୍ର ପାଇଁ ବଞ୍ଚିବାର ମନୋଭାବ ରଖିବାକୁ ଶ୍ରୀ ପ୍ରଧାନ ଯୁବବର୍ଗଙ୍କୁ ଆହ୍ୱାନ କରିଛନ୍ତି । ଭୁବନେଶ୍ୱର ସ୍ଥିତ ଜାତୀୟ ବିଜ୍ଞାନ ଶିକ୍ଷା ଏବଂ ଗବେଷଣା ପ୍ରତିଷ୍ଠାନ (ନାଇଜର)ର ୧୪ତମ ସ୍ନାତକ ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ ଯେ ଜଟଣୀରେ ପ୍ରତିଷ୍ଠିତ ଜାତୀୟ ବିଜ୍ଞାନ ଶିକ୍ଷା ଏବଂ ଗବେଷଣା ପ୍ରତିଷ୍ଠାନ ହେଉଛି ଏକ ସ୍ୱୟଂଶାସିତ ଗବେଷଣା ଅନୁଷ୍ଠାନ, ଯାହା ଆଟୋମିକ୍ ଏନର୍ଜି ସହଯୋଗରେ ସ୍ଥାପନା ହୋଇଛି । ହୋମି ଭାଭା ଜାତୀୟ ପ୍ରତିଷ୍ଠାନ ଦ୍ୱାରା ଅନୁବନ୍ଧିତ ଏହି ପ୍ରତିଷ୍ଠାନ ବହୁତ ଉଚ୍ଚକୋଟୀର ଅନୁଷ୍ଠାନ । ବହୁତ ଗୁଣାତ୍ମକ ପିଲାମାନେ ଏଠାରେ ପାଠ ପଢନ୍ତି । ଦେଶର ବୈଜ୍ଞାନିକଙ୍କ ଆବଶ୍ୟକତା ଅନୁସାରେ ଶିକ୍ଷା ପ୍ରଦାନ, ଗବେଷଣା କ୍ଷେତ୍ର ଏବଂ ଇନୋଭେସନ ପାଇଁ ଭାବା ନ୍ୟାସନାଲ ଇନଷ୍ଟିଚ୍ୟୁଟର ବଡ଼ ଭୂମିକା ଅଛି । କେବଳ ପରମାଣୁ ଶକ୍ତି ପାଇଁ ନୁହେଁ ବରଂ ବିଜ୍ଞାନର ଅନେକ ଦିଗରେ ଆନ୍ତର୍ଜାତୀୟ ସ୍ତରର ଆଧୁନିକ ଗବେଷଣା ଏହି ଶିକ୍ଷାନୁଷ୍ଠାନରେ ହୋଇଥାଏ । ଭୁବନେଶ୍ୱରରେ ନାଇଜର ଭଳି ଶିକ୍ଷାନୁଷ୍ଠାନ ଗଢି ଉଠିବା ଗର୍ବର ବିଷୟ । ଏକବିଂଶ ଶତାବ୍ଦୀରେ ଏକ ଜ୍ଞାନଭିତ୍ତିକ ଅର୍ଥନୀତିର ପରିକଳ୍ପନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କରିଛନ୍ତି । ଏଥିପାଇଁ ୫୦ ହଜାର କୋଟି ଟଙ୍କା ବିନିଯୋଗ କରି ନ୍ୟାସନାଲ ରିସର୍ଚ୍ଚ ଫାଉଣ୍ଡେସନ ଗଠନ ହୋଇଥିବା ବେଳେ ଅନ୍ୟାନ୍ୟ ପଦକ୍ଷେପ ନିଆଯାଇଛି । ଭୁବନେଶ୍ୱରକୁ ଜ୍ଞାନର ପେଣ୍ଠସ୍ଥଳି କରିବା ପାଇଁ ଆମ ପାଖରେ ଅପାର ସମ୍ଭାବନା ଓ ଯୁବଶକ୍ତି ରହିଥିବା ସେ କହିଛନ୍ତି । ସେ ଆହୁରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାରରେ ସାମାଜିକ ଓ ଆର୍ଥିକ ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇଛି । ପ୍ରଧାନମନ୍ତ୍ରୀ ମୋଦୀ ଦେଶର ନାଗରିକ ବିଶେଷ ଭାବରେ ଯୁବପିଢ଼ିଙ୍କ ଉପରେ ଅଧିକ ବିଶ୍ୱାସ ରଖିଛନ୍ତି । ଭାରତର ଯୁବଶକ୍ତି ଆମର ସମ୍ପତ୍ତି । ଜାତୀୟ ଶିକ୍ଷା ନୀତି ୨୦୨୦ ଏହି ଯୁବଶକ୍ତିଙ୍କୁ ଭବିଷ୍ୟତ ପାଇଁ ବିକାଶର ଇଞ୍ଜିନରେ ପରିଣତ କରିବାରେ କାର୍ଯ୍ୟ କରୁଛି, ଯାହା ୨୦୩୬ରେ ବିକଶିତ ଓଡ଼ିଶା ଏବଂ ୨୦୪୭ରେ ବିକଶିତ ଭାରତ ଗଠନର ଲକ୍ଷ୍ୟକୁ ଆଗେଇ ନେବ । ଗବେଷଣାରୁ ନବସୃଜନ ଏବଂ ଉତ୍ପାଦନ ପର୍ଯ୍ୟନ୍ତ, ମୋଦୀ ସରକାର ଆମର ଯୁବପିଢ଼ିଙ୍କୁ ସେମାନଙ୍କର କ୍ଷମତାର ସମ୍ପୂର୍ଣ୍ଣ ଉପଯୋଗ କରିବା ପାଇଁ ନୀତିଗତ ଢାଞ୍ଚା ଏବଂ ପ୍ରୋତ୍ସାହନ ସହାୟତା ପ୍ରଦାନ କରୁଛନ୍ତି । ଯୁବବର୍ଗମାନେ ଆରାମଦାୟକ ଜୀବନ ଅତିବାହିତ କରିବା ଆଶାରେ ନରହି ସ୍ୱାଧୀନତା ସଂଗ୍ରାମୀଙ୍କ ପରି ରାଷ୍ଟ୍ର ପାଇଁ ବଞ୍ଚନ୍ତୁ । ସମସ୍ତ ସ୍ନାତକ ଏବଂ ସମ୍ମାନିତ ବିଦ୍ୟାର୍ଥୀଙ୍କୁ ଶ୍ରୀ ପ୍ରଧାନ ଶୁଭେଚ୍ଛା ଜଣାଇଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ପ୍ରତିଷ୍ଠାନର ଜୀବ ବିଜ୍ଞାନ ବିଭାଗର ନୂଆ ଜାତୀୟ ପଶୁ ଗବେଷଣା ଏବଂ ପ୍ରୟୋଗଶାଳା କେନ୍ଦ୍ର ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପଣ କରିଥିଲେ । ଏହି ଅତ୍ୟାଧୁନିକ ସୁବିଧା ଜୈବିକ ବିଜ୍ଞାନରେ ଅତ୍ୟାଧୁନିକ ଗବେଷଣାକୁ ସହଜ କରିବ, ପଶୁ ଗବେଷଣା କ୍ଷେତ୍ରରେ ବୈଜ୍ଞାନିକ କୌଶଳକୁ ପ୍ରୋତ୍ସାହିତ କରିବ। ଶ୍ରୀ ପ୍ରଧାନ କ୍ୟାମ୍ପସ ପରିସରରେ "ଏକ୍ ପେଡ୍ ମା' କେ ନାମ ୨.୦" ଅଭିଯାନରେ ବୃକ୍ଷରୋପଣ କରିବା ସହ ଏ ଦିଗରେ ସଚେତନତା ସୃଷ୍ଟି କରିବା ପାଇଁ ପରାମର୍ଶ ଦେଇଥିଲେ ।

# ନୂଆ ରୂପ ପାଇବ ଅନ୍ନପୂର୍ଣ୍ଣା ଥିଏଟର

ପୁରୀ (ଭାସ୍କର ନ୍ୟୁଜ) : କଳାର ଏନ୍ତୁଡ଼ିଶାଳ କହିଲେ ଅନ୍ନପୂର୍ଣ୍ଣାକୁ ବୁଝାଏ। ଏଇଠୁ ଅନେକ କଳାକାର ବାହାରି ଓଡିଆ ଫିଲ୍ମ ଜଗତରେ ଦୀର୍ଘ ବର୍ଷ ଧରି ରାଜ୍? କରିଛନ୍ତି। ଅର୍ନ୍ନପୂର୍ଣ୍ଣା ଥିଏଟର ପୁରୀ ସହରର ଛାତି ଉପରେ ରହିଛି। ଅନ୍ନପୂର୍ଣ୍ଣା ଥିଏଟରରେ ଓଡ଼ିଶାର ବହୁ ବିଶିଷ୍ଟ କଳାକାର ଦୁର୍ଲ୍ଲଭ ଚନ୍ଦ୍ର ସ୍ୱାଇଁ, ବ୍ୟୋମକେଶ ତ୍ରିପାଠୀ, ଗୋକୁଳାନନ୍ଦ ସ୍ୱାଇଁ, ନିତ୍ୟାନନ୍ଦ ଦାସ, ରାମଚନ୍ଦ୍ର ପ୍ରତିହାରୀ, ଦ୍ୱିତିକୃଷ୍ଣ ବେହେରା, ଭାନୁମତୀ ଦେବୀ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ଦୁଃଖୀରାମ ସ୍ୱାଇଁଙ୍କ ଭଳି ବହୁ ମହାନ୍ କଳାକାର ଏହି ଅନ୍ନପୂର୍ଣ୍ଣା ଥିଏଟର ରେ ନାଟକ ପରିବେଷଣ କରିଛନ୍ତି। ୧୯୩୩ ମସିହାରେ ପୁରୀରେ ପ୍ରତିଷ୍ଠା ହୋଇଥିଲା ଅନ୍ନପୂର୍ଣ୍ଣା ଥିଏଟର। ତେବେ ଏହା ପୂର୍ବରୁ ୧୯୨୭ ମସିହାରେ ବାଲୁଗାଁର ସୋମନାଥ ଦାସଙ୍କ ନେତୃତ୍ୱରେ ଗଢି ଉଠିଥିବା ଅନ୍ନପୂର୍ଣ୍ଣା ନାଟ୍ୟ ମଣ୍ଡଳୀ ପରବର୍ତ୍ତୀ ସମୟରେ ଅନ୍ନପୂର୍ଣ୍ଣା ଥିଏଟର ଭାବରେ ପୁରୀ ରେ ପ୍ରତିଷ୍ଠା ହୋଇଥିଲା। ଏହି ଅନ୍ନପୂର୍ଣ୍ଣା ଥିଏଟର ଓଡ଼ିଶାର ମନୋରଞ୍ଜନର ମୁଖ୍ୟ ମାଧ୍ୟମ ପାଲଟିଥିଲା। ଅନ୍ନପୂର୍ଣ୍ଣା ନାଟକ ଦେଖିବାକୁ ଟିକେଟ କିଣିବାକୁ ଲୋକଙ୍କ ଭିତରେ ପ୍ରବଳ ଚାହିଦା ଥିଲା। ସେତେବେଳେ ଅନ୍ନପୂର୍ଣ୍ଣା ନାଟ୍ୟ ମଣ୍ଡଳୀ ବିଭିନ୍ନ ଗ୍ରାମାଞ୍ଚଳକୁ ଯାଇ ବିଭିନ୍ନ ନାଟ୍ୟ ପରିବେଷଣ କରୁଥିଲେ। ଅନ୍ନପୂର୍ଣ୍ଣା ଥିଏଟର ଦେଖିବାକୁ ଦିନ ଦିନ ଧରି ଅପେକ୍ଷା କରୁଥିଲେ ଦର୍ଶକ। କିନ୍ତୁ ଏବେ ଅବହେଳିତ ଅବସ୍ଥାରେ ରହିଛି। ପୁରୀ ଅନ୍ନପୂର୍ଣ୍ଣା ଥିଏଟର ରୂପାନ୍ତିକରଣ ହେବ ବୋଲି ବିଧାୟକ ସୁନୀଲ ମହାନ୍ତି ତାଙ୍କ ସାମାଜିକ ଗଣାମଧ୍ୟରେ ପୋଷ୍ଟ କରିଛନ୍ତି। ଓଡ଼ିଶା ବିଧାନସଭାର ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହରେ ବିଭାଗୀୟ ସ୍ଥାୟୀ କମିଟି ଜରିଆରେ ଓଡ଼ିଶାର ସଂସ୍କୃତି ବିଭାଗର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କମିଟିର ସଦସ୍ୟଗଣ, ବିଭାଗର ସମସ୍ତ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ। ଏହି ସମୟରେ ପୁରୀ ଅନ୍ନପୂର୍ଣ୍ଣା ଥିଏଟରକୁ ସମ୍ପୂର୍ଣ୍ଣ ନୂତନ ରୂପରେ ଗଢିବା ପାଇଁ ପ୍ରସ୍ତାବ ଦେଲି ଏବଂ ସରକାରଙ୍କୁ ଲିଖିତ ଆକାରରେ ମଧ ପ୍ରସ୍ତାବ ଦେଇଥିଲି। ଯେଉଁ ପ୍ରସ୍ତାବରେ ୧୫କୋଟି ଟଙ୍କା ବ୍ୟୟରେ ସମ୍ପୂର୍ଣ୍ଣ ଅନ୍ନପୂର୍ଣ୍ଣା ଥିଏଟର ନବୀକରଣ କରିବାର ପ୍ରସ୍ତାବ ରହିଛି। ପ୍ରସ୍ତାବରେ ସମ୍ପୂର୍ଣ୍ଣ ନୂତନ ଢାଞ୍ଚାରେ ଏକ ଭୂତଳ ପାର୍କିଙ୍ଗ ସହ ପ୍ରଥମ ମହଲାରେ ଅନ୍ନପୂର୍ଣ୍ଣା ଥିଏଟର ଓ ଦ୍ୱିତୀୟ ମହଲାରେ ଏକ ପ୍ରେକ୍ଷାଳୟ ସହ ସମସ୍ତ ଆଧୁନିକ ବ୍ୟବସ୍ଥା ଯୋଗାଇ ଦେବା ପାଇଁ ପ୍ରସ୍ତାବ ରହିଛି। ଏବଂ ସମ୍ପୂର୍ଣ୍ଣ ଅଟ୍ଟାଳିକାର ବାହାର ନିର୍ମାଣରେ ସଂସ୍କୃତିକ ଐତିହ୍ୟର ଛାପ ରଖିବା ପାଇଁ ଅନୁରୋଧ କରିଛି। ସମ୍ପୂର୍ଣ୍ଣ ପାରମ୍ପରିକ ସଂସ୍କୃତିକ ଐତିହ୍ୟ ଉପରେ ଗୁରୁତ୍ୱ ଦିଆଯାଇ ଅଟ୍ଟାଳିକା ଟିର ନିର୍ମାଣ କରାଯିବା ଏବଂ ଆଗାମୀ ଦିନରେ 'ଅନ୍ନପୂର୍ଣ୍ଣା ଥିଏଟର' କଳା, ସଂସ୍କୃତି ଓ ସିନେ ଜଗତକୁ ବଞ୍ଚାଇରଖିବାର ଏକ ଖୁସିର ବାତାବରଣ ସୃଷ୍ଟି କରିବ ବୋଲି ପୁରୀ ବିଧାୟକ ଶ୍ରୀ ମହାନ୍ତି କହିଥିଲେ।

# ପୂର୍ବତନ ବିଧାୟକ ସ୍ୱର୍ଗତ ଗଙ୍ଗାଧର ପାଇକରାୟଙ୍କ ଜନ୍ମଜୟନ୍ତୀ ପାଳିତ



ବୋଲଗଡ (ଭାସ୍କର ନ୍ୟୁଜ): ବୋଲଗଡ଼ ବ୍ଲକ ଅନ୍ତର୍ଗତ କବିତୀର୍ଥ ସାନପଦର ଗ୍ରାମ ର ବିଶିଷ୍ଟ କୃଷକନେତା ,ବେଗୁନିଆ ବୋଲଗଡ ନିର୍ବାଚନ ମଣ୍ଡଳୀ ର ୪ ଥର ବିଧାୟକ ତଥା ସ୍ୱାଧିନତା ସଂଗ୍ରାମୀ ସ୍ୱର୍ଗତ ଗଙ୍ଗାଧର ପାଇକରାୟଙ୍କ ଜନ୍ମଜୟନ୍ତୀ ସମାରୋହ ଗଙ୍ଗାଧର ଭବନ ଠାରେ ଶିକ୍ଷକ ଶ୍ରୀକାନ୍ତ କୁମାର ନାୟକ ଙ୍କ ସଂଯୋଜନା ରେ ଆୟୋଜିତ ସଭାରେ ସାନପଦର ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ ,ସମିତିସଭ୍ୟ ଦିଲ୍ଲୀପ କୁମାର ମହାପାତ୍ର, ପୂର୍ବତନ ସରପଞ୍ଚ ବିଜୟ କୁମାର ସାହୁ ,ସୁରେଶ ଚନ୍ଦ୍ର ମହାପାତ୍ର ,ଅର୍ଜ୍ଜୁନ ପଟ୍ଟନାୟକ,ବିଜୟ କୁମାର ଗୁମାନସିଂହ, ଅଜୟ ଦଳବେହେରା , କୈଳାଶ ଚମ୍ପତି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ପରିଶେଷରେ ସମାଜସେବୀ ଅଜୟ କୁମାର ମଙ୍ଗରାଜ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ରାସୋଳ,ଚଂପାଇଲୋ ବାୟାପଲ୍ଲୀ, ସାନପଦର ଗ୍ରାମରୁ ବହୁ ବୁଦ୍ଧିଜୀବୀ ଯୋଗଦେଇଥିଲେ ।

कार्यपालक अभियंता का कार्यालय
ग्रामीण विकास विशेष प्रमंडल, गुमला।
rdsdgumla123@gmail.com.
शुद्धि पत्र

इस कार्यालय के पत्रांक 745 दिनांक 07.07.2025 द्वारा अति अल्पकालीन निविदा आमंत्रण सूचना संख्या– **RDD/SD/GUMLA/05/2025-26** जिसका पी०आर०(PR) सं०– 356851 Rural Development (25-26).D है, में अपरिहार्य कारणों से निम्न संशोधन किया जाता है। ई–निविदा प्राप्ति की तिथि एवं समय – दिनांक 15.07.2025 से दिनांक 22.07.2025 को अपराह्न 5:00 बजे के स्थान पर दिनांक 15.07.2025 से दिनांक 05.08.2025 को अपराह्न 5:00 बजे तक एवं ई–निविदा खोलने की तिथि एवं समय 24.07.2025 अपराह्न 2:00 बजे के स्थान पर 07.08.2025 अपराह्न 2:00 बजे तक पढ़ा जाय। शेष नियम यथावत् रहेगी।

कार्यपालक अभियंता
ग्रामीण विकास विशेष प्रमंडल,
गुमला।

PR 357119 Rural Development(25-26)D

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଓଡ଼ିଶାର ବିକାଶ ନେଇ...

ପ୍ରେରଣା ଓ ଅତୁଟ ସମର୍ଥନ ନିମନ୍ତେ ଶ୍ରୀ ମାଝୀ ତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସାକ୍ଷାତ ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ଶନିବାର ମୁଁ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିବାର ସୌଭାଗ୍ୟ ଲାଭ କଲି। ତାଙ୍କର ପ୍ରେରଣ ଓ ଅତୁଟ ସମର୍ଥନ ପାଇଁ ମୁଁ ଚିର କୃତଜ୍ଞ। ଏଥିପୂର୍ବରୁ ଶ୍ରୀ ମାଝୀ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ ଯେ ଝାଡ଼ଖଣ୍ଡ ରାଜଧାନୀ ରାଞ୍ଚିରେ ଅନୁଷ୍ଠିତ ହୋଇଥିବା ପୂର୍ବାଞ୍ଚଳ ଜୋନାଲ କାଉନସିଲ ବୈଠକରେ ଶ୍ରୀ ମାଝୀ ଯୋଗଦେଇ ସେଠାରୁ ଦିଲ୍ଲୀ ଗସ୍ତରେ ଯାଇଥିଲେ। ଶ୍ରୀ ମାଝୀ ଓ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଉଭୟ ଦିଲ୍ଲୀରେ ରହିଥିବାରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ଆଲୋଚନା ହୋଇଥିବା ମଧ୍ୟ ଚର୍ଚ୍ଚା ଜୋର ଧରିଛି। ଅନ୍ୟପକ୍ଷରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ଘୋଷଣା ପରେ ଆଶାୟୀମାନଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଛି।

## ଆଉ ଲଢିବେନି...

ସୂଚନାଯୋଗ୍ୟ ଯେ ଶ୍ରୀ ଓରାମ ୧୯୮୯ରେ ବିଜେପିରେ ଯୋଗଦେବା ପରେ ୧୯୯୦ରେ ପ୍ରଥମ ଥରପାଇଁ ବଣାଇଁ ବିଧାନସଭା ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଏହାପରେ ୨୦୧୪, ୨୦୧୯ ଓ ୨୦୨୪ ନିର୍ବାଚନରେ ସେ ଲୋକସଭାକୁ ନିର୍ବାଚିତ ହୋଇଛନ୍ତି।

## ବିଷାକ୍ତ ମଦ...

ବିନ୍ଧିବା ସହ ଅଣନିଃଶ୍ୱାସୀ ହୋଇପଡ଼ିଥିଲେ। ପରେ ପ୍ରବଳ ବାନ୍ତି ହୋଇଥିବା ନେଇ କହିଛନ୍ତି ଗୁରୁତର ସୁଶାନ୍ତ ମାଝୀ। ତେବେ ଉକ୍ତ ଗ୍ରାମରେ ଗୋଟିଏ ସପ୍ତାହରେ ୭ଜଣଙ୍କ ମୃତ୍ୟୁ ଆଲୋଡ଼ନ ସୃଷ୍ଟି କରିଛି। ଅନ୍ୟ ୫ ମୃତକ ହେଲେ ସୁରେଶ ପାତ୍ର, ଦୟାନିଧି ସେଠୀ, ଗୌରା ମାଝୀ, ଡ୍ରାଇଭର ଭୋଇ ଓ ସୁରେଶ ପାତ୍ର। ସମସ୍ତ ମୃତକ ବମ୍ପା ଗ୍ରାମର ଓ ସେମାନଙ୍କ ବୟସ ୪୪ରୁ ୪୫ ମଧ୍ୟରେ। ଖବର ମିଳିବା ପରେ ଅବକାରୀ ଓ ପୋଲିସ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

## ବିମାନ ବନ୍ଦରରେ...

ଧିରୁଭାଇ ଅମ୍ବାନୀ ହସ୍ପିଟାଲରେ ତାଙ୍କର ବ୍ୟକ୍ତିଗତ ଡାକ୍ତର ରମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅସ୍ତ୍ରୋପଚାର କରାଯାଇଥିଲା। ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇ ଡାକ୍ତରଙ୍କ ପରାମର୍ଶକ୍ରମେ ସେ ଚିକିତ୍ସାରେ ଥିଲେ। ସୁସ୍ଥ ହେବାପରେ ଶନିବାର ଭୁବନେଶ୍ୱର ଫେରିଛନ୍ତି। ତେବେ ତାଙ୍କ ଅନୁପସ୍ଥିତିରେ ଦଳ କିପରିଭାବେ ଚାଲିପାରିବ ସେ ନେଇ ମଧ୍ୟ ସେ ବ୍ୟବସ୍ଥା କରିଥିଲେ। ନିଜେ ନବୀନ ଏ ନେଇ ବିଜ୍ଞପ୍ତି ଜାରି କରି ତାଙ୍କ ଅନୁପସ୍ଥିତିରେ ଦଳର ରାଜନୈତିକ ବ୍ୟାପାର କମିଟି ସବୁ ବୁଝିବେ ବୋଲି କହିଥିଲେ। ସେହିପରି ଦଳର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର ଦଳର ବିଭିନ୍ନ ଶାଖାର କାର୍ଯ୍ୟକ୍ରମ ମଧ୍ୟରେ ସମନ୍ୱୟ ରଖିବେ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରିଥିଲେ। ତେବେ ନବୀନଙ୍କୁ ଦେଖିବା ପାଇଁ ପ୍ରବଳ ଭିଡ଼ ଲାଗି ରହିଥିଲା। ବିମାନବନ୍ଦର ଆଗରେ ଲୋକଙ୍କ ଗହଳି ଲାଗି ରହିଥିଲା। ବିଭିନ୍ନ ଅଞ୍ଚଳରୁ ସ୍ୱତଃପ୍ରବୃତ୍ତ ଭାବେ ଲୋକ ଆସି ପହଞ୍ଚିଥିଲେ। ତାଙ୍କୁ ଦେଖିବା ପାଇଁ ଦୀର୍ଘ ସମୟ ଅପେକ୍ଷା ମଧ୍ୟ କରିଥିଲେ।

## ଅଭିଯୁକ୍ତ ଏଚ୍‌ଓଡି...

କରିଛି। ସୂଚନାଯୋଗ୍ୟ ଯେ ମହାବିଦ୍ୟାଳୟର ଜଣେ ଅଧ୍ୟାପକ ଦୁର୍ବ୍ୟବହାର କରୁଥିବା ନେଇ ଛାତ୍ରୀଜଣକ ଅଧ୍ୟକ୍ଷଙ୍କୁ ଅଭିଯୋଗ କରିଥିଲେ। କିନ୍ତୁ କଲେଜ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଛାତ୍ରୀଜଣକ ମାନସିକ ଭାରସାମ୍ୟ ହରାଇଥିଲେ। ଶେଷରେ ସେ ଜୀବନ ହାରିବାକୁ ନିଷ୍ପତ୍ତି ନେଇ ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ଛଟପଟ ହେଉଥିବାବେଳେ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସ ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ ଛାତ୍ରୀଜଣଙ୍କୁ ଉଦ୍ଧାର କରିବାକୁ ଯାଇ ଅନ୍ୟ ଦୁଇଜଣ ଗୁରୁତର ହୋଇ ବାଲେଶ୍ୱର ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଛାତ୍ରୀଙ୍କ ଅଭିଯୋଗର ତଦନ୍ତ ପାଇଁ କଲେଜ କର୍ତ୍ତୃପକ୍ଷ ଏକ ଇଣ୍ଟରନାଲ କମିଟି ଗଠନ କରିଥିଲେ। ଏଥିସହ ଉଚ୍ଚଶିକ୍ଷା ବିଭାଗ ଏକ ୩ ଜଣିଆ କମିଟି ଗଠନ କରିଛନ୍ତି। ଏଥିରେ ଉଚ୍ଚଶିକ୍ଷା ନିର୍ଦ୍ଦେଶକ କାଳିପ୍ରସନ୍ନ ମହାପାତ୍ର, ବିଭାଗୀୟ ଯୁଗ୍ମ ସଚିବ ମୌସୁମୀ ନାୟକ ଏବଂ ବିଜେବି କଲେଜର ପ୍ରଫେସର ଝୁମୁକି ରଥ ସଦସ୍ୟ ରହିଛନ୍ତି। ଏପରିକି ଅଧ୍ୟାପକ ଜଣକ ବାରମ୍ବାର ଅସଦାଚରଣ କରୁଥିବା ନେଇ ଛାତ୍ରୀଜଣକ ସହଦେବଖୁଣ୍ଟା ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଛାତ୍ରୀଙ୍କ ବୟାନ ମଧ୍ୟ ରେକର୍ଡ କରିଥିଲା। ଶନିବାର ଛାତ୍ରୀଜଣଙ୍କୁ ଆଲୋଚନା କରିବା ପାଇଁ ଅଧ୍ୟକ୍ଷ ଡାକିଥିଲେ। ତେବେ ସେ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠରୁ ବାହାରିବା ପରେ ନିଜ ଦେହରେ ନିଆଁ ଲଗାଇଥିଲେ। କଲେଜ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ବଦଳରେ ଘଟଣାକୁ ଚାପି ଦେବାକୁ ଉଦ୍ୟମ ହେଉଥିବା ଅନୁଭବ କରିବା ପରେ ଚରମ ପଦକ୍ଷେପ ନେଇଥିବା କୁହାଯାଉଛି। ସେହିପରି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମଧ୍ୟ ଘଟଣାକୁ ଦୃଢ ନିନ୍ଦା କରିଛନ୍ତି। ଏହି ଘଟଣାରେ କଠୋର ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ନିୟୋଜିତ ହେବେ ୫୦ ପ୍ଲାଟୁନ୍ ପୋଲିସ ଫୋର୍ସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଷ୍ଟ୍ରପତିଙ୍କ ଭୁବନେଶ୍ୱର ଗସ୍ତ ନେଇ କମିଶନରେଟ୍ ପୋଲିସର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗସ୍ତ ପାଇଁ ଭୁବନେଶ୍ୱରରେ ୫୦ ପ୍ଲାଟୁନ୍ ପୋଲିସ ଫୋର୍ସ ନିୟୋଜିତ ହେବେ। ୮ ଜଣ ଡିସିପି ରାଙ୍କ ଅଫିସର, ୧୧ ଜଣ ଅତିରିକ୍ତ ଡିସିପି , ୩୧ ଜଣ ଏସିପି ରାଙ୍କ ଅଫିସର, ୪୪ ଇନ୍ସପେକ୍ଟର ଏବଂ ୧୮୦ ଜଣ ସବ ଇନ୍ସପେକ୍ଟର ନିୟୋଜିତ ହେବେ। ରାଜଭବନ ସମେତ ବିଭିନ୍ନ ଟ୍ରାଫିକ୍ ପୋଷ୍ଟରେ ସୁରକ୍ଷା ବ୍ୟବସ୍ଥା କରାଯିବ। ଆସନ୍ତାକାଲି କମିଶନରେଟ୍ ପୋଲିସ ପକ୍ଷରୁ କାରକେଡ୍ ରିହର୍ସଲ୍ କରାଯିବ। ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଏହି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଆସନ୍ତା ୧୪ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର ଦୁଇଦିନିଆ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତି ୧୪ ତାରିଖ ଅପରାହ୍ନରେ ନୂଆଦିଲ୍ଲୀରୁ ସ୍ୱତନ୍ତ୍ର ବାୟୁସେନା ବିମାନ ଯୋଗେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ୨ ଦିନ ଧରି ଭୁବନେଶ୍ୱର ସମେତ କଟକରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରି ଜୁଲାଇ ୧୫ ତାରିଖ ସନ୍ଧ୍ୟାରେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ। ୧୪ ତାରିଖ ସନ୍ଧ୍ୟାରେ ରାଷ୍ଟ୍ରପତି ଏମ୍ସ ଭୁବନେଶ୍ୱରର ୫ମ ସମାବର୍ତ୍ତନ ସମାରୋହରେ ଯୋଗ ଦେବେ। ୧୫ ତାରିଖ ପୂର୍ବାହ୍ନରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଯୋଗ ଦେବା ପରେ କଟକ ରେଭେନ୍ସା ବାଳିକା ଉଚ୍ଚବିଦ୍ୟାଳୟ ଉନ୍ନତୀକରଣ କାର୍ଯ୍ୟର ଭିତିପ୍ରସ୍ତର ସ୍ଥାପନ କରିବେ। ସେହିଦିନ କଟକରେ ଶାରଳା ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଆଦିକବି ଶାରଳା ଦାସଙ୍କ ୬୦୦ତମ ଜୟନ୍ତୀରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିବା ସହ 'କଳିଙ୍ଗ ରତ୍ନ ପୁରସ୍କାର-୨୦୨୪' ପ୍ରଦାନ କରିବେ।

# ଜଙ୍ଗଲରୁ ଶାଳଗଣ୍ଡି ଜବତ : ଦୁଇ ଜଣ ଗିରଫ

ବେତନଟୀ (ଭାସ୍କର ନ୍ୟୁଜ): ବେତନଟୀ ରେଞ୍ଜ ତଥା ଥାନା ଅଧୀନ ଶଙ୍ଖଯୋଡ଼ ଗ୍ରାମରେ ଶୁକ୍ରବାର ରାତି ଚଢ଼ାଉକରି ମୂଲ୍ୟବାନ ଶାଳଗଣ୍ଡି ଜବତକରି ଦୁଇ ଜଣଙ୍କୁ ଗିରଫ କଲା ବେତନଟୀ ବନବିଭାଗ । ଗିରଫ ଅଭିଯୁକ୍ତମାନେ ହେଲେ ଶଙ୍ଖ ଯୋଡି ଗ୍ରାମର ମିନକେତନ ମହାନ୍ତ ଓ କଇପୁଲିଆ ଗ୍ରାମର ପ୍ରମଚାନ୍ଦ ମହାନ୍ତ ବୋଲି ଜଣାପଡିଛି। ସୂଚନା ମୁତାବକ ଶଙ୍ଖଯୋଡ଼ ଗ୍ରାମରେ ମୂଲ୍ୟବାନ ଶାଳଗଣ୍ଡି ଗୁଡିକୁ ବେଆଇନ ଭାବରେ କଟାଯାଇ ଚୋରା ଚାଲାଣ ନିମନ୍ତେ ରଖାଯାଇଥିବାର ଖବରପାଇ ବେତନଟୀ ରେଞ୍ଜର ମନ୍ସୁର ଖାଁ ସଦଳବଳେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ କାଠ ମାଫିଆ ମାନେ ଅନ୍ଧାର ରାତିର ସୁଯୋଗ ନେଇ ଚମ୍ପଟ ମାରିଥିବା ବେଳେ ଘଟଣା ସ୍ଥଳରୁ ବିଭିନ୍ନ ମୋଟେଇର ୧୭ ଖଣ୍ଡ ୫୫ ସିପ୍ଟ ମୂଲ୍ୟବାନ ଶାଳଗଣ୍ଡି ଜବତକରି ରେଞ୍ଜ କାର୍ଯ୍ୟାଳୟକୁ ଆଣିଛି ବନ ବିଭାଗ ।

**Notice**

By virtue of an affidavit No-24 sworn before the Executive Magistrate, Nimapara, dtd.09.06.2025 , I Smt Ranulata Behera, W/o: Sisir Kumar Senapati resident of Bilua Mundali, PO: Jharling, PS: Astaranga, Dist-Puri, declares that my Husband's name changed from Sunil Behera to Sisir Kumar Senapati. Henceforth, he shall be known as Sisir Kumar Senapati for all purposes.

Sd/- Ranulata Behera

कार्यपालक अभियंता का कार्यालय
पथ निर्माण विभाग, पथ प्रमण्डल, सिमडेगा
अल्पकालीन ई–प्रोक्योरमेंट सूचना
(प्रथम आमंत्रण)
ई–टेन्डर रेफरेंस नं0–प0नि0वि0 / सिमडेगा / 05 / 2025–26
दिनांक–12.07.2025

| | | |
|---|---|---|
| 1. | कार्य का नाम | कोचेडेगा–रामरेखाधाम–छत्तीसगढ़ सीमा तक पथ के कि.मी.0.00–12.50 में विशेष मरम्मति कार्य। |
| 2. | प्राक्कलित राशि (रूपया में) | रूपया 10000000.00 (एक करोड़) मात्र। |
| 3. | कार्य पूर्ण करने की अवधि | 03 (तीन) माह। |
| 4. | बेबसाईड पर निविदा प्रकाशन की तिथि | 18.07.2025 को पूर्वाह्न 10.30 बजे से। |
| 5 | ऑनलाईन निविदा प्राप्ति की अंतिम तिथि एवं समय | 28.07.2025 को दोपहर 12.00 बजे तक। |
| 6. | ई–निविदा खोलने की तिथि एवं समय | 30.07.2025 को अपराह्न 12.30 बजे तक। |
| 7. | निविदा आमंत्रित करने वाले कार्यालय का नाम एवं पता | कार्यपालक अभियंता, पथ निर्माण विभाग, पथ प्रमण्डल, सिमडेगा–835223 |
| 8. | प्रोक्योरमेंट पदाधिकारी का सम्पर्क संख्या | 82358–16924 |
| 9. | ई–प्रोक्योरमेंट सेल का हेल्पलाईन संख्या | 0651–2401010 |

नोट :– 1. प्राक्कलित राशि घट–बढ़ सकती है।
2. विशेष जानकारी के लिये http://jharkhandtenders.gov.in पर देखा जा सकता है।
3. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
4. निविदा शुल्क एवं अग्रधन की राशि का ई–शुल्क भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी जवाबदेही आपकी होगी।

कार्यपालक अभियंता
पथ निर्माण विभाग, पथ प्रमण्डल, सिमडेगा

PR 357133 Simdega(25-26)D

# ଚାରାରୋପଣ କାର୍ଯ୍ୟକ୍ରମ




ବନ୍ଧୁଗାଁ (ଭାସ୍କର ନ୍ୟୁଜ): ବନ୍ଧୁଗାଁ ବ୍ଲକ ନିଲାବାଡି ପଞ୍ଚାୟତ ସଦରରେ ଥିବା ସରକାରୀ ଉଚ୍ଚ (ଏସଏସଡି) ବାଳିକା ବିଦ୍ୟାଳୟ ପରିସରରେ ବନ ବିଭାଗ ଓ ବିଦ୍ୟାଳୟ ପକ୍ଷରୁ ବୃକ୍ଷ ରୋପଣ କରାଯାଇଥିଲା। ଏହି ଅବସରରେ ମୋଟ ୨୦୦ ଟି ବିଭିନ୍ନ ପ୍ରକାରର ବୃକ୍ଷ ରୋପଣ କରାଯାଇଥିଲା। ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ , ବନ ବିଭାଗ ଫରେଷ୍ଟର ଅଭୟ ବୋଇପାରି,ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ରୀ ଓ ସମସ୍ତ ବନ ବିଭାଗ କର୍ମଚାରୀ ଉପସ୍ଥିତ ରହି ସମସ୍ତେ ବୃକ୍ଷ ରୋପଣ କରିଥିଲେ।

वरीय पुलिस अधीक्षक का कार्यालय, राँची
सर्वसाधारण के लिए सूचना



**नाम–विशाल मुण्डा, उम्र–27 वर्ष, रंग–साँवला, ऊँचाई–05 फीट 4 ईंच, पहनावा–काला रंग का चेक शर्ट एवं नीला रंग का ट्राउजर हुए है।**

उपरोक्त लापता व्यक्ति विशाल मुण्डा, पिता–स्व0 सहरू मुण्डा, सा0–छोटा उलातू, थाना–ओरमॉझी, जिला–राँची, जो दिनांक–10.06.2025 को घर से बगैर बताए कहीं चले गए जो आजतक अपने घर वापस नहीं आए है। जिसके संबंध में ओरमॉझी थाना सनहा संख्या–25 / 2025, दिनांक–13.06.2025 दर्ज कर खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता व्यक्ति कहीं मिलता / दिखता है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

**Email ID(rnc-dcb@jhpolice.gov.in)**
पुलिस उपाधीक्षक, हटिया, रॉची। –9431706143
थाना प्रभारी जगरनाथपुर, रॉची। –9431706169

पुलिस उप–महानिरीक्षक–सह–
वरीय पुलिस अधीक्षक, राँची

PR 357181 (Police)25-26*D

झारखण्ड सरकार
क्षेत्र सर्वेक्षण प्रमण्डल, अग्रिम योजना
पथ निर्माण विभाग, दुमका
अल्पकालीन ई-प्रोक्योरमेंट सूचना (2nd Call)
ई–निविदाप्रसंग सं0:–RCD/FSD/AP/DUM/05/2025-26 दिनांक:– 11.07.2025

| | | |
|---|---|---|
| 1. | कार्य का नाम | Consultancy services for preparation of Detailed Project Report For Widening, Strengthening & Reconstruction of Road from Sonakar To Chaluniya including replacement of culverts and bridges, proposal for new ROB, culverts & bridges and complete Land Acquisition Proposal including ownership details all complete as per latest guidelines, Resettlement and Rehabilitation Proposal and Forest Diversion Proposal with clearance of all stages etc. as required under Road Division Pakur in the state of Jharkhand (Total Tentative Length - 7.00 Km) |
| 2. | अनुमानित लंबाई | 7.00 कि0मी0 |
| 3. | कार्य समाप्ति की अवधि | 60दिन |
| 4. | वेबसाईट पर निविदा प्रकाशित होने की तिथि एवं समय | 14.07.2025, 05.00 बजे अपराह्न |
| 5. | निविदा जमा करने की अंतिम तिथि एवं समय | 28.07.2025, 12.00 बजे अपराह्न तक |
| 6. | निविदा खोलने की तिथि एवं समय | 29.07.2025, 01.00 बजे अपराह्न |
| 7. | निविदा आमंत्रित करनेवाले का नाम एवं पता | कार्यपालक अभियंता का कार्यालय, क्षेत्र सर्वेक्षण प्रमण्डल अग्रिम योजना, पथ निर्माण विभाग, दुमका। |
| 8. | प्रोक्योरमेंट पदाधिकारी का संपर्क नं0 | 8292901787 |
| 9. | ई–प्रोक्योरमेंट सेल को हेल्पलाईन नं0 | 0651–2401010 |

अतिरिक्त जानकारी के लिए वेबसाईट पर देखें :– http://jharkhandtenders.gov.in

कार्यपालक अभियंता,
क्षेत्र सर्वेक्षण प्रमण्डल, अग्रिम योजना,
पथ निर्माण विभाग, दुमका

PR 357141 Road (25-26)_D

# ଡ୍ରାଇଭରଙ୍କ ଆନ୍ଦୋଳନକୁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ସମର୍ଥନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଅଗଷ୍ଟ ୮ ତାରିଖରୁ ଆରମ୍ଭ କରାଯାଇଥିବା ଡ୍ରାଇଭର ମହାସଂଘର ଦାବି ଗୁଡିକ ସଂପୂର୍ଣ୍ଣ ଯୁକ୍ତିଯୁକ୍ତ ଓ ନ୍ୟାୟ ସଂଗତ। ବିଜେଡ଼ି ଏବଂ ବିଜେପି ଉଭୟ ଦଳ ଡ୍ରାଇଭରମାନଙ୍କର ଦାବିଗୁଡ଼ିକ ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ବେଳେ ବର୍ତ୍ତମାନ ବିଜେପି ସରକାର ଦାବିଗୁଡ଼ିକ ଗ୍ରହଣ କରିବା ପାଇଁ ପଛଘୁଞ୍ଚା ଦେବା ଆଦୌ ଠିକ୍ ନୁହେଁ। ମଟର ଚାଳକମାନଙ୍କର ଜୀବନ ସବୁ ସମୟରେ ବିପଦପୂର୍ଣ୍ଣ। ଡ୍ରାଇଭରମାନେ ସାଧାରଣତଃ ୮ ଘଣ୍ଟା ଠାରୁ ଅଧିକ କାମ କରିଥାଆନ୍ତି। ଏଣୁ ଓଡ଼ିଶା ରାଜ୍ୟ ସରକାର ତୁରନ୍ତ ଡ୍ରାଇଭର ସଂଘର କାର୍ଯ୍ୟକର୍ତ୍ତାମାନଙ୍କୁ ଡାକି ଆଲୋଚନା ମାଧ୍ୟମରେ ସମାଧାନ କରି ଆନ୍ଦୋଳନ ପ୍ରତ୍ୟାହାର କରି ଉଦ୍ୟମ କଲେ। ସାଧାରଣ ଲୋକମାନେ ମଧ ଉପକୃତ ହେବେ। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଡ୍ରାଇଭର ମାନଙ୍କ ଦାବିକୁ ସମର୍ଥନ କରିଛନ୍ତି। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ଶାଖା ଓ ଏହାର ସମ୍ବନ୍ଧିତ ୟୁନିଅନ ଅଲ ଓଡ଼ିଶା ମଟର ଟ୍ରାନ୍ସପୋର୍ଟ ଆସୋସିଏସନଙ୍କ ସଭାପତି ଡ. ରାମଚନ୍ଦ୍ର ଖୁଣ୍ଟିଆ ଡ୍ରାଇଭର ମାନଙ୍କୁ ସମର୍ଥନ କରି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି।

OFFICE OF THE SUPERINTENDING ENGINEER
RURAL WATER SUPPLY & SANITATION, BHUBANESWAR
E-Mail: eebbsmwss@gmail.com

No. 2731 / Dated 02.07.2025 O-401

**REQUEST FOR PROPOSAL (RFP)**
No. 01 / 2025-26

The Superintending Engineer, RWS&S Division, Bhubaneswar on behalf of the Governor of Odisha invites request for proposal (RFP) in sealed covers for maintenance of 3 Nos. of instruments of make Perkin Elmer from Authorised dealer/ Distributor/Manufacture company to be eventually to be drawn up in lump sum contract

| | | |
|---|---|---|
| 1 | Nature of Assignment | Request for Proposal (RFP) For Comprehensive maintenance contract (CMC) of Laboratory instruments ( ICP Specto Photometer, Atomic Absorption Specto Photometer, UV-VIS Specto Photometer of make Perkin Elmer) for state water testing Laboratory, Khandagiri, Bhubaneswar |
| 2 | Type of service provider | Manufacturing company/ Authorised dealer/ Distributor |
| 3 | No. of Item: | 03 (three) |
| 4 | Period of Contract | 5 (five) Years |
| 5 | Availability of RFP | 15.07.2025 to 29.07.2025 up to 3PM |
| 6 | Last date & time for submission of RFP | 29.07.2025 up to 3 PM |
| 7 | Last date & time for seeking clarification | 21.07.2025 up to 5.00 PM |
| 8 | Mode of submission of RFP | On line |
| 9 | Date & time of opening of RFP: | Dt.30.07.2025 at 11.30 A.M in Office of the Superintending Engineer, RWS&S Division, Bhubaneswar |

Further details can be seen from the website https://www.tendersorissa.gov.in

Sd/- Superintending Engineer,
RWS&S Division, Bhubaneswar

OIPR 25011/11/0026/2526

वरीय पुलिस अधीक्षक का कार्यालय, रॉची
सर्व साधारण के लिए सूचना।



**अज्ञात महिला का शव उम्र करीब–40 वर्ष,**

उपरोक्त अज्ञात महिला का शव सिल्ली (मुरी ओ0पी0) अन्तर्गत मूरी बरलंगा रेलवे मार्ग पर पोल सं0–360 / 5 से बरामद कया गया है। जिसके संबंध सिल्ली (मुरी ओ0पी0) यू0डी0 काण्ड सं0 – 03 / 2025, दिनांक–20.06.2025 दर्ज किया गया है। इनकी पहचान हेतु जनता का सहयोग अपेक्षित है।

अतः सभी जनसाधारण से अनुरोध है कि यदि आपको इस अज्ञात महिला के शव के बारे में जानकारी हो तो वरीय पुलिस अधीक्षक के कार्यालय रॉची में या संबंधित थाना या निम्नांकित फोन नम्बर पर संपर्क कर इसकी सूचना दें।

पुलिस उपाधीक्षक, सिल्ली, रॉची। –9431770066
थाना प्रभारी मुरी ओ0पी0, रॉची। –8877257523

पुलिस उप–महानिरीक्षक–सह–
वरीय पुलिस अधीक्षक,राँची।

PR.NO.357160 Police(25-26):D



ନୂଆଦିଲ୍ଲୀ: ୟୁକ୍ରେନ ଉପରେ ଶନିବାର ରୁଷ ବଡ଼ ଧରଣର ଆକ୍ରମଣ କରିଛି। ପ୍ରାୟ ୭୦୦ ଡ୍ରୋନ ଜରିଆରେ ରୁଷ ୟୁକ୍ରେନର ପଶ୍ଚିମାଞ୍ଚଳରେ ଥିବା ବିଭିନ୍ନ ସହର ଉପରେ ଆକ୍ରମଣ କରିଛି। ୧୫ରୁ ଅଧିକ କ୍ରୁଜ କ୍ଷେପଣାସ୍ତ୍ର ମାଡ଼ କରିଛି। ଏହା ସହିତ ୧୦ଟି ବୋମା ବର୍ଷଣକାରୀ ଯୁଦ୍ଧ ବିମାନ ୟୁକ୍ରେନ ଉପରେ ଆକ୍ରମଣ ପାଇଁ ପଠାଇଛି ରୁଷ ସେନା। ୟୁକ୍ରେନ ପକ୍ଷରୁ ଆମେରିକା ଅସ୍ତ୍ରଶସ୍ତ୍ର ଦ୍ୱାରା ରୁଷ ଉପରେ ଆକ୍ରମଣ କରାଯାଉଛି। ତେଣୁ ଆମେରିକା ଅସ୍ତ୍ରଶସ୍ତ୍ରଗୁଡ଼ିକୁ ଧ୍ୱଂସ କରିବାକୁ ରୁଷ ଏଭଳି ରଣନୀତି ଆପଣାଇଥିବା କହିଛି। ରୁଷ ତାସ୍ସଲ୍ୟ କରି କହିଛି ଯେ, ଆମେରିକାର ଚକାଚକ୍ ଖେଳଣାଗୁଡ଼ିକୁ ନଷ୍ଟ କରିଦିଆଯିବ। ରୁଷର ଏହି ଆକ୍ରମଣ ଯୁଦ୍ଧ ପରଠାରୁ ସବୁଠୁ ବଡ଼ ଆକ୍ରମଣ ବୋଲି କୁହାଯାଉଛି। ମୁଖ୍ୟତଃ ଲୁତ୍ସ୍କ, ଲିଭ, ଚେର୍ନିବସି ଆଦି ଅଞ୍ଚଳରେ ଆକ୍ରମଣ କରାଯାଇଛି। ଏସବୁ ଅଞ୍ଚଳ ବହୁମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। ଏହି ଆକ୍ରମଣ ଯୋଗୁ ସାରା ବିଶ୍ୱରେ ଚିନ୍ତା ପ୍ରକାଶ ପାଇଛି।

## ତନିଷ୍କ ପକ୍ଷରୁ ଫେଷ୍ଟିଭାଲ୍ ଅଫ୍ ଡାଏମଣ୍ଡସ-୨୦୨୫

# ଆଧୁନିକ ମହିଳାଙ୍କ ପାଇଁ ହୀରା ଅଳଙ୍କାରର ବ୍ୟାପକ ସମ୍ଭାର




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦେଶର ବହୁ ଭରସାଯୋଗ୍ୟ ଗହଣା ବ୍ରାଣ୍ଡ ତନିସ୍କ ଆଣିଛି ୨୦୨୫ ସଂସ୍କରଣ 'ଫେଷ୍ଟିଭାଲ୍ ଅଫ୍ ଡାଏମଣ୍ଡ୍ସ- ସ୍ପାର୍କେଲ୍ ୟୋର୍ ୱେ'। ଆଧୁନିକ ମହିଳା ଏବଂ ସେମାନଙ୍କ ବିଭିନ୍ନ ଉଜ୍ଜ୍ୱଳ ଅଭିବ୍ୟକ୍ତି ପାଇଁ ଏହା ଏକ ସମ୍ମାନ। ଏହି ଅବସରରେ ମାତ୍ର ୧୫,୦୦୦ ଟଙ୍କାରୁ ଆରମ୍ଭ କରି ହୀରା ଗହଣାର ବ୍ୟାପକ ସମ୍ଭାର ଉପଲବ୍ଧ ରହିଛି। ଏହି କ୍ୟାମ୍ପେନ ଫ୍ୟାଶନ୍‌ର ନେତୃତ୍ୱ ନେଉଛି। ଆଧୁନିକ ୱାର୍ଡ୍ରୋବ୍‌ରେ ହୀରାକୁ କିଭଳି ଷ୍ଟାଇଲ୍ କରାଯାଏ ତଥା ସାଇତି ରଖାଯାଏ ତାହାକୁ ଏହା ପରିଭାଷିତ କରୁଛି। ମହିଳାଙ୍କ ଚମକ ବ୍ୟକ୍ତିଗତ, ଉକ୍ତ ବିଶ୍ୱାସ ଆଧାରରେ ଏ କ୍ୟାମ୍ପେନ୍ ନୂତନ ପିଢ଼ି ହୀରା ପିନ୍ଧାଳୀଙ୍କ ଉପରେ ଧ୍ୟାନକେନ୍ଦ୍ରିତ କରୁଛି। ସେମାନଙ୍କ ଉତ୍ସାହ, ଆତ୍ମନିର୍ଭରଶୀଳତା ଏବଂ ନିରପେକ୍ଷତା ଉପରେ ଏହା ଆଲୋକ ପ୍ରଦାନ କରୁଛି। ଏହି ସେଲିବ୍ରେଶନ୍‌କୁ ଅଧିକ ଉତ୍ସବମୁଖର କରିବା ପାଇଁ ତନିସ୍କ ହୀରା ଗହଣାର ଏମ୍ଆର୍‌ପି ଉପରେ ୨୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛି, ଯାହାକି ୨୦୨୫ ଅଗଷ୍ଟ ୨୫ ପର୍ଯ୍ୟନ୍ତ ଉପଲବ୍ଧ। ଏହି ଅଫର୍ କେବଳ ଷ୍ଟୋନ୍ କିମ୍ବା କ୍ୟାରେଟ୍ ମୂଲ୍ୟ ଉପରେ ଉପଲବ୍ଧ ନୁହେଁ। ଏହା ସମ୍ପୂର୍ଣ୍ଣ ଗହଣା ପିସ୍ ଉପରେ ଉପଲବ୍ଧ। ନିଜ ପାଇଁ ତଥା ନିଜ ପ୍ରିୟଜନଙ୍କ ପାଇଁ ହୀରାରେ ନିବେଶ କରିବା ଲାଗି ଏହା ପ୍ରକୃତ ଅବସର। ଅଭିଯାନର କେନ୍ଦ୍ରବିନ୍ଦୁ ହେଉଛି 'ଫେଷ୍ଟିଭାଲ ଅଫ୍ ଡାଏମଣ୍ଡ୍ସ'। ଏହା ଏକ ବିବିଧତା, ବହୁବିଧତା, ଷ୍ଟାଇଲ୍ ଏବଂ ପ୍ରତ୍ୟେକ ମହିଳାଙ୍କ ପାଇଁ ସମ୍ପୂର୍ଣ୍ଣ ପ୍ରାକୃତିକ ହୀରା ଆବିଷ୍କାର କରିବାର ସମୟ। ମୁଦି, କାନଫୁଲ, ନେକ୍‌ଲେସ୍, ବ୍ରେସ୍‌ଲେଟ୍ ଏବଂ ଅନ୍ୟାନ୍ୟ ବର୍ଗରେ ୧୦,୦୦୦ରୁ ଊର୍ଦ୍ଧ୍ୱ ଷ୍ଟାଇଲ୍ ସହିତ ଏହି ଉତ୍ସବ ଅବସରରେ ପ୍ରତ୍ୟେକଙ୍କ ପାଇଁ କିଛି ନା କିଛି ରହିଛି। ତନିସ୍କର ଏହି ହୀରା ସମ୍ଭାର ମହିଳାଙ୍କ ବ୍ୟକ୍ତିଗତ ପସନ୍ଦ ସହ ଜଡ଼ିତ। ତାଙ୍କର ଚମକ କୌଣସି ଅବସରକୁ ଅପେକ୍ଷା କରେନାହିଁ। ଏହା ପ୍ରତିଦିନ ତାଙ୍କ ପାଇଁ କଥା କୁହେ। ତନିସ୍କର ଫେଷ୍ଟିଭାଲ ଅଫ୍ ଡାଏମଣ୍ଡ୍ସ ପାଳନ କରନ୍ତୁ, ଯେଉଁଠି ପ୍ରତିଟି ଚମକ ଏକ କାହାଣୀ ନୁହେଁ। ନିକଟସ୍ଥ ତନିସ୍କ ଷ୍ଟୋରକୁ ଯାଇ ଗ୍ରାହକ ଏକ ଲାଭପ୍ରଦ ସପିଂ ଅଭିଜ୍ଞତା ଓ ଆକର୍ଷଣୀୟ ଅଫର୍‌ଗୁଡ଼ିକ ଲାଗି 'ଫେଷ୍ଟିଭାଲ ଅଫ୍ ଡାଏମଣ୍ଡ୍ସ'ର ଅନୁଭବ ନେଇପାରିବେ କିମ୍ବା ୱ୍ୱବଭସସ୍ୱଷକ୍ତ.ମକ୍ଟ.ସଭ ରେ ଅନ୍‌ଲାଇନ୍ ସପିଂ କରିପାରିବେ।

# ଛତିଶଗଡ଼ରେ ବିକାଶ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି: ବିଷ୍ଣୁଦେବ




ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଶନିବାର ରାଜଧାନୀ ରାୟପୁରର ମଧ୍ୟପ୍ରଦେଶ-ଛତିଶଗଡ଼ ନ୍ୟୁଜ୍-୧୮ ପକ୍ଷରୁ ଆୟୋଜିତ ରାଇଜିଂ ଛତିଶଗଡ଼ କନ୍‌କ୍ଲେଭ୍‌ରେ ସାମିଲ୍ ହୋଇଥିଲେ । ଏହି ଅବସରରେ ସେ ରାଜ୍ୟର ବିକାଶ, ସୁଶାସନ ଏବଂ ଜନକଲ୍ୟାଣ କାର୍ଯ୍ୟକ୍ରମର ବିଭିନ୍ନ କ୍ଷେତ୍ର ଉପରେ ଆଲୋକପାତ କରିଥିଲେ । ଶ୍ରୀ ସାଏ କହିଥିଲେ, ତାଙ୍କ ସରକାର ଛତିଶଗଡ଼ରେ ସମାବେଶୀ ବିକାଶକୁ ତୀବ୍ର ଗତିରେ ବଢ଼ାଇବା ପାଇଁ କାର୍ଯ୍ୟ କରିଚାଲିଛନ୍ତି । ଛତିଶଗଡ଼ର ୩କୋଟି ଜନତା ରାଜ୍ୟ ସରକାରଙ୍କୁ ଐତିହାସିକ ସମର୍ଥନ ଜଣାଉଛନ୍ତି । ଦାୟିତ୍ୱଭାର ନେବା ପରେ ପ୍ରଥମ କ୍ୟାବିନେଟ୍‌ରେ ୧୮ଲକ୍ଷ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଦେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଯାହାଫଳରେ ଆଜି ହଜାର ହଜାର ପରିବାର ନୂତନ ଗୃହକୁ ପ୍ରବେଶ କରିବାର ସୁଯୋଗ ପାଇପାରିଛନ୍ତି । ସେହିପରି କୃଷି କ୍ଷେତ୍ରରେ ମଧ୍ୟ ଐତିହାସିକ ବିକାଶ କରାଯାଇଛି । ଧାନ କ୍ୱିଣ୍ଟାଲ ପିଛା ଚାଷୀଙ୍କୁ ୩୧୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଉଛି । ମହତାରୀ ବନ୍ଦନ ଯୋଜନାରେ ୭୦ଲକ୍ଷ ମହିଳାଙ୍କୁ ପ୍ରତ୍ୟେକ ମାସ ୧ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଯୋଗାଇ ଦିଆଯାଉଛି । ସେହିପରି ଜନଜାତିଙ୍କ ବିକାଶ ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି । କେନ୍ଦୁପତ୍ର ତୋଳାଳିଙ୍କୁ ବୋନସ୍ ସହ ତୀର୍ଥଦର୍ଶନ ଯୋଜନା ମାଧ୍ୟମରେ ଗରିବମାନଙ୍କୁ ଧାର୍ମିକ ଯାତ୍ରାରେ ଯିବା ପାଇଁ ସୁବିଧା ଯୋଗାଇ ଦିଆଯାଇଛି । ୧୪୬୦ ଗାଁରେ ଅଟଳ ଡିଜିଟାଲ ଖୋଲାଯାଇଛି ।


# ନେପାଳ ଦେଇ ଆତଙ୍କୀ ଅନୁପ୍ରବେଶ କରିବାକୁ ପାକିସ୍ତାନର ଯୋଜନା

ନୂଆଦିଲ୍ଲୀ: ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ, ପାକିସ୍ତାନ ସମର୍ଥିତ ଆତଙ୍କବାଦୀ ଗୋଷ୍ଠୀ ପୁଣି ଥରେ ଭାରତରେ ଅନୁପ୍ରବେଶ କରିବାକୁ ଚେଷ୍ଟା କରୁଛନ୍ତି। ଏନେଇ ଚେତାବନୀ ଦେଇଛନ୍ତି ନେପାଳର ଜଣେ ଶୀର୍ଷ ଅଧିକାରୀ। ଜୈଶ-ଏ-ମହମ୍ମଦ ଏବଂ ଲସ୍କର-ଏ-ତୈବା ଭଳି ଆତଙ୍କବାଦୀ ଗୋଷ୍ଠୀ ଭାରତ ଉପରେ ଆକ୍ରମଣ କରିବା ପାଇଁ ନେପାଳର ରାସ୍ତାକୁ ବ୍ୟବହାର କରିପାରନ୍ତି। ନେପାଳ ରାଷ୍ଟ୍ରପତିଙ୍କ ପରାମର୍ଶଦାତା ସୁନୀଲ ବାହାଦୁର ଥାପା କାଠମାଣ୍ଡୁରେ ଦକ୍ଷିଣ ଏସିଆରେ ଆତଙ୍କବାଦ: ଆଞ୍ଚଳିକ ଶାନ୍ତି ଏବଂ ସୁରକ୍ଷା ପାଇଁ ଏକ ଆହ୍ୱାନ ବିଷୟ ଉପରେ ଏକ କାର୍ଯ୍ୟକ୍ରମରେ ଏହା କହିଛନ୍ତି। ନେପାଳ ଇନଷ୍ଟିଚ୍ୟୁଟ୍ ଫର ଇଣ୍ଟରନ୍ୟାସନାଲ୍ କୋଅପରେସନ୍ ଆଣ୍ଡ୍ ଏନଗେଜମେଣ୍ଟ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ନେପାଳ ଏବଂ ଭାରତ ମଧ୍ୟରେ ଖୋଲା ସୀମା ଏବଂ ଭିସା-ମୁକ୍ତ ବ୍ୟବସ୍ଥା ବିଷୟରେ ମଧ୍ୟ ଚିନ୍ତା ପ୍ରକଟ କରାଯାଇଥିଲା। ଥାପାଙ୍କ ଅନୁଯାୟୀ, ଆତଙ୍କବାଦୀମାନେ ଏହି ବ୍ୟବସ୍ଥାର ଫାଇଦା ଉଠାଇ ଭାରତରେ ପ୍ରବେଶ କରିପାରିବେ। ନେପାଳ ସାଂସଦ ଶିଶିର ଖାନଲ ପହଲଗାମ ଆକ୍ରମଣକୁ ଉଲ୍ଲେଖ କରି କହିଛନ୍ତି ଯେ ଏବେ ଭାରତ ଏବଂ ନେପାଳକୁ ମିଳିତ ଭାବରେ ସୀମା ପରିଚାଳନାକୁ ମଜବୁତ କରିବାକୁ ପଡିବ। ସେ ପରାମର୍ଶ ଦେଇଛନ୍ତି ଯେ ଉଚ୍ଚ-ପ୍ରଯୁକ୍ତିବିଦ୍ୟା ନିରୀକ୍ଷଣ ପ୍ରଯୁକ୍ତିବିଦ୍ୟା, ଗୁପ୍ତଚର ଆଦାନପ୍ରଦାନ ଏବଂ ମିଳିତ ଆତଙ୍କବାଦ ବିରୋଧୀ ଅଭିଯାନର ଆବଶ୍ୟକତା ରହିଛି। ନେପାଳର ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ମିନେନ୍ଦ୍ର ରିଜାଲ କହିଛନ୍ତି ଯେ ପାକିସ୍ତାନର ଆତଙ୍କବାଦକୁ ସମର୍ଥନ ଯୋଗୁଁ କେବଳ ଭାରତ ନୁହେଁ ବରଂ ନେପାଳ ଏବଂ ପାକିସ୍ତାନ ମଧ୍ୟ କ୍ଷତି ସହୁଛନ୍ତି। ଏହି ସମସ୍ତ ଘଟଣା ଭାରତ-ନେପାଳ ସୀମାରେ ସୁରକ୍ଷା ପ୍ରତି ଗମ୍ଭୀର ପ୍ରଶ୍ନ ଉଠାଇଛି।



























































ନୂଆଦିଲ୍ଲୀ: ଲର୍ଡ୍ସରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଉଥିବା ଟେଷ୍ଟ ମ୍ୟାଚ୍‌ରେ ଏକ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ସ୍ଥିତି ଏପରି କିଛି ହେଲା ଯେ ଟିମ୍ ଇଣ୍ଡିଆର ଅଧିନାୟକ ଶୁଭମନ ଗିଲ୍ ରାଗି ଯାଇ ଅମ୍ପାୟରଙ୍କ ସହ ଯୁକ୍ତିତର୍କ କରିଥିଲେ। କେବଳ ସେ ନୁହେଁ, ଷ୍ଟାର ବୋଲର ମହମ୍ମଦ ସିରାଜ ମଧ୍ୟ ଅମ୍ପାୟରଙ୍କ ସହ ଯୁକ୍ତି କରୁଥିବା ନଜର ଆସିଥିଲେ। ଏହି ସବୁ ଘଟଣା ବଲ୍‌କୁ ନେଇ ହୋଇଥିଲା, ଯାହା ଉପରେ ସିରିଜ ଆରମ୍ଭରୁ ହିଁ ପ୍ରଶ୍ନ ଉଠିସାରିଛି। ମ୍ୟାଚ୍‌ର ଦ୍ୱିତୀୟ ଦିନରେ ବଲ୍ ପରିବର୍ତ୍ତନକୁ ନେଇ ଭାରତୀୟ କ୍ୟାପ୍‌ଟେନ ଓ ବାଂଲାଦେଶୀ ଅମ୍ପାୟର ସୈକତ ସରଫୁଦ୍ଦୌଲାଙ୍କ ମଧ୍ୟ ପାଟିତୁଣ୍ଡ ହୋଇଥିଲା। ଜୁଲାଇ ୧୧ରେ ଲର୍ଡ୍ସ ଟେଷ୍ଟର ଦ୍ୱିତୀୟ ଦିନରେ ଟିମ୍ ଇଣ୍ଡିଆ ଭଲ ଆରମ୍ଭ କରିଥିଲା। ଦିନର ଖେଳ ଆରମ୍ଭର ଅଧା ଘଣ୍ଟା ଭିତରେ ବୁମରା ଇଂଲଣ୍ଡର ତିନି ୱିକେଟ୍ ନେଇଥିଲେ। ଏଥିରେ ନୂଆ ବଲ୍‌ର ଭୂମିକା ଅଧିକ ଥିଲା । ବଲ୍ ସ୍ୱିଙ୍ଗ ଓ ସିମ୍ ହେଉଥିଲା । ଏହି ବଲ୍‌କୁ ମ୍ୟାଚ୍‌ର ପ୍ରଥମ ଦିନରେ ୮୦.୧ ଓଭର ପରେ ନିଆଯାଇଥିଲା । ଅନୁମାନ କରାଯାଉଥିଲା ଯେ ଏହି ବଲ୍‌ରେ ଅଧିକ ସମୟ ଯାଏ ଖେଳାଯିବ। କିନ୍ତୁ ଡ୍ୟୁକ୍ସ ବଲ୍‌କୁ ନେଇ ଉଠୁଥିବା ପ୍ରଶ୍ନ ଏଠି ସତ ପ୍ରମାଣିତ ହୋଇଥିଲା ଓ କେବଳ ୧୦.୩ ଓଭର ବୋଲିଂ ପରେ ହିଁ ଏହାକୁ ବଦଳାଇବାକୁ ପଡ଼ିଥିଲା। ଇଂଲଣ୍ଡ ଇନିଂସର ୯୧ତମ ଓଭରର ଚତୁର୍ଥ ବଲ୍ ପକାଇବା ପରେ ମହମ୍ମଦ ସିରାଜ ଅମ୍ପାୟରଙ୍କୁ ବଲର ଆକାର ବଦଳିବା ନେଇ ଅଭିଯୋଗ କରିଥିଲେ । ଅମ୍ପାୟର ସୈକତ ନିଜ ଉପକରଣରେ ଏହାକୁ ଚେକ୍ କରିଥିଲେ। ବଲ୍‌ର ଆକାର ବଦଳିଥିବା ସ୍ପଷ୍ଟ ହୋଇଥିଲା।



ଲର୍ଡ୍ସ ଟେଷ୍ଟ

# ଭାରତ ୩୮୭ ରନ୍‌ରେ ଅଲଆଉଟ୍



ଲର୍ଡ୍ସ : ଐତିହାସିକ ଲର୍ଡ୍ସ ଷ୍ଟାଡିୟମଠାରେ ଭାରତ-ଇଂଲଣ୍ଡ ମଧ୍ୟରେ ଖେଳାଯାଉଥିବା ଆଣ୍ଡରସନ-ତେନ୍ଦୁଲକର ସିରିଜର ୩ୟ ଟେଷ୍ଟରେ ଭାରତ ନିଜର ପ୍ରଥମ ଇନିଂସରେ ୩୮୭ ରନରେ ଅଲଆଉଟ ହୋଇଯାଇଛି । ଇଂଲଣ୍ଡ ମଧ୍ୟ ପ୍ରଥମ ଇନିଂସରେ ୩୮୭ ରନରେ ଅଲଆଉଟ ହୋଇଥିବାରୁ ଉଭୟ ଦଳର ସ୍କୋର ସମାନ ରହିଛି । ଭାରତ ପକ୍ଷରୁ କେଏଲ ରାହୁଲ ଶତକ ଅର୍ଜନ କରିଥିବା ବେଳେ ଋଷଭ ପନ୍ତ ୭୪ ରନ ଓ ରବୀନ୍ଦ୍ର ଜାଦେଜା ୭୨ ରନ କରିଥିଲେ । ସେହିପରି କରୁଣ ନାୟାର ୪୦ ରନ ଓ ନୀତୀଶ ରେଡ୍ଡି ୩୦ ରନ କରିଥିଲେ । ଇଂଲଣ୍ଡ ପକ୍ଷରୁ କ୍ରିସ ଓକ୍ସ ୩ଟି ୱିକେଟ ନେଇଥିବା ବେଳେ ଜୋଫ୍ରା ଆର୍ଚର ଓ ବେନ ଷ୍ଟୋକ୍ସ ୨ଟି ଲେଖାଏଁ ୱିକେଟ ନେଇଥିଲେ । ଏହି ମ୍ୟାଚରେ ଇଂଲଣ୍ଡ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଦଳ ପକ୍ଷରୁ ଜ୍ୟାକ କ୍ରାଉଲି ଓ ବେନ ଡକେଟ ଏକ ଭଲ ଆରମ୍ଭ କରିଥିଲେ ବି ଏକ ବଡ଼ ପାର୍ଟନରସିପ କରିପାରିନଥିଲେ । ଡକେଟ୍ ୨୩ ଓ କ୍ରାଉଲି ୧୮ ରନ କରିଥିଲେ । ତେବେ ଓଲି ପୋପ୍ ଓ ଜୋ ରୁଟଙ୍କ ମଧ୍ୟରେ ଏକ ଭଲ ପାର୍ଟନରସିପ ଦେଖିବାକୁ ମିଳିଥିଲା । ପୋପ୍ ୪୪ ରନ କରିଥିବା ବେଳେ ରୁଟ୍ ଏକ ଲଢୁଆ ଶତକ ଅର୍ଜନ କରିଥିଲେ । ସେହିପରି ବେନ ଷ୍ଟୋକ୍ସ ୪୪ ରନ କରିଥିବା ବେଳେ ଜେମି ସ୍ମିଥ ଓ ବ୍ରାଇଡନ କାର୍ସେ ଅର୍ଦ୍ଧଶତକ ଅର୍ଜନ କରିଥିଲେ । ଇଂଲଣ୍ଡ ନିଜର ପ୍ରଥମ ଇନିଂସରେ ୩୮୭ ରନ କରିଥିଲା । ଭାରତ ପକ୍ଷରୁ ଯଶପ୍ରୀତ ବୁମରା ୫ଟି ୱିକେଟ ନେଇଥିବା ବେଳେ ନୀତୀଶ ରେଡ୍ଡି ଓ ମହମ୍ମଦ ସିରାଜ ୨ଟି ଲେଖାଏଁ ୱିକେଟ ନେଇଥିଲେ । ସେହିପରି ରବୀନ୍ଦ୍ର ଜାଦେଜା ଗୋଟିଏ ୱିକେଟ ନେଇଥିଲେ ।

ଭିଭିଆନ୍ ରିଚାର୍ଡସଙ୍କ ରେକର୍ଡ ଭାଙ୍ଗିଲେ

# ଲର୍ଡସରେ ଇତିହାସ ରଚିଲେ ପନ୍ତ



ନୂଆଦିଲ୍ଲୀ: ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଚାଲିଥିବା ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜର ତୃତୀୟ ମ୍ୟାଚ୍ ଏବେ ଲର୍ଡସ ଗ୍ରାଉଣ୍ଡରେ ଖେଳାଯାଉଛି । ଏହି ମ୍ୟାଚରେ ଭାରତୀୟ ବ୍ୟାଟସମ୍ୟାନଙ୍କ ଆକ୍ରମଣାତ୍ମକ ରୂପ ଦେଖିବାକୁ ମିଳିଛି । ବିଶେଷକରି ଋଷଭ ପନ୍ତ ପୁଣି ଥରେ ପ୍ରମାଣ କରିଛନ୍ତି ଯେ ସେ ଟେଷ୍ଟ କ୍ରିକେଟରେ ମଧ୍ୟ ଛକା ମାରିବାରେ ମାହିର। ପନ୍ତ ଏପର୍ଯ୍ୟନ୍ତ ଇଂଲଣ୍ଡ ବିପକ୍ଷରେ ଟେଷ୍ଟ କ୍ରିକେଟରେ ସର୍ବାଧିକ ଛକା ମାରିବାର ରେକର୍ଡ କରିଛନ୍ତି। ଏପର୍ଯ୍ୟନ୍ତ ଟେଷ୍ଟରେ ପନ୍ତ ଇଂଲଣ୍ଡ ବିପକ୍ଷରେ ୩୫ଟି ଛକା ମାରିଛନ୍ତି । ଏହି ଛକା ସହିତ ସେ ୱେଷ୍ଟଇଣ୍ଡିଜ୍ କିମ୍ବଦନ୍ତୀ କ୍ରିକେଟର ସାର୍ ଭିଭିଆନ୍ ରିଚାର୍ଡସଙ୍କୁ ପଛରେ ପକାଇ ଦେଇଛନ୍ତି, ଯିଏ ଇଂଲଣ୍ଡ ବିପକ୍ଷରେ ୩୪ଟି ଛକା ମାରିଥିଲେ। ପନ୍ତଙ୍କ ଏହି ସଫଳତାକୁ ତାଙ୍କର ଆକ୍ରମଣାତ୍ମକ ଏବଂ ନିର୍ଭୀକ ବ୍ୟାଟିଂ ଶୈଳୀର ଫଳାଫଳ କୁହାଯାଇପାରେ। ଏହି ତାଲିକାରେ ଭାରତର ଆଉ ଦୁଇଜଣ ଯୁବ ବ୍ୟାଟସମ୍ୟାନ୍ ସାମିଲ ହୋଇଛନ୍ତି । ସେମାନେ ହେଲେ ଯଶସ୍ୱୀ ଜୟସୱାଲ୍ ଏବଂ ଶୁଭମନ ଗିଲ୍। ଏବେ ଇଂଲଣ୍ଡ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ଆକ୍ରମଣାତ୍ମକ ବ୍ୟାଟିଂ କରି ଉଭୟେ ଟେଷ୍ଟ କ୍ରିକେଟ୍‌ରେ ନିଜର ଦକ୍ଷତା ପ୍ରମାଣ କରିଛନ୍ତି । ଜୟସୱାଲ୍ ମାତ୍ର କିଛି ମ୍ୟାଚ୍‌ରେ ୨୭ ଛକା ମାରି ଜଣାଇ ଦେଇଛନ୍ତି ଯେ, ଆଗାମୀ ସମୟରେ ସେ ଅନେକ ରେକର୍ଡ ଭାଙ୍ଗିବେ । କ୍ରିକେଟର ଶୁଭମନ ଗିଲ୍ ମଧ୍ୟ ୨୬ ଛକା ମାରି ଚର୍ଚ୍ଚାରେ ଅଛନ୍ତି ।

## ଜୋଟାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ସିରାଜ

ଲଣ୍ଡନ: ନିକଟରେ କାର ଦୁର୍ଘଟଣାରେ ପ୍ରାଣ ହରାଇଥିବା ପର୍ତ୍ତୁଗୀଜ ଫୁଟ୍‌ବଲର ଡିଏଗୋ ଜୋଟାଙ୍କ ପ୍ରତି ଭାରତୀୟ ପେସର ମହମ୍ମଦ ସିରାଜ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟର ଦ୍ୱିତୀୟ ଦିନରେ ସିରାଜ ଘରୋଇ ଦଳର ଉଇକେଟ୍ କିପର ବ୍ୟାଟର ଜେମି ସ୍ମିଥଙ୍କୁ ଆଉଟ୍ କରିବା ପରେ ସିରାଜ ଦୁଇ ହାତର ଆଙ୍ଗୁଠି ଜରିଆରେ ନମ୍ବର ୨୦ ସଙ୍କେତ ଦେଖାଇଥିଲେ, ଯାହାକି ଜୋଟାଙ୍କ ଜର୍ସି ନମ୍ବର ଥିଲା। ପରେ ସିରାଜ ଉଭୟ ହାତ ଟେକି ଫୁଟବଲରଙ୍କ ପ୍ରତି ସମ୍ମାନ ଜଣାଇଥିଲେ। ଆମେ ଗତ ମ୍ୟାଚ୍‌ରେ ଦୁର୍ଘଟଣାରେ ଜୋଟାଙ୍କ ମୃତ୍ୟୁ ଖବର ପାଇଥିଲୁ। ମୁଁ ଜଣେ ପର୍ତ୍ତୁଗାଲ ଦଳର ଫ୍ୟାନ ଏବଂ କ୍ରିଷ୍ଟିଆନୋ ରୋନାଲଡୋ ମଧ୍ୟ ସମାନ ଦଳ ପାଇଁ ଖେଳନ୍ତି। ଏଣୁ ଏ ଖବର ମୋତେ ଭାବବିହ୍ୱଳ କରିଥିଲା। ମୁଁ ଗତ ମ୍ୟାଚ୍‌ରେ ତାଙ୍କୁ ସମ୍ମାନ ଜଣାଇବାକୁ ଚାହୁଁଥିଲି। ମୁଁ ଏ ସମ୍ପର୍କରେ କୁଲଦୀପଙ୍କ ସହ କଥା ମଧ୍ୟ ହୋଇଥିଲି। ଏଣୁ ମୁଁ ଉଇକେଟ ପାଇବା ପରେ ସେଭଳି ସଙ୍କେତ କରିଥିଲି ବୋଲି ସିରାଜ କହିଛନ୍ତି। ଏତଦ୍ ବ୍ୟତୀତ ଜୀବନର ଅନିଶ୍ଚିତତା ସମ୍ପର୍କରେ ସେ କହିଛନ୍ତି ଯେ, ଜୀବନ ଅତ୍ୟନ୍ତ ଅପ୍ରତ୍ୟାଶିତ। ଆମେ କାହା ପାଇଁ ଲଢୁଛୁ, କାହା ପାଇଁ କରୁଛୁ, କିନ୍ତୁ ଆସନ୍ତା କାଲି କଥା କାହାକୁ ଜଣାନାହିଁ। ଜୀବନରେ କିଛି ବି ନିଶ୍ଚିତ ନୁହେଁ।

## ଟେନିସ୍ ଖେଳାଳିଙ୍କ ହତ୍ୟା ମାମଲା ନେଇ ନୀରଜଙ୍କ ପ୍ରତିକ୍ରିୟା

ନୂଆଦିଲ୍ଲୀ: ଗତଗୁରୁବାର ଗୁରୁଗ୍ରାମର ସେକ୍ଟର-୫୭ରେ ପରିବାରଲୋକଙ୍କ ସହିତ ବସବାସ କରୁଥିବା ଜଣେ ପୂର୍ବତନ ରାଜ୍ୟସ୍ତରୀୟ ମହିଳା ଟେନିସ୍ ଖେଳାଳିଙ୍କୁ ତାଙ୍କ ବାପା ଗୁଳି କରି ହତ୍ୟା କରିଥିବାର ଅଭାବନୀୟ ଘଟଣା ସାମ୍ନାକୁ ଅଛି। ଟେନିସ୍ ଖେଳାଳିଙ୍କ ହତ୍ୟା ଘଟଣା ସମଗ୍ର ଖେଳ ଜଗତରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଏହି ଘଟଣାକୁ ନେଇ ଭାରତର ଷ୍ଟାର ଜାଭେଲିନ୍ ଖେଳାଳି ନୀରଜ ଚୋପ୍ରା ନିଜର ବୟାନ ଦେଇଛନ୍ତି। ନୀରଜ କହିଛନ୍ତି- ମୁଁ ପୂର୍ବରୁ କିଛି ଲୋକଙ୍କ ସହିତ ଏ ବିଷୟରେ କଥା ହୋଇସାରିଛି। ଆମ ପାଖରେ ହରିୟାଣାର ମହିଳା ଖେଳାଳିଙ୍କ କିଛି ମହାନ ଉଦାହରଣ ଅଛି। ଯିଏକି



ଦେଶ ପାଇଁ ଗୌରବ ଆଣିଛନ୍ତି। ପରିବାରରେ, ଆପଣମାନଙ୍କୁ ପରସ୍ପରକୁ ସମର୍ଥନ କରିବା ଉଚିତ ଏବଂ ଯେଉଁମାନେ (ମହିଳା ଖେଳାଳି) ଭଲ ପ୍ରଦର୍ଶନ କରୁଛନ୍ତି ସେମାନଙ୍କୁ ଆଦର୍ଶ ଭାବରେ ବିବେଚନା କରି ଅନୁସରଣ କରିବା ଉଚିତ। ମହିଳା ଟେନିସ୍ ଖେଳାଳି ରାଧିକାଙ୍କ ହତ୍ୟା ମାମଲାର ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି ତାଙ୍କ ବାପା ଝିଅ ଏକାଡେମି ଖୋଲିବା ଘଟଣା ନେଇ ଅସନ୍ତୋଷ ଥିଲେ। ବାରମ୍ବାର ଏକାଡେମି ବନ୍ଦ କରିବାକୁ କହୁଥିଲେ। ଗତ ୧୫ ଦିନ ଧରି ଟେନିସ୍ ଏକାଡେମିକୁ ନେଇ ବାପା-ଝିଅ ମଧ୍ୟରେ ଝଗଡା ଲାଗି ରହିଥିଲା । ଗୁରୁବାର ସକାଳେ ବାପା ଦୀପକ ଝିଅ ରାଧିକା ରୋଷେଇ ଘରେ ଥିବା ବେଳେ ତାଙ୍କ ଲାଇସେନ୍ସପ୍ରାପ୍ତ ରିଭଲଭରରୁ ୩ ଗୁଳି କରି ହତ୍ୟା କରିଥିଲେ। ରାଧିକାଙ୍କୁ ହତ୍ୟା କରିବାର କିଛି ଘଣ୍ଟା ମଧ୍ୟରେ ପୁଲିସ ହତ୍ୟାକାରୀ ବାପାଙ୍କୁ ଗିରଫ କରିଛି ଏବଂ ପଚରାଉଚରା ସମୟରେ ଦୀପକ ତାଙ୍କ ଅପରାଧ ସ୍ୱୀକାର କରିଛନ୍ତି।

ଅନ୍ତର୍ଜାତୀୟ କ୍ରିକେଟ୍‌ରେ ବଡ଼ ପରିବର୍ତ୍ତନ

# ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲ କଲା ଇଟାଲୀ



ନୂଆଦିଲ୍ଲୀ: ଇଟାଲୀୟ କ୍ରିକେଟ ଦଳ ଅନ୍ତର୍ଜାତୀୟ କ୍ରିକେଟରେ ସବୁଠାରୁ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛି। ଭାରତ ଏବଂ ଶ୍ରୀଲଙ୍କା ଆୟୋଜନରେ ଆସନ୍ତା ବର୍ଷ ଖେଳାଯିବାକୁ ଥିବା ୨୦୨୬ ଟି-୨୦ ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରି ଇଟାଲୀ ସମଗ୍ର ବିଶ୍ୱକୁ ଆଶ୍ଚର୍ଯ୍ୟ କରିଛି। ଭାରତ ଏବଂ ଶ୍ରୀଲଙ୍କା ଆୟୋଜନରେ ଆସନ୍ତା ବର୍ଷ ଫେବୃଆରୀ-ମାର୍ଚ୍ଚରେ ୨୦୨୬ ପୁରୁଷ ଟି-୨୦ ବିଶ୍ୱକପ ଖେଳାଯିବାକୁ ଅଛି। ଏବେ ଇଟାଲୀ ମଧ୍ୟ କ୍ରିକେଟର ଏହି ମହାନ କୁମ୍ଭରେ ପ୍ରବେଶ କରିଛି। ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଇଟାଲୀ ଏହି ବିଶ୍ୱସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ସ୍ଥାନ ପାଇଛି। ଇଟାଲୀ ସହ ନେଦରଲାଣ୍ଡ ମଧ୍ୟ ୨୦୨୬ ଟି-୨୦ ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରିଛି। ୨୦୨୬ ଟି-୨୦ ବିଶ୍ୱକପ ପାଇଁ ମୋଟ ୨୦ ଦଳ ରହିବେ। ଇଟାଲୀ ଏବଂ ନେଦରଲ୍ୟାଣ୍ଡ ଯୋଗ୍ୟତା ଅର୍ଜନ କରିବା ପରେ, ଟୁର୍ନାମେଣ୍ଟ ପାଇଁ ୧୫ ଦଳ ନିର୍ଣ୍ଣୟ କରାଯାଇଛି। ଆୟୋଜକ ଭାରତ ଏବଂ ଶ୍ରୀଲଙ୍କା ବ୍ୟତୀତ, ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ବାଂଲାଦେଶ, ଇଂଲଣ୍ଡ, ଆମେରିକା, ୱେଷ୍ଟଇଣ୍ଡିଜ, ଆୟର୍ଲାଣ୍ଡ, ନ୍ୟୁଜିଲାଣ୍ଡ, ପାକିସ୍ତାନ ଏବଂ କାନାଡା ଏପର୍ଯ୍ୟନ୍ତ ୨୦୨୬ ଟି-୨୦ ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ୫ଟି ଦଳ ଏପର୍ଯ୍ୟନ୍ତ ନିଷ୍ପତ୍ତି ନିଆଯାଇନାହିଁ। ଭାରତ ଏବଂ ଶ୍ରୀଲଙ୍କା ମିଳିତ ଭାବରେ ୨୦୨୬ ଟି-୨୦ ବିଶ୍ୱକପ ଆୟୋଜନ କରିବାକୁ ଯାଉଛନ୍ତି। ଏହା ଦ୍ୱିତୀୟ ଥର ହେବ ଯେ ଭାରତ ଏବଂ ଶ୍ରୀଲଙ୍କା ଏକ ଟି-୨୦ ବିଶ୍ୱକପ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବେ। ଟୁର୍ଣ୍ଣାମେଣ୍ଟର ତାରିଖ ଏପର୍ଯ୍ୟନ୍ତ ଘୋଷଣା କରାଯାଇ ନାହିଁ, କିନ୍ତୁ ଆସନ୍ତା ବର୍ଷ ଫେବୃଆରୀ-ମାର୍ଚ୍ଚ ମାସରେ ଟି-୨୦ ବିଶ୍ୱକପ ମ୍ୟାଚ ଖେଳାଯିବ। ୨୦୨୬ ଟି-୨୦ ବିଶ୍ୱକପ ମଧ୍ୟ ୨୦୨୪ ଟି-୨୦ ବିଶ୍ୱକପ ପରି ସମାନ ଫର୍ମାଟରେ ଖେଳାଯିବ। ଏଥର ମଧ୍ୟ ଏହି ବିଶ୍ୱସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ବିଶ୍ୱର ୨୦ ଦଳ ଅଂଶଗ୍ରହଣ କରିବେ। ଏହି ୨୦ ଦେଶର ଦଳଗୁଡ଼ିକୁ ପାଞ୍ଚଟି ଦଳ ବିଶିଷ୍ଟ ଚାରିଟି ଗ୍ରୁପରେ ବିଭକ୍ତ କରାଯିବ। ତା'ପରେ ପ୍ରତ୍ୟେକ ଗ୍ରୁପରୁ ଶ୍ରେଷ୍ଠ-୨ରେ ଥିବା ଦଳ ସୁପର-୮ ପର୍ଯ୍ୟାୟରେ ପ୍ରବେଶ କରିବ। ସୁପର-୮ ପର୍ଯ୍ୟାୟରେ ମଧ୍ୟ, ଚାରିଟି ଦଳକୁ ନେଇ ଦୁଇଟି ଗୋଷ୍ଠୀ ଗଠନ କରାଯିବ, ଯେଉଁଥିରେ ଶ୍ରେଷ୍ଠ-୨ ଦଳ ସେମି ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ ଏବଂ ତା'ପରେ ସେମି ଫାଇନାଲ ମ୍ୟାଚ ଜିତିଥିବା ଦଳଗୁଡ଼ିକ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯିବ।

## ଅଷ୍ଟ୍ରେଲିଆର ନୂଆ ଅଧିନାୟକ ଘୋଷଣା

### ବାଦ୍ ପଡ଼ିଲେ ପ୍ୟାଟ୍ କମିନ୍ସ



ନୂଆଦିଲ୍ଲୀ: ୱେଷ୍ଟଇଣ୍ଡିଜ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ତୃତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ କିଙ୍ଗଷ୍ଟନରେ ଖେଳାଯିବ। ଅଷ୍ଟ୍ରେଲିଆ ଦଳ ପ୍ରଥମ ଦୁଇଟି ଟେଷ୍ଟ ମ୍ୟାଚ୍ ଜିତି ସିରିଜ କବଜା କରିସାରିଛି। ଏବେ ସେମାନେ ଆୟୋଜକ ଦଳକୁ କ୍ଲିନ ସୁଇପ୍ କରିବା ଉଦ୍ଦେଶ୍ୟରେ ତୃତୀୟ ଟେଷ୍ଟ ଖେଳିବେ। ଏହା ପରେ ଭ୍ରମଣକାରୀ ଦଳ ୱେଷ୍ଟଇଣ୍ଡିଜ ବିପକ୍ଷରେ ପାଞ୍ଚ ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜ ଖେଳିବ। ଏହା ଜୁଲାଇ ୨୧ରୁ ଆରମ୍ଭ ହେବ। ଏହି ସିରିଜ ପାଇଁ ଅଷ୍ଟ୍ରେଲିଆ ନିଜର ଦଳ ଘୋଷଣା କରିଛି। ଏଥିରେ ଦୁଇଟି ବଡ଼ ପରିବର୍ତ୍ତନ କରାଯାଇଛି। ଅଷ୍ଟ୍ରେଲିୟ ଅଧିନାୟକ ପ୍ୟାଟ କମିନ୍ସଙ୍କୁ ବିଶ୍ରାମ ଦିଆଯାଇଛି। ତାଙ୍କ ସ୍ଥାନରେ ନୂତନ ଅଧିନାୟକ ଘୋଷଣା କରାଯାଇଛି। ଏହା ବ୍ୟତୀତ ଇଣ୍ଡିଆନ ପ୍ରିମିୟର ଲିଗ ୨୦୨୫ ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ଚାମ୍ପିଅନ କରିଥିବା ବୋଲରମାନଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇ ନାହିଁ। ଜୁଲାଇ ୨୧ ରୁ ଆରମ୍ଭ ହେଉଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ପାଞ୍ଚ ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜ ପାଇଁ ଅଷ୍ଟ୍ରେଲିଆ ନିଜର ଦଳ ଘୋଷଣା କରିଛି। ପ୍ୟାଟ କମିନ୍ସଙ୍କ ସ୍ଥାନରେ ମିଚେଲ ମାର୍ଶଙ୍କୁ ଅଷ୍ଟ୍ରେଲିଆ ଦଳର ଅଧିନାୟକ କରାଯାଇଛି। ଏହି ସିରିଜ ପାଇଁ କମିନ୍ସ ଏବଂ ଦ୍ରୁତ ବୋଲର ଜୋଶ ହାଜେଲଉଡଙ୍କୁ ବିଶ୍ରାମ ଦିଆଯାଇଛି। ହାଜେଲଉଡ ଆଇପିଏଲ୍ ୨୦୨୫ ରେ ଆର୍‌ସିବି ପାଇଁ ଚମତ୍କାର ପ୍ରଦର୍ଶନ କରିଥିଲେ ଏବଂ ଦଳକୁ ଚାମ୍ପିଅନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ହାଜେଲଉଡ ଆଇପିଏଲ୍ ୨୦୨୫ ରେ ୧୨ ମ୍ୟାଚ ଖେଳିଥିଲେ। ଏହି ସମୟ ମଧ୍ୟରେ ସେ ୨୨ ଉଇକେଟ ନେଇଥିଲେ। ଏହା ବ୍ୟତୀତ ସେ ୫୨ ଟି-୨୦ ମ୍ୟାଚ ଖେଳିଛନ୍ତି। ଯେଉଁଥିରେ ସେ ୬୭ ଉଇକେଟ ନେଇଛନ୍ତି। ହାଜେଲଉଡ ବର୍ତ୍ତମାନ ୱେଷ୍ଟଇଣ୍ଡିଜ ବିପକ୍ଷରେ ଟେଷ୍ଟ କ୍ରିକେଟ ଖେଳିବାରେ ବ୍ୟସ୍ତ ଅଛନ୍ତି। ସେ ଗତ ଦୁଇଟି ଟେଷ୍ଟ ମ୍ୟାଚ୍‌ରେ ୧୧ ଉଇକେଟ ନେଇଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷରେ ଟି-୨୦ ସିରିଜ ପାଇଁ ପ୍ୟାଟ କମିନ୍ସଙ୍କୁ ବିଶ୍ରାମ ଦିଆଯାଇଛି। କମିନ୍ସଙ୍କ ସ୍ଥାନରେ ଅଲରାଉଣ୍ଡର ମିଚେଲ ମାର୍ଶଙ୍କୁ ଦଳର ଅଧିନାୟକ କରାଯାଇଛି। କମିନ୍ସ ଦକ୍ଷିଣ ଆଫ୍ରିକା ବିପକ୍ଷ ଧଳା ବଲ ସିରିଜ ପାଇଁ ମଧ୍ୟ ନିଜର ନାମ ପ୍ରତ୍ୟାହାର କରିନେଇଛନ୍ତି। ସେ ୨୦୨୫-୨୬ ଆଶେସ ପାଇଁ ନିଜକୁ ସମ୍ପୂର୍ଣ୍ଣ ଫିଟ ରଖିବାକୁ ଚାହାନ୍ତି ଏବଂ ସେଥିପାଇଁ ସେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ମିଚେଲ ଓୱେନ ଏବଂ ମ୍ୟାଟ କୁହ୍ନେମାନଙ୍କୁ ପ୍ରଥମଥର ପାଇଁ ଅଷ୍ଟ୍ରେଲିଆ ଦଳରେ ସାମିଲ କରାଯାଇଛି।

**ଅଷ୍ଟ୍ରେଲିଆ ଦଳ:**

ମିଚେଲ ମାର୍ଶ (ଅଧିନାୟକ), ସିଆନ ଆବୋଟ୍, କୁପରକନୋଲି, ଟିମ ଡେଭିଡ୍, ବେନ ଡ୍ୱାରସିସ, ନାଥନ ଏଲିସ, କାମେରୁନ ଗ୍ରୀନ, ଆରୋନ ହାର୍ଡି, ଜୋଶ ଇଙ୍ଗଲିସ, ସ୍ୱେନ୍ସର ଜନସନ୍, ମ୍ୟାଟ କୁହ୍ନେମାନ, ଗ୍ଲେନ ମ୍ୟାକ୍ସୱେଲ, ମିଚେଲ ଓୱେନ, ମାଥ୍ୟୁ ସର୍ଟ, ଆଡାମ ଜାମ୍ପା।

## ୫ମ ଓଡ଼ିଶା ନାଭାଲ ଟାଟା ହକି ତୃଣମୂଳ ଲିଗ୍ ଚାମ୍ପିୟନସିପ୍ ଉଦଯାପିତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ରେ ଓଡ଼ିଶା ନାଭାଲ ଟାଟା ହକି ତୃଣମୂଳ ଲିଗ୍ ଚାମ୍ପିୟନସିପ୍ ୨୦୨୫ର ୫ମ ସଂସ୍କରଣର ଶେଷ ପର୍ଯ୍ୟାୟ ସମାପ୍ତହୋଇଛି। ଓଡିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଉଦୀୟମାନ ହକି ପ୍ରତିଭାଙ୍କ ପାଇଁ ଏହି ପାଞ୍ଚଦିନିଆ ଉତ୍ସବ ଶନିବାର ଉଦଯାପିତ ହୋଇଯାଇଛି। ବାଳିକା ବିଭାଗରେ ଲାଠିକଟା ହକି ଟ୍ରେନିଂ ସେଣ୍ଟର ଚାମ୍ପିୟନ୍ ହୋଇଛି। ଏହି ଦଳ ଗୁରୁଣ୍ଡିଆ ଏଚଟିସିକୁ ୨-୧ ଗୋଲରେ ଶୁଟଆଉଟରେ ପରାସ୍ତ କରିଥିଲା । ନିର୍ଦ୍ଧାରିତ ସମୟ ଶେଷ ହେବା ପର୍ଯ୍ୟନ୍ତ ମ୍ୟାଚ୍ ୧-୧ ଗୋଲରେ ଡ୍ର ରହିଥିଲା । ବାମରା ଏଚଟିସି ବରଗାଁଓ ଏଚଟିସିକୁ ୧-୦ ଗୋଲରେ ହରାଇ ବ୍ରୋ ମେଡ଼ାଲ୍ ଜିତିଥିଲା । ସେହିପରି ବାଳକ ବିଭାଗରେ କୁଆଁରମୁଣ୍ଡା ଏଚଟିସି ଫାଇନାଲରେ ନୂଆଗାଁ ଏଚଟିସିକୁ ଏକ କଠିନ ପ୍ରତିଦ୍ୱନ୍ଦ୍ୱିତାରେ ୫-୩ରେ ପରାସ୍ତ କରି ଚାମ୍ପିୟନ୍ ହୋଇଛି । ସାଉନମରା ଏଚଟିସି ରାଜଗଙ୍ଗପୁର ଏଚଟିସିକୁ ୫-୧ ଗୋଲରେ ପରାସ୍ତ କରି ବ୍ରୋଞ୍ଜ ମେଡ଼ାଲ୍ ଜିତିଛି । ଏହି ୪ଟି ଟିମ୍ ହେଉଛନ୍ତି ସୁନ୍ଦରଗଡ଼ ଜିଲ୍ଲାର, ଯାହା ରାଜ୍ୟର ହକିର ପୀଠସ୍ଥଳ ଭାବେ ପରିଚିତ । ଓଡ଼ିଶା ନାଭାଲ ଟାଟା ହକି ହାଇ-ପରଫର୍ମାନ୍ସ ସେଣ୍ଟର ଓ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ସହଯୋଗରେ ଏହି ଚାମ୍ପିୟନସିପରେ ୧୬ଟି ଫାଇନାଲିଷ୍ଟ ଟିମ୍ (୮ ବାଳକ ଓ ୮ ବାଳିକା)ର ୨୫୬ ଯୁବ ଖେଳାଳି ଭାରତର ଏକ ବୃହତମ ତୃଣମୂଳ ହକି ଲିଗର ଶେଷ ପର୍ଯ୍ୟାୟରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ଭାରତୀୟ ହକି ଟିମର ପୂର୍ବତନ ଅଧିନାୟକ ପ୍ରବୋଧ ତିର୍କୀ ଉପସ୍ଥିତ ଥିଲେ । ଅନ୍ୟାନ୍ୟ ମାନ୍ୟଗଣ୍ୟ ଅତିଥିମାନଙ୍କ ମଧ୍ୟରେ କ୍ରୀଡ଼ା ନିର୍ଦ୍ଦେଶକ ଓ ହକି ପ୍ରମୋସନ କାଉନ୍ସିଲ୍ ଓଡିଶାର ସିଇଓ ଦୀପଙ୍କର ମହାପାତ୍ର, ଓଡ଼ିଶା ଖଣି ନିଗମର ମାନବ ସମ୍ବଳ ନିର୍ଦ୍ଦେଶକ ଆଲୋକ କୁମାର ପାଲ, ସୁନୀତା ଲାକ୍ରା (ଅଲିମ୍ପିଆନ୍) ପ୍ରମୁଖ ଉପସ୍ଥିତ ଥିଲେ। ଓଡିଶା ନାଭାଲ ଟାଟା ହକି ଏଚପିସିର ପ୍ରକଳ୍ପ ନିର୍ଦ୍ଦେଶକ ରାଜୀବ ସେଠ ଉଦଯାପନି ସମାରୋହରେ ସାମିଲ ହୋଇ ଚାମ୍ପିୟନ୍ସ ଟିମକୁ ପୁରସ୍କୃତ କରିଥିଲେ। ଓଡ଼ିଶା ଖଣି ନିଗମର ଉପ-ମହାପ୍ରବନ୍ଧକ, କର୍ପୋରେଟ କମ୍ୟୁନିକେସନ ସନ୍ଦୀପ କୁମାର ସେଠୀ ହାଇ ପରଫରମାନ୍ସ ସେଣ୍ଟରର କୋଚ ରୁଡୋଲ୍ଫ ୱାରଟନ ସମାରୋହରେ ଉପସ୍ଥିତ ଥିଲେ।

## ପାରାଦୀପ ପୋର୍ଟ ଆନୁକୂଲ୍ୟରେ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ପୋର୍ଟ କ୍ରିକେଟ ଜିଲ୍ଲା ଆନୁକୂଲ୍ୟରେ ଓଡିଶା କ୍ରିକେଟ ଆସୋସିଏସନ ଦ୍ୱାରା ଆୟୋଜିତ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମରେ ଶନିବାର ଉଦଘାଟିତ ହୋଇଯାଇଛି । ଏଥିରେ ପାରାଦୀପର ୯ ଗୋଟି ଦଳ ବେଥାନୀ କନଭେଣ୍ଟ ସ୍କୁଲ, ଦିଲ୍ଲୀ ପବ୍ଲିକ ସ୍କୁଲ, ଡିଏଭି ସ୍କୁଲ ପାରାଦୀପ, ଅରବିନ୍ଦ ଏଜୁକେସନ ସେଣ୍ଟର, ପାରାଦୀପ ପୋର୍ଟ ଟ୍ରଷ୍ଟ ହାଇସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ରେଡ କମ୍ବାଇନ ସ୍କୁଲ ଓ ଗ୍ରୀନ କମ୍ବାଇନ ସ୍କୁଲ ଭାଗ ନେଇଛନ୍ତି । ଉଦଘାଟନୀ ସମାରୋହରେ ପାରାଦୀପ ବନ୍ଦର ମୁଖ୍ୟ ଅର୍ଥ ପରାମର୍ଶଦାତା ତଥା ପାରାଦୀପ ବନ୍ଦର କ୍ରୀଡା ପରିଷଦ ସଭାପତି ଧର୍ମେନ୍ଦ୍ର ନାଥ ସୋନ୍ଧୀ ମୁଖ୍ୟ ଅତିଥି ଏବଂ କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଡା.ଦୁର୍ଗା ପ୍ରସାଦ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ତେବେ କ୍ରୀଡାର ବିକାଶ ଏବଂ ଛାତ୍ରମାନଙ୍କ ମଧ୍ୟରେ କ୍ରିକେଟ ଖେଳ ପ୍ରତି ଆଗ୍ରହ ସୃଷ୍ଟି କରାଇବା ନେଇ ଓଡିଶା କ୍ରିକେଟ ଆସୋସିଏସନର ଉଦ୍ୟମ ଓ ପ୍ରଚେଷ୍ଟା କୁ ଉଭୟ ଅତିଥି ପ୍ରଶଂସା କରିଥିଲେ । ଟୁର୍ଣ୍ଣାମେଣ୍ଟରେ ଦୁଇଟି ଗ୍ରୁପ କରାଯାଇ ସେମାନଙ୍କ ମଧ୍ୟରେ ଲିଗ ମ୍ୟାଚ ଖେଳାଯିବ ଏବଂ ଏହା ଚଳିତ ଜୁଲାଇ ୧୨ ରୁ ୧୯ ପର୍ଯ୍ୟନ୍ତ ଚାଲିବ । ଏଥିରେ ଦୁଇ ଗ୍ରୁପର ବିଜେତା ଟିମ ମଧ୍ୟରେ ଜୁଲାଇ ୨୩ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । ସମସ୍ତ କାର୍ଯ୍ୟକ୍ରମକୁ ପାରାଦୀପ ବନ୍ଦର କ୍ରୀଡା ପରାମର୍ଶଦାତା ରବିନ୍ଦ୍ର କୁମାର ଦାସ, ବନ୍ଦର କ୍ରୀଡା ପରିଷଦର ସହ ସମ୍ପାଦକ ଧ୍ରୁବଚନ୍ଦ୍ର ତରାଇ, କ୍ରିକେଟ ବୈଷୟିକ ସଦସ୍ୟ ଶିଶିର କୁମାର ପତି ପ୍ରମୁଖ ପରିଚାଳନା କରୁଛନ୍ତି ।

## ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ କିଟ୍‌ରୁ ସର୍ବାଧିକ ଖେଳାଳି

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଜର୍ମାନୀର ରାଇନ-ରୁରଠାରେ ଚଳିତ ଜୁଲାଇ ୧୬ରୁ ୨୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଓଡ଼ିଶାରୁ ରେକର୍ଡ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ପୂର୍ବର ସବୁ କୀର୍ତ୍ତିମାନକୁ ଭାଙ୍ଗି ଏଥର ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ପାଠ ପଢୁଥିବା ୪୨ଜଣ ପିଲା ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ସେଥିମଧ୍ୟରୁ ଦେଶର ସମସ୍ତ ବିଶ୍ୱବିଦ୍ୟାଳୟ ମଧ୍ୟରେ କିଟ୍‌ରୁ ସର୍ବାଧିକ ୪୦ ପ୍ରତିଯୋଗୀ ଥିଲା ବେଳେ ସମ୍ବଲପୁର ଓ ଉତ୍କଳ ବିଶ୍ୱବିଦ୍ୟାଳୟର ଜଣେ ଲେଖାଏଁ ଖେଳାଳି ରହିଛନ୍ତି। ବଡ଼ କଥା ହେଲା ଏହି ବହୁରାଷ୍ଟ୍ରୀୟ ତଥା ସମ୍ମାନଜନକ ବିଶ୍ୱସ୍ତରୀୟ କ୍ରୀଡ଼ାରେ ପଞ୍ଜାବର ସର୍ବାଧିକ ୭୪ଜଣ ଖେଳାଳି ଅଛନ୍ତି। ଓଡ଼ିଶା କିନ୍ତୁ ମହାରାଷ୍ଟ୍ର, କେରଳ, ତାମିଲନାଡୁ ଆଦି ରାଜ୍ୟକୁ ପଛରେ ପକାଇ ଦ୍ୱିତୀୟ ସର୍ବାଧିକ ଖେଳାଳି ପଠାଉଛି। ବିଶ୍ୱବିଦ୍ୟାଳୟ ମଧ୍ୟରେ କିଟ୍ ପଛକୁ ପଞ୍ଜାବର ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ ରହିଛି। ଏହି ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସର୍ବାଧିକ ୨୮ଜଣ ଖେଳାଳି ଭାରତୀୟ ଦଳରେ ସ୍ଥାନ ପାଇଥିଲା ବେଳେ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟର ତୃତୀୟ ସର୍ବାଧିକ ୨୨ଜଣ ଖେଳାଳି ଅଛନ୍ତି। ଭାରତୀୟ ଦଳର ଚୟନ ପ୍ରକ୍ରିୟାରେ ଦେଶର ପାଖାପାଖି ୪୦୦ ବିଶ୍ୱବିଦ୍ୟାଳୟ ସାମିଲ ଥିଲେ। ଶେଷରେ ୬୧ ବିଶ୍ୱବିଦ୍ୟାଳୟର ୩୦୦ ପ୍ରତିଯୋଗୀ ଚୂଡ଼ାନ୍ତ ଦଳ ପାଇଁ ମନୋନୀତ ହୋଇଥିଲେ। ଏହି ଦଳରେ କିଟ୍‌ର ସର୍ବାଧିକ ଖେଳାଳି ସ୍ଥାନ ପାଇବା ଉଲ୍ଲେଖନୀୟ ରହିଛି। କିଟ୍ ଖେଳାଳିମାନେ ୭ଟି କ୍ରୀଡ଼ା ଶୃଙ୍ଖଳାରେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଜଣାପଡ଼ିଛି। ଯାହା ଏହି ବିଶ୍ୱବିଦ୍ୟାଳୟ କ୍ରୀଡ଼ା, କ୍ରୀଡ଼ାବିତ୍ ବିକାଶ ପାଇଁ ନିରନ୍ତର ଭାବେ କରିଆସୁଥିବା ପ୍ରୟାସକୁ ଦର୍ଶାଉଛି। ସୂଚନା ଅନୁସାରେ ୧୪ ତାରିଖରୁ ପର୍ଯ୍ୟାୟକ୍ରମେ ଭାରତୀୟ ଦଳ ଜର୍ମାନୀ ଯିବ। ଏହି ୪୦୭ଜଣିଆ ବଡ଼ ଦଳରେ ୧୦୭ଜଣ ପ୍ରଶିକ୍ଷକ



ଓ ଅଫିସିଆଲ ବି ରହିଛନ୍ତି। ଦୌଡ଼କୁଦ ପ୍ରଶିକ୍ଷକ ସଞ୍ଜୟ ଗଡ଼ନାୟକ, ଅନ୍ତର୍ଜାତୀୟ ଭଲିବଲ୍ ପ୍ରଶିକ୍ଷକ ଲୋତକବିନ୍ଦୁ ଦାଶ ଏବଂ ଅନ୍ତର୍ଜାତୀୟ ଟେନିସ୍ ପ୍ରଶିକ୍ଷକ ଟଡ୍ କ୍ଲାର୍କ ପ୍ରମୁଖ। ଏହି ପରିପ୍ରେକ୍ଷୀରେ ଗୁରୁବାର ଭାରତୀୟ ଦଳର ଯାତ୍ରା ପୂର୍ବ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଜର୍ମାନୀ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଅଂଶଗ୍ରହଣ କରୁଥିବା ଭାରତୀୟ ବିଶ୍ୱବିଦ୍ୟାଳୟ ଦଳ ତଥା କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ସଫଳତା କାମନା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିଟ୍ ଓ କିସ୍ କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, ଅଲିମ୍ପିଆନ୍ ଦୂତି ଚାନ୍ଦ ଓ ଶ୍ରାବଣୀ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ଜିତିଥିବା ଦୂତି ନିଜ ଅଭିଜ୍ଞତା ବାଣ୍ଟିଥିଲେ। ଶ୍ରାବଣୀ ଏକାଗ୍ରତାର ସହ ନିଜନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଭାରତୀୟ ଖେଳାଳିଙ୍କୁ ଆହ୍ୱାନ କରିଥିଲେ।



## ସମ୍ପର୍କର ମାପଚୁପ

✶ ନିରଞ୍ଜନ ସାହୁ

ବଦଳି ଗଲାଣି ସମ୍ପର୍କଟା ଏବେ
ଟଙ୍କାରେ ହୁଅଇ ମାପ
ପୁଅଝିଅ କିଛି ବଦଖର୍ଚ୍ଚ କଲେ
ସମ୍ଭାଳି ହୁଏନି ବାପ ।
ଦେବାନେବାର ଏ ଦୁନିଆ ଭିତରେ
ହିସାବଟା କଡ଼ାଗଣ୍ଡା
ହିସାବରୁ ଯଦି ବେହିସାବ ହେଲା
ହୋଇଯିବ ପୁରା ଲଣ୍ଡା
ଯେତିକି ଦର୍କାର ତାହା ଖର୍ଚ୍ଚ କର
ଚଳିବ ଖୁଆଇ ଖାପ ।
ଯେତିକି ଯେ ଦେଲା
ସେତିକି ସେ ନେଲା
କହିବାର କିଛି ନାହିଁ
ଅଧିକ ଟିକିଏ ଦେଖେଇ ହୋଇଲେ
ଖର୍ଚ୍ଚ କର ଦେଖିଚାହିଁ
ପଛରେ ଯେମିତି ଆଉ କହିବନି
ଭୋଗେ ମାନସିକ ଚାପ ।
ଟଙ୍କା ଥିବା ଲୋକ ନିଜକୁ ଭାବଇ
ସ୍ୱତନ୍ତ୍ର ଅଟେ ତା ସ୍ଥାନ
ଟଙ୍କାର ଅଭାବେ ମଣିଷ ଭାବଇ
ନାହିଁ ତା'ର ସନମାନ
ସଙ୍କୋଚରେ ଟଙ୍କା ଅରଜିବା କଷ୍ଟ
ସହଜ ଅର୍ଜନେ ପାପ ।
ଟଙ୍କା କରିପାରେ ମୁହଁ ବଙ୍କା ଏଠି
ଟଙ୍କା ଆଣିଦିଏ ସୁଖ
ଟଙ୍କା ଥିବା ଲୋକ ମୁହଁଟି ଉଜ୍ଜ୍ୱଳ
ନ ଥିବାର ଶୁଖେ ମୁଖ
ଟଙ୍କା ବୁଝେନାହିଁ ସମ୍ପର୍କର ମୂଲ୍ୟ
ଟଙ୍କା ଆଣେ ମନସ୍ତାପ ।

*ନିହଲ ପ୍ରସାଦ , ଗଁଡିଆ ପାଟଣା*
*ମୋ- ୯୯୩୮୭୪୧୫୮୩*

# ଶେଷ ଯାତ୍ରା



### ଅନସୂୟା ପଣ୍ଡା

ନିର୍ମଳ ମହାପାତ୍ର ସରକାରୀ ଅଫିସରେ କିରାଣୀ। ମଧ୍ୟବିତ୍ତ ପରିବାରର ଚଳଣି। ଚାକିରି ଯଦିଓ ବେଶି ଛୋଟ ନୁହେଁ, ଦାୟିତ୍ୱ ଆଗରେ ନିଶ୍ଚୟ ନିଅଣ୍ଟ। କେବେଠାରୁ ବଡପୁଅ ଜିଦି ଧରିଥିଲା, ବାପା ମୁଁ ଦିଲ୍ଲୀ ଦେଖିବି। ସବୁ ସାଙ୍ଗମାନେ ବୁଲି ଯାଉଛନ୍ତି। ହେଲେ ଆମେ ଛୁଟିରେ ଗାଁକୁ ଖାଲି ଯାଉଛେ। ବାପା ପ୍ରତିଶ୍ରୁତି ଦେଇଥିଲେ, ତୁ ଏନ୍‌ଟିଏସ୍‌ଇ ପାଇଗଲେ ଆମେ ଦିଲ୍ଲୀ ଯିବା, ଆଉ ବହୁତ ଆଡେ ବୁଲିବା। ଦିନରାତି ଲାଗିପଡ଼ିଲା। ପଢାପଢିରେ ଖଇଚା କରିବା ପିଲା ନୁହଁ ସେ। ସମସ୍ତେ ମୁଣ୍ଡରେ ବସେଇଥାନ୍ତି ତାକୁ -ବାପା, ବୋଉ, ସ୍କୁଲ ଶିକ୍ଷକମାନେ। ପଡି ବାପାଙ୍କ ଇଚ୍ଛାରେ ମୋହରଟିଏ ଲଗେଇଲା। ସ୍କୁଲର ଅନ୍ୟ ପିଲାଙ୍କ ପାଇଁ ଆଦର୍ଶ ହୋଇ ଉଦାହରଣ ପାଲଟିଲା।

-ବାପା! ଆମେ ଏବେ କେବେ ଯିବା? ରେଜଲ୍ଟ ତ ବାହାରିଗଲା। ମତେ ଏବେ ସ୍କଲାରଶିପ ମିଳିବ।

ଟିକେ ଅଫିସରେ କାମର ଏବେ ଭିଡ ଅଛି। ବଡ ଅସୁବିଧାରେ ପଡିଛି। ଆମେ ଯିବା ନିଶ୍ଚୟ। ଦେଖ ପୁଅ! ତୋ' ପାଇଁ ମୁଁ ଗୋଟେ ଡିଜିଟାଲ୍ ଘଣ୍ଟା ଆଣିଛି।

ପୁଅ ଖୁସି ହେଲା ସତ, କିନ୍ତୁ ସେଇ ପୁରୁଣା ଦାବିକୁ ନେଇ ଅଡି ବସିଲା।

-ବାପା ଦିଲ୍ଲୀ କେବେ ନେବ?

ପ୍ରଶ୍ନବାଣରେ ବାପାଙ୍କ ମୁହଁ ଫିକା ଦିଶିଲା। ସମୟ ଅଧିକ ଗଡ଼ିଲେ ଅବସ୍ଥା ଅସମ୍ଭାଳ ହୋଇପାରେ। ଏବେ ପୁଅ ଓମ ବୁଝି ଯାଇଥିଲା, ବାପା ନେବାକୁ ସକ୍ଷମ ନୁହଁନ୍ତି।

-ହଉ ବାପା! ତୁମେ ଏତେ ଉଦାସ ହୁଅନା। ମୁଁ ତୁମକୁ ଆଉ କହିବିନି ଦିଲ୍ଲୀ ଯିବା କଥା।

ମାଆ ଅଳକା ପୁଅର ମୁଣ୍ଡ ଆଉଁସି କହିଲେ, "କାହିଁକି ଏତେ ଅଯଥାଟାରେ ଭାବୁଛ? ମୋ ପୁଅ ବଡ ହେଲେ କେତେଆଡେ ବୁଲିବ? ଉଚ୍ଚ କପାଳିଆଟା।"

ଏମିତି ସମୟ ସାଙ୍ଗରେ ପୁଅ ହାଇସ୍କୁଲ ସାରି ପ୍ଲସ୍ ଟୁ ପାସ କରିଗଲା। ବିନା କୋଚିଂରେ ଏକାଥରେ ଭଲ ନମ୍ବର ରଖି ମେଡ଼ିକାଲ ପାଇଲା। ବାପା ମା' ଘର ପରିବାର ସମସ୍ତେ ଖୁସି। ଏଥର ଆଉ ଗତ୍ୟନ୍ତର ନାହିଁ। ଯିବାକୁ ହିଁ ପଡିବ ଦିଲ୍ଲୀ। କେତେବେଳେ ଦୂରକୁ ବଦଳି କରିଦେବେ। ନିର୍ମଳବାବୁ ଜିପିଏଫ ଆପ୍ଲାଏ କଲେ। ସରପ୍ରାଇଜ୍ ଦେବେ ବୋଲି ଭାବି ସମସ୍ତଙ୍କର ଦିଲ୍ଲୀ ଯିବାକୁ ଟିକେଟ କଲେ। ଦିଲ୍ଲୀରୁ କଟରା ମାଆଙ୍କ ଦର୍ଶନ। ତା'ପରେ ଭାରତର ସ୍ୱର୍ଗ କାଶ୍ମୀର ବୁଲେଇ ଆଣିବେ। ଅଭାବ କହି କହି ଆଜି ଯାଏ ଗଲା। ହେଲେ ପୁଅ ଓମର ଏ ସଫଳତାରେ କିଛି ନଦେଲେ ବାପା ହିସାବରେ ନିଜକୁ ଖରାପ ଲାଗିବ। ଆଗକୁ ସେ ନିଜେ କେତେ ବୁଲିବ ହେଲେ ମୋ ପଇସାରେ ବୁଲେଇବା ଭିନ୍ନ।

ସମସ୍ତଙ୍କ ଖୁସିର ଠିକଣା ନଥାଏ। ଏଇ ପ୍ରଥମ ଥର ସେମାନେ ବୁଲି ବାହାରିଛନ୍ତି ତାହା ପୁଣି ଏରୋପ୍ଲେନରେ। ଯଥା ସମୟରେ ଭୁବନେଶ୍ୱର ଏୟାରପୋର୍ଟରେ ପହଞ୍ଚି ବୋର୍ଡ଼ିଂ ପାସ୍ କରି ଅପେକ୍ଷା କଲେ ପ୍ଲେନ୍ ଆସିବାକୁ। ଦିଲ୍ଲୀରେ ପହଞ୍ଚି ଦୁଇ ଦିନ ଭଲରେ ବୁଲିଲେ। ରାଜ ଘାଟ, ଲାଲକିଲ୍ଲା, ଇଣ୍ଡିଆ ଗେଟ, ଲୋଟସ ଟେମ୍ପଲ, ଜନ୍ତର ମନ୍ତର, ରାଷ୍ଟ୍ରପତି ଭବନ, ପାର୍ଲିଆମେଣ୍ଟ ଆଦି ବୁଲି ବେଶ୍ ଉପଭୋଗ କଲେ। ତା'ପରେ କଟରା ଅଭିମୁଖେ ଯାତ୍ରାକୁ ଉପଭୋଗ କଲେ। ବର୍ଣ୍ଣନା ବାହାରେ ସେ ରୋମାଞ୍ଚକର ପଦଯାତ୍ରା। ସବୁବେଳେ ଗୋଡ,ଅଣ୍ଟା, ଆଣ୍ଠୁ ପାଇଁ ବ୍ୟସ୍ତ ହେଉଥିବା ଅଳକା ପିଲାଙ୍କ ସାଙ୍ଗରେ ଚାଲିଥାଆନ୍ତି ଯାତ୍ରାରେ ବିନା ଦ୍ୱିଧାରେ। ଜୟ ମାତା ଜୀ କହି। କିଏ ଯେମିତି ଟାଣି ନେଉଛି କୃପାର ଅଦୃଶ୍ୟ ରଶିଟିଏରେ। ମାଆଙ୍କୁ ଦେଖି ସମସ୍ତେ ପ୍ରାର୍ଥନା କଲେ, ଆଶୀର୍ବାଦ ଭିକ୍ଷା କଲେ। ସେଇଠୁ ଦର୍ଶନ ସାରି ଫେରିଲେ ସ୍ୱର୍ଣ୍ଣପ୍ରସୂ କାଶ୍ମୀର, ଭାରତର ଭୂସ୍ୱର୍ଗ।

କାଶ୍ମୀରଭୂମିରେ ଲେକ୍, ଫୁଲ, ବରଫ, ପାହାଡ ଦେଖି ସମସ୍ତେ ଆତ୍ମବିଭୋର। ଟୁରିଷ୍ଟ ଜାଗା ବୋଲି ସବୁ ଜିନିଷର ଦାମ୍ ଅଧିକ। ମଧ୍ୟାହ୍ନଭୋଜନର ସମାପ୍ତି ପରେ ପରିବାର ସହ ଅପରାହ୍ନରେ ବୈସରନ୍ ବୁଲିବା ଚାଲିଥାଏ। ଯୋଜନା ମୁତାବକ ସେଦିନ ଶେଷ ବୁଲିବା। ଅଳକା କହିଥିଲେ ରାତିରେ ଆମେ ବୋଟରେ ରହିବା। ସବୁ ଆଗରୁ ବୁକିଂ ହୋଇସାରିଥିଲା। ବଡପୁଅ ସହ ବାପା ଆନନ୍ଦରେ ଆଗ ବାହାରିଯାଇଥିଲେ ପାଖ ପାର୍କରେ ବୁଲିବା ପାଇଁ। ଜମାରୁ ହରକତ କରୁନଥିବା ସାନପୁଅ ସବୁବେଳେ ମାଆ ପଣତକାନିକୁ ଧରିଥାଏ। ସେଇଥିପାଇଁ ଟିକେ ବିଳମ୍ବରେ ମାଆ ପୁଅ ଯାଉଛନ୍ତି। ହଠାତ୍ ବନ୍ଧୁକ ଫୁଟିବାର ଶବ୍ଦ ଶୁଣିଲେ। ହେଲେ ଇଗନୋର୍ କରି ଆଗକୁ ମାଡି ଚାଲିଲେ। ସେତେବେଳକୁ ବାପା ରକ୍ତାକ୍ତ ଅବସ୍ଥାରେ ଧରାଶାୟୀ। କେବଳ କାନ୍ଦ। ବୁକୁଫଟା କାନ୍ଦ। କରୁଣ ଚିତ୍କାର। ଅତର୍କିତ ଝଡ଼ରେ ନିଃଶେଷ ହୋଇଯାଇଥିବା ଖୁସିର ସଂସାର। ନିର୍ଦ୍ଦୋଷ ମଣିଷର ରକ୍ତରେ ଅଦିନ ହୋଲି ଖେଳିଛି ଅନାମଧେୟ ମନ୍ଦବୁଦ୍ଧି ସମ୍ପନ୍ନ ଆତଙ୍କବାଦୀ। ତାହୁଁ ତାହୁଁ ପୁଅ ସଂଜ୍ଞାହୀନ ହୋଇ ଲୋଟି ପଡିଗଲା ସେଇଠି ମାଟିରେ। ଦଉଡି ଗଲେ ଅଳକା ଦେବୀ। ସ୍ୱାମୀଙ୍କ କ୍ଷତାକ୍ତ ଦେହକୁ ଧରି ହେଲ୍ପ ହେଲ୍ପ କହୁଥାନ୍ତି। ସାନପୁଅ ବ୍ୟାକୁଳ ହୋଇ ଭାଇ ପାଖରେ ଥିବା ପାଣି ବୋତଲରୁ ପାଣି ଆଣି ମୁହଁରେ ଛିଞ୍ଚୁଥାଏ। ବଡପୁଅ ଓମ୍ ହୋସ୍ ଆସିବା ମାତ୍ରେ, ବାପା ବାପା ଚିତ୍କାର କରି ଦୌଡିଲା। ସେତେବେଳକୁ ସବୁ ଶେଷ। ଗୋଟେ ଭୟଙ୍କର ଆଘାତ ତାକୁ ସ୍ଥାଣୁ ବନେଇ ଦେଲା। ଓମ୍ ଚାଲିଗଲା କୋମାରେ। ମାଆ ଅଳକା ଶୂନ୍ୟ ସୀମନ୍ତିନୀ, ଏବେ ଅର୍ଦ୍ଧପାଗଳ। ସାନପୁଅ ପୁରା ନୀରବ। ଦୀର୍ଘ ପଚିଶ ଦିନ ପରେ ଯେବେ କୋମାରୁ ଓମ୍ ଫେରିଲା। ଉପସ୍ଥିତ ମିଡିଆବାଲାଙ୍କୁ କହିଲା, "ମୋର ବିଭିନ୍ନ ଭାଷା ଶିଖିବାର ସଉକ ଥିଲା। ସେ ଦିନ ଭାଷା ଓ ଧର୍ମ ବିଷୟରେ ସମସ୍ତଙ୍କୁ ପଚାରିଲେ। ଉର୍ଦ୍ଦୁ ଜାଣିଥିବାରୁ ପାପୀମାନଙ୍କୁ କହିଦେଇ, ମୁଁ ଗୁଳିମାଡରୁ ବଞ୍ଚି ଯାଇଥିଲି। ଅନନ୍ତନାଗ ଥାନାର ସୁରକ୍ଷା ବିଫଳତାର ଏ ପରିଣାମ। ପଡୋଶୀ ଦେଶର କୂଟ ଉଦ୍ଦେଶ୍ୟ ସଫଳ ହେଲା। ଏ ଦୁର୍ଭାଗ୍ୟଜନକ ଯାତ୍ରା ମୋ ଦେହରୁ ପରସ୍ତେ କୋମଳତାକୁ ଛଡ଼େଇ ନେଲା। ଏବେବି ମନରେ ଅନୁରଣିତ ହେଉଛି ସେ ଆତଙ୍କୀ କାଣ୍ଡ। କେତେ ସଉକରେ ବାପା ଆମକୁ ବୁଲେଇ ଆଣିଥିଲେ। ମୋ ମୁଣ୍ଡ ଉପରୁ ଭରସାର ଛାତଟିଏ ଅଦିନ ଝଡଟିଏ ଭାଙ୍ଗି ଚୁର୍ ମାର୍ କରି, ଦାୟିତ୍ୱ ଟୋକେଇଏ ଧରେଇ ଦେଲା। ମୋ ବାପା ଡାକ ସବୁଦିନ ପାଇଁ ଶେଷ କରିଦେଲା। ମୁଁ ହିଁ ବାପାଙ୍କୁ ବୁଲିଯିବାକୁ ବାଧ୍ୟ କରିଥିଲି। ଏବେ ପୁରା ପରିବାରକୁ ଚଳାଇବା ମୋ ଜୀବନର ଚରମ ଆହ୍ୱାନ। ସବୁ ସେଇ ଚକାଆଖିକୁ ଭରସାକରି ଆଗକୁ ଚାଲିବି।"

*ବୁର୍ଲା, ସମ୍ବଲପୁର*
*ମୋ-୮୩୨୮୯୪୫୮୮୫*

## କବିତା ଗୁଚ୍ଛ

### ଆମ ଗାଆଁ

✶ ବ୍ରହ୍ମାନନ୍ଦ ସାମଲ

ଆମ ଗାଁରେ ସୂରୁଯ ଉଏଁ ନାଲି ମୁକୁଟ ନାଇ
ତା' କିରଣ ଆଗକୁ ଧାଏଁ ମୁକୁଟ ଫାଙ୍କ ଦେଇ । (୧)
ମନ୍ଦିରରୁ ଭାସିଆସେ ବେଦ ମନ୍ତର ଓଁକାର
ସତେକି ସାଧକଟିଏ ତୋଳୁଛି ସୁର ଝଙ୍କାର । (୨)
ନବବଧୂଟିଏ ସିନାନ ସାରି ଫେରେ ଚଞ୍ଚଳ
ସାରିବାକୁ ଘର ପାଇଟି ଯେତେପାରେ ସଅଳ । (୩)
ତୁଣ୍ଡେ ଦେଇ ଚାଷୀଭାଇ ରାତିର ବାସି ପଖାଳ
ଚଷିବାକୁ ଯାଏ ବିଲକୁ ଯୋଚି ହଳ ଲଙ୍ଗଳ । (୪)
ଇସ୍କୁଲିଆ ପଲାମାନେ ସାରି ଗାଧୁଆ ପାଧୁଆ
ଏକା ପୋଷାକରେ ଦିଶନ୍ତି କେତେ ଗୁଲୁ ଗୁଲିଆ । (୫)
ସବୁରି ଦୁଆରେ ପୋତା ଗୋରୁବନ୍ଧା ପାଇଁ ଖୁଣ୍ଟ
ଗାଈ ଫିଟାଇ ଦିଅ ଗାଈଆଳ ଛାଡେ କୁହାଟ । (୬)
ବିଦୁ ବୋଉ ଫୁଟାଏ ଡାଲି ବାସ ତା ସୁଆଦିଆ
ପଡିଶା ଘରୁ ପହଞ୍ଚେ କଂସା, ଗିନା ଓ ଥାଳିଆ (୭)
ମୁହଁ ସଞ୍ଜକୁ ବାଲିରେ ମେଳ କେଳୁଆ, ଧୁକୁଡି..
ଚାଲଇ ଖେଳ ବୋହୁଚୋରୀ, କିତିକିତି, ବାଗୁଡି । (୮)
ରୂପା ଜହ୍ନରେ ଗାଆଁର ଝିଅ ଖେଳିଥାଆନ୍ତି ଖେଳ
ଲାଗଇ ସତେ ଅନେକ ଜହ୍ନ ଆମ ଗାଁରେ ଠୁଳ । (୯)
ଖେଳ ସରିଲେ ଯେଝା ଘରେ ବସନ୍ତି ପିଲେ ପଢି
କିଏ ପଢଇ ଚୁପ୍ ଚାପ୍ କିଏ ପଢଇ ରଡି । (୧୦)
ଗାଆଁ ରେ ଆମ ପାଳନ ହୁଏ ରଜ, ନୂଆଖାଇ
ପୂରୁବ ରୋଷ ଭୁଲି ସଭିଏ ଉଭା ଏକ ହୋଇ । (୧୧)
ଗାଁର ଯେତେ ବୁଢାବୁଢି ଭାଗବତ ଘରେ ମେଳି
ନୁରି ଗୋସେଇଁ ପଢି ଶୁଣାନ୍ତି ନିଜ ଢଙ୍ଗରେ ବୋଲି । (୧୨)
ଘରକୁ ଫେରି ମିଳିମିଶି କରି ସହ ଭୋଜନ
ପ୍ରଭୁ ସୁମରି ବିଛଣାଧରି କରିଥାଆନ୍ତି ଶୟନ । (୧୩)
ନ ଜାଣୁ ପଛେ ଆମ ଗାଁ'କୁ ଇତିହାସ ଭୂଗୋଳ
ଆମ ଗାଆଁ ମାଟି ଆମ ପାଇଁ ପୁଣ୍ୟ ଗଙ୍ଗାଜଳ । (୧୪)
ଆମ ଗାଆଁ ମାଟି ଅଟଇ ଖାଣ୍ଟି ବାସ, ଚନ୍ଦନ
ତା ମାଟି ଧୂଳି ଦେହରେ ବୋଳି କରିବା ତା ବନ୍ଦନ । (୧୫)

*ହିଲଟାଉନ, ଭବାନୀପାଟଣା, କଳାହାଣ୍ଡି*
*ମୋ-୮୭୬୩୨୨୪୯୪୦*

### ଝରି ବରଷାର ବେଳ

✶ ସୁହଂସ ଭୋଇ

ସଞ୍ଜ ବେଳଟାରେ କଳାମେଘ ଦେଖି
ମାଆ ମନଗୋଟି ଡରେ
ବରଷା ଆସିଲେ କେମିତି ଚଳିବ
ଝାଟିମାଟି ଚାଳଘରେ ।

ବୁନ୍ଦା ବୁନ୍ଦା ହୋଇ ଘରଦେହ ସାରା
ପାଣି ଝରିଯିବ କାଳେ
ଆଗରୁ ସେ ହାତପାଖରେ ରଖିଛି
ଛୋଟବଡ କଂସା ହଳେ ।

ପଛପଟ କାନ୍ଥ କେବେଠୁ ଫାଟିଛି
ଭିଜି ପଡିଯିବ ତଳେ
ଦୁଆର ମୁହଁରେ ଏକୁଟିଆ ବସି
ଆକାଶକୁ ଚାହିଁ ଭାଳେ।

ଭାତହାଣ୍ଡି ପରି ଶାଗ କିଆରୀକୁ
ପାଣି ମାଡିଯିବ ଯେବେ
ଜାଣିଛି ନିଶ୍ଚିତ ଏଇ କଥା ସତ
ଚୁଲୀ ନ ଜଳିବ କେବେ।

କିଏ'ବା ଡାକିବ ହାଜିରୀ ମଜୁରୀ
ଝରି ବରଷାର ବେଳେ
ପେଟ ଚିନ୍ତା ଦୂରେ ଛାଡିକି ଯାଆନ୍ତା
ଅଣ୍ଟାରେ କଉଡି ଥିଲେ।

ଖରା ହେଉ ଅବା ବରଷା କାକର
ଗରିବକୁ ଏକା ମାରେ
ତଥାପି ସବୁକୁ ପିଇଯାଏ ସିଏ
ଆଖିବୁଜି ନିରବରେ।

*ପହଣ୍ଡି,ବିଜେପୁର, ବରଗଡ*
*ମୋ-୯୪୩୭୫୨୨୪୫୫*

### ମୁଁ ଯେ ସପନ ସଉଦାଗର

✶ ନୀଳମଣି ଚାନ୍ଦ

ମୁଁ ଯେ ସପନ ସଉଦାଗର
ପ୍ରେୟସୀ ଆଗରେ ଏ କଥା କହିବି
ବାରବାର ଲକ୍ଷେ ଥର।

ମୁଁ ଯେ ରଜନୀକୁ ଭଲପାଏ
ଜୋଛନା ହକଳା ରଜନୀଟା ସାରା
ପ୍ରୀତି ଭରା ଗୀତ ଗାଏ ।

ମୁଁ ଯେ ବସେ ତା କଥାକୁ ଭାବି
ଶୁଣୁଥାଏ ନିଶିଚର ବିହଙ୍ଗମ
ଦେଲେ ରହି ରହି ରାବି ।

ମୁଁ ତ ନିଜକୁ ନିଜେ ତ ଭୁଲେ
ସପନ ଦୋଳିରେ ଥିଇରି ବସିକି
ସାରା ରାତି ପରା ଝୁଲେ ।

ମୁଁ ଯେ ସପନ ସଉଦାଗର
ଭୁଲିଛି ଦୁନିଆ,କଳ୍ପନା ରାଇଜେ
ତୋଳିବାକୁ ଗୋଟେ ଘର ।

*ମନ୍ତ୍ର ମାନୋର,ଗୋଠପାଟଣା*
*ଭୁବନେଶ୍ୱର,*
*ମୋ:୯୫୮୩୨୦୨୩୫୭*

### କେତେ ଭଲ ଲାଗେ

✶ ସୁଜିତ୍ କୁମାର ମିଶ୍ର

କେତେ ଭଲ ଲାଗେ ଆଷାଢ ବର୍ଷାରେ ଥିଲେ ଛତା ସହ ତଳେ,
ସତେ ଗୀତର ସେ ମିଠା ଯତିପାତ ମାଦଳର ତାଳେ ତାଳେ ।
ବରଷାର ଧାର ଛତା ଦେହେ ପଡି ଟୁପୁରୁଟାପର ସ୍ୱର,
ମୋ ମନ ଆୟତ୍ତେ ରହେନାହିଁ ଆହା ପାଦ ଉଠେ ବାରମ୍ବାର ।

ବାମ ହାତେ ଛତା ଡାହାଣରେ ବର୍ଷା ଟୋପା ଟୋପା ବିନ୍ଦୁ ଜଳ,
ମାଖି ଦିଏ ତାକୁ ଗାଲରେ ଓଠରେ ଆନନ୍ଦେ ମୁଁ ଛଳଛଳ ।
ଝରୁଥାଏ ବର୍ଷା ଝୁମି ଝୁମି ଯାଏ ଇନ୍ଦ୍ରଧନୁ ମୋର ମନ,
ମୋତେ ଲାଗେ ଆହା ପ୍ରିୟ ସାଥେ ମୁହିଁ ମୁଖରିତ ପ୍ରତିକ୍ଷଣ ।

ଆନମନା ମୁହିଁ ଭିଜା ମନେ ମୋର ଗାଇବାକୁ ସ୍ୱାଗତିକା,
'ବର୍ଷା ଗୋ ତୁମେ ବିଧୁର ପ୍ରାଣରେ ଭରସାର ଭାବ ନୌକା' ।
ଅସୁମାରୀ ସୁଖ ଅନ୍ତର ତଳେ ମୋ ବରଷାରେ ଭିଜି ଦଣ୍ଡେ,
ନିଦାଘ ତାଡ଼ନା ବିସ୍ମରିଛି ମୁହିଁ ସପନର ବଡଦାଣ୍ଡେ ।

ବରଷା ବରଷୁ ପ୍ରତିକ୍ଷଣେ ଏଠି ଭରି ପ୍ରୀତି ସମ୍ମୋହନ,
ଭିଜୁଥିବି ମୁହିଁ ଛତା ତଳେ ରହି ଭୁଲି ନିଦାଘର ଦିନ ।

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ମୋ-୭୬୮୩୮୬୭୭୪୨*

### (ଶିଶୁ କବିତା)
### ସତ କହିବାକୁ କିଆଁ ଡରିବି

✶ ସୁନୀଲ କୁମାର ପ୍ରଧାନ

ସତ କହିବାକୁ କିଆଁ ଡରିବି
ମୁହିଁ ଆନନ୍ଦରେ ମନ ଭରିବି
ଉଚିତ୍ କଥାଟି ମନେ ଭାବିବି ।

ମିଛରେ କେବେବି ରାସ୍ତା ମିଳେନି
ତନ ମନ କେବେ ବାଧା ଦିଏନି
ବିବେକ ଏହାକୁ ଜମା କରେନି ।

ମିଛ କହି ବଡ ମଣିଷ ହେଲେ
ଚୋର ବୋଲି ଲୋକ କହନ୍ତି ପିଲେ
ମନରେ ଏହାକୁ ନହୁଡ଼ ତିଳେ ।

ସତ କହିବାକୁ ହୋଇବା ଆଗ
ଏହା ଅଟେ ଆମ ଶାନ୍ତିର ବେଗ
ଆଗକୁ ଆଗକୁ ହୋଇ ସଜାଗ ।

ସତ କହିବାକୁ କିଆଁ କରିବି
ମନରେ ଏହାକୁ ସଦା ରଖିବି
ଉତ୍ତମ ସନ୍ତାନ ମୁହିଁରେ ହେବି ।

*ଝାଟିପଦର, ପାଲୁର, ଗଞ୍ଜାମ*
*ମୋ - ୭୬୦୮୮୩୪୭୯୭*

### ତୁମ ମିଠାକଥା

✶ ପ୍ରଶାନ୍ତ କୁମାର ଦାଶ

ମୋଠାରୁ ଅଧିକ ତୁମେତ ବୁଝିଛ
ଆମ ମନ ପ୍ରେମ ପ୍ରୀତି
ଭାବନାରେ ଛନ୍ଦେ ଦୁଇଟି ମନକୁ
ଗାଇ ମିଠା ପ୍ରେମଗୀତି ।।

ତୁମ ମିଠାକଥା ଶୁଣି ହଜେଇଛି
ଖିଆଲି ମନକୁ ମୋର
ସେ ଦିନର ସେଇ ଅଳପ ଆଳାପ
ଖସାଏ ଲୁହର ଧାର ।।

ରୋମାଞ୍ଚିତ କରେ ମୋର ତନୁମନ
ଲାଗେ ପାଖେ ଅଛ ତୁମେ
ଆଞ୍ଜୁଳାଏ ସ୍ମୃତି ଧରି ମୁଁ ଜୀଇଁଚି
ମାୟା ମରୁ ଭରା ଭୂମେ ।।

ତୁମକଥା ବେଶୀ ମନେପଡିଗଲେ
କବିତା ଲେଖେ ମୁଁ ବସି
ତୁମ ଛବି ଦେଖେ ସୂରୁଜ ବୁଡିଲେ
ହସୁଥାଏ ଉଇଁ ଶଶୀ ।।

ଆଖିରେ ଆଖିରେ ତୁମ ଚିତ୍ରପଟ
ଚିରଦିନ ଯାଏ ରହି
ତୁମ ପ୍ରେମ ଝୁରି ଧରିଛି ଜୀବନ
ଅଲୋଡ଼ା ଦୁଃଖକୁ ସହି ।।

ତୁମବିନା ବଢେ କେତେ ଆତୁରତା
ଉଦାସିଆ ଲାଗେ ମନ
ତୁମକୁ ପାଇବା ଆଶା କରି ମରେ
ନିରାଶାର ମଳାଜହ୍ନ ।।

*କୁଞ୍ଜର, ସଙ୍ଗଲାଇ*
*ପିପିଲି, ପୁରୀ*
*ମୋ -୯୬୬୮୮୨୨୧୯୦*

### ବର୍ଷା ରାତିରେ

✶ ଆଦ୍ୟାଶା ମହାପାତ୍ର

ବର୍ଷା ରାତିରେ
ବତୀଖୁଣ୍ଟକୁ ଜଡେଇ
ବିଚ୍ଛୁରିତ ଆଲୁଅ ପିଇବାକୁ
ଉତ୍ତାଳିତ ହୁଅନ୍ତି ଝରିପୋକ
କଅଁଳ ଡେଣା ଦୁଇ
ସକ୍ଷମ ନୁହଁନ୍ତି ଜାଣି ମଧ
ସମ୍ଭାବ୍ୟକୁ ଅଣଦେଖା କରନ୍ତି
ହେଲେ ଝଡିପୋକଙ୍କ ପର ଝଡ଼ିବା
ଅବଧାରିତ...।

ବର୍ଷା ରାତିରେ
ଜୋରରେ ପବନ ବହିଲେ
ଝୁମ୍ପୁଡି ଘରର କାନ୍ଥ ମାନେ
ବିକଳ ହୋଇ କାନ୍ଦିଲା ପରି ଶୁଭେ
ଦୁଃଖରେ ହେଉ ବା ଭୟରେ
ସେମାନଙ୍କ ସ୍ଥିତି ଟଳମଳ କରେ
କେହି ମୋହ ଉଜାଡେ
କେହି କାନ୍ଥକୁ ସହଯୋଗ କରେ
ତିଷ୍ଠି ରହିବା ପାଇଁ
ଜୀବନ ଯୁଦ୍ଧରେ...।

ବର୍ଷା ରାତିରେ
କେଉଁ ତଳି ଅଞ୍ଚଳରୁ ଶୁଭେ
ହୋ ହାଲ୍ଲା, ଗୋଳମାଳ
ନେଡି ବୁଢ଼ୀର ଚୁଲି ଅଜଳା ଥାଏ
ମାଧିଆ ଠଣା ଉଣ୍ଡାଳି ନିରାଶ ହୁଏ
ସାରିଆ ପେଟରେ ଭ୍ରୁଣ
ଭୋକରେ କଲବଲ ହେଉଥାଏ
ହେଲେ କାହାରି ସ୍ୱପ୍ନ ସରୁ ନଥାଏ ।

ବର୍ଷା ରାତିରେ
ଚାନ୍ଦିନୀ ରୂପ ସଜାଏ
ମୂଲଚାଲ ଆଦରେ
ଅଦଉତି ସହେ
ଭୋକିଲାଙ୍କ ଭୋକ ମେଣ୍ଟାଏ
ମଥାରେ କଳଙ୍କର ଟୀକା ଲଗାଏ
ତା' କୁନି କୁନି ପିଲାମାନଙ୍କୁ
ବୋଧକରି ଖୁଆଏ
ଦାମ୍ପତ୍ୟ ବି ସଜାଏ
ବର୍ଷା ରାତିରେ....!!!

*ନୂଆପଡା, କଟକ*
*ମୋ-୯୪୩୮୨୭୫୫୪୨*

### କଳିଯୁଗ

✶ ସୁଧାଂଶୁ ଶେଖର ଦ୍ୱିବେଦୀ

ଏବେ ଭାବନା ଶୂନ୍ୟ
ଭାବର ଆଦାନ ପ୍ରଦାନ ଶୂନ୍ୟ
କଳିଯୁଗର କଳି
ସବୁଠି ପରିବ୍ୟାପ୍ତ।

ସମ୍ପର୍କର ମର୍ଯ୍ୟାଦା ଶୂନ୍ୟ
ଆତ୍ମକୈନ୍ଦ୍ରିକ ବିଚାର ଶୂନ୍ୟ
ବୃଦ୍ଧ ମାତା-ପିତାଙ୍କ ପାଇଁ
ବୃଦ୍ଧାଶ୍ରମ ସରଞ୍ଜାମ।

ସାମାଜ ବ୍ୟବସ୍ଥାରେ ଜଡ଼ତ୍ୱ
ବଧିର ପ୍ରାୟଃ ଭବିଷ୍ୟତ
ମିଥ୍ୟା,ପ୍ରପଞ୍ଚ,ଛଳ,କପଟ
ମାୟା-ମୋହର ପରମ୍ପରା।

ସଭିଏଁ ଆଭାସୀ ଦୁନିଆରେ ଜଡିତ
ଶହ ଶହ ମିତ୍ରଙ୍କ ସମାବେଶ
କିନ୍ତୁ ବିପତ୍ତି ପଡିଲେ
ଏକାକୀ ପିଟନ୍ତି ଛାତି ବାରମ୍ବାର।

ମିଛ ପ୍ରତିଷ୍ଠା,ମିଛ ଗୌରବ
ମନୁଷ୍ୟତା ଆଜି ଭଙ୍ଗା ଦର୍ପଣ
ଦେଖରେ ଦେଖ
କଳିଯୁଗ ମାୟା ସବୁଠି ବିସ୍ତାର।

*ବିସି-୭୪,ସଲ୍ଟ ଲେକ୍*
*କୋଲକତା-୬୪*
*ମୋ-୯୬୮୧୩୭୩୫୧୨*

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



ଆସିକା, (ଭାସ୍କର ନ୍ୟୁଜ୍): ଆସିକା ନିର୍ବାଚନ ମଣ୍ଡଳୀରେ ଦିନକୁ ଦିନ ବଢ଼ିବାରେ ଲାଗିଛି ବିଜେପିର ସଂଗଠନ। ସଂଗଠନକୁ ଆହୁରି ମଜବୁତ କରିବା ପାଇଁ ଲାଗିପଡ଼ିଛନ୍ତି ଖୋଦ ବିଧାୟକ ସରୋଜ କୁମାର ପାଢ଼ୀ। ବହୁ ସମର୍ଥକଙ୍କୁ ନେଇ ଗଡ଼ଗଡ଼ ପଞ୍ଚାୟତ ପରାଜିତ ସରପଞ୍ଚ ପାର୍ଥ ଗୋବିନ୍ଦ ଚନ୍ଦ୍ର ମିଶ୍ର ବିଜେପିରେ ଯୋଗଦାନ କରିବା ପରେ ଦଳରେ ଖୁସିଥିବା କହିଛନ୍ତି ଗୋବିନ୍ଦ। ବିଜେପିର ନୀତି ଓ ଆଦର୍ଶ ସାଙ୍ଗକୁ ବିଧାୟକ ସରୋଜ କୁମାର ପାଢ଼ୀଙ୍କ ନେତୃତ୍ୱ ତାଙ୍କୁ ପ୍ରଭାବିତ କରିଥିବା ସ୍ପଷ୍ଟ କରିଛନ୍ତି। କିଛି ୱାର୍ଡ ମେମ୍ବର ସାଙ୍ଗକୁ କର୍ମୀ ମଧ୍ୟ ଆଜି ଗୋବିନ୍ଦଙ୍କ ନେତୃତ୍ୱରେ ବିଜେପିରେ ସାମିଲ ହୋଇଛନ୍ତି। ବିଜେପି ବିଧାୟକ ସରୋଜ କୁମାର ପାଢ଼ୀଙ୍କ ନେତୃତ୍ୱରେ ପ୍ରଭାବ ଆସିକା ନିର୍ବାଚନ ମଣ୍ଡଳୀରେ ଜନସାଧାରଣଙ୍କ ବେଶ ଆକୃଷ୍ଟ କରୁଥିବା ଦେଖିବାକୁ ମିଳିଛି। ଗଡ଼ଗଡ଼ ପଞ୍ଚାୟତର ଆଠ ନମ୍ବର ୱାର୍ଡ ମେମ୍ବର ଲକ୍ଷ୍ମୀ କାନ୍ତ ମିଶ୍ର, ୬ନମ୍ବର ୱାର୍ଡ ମେମ୍ବର ସୁନିତା ନାୟକ, ଅରୁଣ କୁମାର ମିଶ୍ର, ସୂର୍ଯ୍ୟ କାନ୍ତ ମିଶ୍ର, ସିଂହାସନି ମିଶ୍ର, ମାଗୁଣି ଚରଣ ପଣ୍ଡା, ବିନୋଦ କୁମାର ପଣ୍ଡା, ରାଜେନ୍ଦ୍ର କୁମାର ବେହେରା ସମେତ ବହୁ କର୍ମୀ ବିଜେଡି ଛାଡି ବିଜେପିରେ ସାମିଲ ହୋଇଛନ୍ତି। ଉକ୍ତ ମିଶ୍ରଣ ପର୍ବରେ ବରିଷ୍ଠ ବିଜେପି ନେତା ବିଜୟ କୁମାର ସ୍ୱାଇଁ, ସୋନୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଗୋବିନ୍ଦ ଚନ୍ଦ୍ର ମିଶ୍ର ଜଣେ ଆଗଧାଡ଼ିର ଯୁବନେତା ହୋଇଥିବା ବେଳେ ଆଗାମୀ ଦିନରେ ନିଜର ସାଙ୍ଗଠନିକ ଦକ୍ଷତାକୁ ନେଇ ବେଶ ଆଶାବାଦୀ ଅଛନ୍ତି।

# ଗଞ୍ଜେଇ ବେପାର ଅଭିଯୋଗରେ ଜେଲ୍ ଗଲେ ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କ ସ୍ୱାମୀ



କନ୍ଧମାଳ, (ଭାସ୍କର ନ୍ୟୁଜ୍) : ଆଜି ବୌଦ୍ଧ ଜିଲ୍ଲା ୪ ନମ୍ବର ଜିଲ୍ଲା ପରିଷଦ ଜୋନର ବିଜେଡି ପ୍ରାର୍ଥୀଙ୍କ ସ୍ୱାମୀ ବିପିନ ପ୍ରଧାନ ଗଞ୍ଜେଇ କାରବାର କରି ଏସପିଙ୍କ ସ୍ପେଶାଲ ସ୍କ୍ୱାର୍ଡ ହାତରେ ଧରାପଡ଼ି ଜେଲ ଯାଇଥିବା ମନମୁଣ୍ଡା ପୁଲିସ ପକ୍ଷରୁ ସୂଚନା ମିଳିଛି। ପୁଲିସ ପକ୍ଷରୁ ମିଳିଥିବା ସୁଚନା ଅନୁସାରେ ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଶଗଡା ଫାଣ୍ଡି ଅଧିନସ୍ଥ ଖଣ୍ଡିକନପା ଗ୍ରାମର ବିଜେଡି ନେତା ବିପିନ ପ୍ରଧାନ ଗଞ୍ଜେଇ ବେପାର କରୁଥିବା ବୌଦ୍ଧ ଏସପି ରାହୁଲ ଗୋଏଲଙ୍କ ଦୃଷ୍ଟି ଗୋଚର ହେବାପରେ ଏକ ସ୍କ୍ୱାର୍ଡ ଗଠନ କରି ଶୁକ୍ରବାର ଭୋରରେ ବିପିନଙ୍କ ଘରେ ଆତର୍କିତ ଚଢ଼ାଉ କରିଥିଲେ। ଚଢାଉ କରି ସେଠାରୁ ୩ ଗୋଟି ବସ୍ତାରେ ଭର୍ତ୍ତି ଗଞ୍ଜେଇ ଜବତ କରିବା ସହିତ ମାଫିଆ ବିପିନଙ୍କୁ ଗିରଫ କରି ଶଗଡା ଫାଣ୍ଡିରେ ଜିମା ଦେଇଥିଲେ। ସେଠାରୁ ମନମୁଣ୍ଡାକୁ ଆଣି ଏକ୍ଜିକୁଟିଭ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ କରି ଗଞ୍ଜେଇର ପରିମାଣ ୧ କ୍ୱିଣ୍ଟାଲ ୬୧ କେଜି ହୋଇଥିବା ସୂଚନା ମିଳିଥିବା ବେଳେ ମାଫିଆ ବିପିନଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ କରି ଆଜି କୋର୍ଟ ଚାଲାଣ କରାଯାଇଛି। ସେଠାରେ ଜାମିନ ଆବେଦନ ଖାରଜ ହେବାରୁ ବିପିନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ବହୁତ ଦିନରୁ ବିପିନ କେତେକ ଅସାଧୁ ପୁଲିସ କର୍ମଚାରୀଙ୍କ ଛତ୍ରଛାୟା ତଳେ ରହି ଗଞ୍ଜେଇ ବେପାର କରି ଆସୁଥିଲା। ଫଳରେ ପୁଲିସ ଜାଣି ସୁଦ୍ଧା ଧରି ପାରୁ ନ ଥିଲା। ଆହୁରି ମଧ୍ୟ ବିପିନ ଗଞ୍ଜେଇ ଚୋରା ଚାଲାଣକାରି ଓ ପୋଲିସ ମଧ୍ୟରେ ମଧ୍ୟସ୍ଥତା କରି ଟଙ୍କା ଆଦାୟ କରୁଥିବା ଅଡିଓ ପୂର୍ବରୁ ଭାଇରାଲ ହୋଇଥିଲା। ଅଡିଓ ଭାଇରାଲ ପରେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ହେଲେ ଏସପି ରାହୁଲ ଗୋୟଲ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବିପିନଙ୍କ ଘରେ ଚଢ଼ାଉ କରି ଗଂଜେଇ ଜବତ କରିବା ସହ ତାକୁ ଗିରଫ କରି ନିଜର କାର୍ଯ୍ୟ ଦକ୍ଷତାର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି। ପୂର୍ବରୁ ଗଞ୍ଜେଇ ଚୋରା ଚାଲାଣରେ ସମ୍ପୃକ୍ତ ଅଭିଯୋଗରେ ୮ ଜଣ ପୁଲିସ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏସପି ଗୋଏଲ ଚର୍ଚ୍ଚାର ପରିସରକୁ ଆସିଥିଲେ। ଗଞ୍ଜେଇ ଚାଷ ଓ ଚୋରା ଚାଲାଣକୁ ରୋକିବାକୁ ସବୁବେଳେ ନୂଆ ନୂଆ କୌଶଳ ଆପଣାଉ ଥିବା ବେଳେ କେତେକ ପ୍ରଭାବଶାଳୀ ଗଞ୍ଜେଇ ମାଫିଆ ରାଜନୈତିକ ଚାପ ପକାଇ ତାଙ୍କୁ ଏଠାରୁ ଅନ୍ୟତ୍ର ବଦଳି କରିବାକୁ ଯୋଜନା କରୁଥିବା ଜଣାପଡିଛି।

## ପାଠ ପଢ଼ାରୁ ବଞ୍ଚିତ ଅନାଥ ବାଳକ



ବନ୍ଧୁଗାଁ, (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ପେଦାଅଲଦ୍ ପଞ୍ଚାୟତ ଲୋଲର୍କି ଗାଁ ରେ ଥିବା ଅନାଥ ପିଲା ପଞ୍ଚମ ପାସ ପରେ ପାଠପଢ଼ାରୁ ବଞ୍ଚିତ ହୋଇ ଛେଳି ଚରାଉଛନ୍ତି। ଆଜକୁ ପ୍ରାୟ ୮ ବର୍ଷ ତଳେ ହାରେକା ରାଜାରାଓ (ପୁ) ୧୦ ବର୍ଷଙ୍କ ପିତା ଫକୀର ଓ ମାତା ନୁକାଲୁଙ୍କ ମୃତ୍ୟୁ ହୋଇ ଥିଲା। ପରେ ନିଜ ସାନବାପା ସମ୍ପୁ ହାରେକାଙ୍କ ପାଖରେ ରହୁଥିଲେ। ଗରିବ ଆଦିବାସୀ ପରିବାର ହୋଇଥିବାରୁ ସେ ପିଲାକୁ ଜୟପୁରର ଆମ୍ବିଲି ଆମଗୁଡ଼ା ଠାରେ ପାଠ ପଢିବା ପାଇଁ ଛାଡ଼ି ଥିଲେ। ସେଠାରେ ସେ ରହି ୫ ମ ଶ୍ରେଣୀ ପାସ କରିବା ପରେ ଆଉ ପଢ଼ିବାକୁ ନ ଥିବାରୁ ଘରକୁ ଫେରି ଆସିଥିଲେ। ତାଙ୍କ ସାନ ବାପା ପିଲାଙ୍କୁ ପାଠ ପଢ଼ାଇବା ପାଇଁ ଛାଡ଼ିବାକୁ ଇଚ୍ଛା ଥିଲେ ମଧ୍ୟ ଗରିବ ଯୋଗୁଁ ପିଲାକୁ ଘରେ ରଖି ଛେଳି ଚରାଇବା ପାଇଁ ପଠାଉ ଥିବା କହିଛନ୍ତି। ପିଲା ମଧ୍ୟ ପାଠ ପଢିବା ପାଇଁ ଇଚ୍ଛୁକ ଥିବା ଆମ ଗଣମାଧ୍ୟମଙ୍କୁ ଜଣାଇଛନ୍ତି। ଅନାଥ ଆଶ୍ରମ ପିଲାଙ୍କୁ ନେଇ ତାର ଭବିଷ୍ୟତ ଗଠନ ପାଇଁ ଜିଲ୍ଲା ପ୍ରଶାସନଙ୍କୁ ଗାଁ ଲୋକେ ଅନୁରୋଧ କରିଛନ୍ତି।

# କେନ୍ଦୁଝର ପାଲଟିଛି ବାହାର ରାଜ୍ୟ ଲୋକଙ୍କ ଆଡ୍ଡାସ୍ଥଳୀ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲା ରାଜ୍ୟର ଏକ ବୃହତ ଜିଲା ଭାବେ ପରିଗଣିତ ହୋଇଥାଏ। ରାଜ୍ୟର ଏକ ସୀମାବର୍ତ୍ତୀ ଜିଲା ହୋଇଥିବାବେଳେ ଏହି ଜିଲାର ଖଣି ଖାଦାନ ଓ ସରଳ ଜନସାଧାରଣଙ୍କ ସରଳତାର ସୁଯୋଗ ନେଇ ବିହାର, ଝାଡଖଣ୍ଡ, ଛତିଶଗଡ, ପଶ୍ଚିମବଙ୍ଗ ଏବଂ ବାଂଲାଦେଶ ଅଞ୍ଚଳରୁ ହଜାର ହଜାର ଅନୁପ୍ରବେଶକାରୀ ଜିଲା ମଧ୍ୟରେ ପ୍ରବେଶ କରୁଥିବା ବେଳେ ଏମାନଙ୍କୁ ଜିଲା ପ୍ରଶାସନ ରୋକିବାରେ ବିଫଳ ହୋଇଥିବା ପରିଲକ୍ଷିତ ହେଉଛି। ବିଭିନ୍ନ ସମୟରେ ବାଂଲାଦେଶୀ ଅନୁପ୍ରବେଶକୁ ନେଇ ବଡ ବଡ ସମସ୍ୟା ସୃଷ୍ଟି ହେବା ସହ ଅନେକ ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଦେଖା ଦେବା ସହିତ ପ୍ରକାରରେ ଏହା ପ୍ରଶାସନ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି। ବିଶେଷ କରି ଏମାନେ ଅପରାଧମୂଳକ କାର୍ଯ୍ୟରେ ଜଡିତ ରହୁଥିବା ବୋଲି ଅଭିଯୋଗ ହୋଇଆସୁଛି। କେନ୍ଦୁଝର ଜିଲାର ସୀମାକୁ ଲାଗି ଝାଡଖଣ୍ଡ,ପଶ୍ଚିମବଙ୍ଗ ଆଦି ରାଜ୍ୟ ରହିଥିବାବେଳେ ଜିଲାର ବିଭିନ୍ନ ସ୍ଥାନକୁ ଏବେ ବାଂଲାଦେଶୀ ଅନୁପ୍ରବେଶକାରୀମାନେ ବିଭିନ୍ନ କାମ ନେଇ ଏ ଜିଲ୍ଲାକୁ ଆସିଥାନ୍ତି। ଏବେ କେନ୍ଦୁଝର ଜିଲାରେ ପରିଲକ୍ଷିତ କରାଯାଉଛି ରାଜମିସ୍ତ୍ରୀ, ମାର୍ବଲ ମିସ୍ତ୍ରୀ, ସିଙ୍କ ମିସ୍ତ୍ରୀ,ଗଛ କାଟିବା ପାଇଁ, ହୋଟେଲ ଏବଂ ଖଣି ଓ କଳକାରଖାନାରେ କାର୍ଯ୍ୟ କରିବା ପାଇଁ ଏମାନେ ସେମାନଙ୍କ ଅଞ୍ଚଳରୁ କେନ୍ଦୁଝରକୁ ଆସୁଥିବା ଜଣାଯାଇଛି। କେତେ ପରିମାଣର ବାଂଲାଦେଶୀ, ପଶ୍ଚିମବଙ୍ଗ କିମ୍ବା ବିହାର ଅଞ୍ଚଳର ଲୋକମାନେ ଏଠାକୁ ଆସୁଛନ୍ତି ତାହାର କୌଣସି ହିସାବ ପ୍ରଶାସନ ପାଖରେ ନଥିବାବେଳେ ଏହାକୁ ନେଇ ଅନେକ ସମୟରେ ସମସ୍ୟା ସୃଷ୍ଟି ହୋଇଛି। ଏପରିକି କେତେକ ବାଂଲାଦେଶୀ ଅନୁପ୍ରବେଶକାରୀ ଭୋଟର ପରିଚୟପତ୍ର ଓ ଆଧାରକାର୍ଡ ରଖୁଛନ୍ତି। ସେମାନଙ୍କ ମଧ୍ୟରୁ କେତେକ ଜାଗାବାଡି କିଣି ଘରକରି ରହିଛନ୍ତି ଓ କେତେକ ସରକାରୀ ଜମି ମାଡିବସି ଘର ଏବଂ ଦୋକାନ ଘର କରିଛନ୍ତି। ଅନେକ ଲୋକ ଆଧାରକାର୍ଡ କରି ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ଉଠାଉଥିବା ଅଭିଯୋଗ ହେଉଛି। ଗତ ୧୫ ବର୍ଷ ତଳେ ଚମ୍ପୁଆ ଅଞ୍ଚଳରେ ଏହି ଅନୁପ୍ରବେଶକାରୀ ଜଣେ ନାବାଳିକାକୁ ବଳାତ୍କାର କରି ହତ୍ୟା କରିଥିଲେ। ଏହି ଘଟଣା ପରେ ସମଗ୍ର ଚମ୍ପୁଆ ଅଂଚଳ ଅଶାନ୍ତ ହୋଇ ପଡିଥିଲା। ପୁଲିସ ଓ ଜନତାଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇ ପୁଲିସ ଗୁଳିରେ ଜଣେ ନିହତ ହୋଇଥିଲେ। ସେହି ସମୟରେ ସମଗ୍ର ଉପଖଣ୍ଡ ଅଶାନ୍ତ ହୋଇ ରହିଥିବାବେଳେ ଅତି ସତର୍କ ଭାବରେ ଏହି ଘଟଣାରେ ଜଡିତ ଥିବା ଦୋଷୀମାନେ ନିଜ ଅଞ୍ଚଳକୁ ଫେରାର ହୋଇ ଯାଇଥିଲେ। ଏବେ ମଧ୍ୟ ବାଂଲାଦେଶ ଓ ରାଜ୍ୟ ବାହାର ଅନୁପ୍ରବେଶକାରୀ ମାନେ ସମସ୍ତ ପ୍ରକାର ସରକାରୀ ସହାୟତା ପାଉଥିବା ସହ କେତେକ ଅଞ୍ଚଳରେ ମଧ୍ୟ ଫଟୋ ପରିଚୟପତ୍ର ଏବଂ ଆଧାର କାର୍ଡ ପାଇଥିବା ସୂଚନା ମିଳିଲାଣି। ଏମାନଙ୍କ ପ୍ରତି ପ୍ରଶାସନ ସତର୍କ ଦୃଷ୍ଟି ନରଖିଲେ ଯେ କୌଣସି ପ୍ରକାର ଅଘଟଣକୁ ଅସ୍ୱୀକାର କରାଯାଇନପାରେ। ବିଶେଷ କରି ଜିଲାର କେଉଁ ଅଞ୍ଚଳରେ କେତେ ପରିମାଣରେ ଏହି ସଂପ୍ରଦାୟର ଲୋକ ଅଛନ୍ତି ତାହାର ହିସାବ ନା ପ୍ରଶାସନ ନା ପୁଲିସ କାହାରି ପାଖରେ ନଥିବା ଜଣାପଡିଛି। ରାଜ୍ୟ ବାହାର ଶ୍ରମିକ କେଉଁ ଅଞ୍ଚଳରେ ରହୁଛନ୍ତି ତାହାର ସଠିକ ତଥ୍ୟ ପୁଲିସ ପ୍ରଶାସନ ପାଖରେ ନାହିଁ। ଜିଲ୍ଲାରେ ଘଟୁଥିବା ଅନେକ ଅପରାଧର ପୃଷ୍ଠ ଭୂମିରେ ଏମାନଙ୍କ ହାତ ଥିବାବେଳେ କ୍ରାଇମ୍ ଡିଟେକ୍ସନ ପାଇଁ ଏମାନଙ୍କର ଭୂମିକାକୁ ପୁଲିସ ତାଙ୍କ୍ଷଣ ପର୍ଯ୍ୟାଲୋଚନା ନକଲେ ପରିସ୍ଥିତି ହାତ ଛଡା ହେବାର ସମ୍ଭାବନା ରହିଛି। ପ୍ରଶାସନ ଏ ଦିଗରେ ବେଳ ଥାଉ ଥାଉ ପଦକ୍ଷେପ ନନେଲେ ଆଗାମୀ ଦିନରେ ଏମାନଙ୍କ ଦ୍ୱାରା ବଡଧରଣର ଅପରାଧକୁ ଅସ୍ୱୀକାର କରିହେବ ନାହିଁ। କେନ୍ଦୁଝର ସଦରରେ ଏବଂ ନଗରପୁର ଅଂଚଳରେ ବହୁ ସଂଖ୍ୟାରେ ବେଆଇନ ବାଂଲାଦେଶୀ ଅନୁପ୍ରବେଶ କାରୀ ଲୋକ ରହିଥିବା ଅଭିଯୋଗ ହେଉଛି। ଘର ମାଲିକମାନେ ମଧ୍ୟ ସେମାନଙ୍କ ସୂଚନା ପୋଲିସକୁ ଜଣାଉ ନାହାନ୍ତି। ପୋଲିସ ଏମାନଙ୍କ ଚିହ୍ନଟ କରି ତଡିବାର ଆବଶ୍ୟକତା ରହିଛି। ତେବେ ପ୍ରଶାସନ ପକ୍ଷରୁ ଯାଞ୍ଚ ପ୍ରକ୍ରୀୟା ଆରମ୍ଭ ହେବା ପୂର୍ବରୁ ବହୁ ବାଂଲାଦେଶୀ ଅନୁପ୍ରବେଶ କାରୀ ଜିଲ୍ଲା ଛାଡି ପଶ୍ଚିମବଙ୍ଗ ପଳାଇଥିବା କୁହାଯାଉଛି।

## ଗ୍ରାମ୍ୟ ଜଳଯୋଗାଣ ଅଧିକାରୀ ଠିକାକାମରେ ବ୍ୟସ୍ତ

ବିଞ୍ଝାରପୁର, (ଭାସ୍କର ନ୍ୟୁଜ୍): ସରକାରୀ କର୍ମଚାରୀ ସରକାରୀ କାର୍ଯ୍ୟକୁ ପଛ କରି ଏବେ ଠିକାଦାରୀ କାମରେ ବ୍ୟସ୍ତ। ବିଭିନ୍ନ କାମ ନେଇ ଲୋକେ କାର୍ଯ୍ୟାଳୟ ଯାଇ ବାବୁଙ୍କୁ ପାଉନାହାନ୍ତି। ବାବୁ ନିଜ ବିଭାଗରେ ହେଉଥିବା ନଳକୂପ ସ୍ଥାପନ କରିବାକୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଛନ୍ତି। ବିଞ୍ଝାରପୁର ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର କିରାଣୀ ଯଶୋବନ୍ତ ଧଳ ଦୀର୍ଘ ବର୍ଷ ଧରି ଏଠାରେ ଆସ୍ଥାନ ଜମେଇ ରହିଛନ୍ତି। ବିଭାଗକୁ ଆସୁଥିବା ବିଭିନ୍ନ ଯନ୍ତ୍ରାଂଶ ବାହାରେ ବିକ୍ରି କରି ବେଶ୍ ଦୁଇ ପଇସା ରୋଜଗାର କରିଛନ୍ତି। ଏବେ ଧଳ ଠିକା କାମ କରିବାରେ ବ୍ୟସ୍ତ। ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## କଣ୍ଡକ୍ଟରଙ୍କ ଧାରଣା, ଲକ୍ଷ୍ମୀବସ ବନ୍ଦ



ସୋର, (ଭାସ୍କର ନ୍ୟୁଜ୍): ସୋର ବ୍ଲକ ପରିସରରେ ଆଜି ସକାଳେ ଲକ୍ଷ୍ମୀବସର କଣ୍ଡକ୍ଟର ମାନେ ଧାରଣା ଦେଇଛନ୍ତି। ଫଳରେ ବସ ଗୁଡିକ ବନ୍ଦ ହେବାରୁ ସାଧାରଣ ଲୋକେ ଅନେକ ଅସୁବିଧାକୁ ସମ୍ମୁଖୀନ ହୋଇଛନ୍ତି। ସୂଚନା ଅନୁସାରେ ସୋର ବ୍ଲକରେ ସମୁଦାୟ ୪ଟି ଲକ୍ଷ୍ମୀ ବସ ଚାଲିଥିବା ବେଳେ ପୂର୍ବରୁ ୧୧ ଜଣ କଣ୍ଡକ୍ଟର କାମ କରୁଥିଲେ। ମାତ୍ର ପରବର୍ତ୍ତୀ ସମୟରେ ୪ ଜଣଙ୍କୁ ବିଭିନ୍ନ କାରଣ ଦର୍ଶାଇ ବାହାର କରାଯାଇଥିବା ବେଳେ ଗତକାଲି ଜଣେ କଣ୍ଡକ୍ଟରଙ୍କୁ ତାଙ୍କ ଉପରସ୍ଥ ଅଧିକାରୀ ବାହାର କରିଛନ୍ତି। ଏହି ସ୍ଥାନରେ ଅନ୍ୟଜଣେ କଣ୍ଡକ୍ଟରଙ୍କୁ ନିଯୁକ୍ତି ଦେଇଛନ୍ତି। ଫଳରେ ଆଜି ସକାଳେ କାର୍ଯ୍ୟରତ କଣ୍ଡକ୍ଟର ମାନେ ଦୀର୍ଘଦିନ ଧରି କାମ କରୁଥିଲେ ମଧ୍ୟ ନିଯୁକ୍ତି ପତ୍ର ଓ ଗାଇଡ୍ଲାଇନ ନମିଳିବାରୁ ଉପରସ୍ଥ ଅଧିକାରୀମାନେ ମାନମୁଖୀ ଭାବେ ସେମାନଙ୍କୁ ବିନା କାରଣରେ ବାହାର କରୁଛନ୍ତି। ନିଯୁକ୍ତି ପତ୍ର ସାଙ୍ଗକୁ ଗାଇଡ୍ଲାଇନ ମିଳିଲେ ସେମାନେ ଗାଡିକୁ ଉଠିବେ ବୋଲି ଧାରଣାରେ ବସିରହିଥିବା ଧରଣାରତ କଣ୍ଡକ୍ଟର ମାନେ କହିଛନ୍ତି।

## ବଜ୍ରପାତରେ ଜଣେ ମହିଳା ମୃତ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଶନିବାର ଅପରାହ୍ନ ସମୟରେ ଗାଈ ଆଣିବାକୁ ଯାଇଥିବା ବେଳେ ବ୍ରଜାଘାତରେ ଟଳି ପଡିଲେ ମହିଳା। ସୂଚନା ଅନୁସାରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଶିଶୁଅ ପଞ୍ଚାୟତ ସାହୁବୁଦା ଅଞ୍ଚଳର ୬୦ବର୍ଷୀୟ ମହିଳା କାମିନୀ ସ୍ୱାଇଁ ବର୍ଷା ପବନ ଆସିବାରୁ ନିକଟରେ ଥିବା ବିଲକୁ ଗାଈ ଆଣିବାକୁ ଯାଇଥିବା ବେଳେ ଅଚାନକ ବଜ୍ରପାତ ରେ ଟଳି ପଡ଼ିଥିଲେ। ପରିବାର ଲୋକ ନିକଟସ୍ଥ ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ, କିନ୍ତୁ ଡକ୍ଟର ମୃତ୍ୟୁ ଘୋଷଣା କରିଥିଲେ। ସନ୍ଧ୍ୟା ହେବାରୁ ମୃତ ଦେହ ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରହିଛି। ରବିବାର ଦିନ ପୂର୍ବାହ୍ନ ରେ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଛେଦ ହେବ ବୋଲି ସୂଚନା ଦେଇଛନ୍ତି ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡକ୍ଟର ଶାନ୍ତି ଭୂଷଣ ଜେନା। ଘଟଣା ସ୍ଥଳରେ କାକଟପୁର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ବେଙ୍ଗଲତା ବାରିକଙ୍କ ପରଲୋକ



ମାହାଙ୍ଗା, (ଭାସ୍କର ନ୍ୟୁଜ୍): ମାହାଙ୍ଗା ଥାନା ଅନ୍ତର୍ଗତ ନୃର୍ତାଙ୍ଗ ପଞ୍ଚାୟତ ଅଧୀନ ନୃର୍ତାଙ୍ଗ ଗ୍ରାମର ନିରୋଦ ଚନ୍ଦ୍ର ବାରିକଙ୍କ ପତ୍ନୀ ବେଙ୍ଗଲତା ବାରିକ (୮୦)ଙ୍କ ପରଲୋକ ହୋଇଯାଇଛି। ସେ ବିଲକୁ ଖାଇବାକୁ ନେଇ ଯାଉଥିବା ସମୟରେ ଏକ ଗଛର ଶୁଖିଲା ଡାଳ ତାଙ୍କ ମୁଣ୍ଡ ଉପରେ ପଡିଯିବାରୁ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ପରିବାର ଲୋକେ ସଙ୍ଗେସଙ୍ଗେ ମାହାଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମାହାଙ୍ଗା ପୋଲିସ ଖବର ପାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବ ବ୍ୟବଛେଦ ପାଇଁ କଟକ ବଡ଼ ମେଡିକାଲ ପଠାଇଥିଲେ। ଗ୍ରାମ୍ୟ ଶ୍ମଶାନରେ ତାଙ୍କ ଶେଷକୃତ୍ୟ କରାଯିବା ସହ ସାନପୁଅ ଅଜୟ କୁମାର ବାରିକ ମୁଖାଗ୍ନୀ ଦେଇଥିଲେ। ଏଭଳି ଦୁଃଖଦ ଖବର ଶୁଣି ସ୍ଥାନୀୟ ବାସିନ୍ଦା ଦୁଃଖପ୍ରକାଶ କରିବା ସହ ଏହି ଗରିବ ପରିବାର ପାଇଁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି କରିଛନ୍ତି।

# ବରିଷ୍ଠ ନାଗରିକ ସଂଘର ଆଲୋଚନାଚକ୍ର




ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅନ୍ତର୍ଗତ କୋହ୍ଲ ମା'ସାହାଡ଼ାଶୁଣୀ ମଣ୍ଡଳର ବନ୍ଧୁମିଳନ ଉତ୍ସବ ଓ ଆଲୋଚନା ଚକ୍ର ଜୟଦେବ ଦାସଙ୍କ ସଭାପତିତ୍ୱରେ ମଣ୍ଡଳ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ତିହିଡ଼ି ବ୍ଲକ ସଂଘ ଉପସଭାପତି ମହେଶ ପ୍ରସାଦ ଦାସ ଓ ମୁଖ୍ୟ ବକ୍ତା ଭାବେ ଭଦ୍ରକ ଜିଲ୍ଲା ସଂଘର ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥିଭାବେ ତିହିଡ଼ି ବ୍ଲକ ବରିଷ୍ଠ ନାଗରିକ ସଂଘର ସମ୍ପାଦକ ବିଭୂତିଭୂଷଣ ସେନାପତି, ତିହିଡ଼ି ବ୍ଲକ ଜୋନାଲ ସଭାପତି ନିତ୍ୟାନନ୍ଦ ମଲ୍ଲିକ, ସମ୍ପାଦକ ହୃଷିକେଶ ପଣ୍ଡା, ଜନସେବୀ ସୁରେନ୍ଦ୍ର କୁମାର ନାୟକ, ଶିକ୍ଷାବିତ୍ ଶୀତଳ କୁମାର ବେହେରା, ପୀରହାଟ ଜୋନ୍ ସଭାପତି ଜଗନ୍ନାଥ ନାୟକ ଓ ହରିଶ୍ଚନ୍ଦ୍ର ବାରିକ ପ୍ରମୁଖ ଯୋଗ ଦାନ କରିଥିଲେ। ଜଗନ୍ନାଥଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କଲାପରେ ବେଦବିପ୍ର ଗୋପାଳ ପାଣି ବେଦପାଠ କରିଥିଲେ। ମଣ୍ଡଳ ସମ୍ପାଦକ ବଳରାମ ସେନାପତି ସମ୍ପାଦକୀୟ ବିବରଣୀ ପାଠକରିବାପରେ କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଅହଂକାରକୁ ଦୂର କରି ସଂସ୍କାରକୁ ଆପଣେଇ ନେବା, ପାରିବାରିକ ଜୀବନରେ ନିଜର ଅହମିକା ଯଥା ସମ୍ଭବ ଦୂରକରି ମିଳିମିଶି ଚଳିବା ଆଦି ଉପରେ ବକ୍ତାମାନେ ବକ୍ତବ୍ୟ ରଖିଥିଲେ। ଏହି ପରିପ୍ରେକ୍ଷୀରେ ତିହିଡ଼ି ସ୍ୱାସ୍ଥ୍ୟକେନ୍ଦ୍ର,ଷ୍ଟେଟ୍ ବ୍ୟାଙ୍କ, ପୀରହାଟ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଆଦିରେ ବରିଷ୍ଠ ମାନେ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଥିବାରୁ ତାହାର ନିରାକରଣ ପାଇଁ ଭଦ୍ରକ ଜିଲ୍ଲା ସମ୍ପାଦକଙ୍କ ଦୃଷ୍ଟି ଆକର୍ଷଣ କରାଗଲା। ଉମାକାନ୍ତ ସାହୁ, ସୁରେନ୍ଦ୍ର ନାୟକ, ଅନାଦିଚରଣ ବେହେରା, ଦୁର୍ଗାଚରଣ ନାୟକ, ରଘୁନାଥ ସାହୁ, ଦଶରଥ ମଲ୍ଲିକ, ଦାମୋଦର ସେନାପତି, ଅଭିମନ୍ୟୁ ଦାସ, ଗଙ୍ଗାଧର ସେନାପତି ଓ ବିଶ୍ୱନାଥ ସାହୁ ପ୍ରମୁଖ ପାଚାଶରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ନିଜ ନିଜର ମତବ୍ୟକ୍ତ କରିଥିଲେ। ସର୍ବଶେଷରେ ସଂଘର କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ ଦେଇଥିଲେ।

## ଅସ୍ତରଙ୍ଗରେ ଉଦ୍‌ଘାଟିତ ହେବ ଜେଏମ୍‌ଏଫ୍‌ସି କୋର୍ଟ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ବହୁ ପ୍ରତୀକ୍ଷାର ଅନ୍ତଃ ଘଟିବାକୁ ଯାଉଛି। ଖୁବ ଶୀଘ୍ର ଉଦଘାଟନ ହେବ ପୁରୀଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳରେ ସିଭିଲ ଜେଏମ୍ଏଫସି କୋର୍ଟ। ଏହା ପୂର୍ବରୁ ଶନିବାର ପୂର୍ବାହ୍ନରେ ପ୍ରଶାସନିକ ବିଚାରପତି ସଂମ୍ମାନୀୟ ଜଷ୍ଟିସ କୃଷ୍ଣରାମ ମହାପାତ୍ର, ଜିଲ୍ଲା ଏବଂ ଦୌରାଜଜ, ପୁରୀ ଅଜନ୍ତା ଷଡ଼ଙ୍ଗୀ ସହ ଅନ୍ୟ ପ୍ରମୁଖ ଅଧିକାରୀ



ମାନେ ଗ୍ରସ୍ତ କରି ଅସ୍ତରଙ୍ଗ ତହସିଲ ନିକଟରେ ନିର୍ମିତ ହୋଇଥିବା ଅସ୍ଥାୟୀ ଜେଏମଏଫସି କୋର୍ଟ ଉଦଘାଟନ ଅ୍ୟବହିତ ପୂର୍ବରୁ କୋର୍ଟର ବିଭିନ୍ନ ରୁମ୍ ପ୍ରସ୍ତୁତି ସମେତ ଆନୁଷାଙ୍ଗିକ ବ୍ୟବସ୍ଥା ସମୀକ୍ଷା କରିବା ସହିତ କୋର୍ଟ ପରିସରରେ ବୃକ୍ଷରୋପଣ କରିଛନ୍ତି। ଗ୍ରସ୍ତ ସମୟରେ ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀ ସୋମ୍ୟ ରଞ୍ଜନ ଦ୍ୱିବେଦୀ, ନିର୍ବାହୀ ଯନ୍ତ୍ରୀ କୁଶଳ କୁମାର ହେମ୍ବ୍ରମ, ସହକାରୀ ଯନ୍ତ୍ରୀ ରବୀନ୍ଦ୍ର କୁମାର ଦଣ୍ଡପତି, ପୁରୀ ଅତିରିକ୍ତ ଏସ୍ପି ସଚିନ ପଟେଲ, ଅସ୍ତରଙ୍ଗ ଅତିରିକ୍ତ ତହସିଲଦାର ପ୍ରଭୁ ପ୍ରସାଦ ପଣ୍ଡା, ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାର ସିଂ, ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଶ୍ରୀଯୁକ୍ତ ଦିବାକର ଛାଟୋଇ ପ୍ରମୁଖ ଉପସ୍ଥିତ ଥିଲେ। ଖୁବ ଶୀଘ୍ର ଅସ୍ତରଙ୍ଗ ରେ କୋର୍ଟ ଉଦଘାଟନ ହେବ ବୋଲି ସୂଚନା ମିଳିଛି। କୋର୍ଟଟି ଖୋଲିଲେ ସ୍ଥାନୀୟ ଅଞ୍ଚଳ ବାସୀ ଆଇନି ସେବା ପାଇପାରିବେ। ପୂର୍ବରୁ ସେମାନଙ୍କୁ ବିଭିନ୍ନ ମକଦ୍ଦମା ପାଇଁ ନିମାପଡା ଯିବାକୁ ପଡୁଥିଲା। ଯେଉଁଥି ପାଇଁ ସାଧାରଣ ଲୋକେ ବହୁ ଖର୍ଚ୍ଚାନ୍ତ ହେଉଥିଲେ। କୋର୍ଟଟି ଖୁବ ଶୀଘ୍ର ଉଦଘାଟନ ହେଲେ ସ୍ଥାନୀୟ ଅଞ୍ଚଳବାସୀ ସୁବିଧା ଓ ସହଜରେ ଆଇନି ସେବା ପାଇପାରିବେ।

# ସ୍ୱାସ୍ଥ୍ୟ ସଚେତନତା ଓ 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ



ରଘୁନାଥପୁର, (ଭାସ୍କର ନ୍ୟୁଜ୍):ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ ଗୋକୁଳପୁର ସ୍ଥିତ ସାରଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅବସରପ୍ରାପ୍ତ କର୍ମଚାରୀ ସଂଘ, ଜଗତସିଂହପୁର ଜିଲ୍ଲା କୃଷକ ସଙ୍ଗଠନ ଓ ବିଷୁବ ସଂସଦ ମିଳିତ ଆନୁକୁଲ୍ୟରେ ଛାତ୍ରୀଛାତ୍ରଙ୍କୁ ନେଇ ସ୍ୱାସ୍ଥ୍ୟ ସଚେତନତା ଓ 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ପ୍ରଧାନଶିକ୍ଷକ ବିଶ୍ୱଜିତ ଓଝା ପୌରହିତ କରିଥିଲେ। ଏଥିରେ ଅବସରପ୍ରାପ୍ତ ବନବିଭାଗ ଅଧିକାରୀ ନିରଞ୍ଜନ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସାରା ବିଶ୍ୱରେ ପରିବେଶ ଅସନ୍ତୁଳନକୁ ନେଇ ଦେଖାଦେଇଥିବା ବିପଦ ପ୍ରତି ସତର୍କ କରାଇବା ସହ କେବଳ ବୃକ୍ଷ ହିଁ ଆମ ଜୀବନକୁ ବଞ୍ଚାଇ ପାରିବ ବୋଲି ପ୍ରକାଶ କରିଥିଲେ। କାରଣ ମନୁଷ୍ୟର ଜୀବନ ଧାରଣ ପାଇଁ ଆବଶ୍ୟକ ଅମ୍ଳଜାନ କେବଳ ବୃକ୍ଷ ହିଁ ଦେଇଥାଏ। ଗୋଟିଏ ବୃକ୍ଷ ତାର ଜୀବନକାଳ ମଧ୍ୟରେ ୬.୫ ଲକ୍ଷ ଟଙ୍କାର ଅମ୍ଳଜାନ ପ୍ରଦାନ କରିଥାଏ ବୋଲି ସାହୁ ମତବ୍ୟକ୍ତ କରିଥିଲେ। ସେହିପରି ଅନ୍ୟତମ ଅତିଥି ଭାବେ ସ୍ୱର୍ଣ୍ଣପଦକ ପ୍ରାପ୍ତ ବରିଷ୍ଠ ଶିଶୁ ବିଶେଷଜ୍ଞ ଡ଼ା ରାଜକିଶୋର ବରାଳ ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଦୈନନ୍ଦିନ ଶରିରଚର୍ଯ୍ୟାରେ ଖାଦ୍ୟପେୟ, ପ୍ରାଣାୟମ ଓ ଖେଳକୁଦ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଏହାଛଡା ମୁକ୍ତବାୟୁ ସେବନ ପାଇଁ ପ୍ରତ୍ୟେକ ଛାତ୍ରୀଛାତ୍ର ନିଜ ମା ଓ ଧରିତ୍ରୀ ମାତାକୁ ସମ୍ମାନ ଜଣାଇ ଗଛଟିଏ ଲଗାଇବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଆଲମିନି ସଭାପତି ବିନୋଦ ବିହାରୀ ମହାନ୍ତି ପିଲାଙ୍କୁ ଶିକ୍ଷଣୀୟ ଉପଦେଶ ପ୍ରଦାନ କରି ବିଭିନ୍ନ ପ୍ରକାର ପ୍ରାଣାୟମ ଶିଖାଇଥିଲେ। ଆଲମିନୀ ଉପସଭାପତି ଚନ୍ଦ୍ରଶେଖର ସିଂହ, ଶିକ୍ଷକ ସୁଜିତ କୁମାର ବେହେରା ଓ ପ୍ରମୋଦ କୁମାର ଭୋଇ ଅନୁରୂପ ଭାବେ ବକ୍ତବ୍ୟ ରଖିଥିଲେ। ପରେ ଛାତ୍ରୀଛାତ୍ରଙ୍କୁ ନେଇ ବିଦ୍ୟାଳୟ ପରିସରରେ ଅତିଥିଙ୍କ ପକ୍ଷରୁ ଚାରାରୋପଣ କରାଯାଇ ଥିଲା। ଶିକ୍ଷୟତ୍ରୀ ମୌସୁମୀ ରଥ ସଭା ସଞ୍ଚାଳନ, ଶକୁନ୍ତଳା ସେଠି ସ୍ୱାଗତ ପର୍ବ ଓ ରଞ୍ଜିତା ବେହେରା ଧନ୍ୟବାଦ ଦେଇଥିଲେ। ଗୀତାରାଣୀ ବିଶ୍ୱାଳ ଓ କର୍ମଚାରୀ ହରେକୃଷ୍ଣ ସାହୁ ଏଥିରେ ସହଯୋଗ କରିଥିଲେ। ଅନୁରୂପ ଭାବେ ଡ.ବରାଳଙ୍କ ତତ୍ତ୍ୱାବଧାନରେ ଶୀର୍ଲୋ ନବଗ୍ରାମ ହାଇସ୍କୁଲ ଓ ସ୍ୱପ୍ନେଶ୍ୱର ବିଦ୍ୟାମନ୍ଦିରରେ ବନ ମହୋତ୍ସବ ପାଳନ ଅବସରରେ ଚାରା ରୋପଣ କାର୍ଯ୍ୟ ସମାପନ ହୋଇଛି।

# ଆସିକା ବିଜ୍ଞାନ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ




ଆସିକା, (ଭାସ୍କର ନ୍ୟୁଜ୍): ଆସିକା ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ମହାବିଦ୍ୟାଳୟର ୫୮ତମ ପ୍ରତିଷ୍ଠା ଦିବସ ସମାରୋହ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଆୟୋଜିତ ହୋଇଯାଇଛି। ଏହି ସ୍ୱନକ୍ଷତ୍ର ଅବସରରେ ମୁଖ୍ୟ ଅତିଥି ରୂପେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ ପ୍ରଥମେ ଓଡ଼ିଶା ସରକାର ଉଚ୍ଚଶିକ୍ଷା ବିଭାଗର ଆର୍ଥିକ ସହାୟତାରେ ନବନିର୍ମିତ ଅତିରିକ୍ତ ଶ୍ରେଣୀଗୃହର ଶୁଭ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ରୂପେ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ତାରାପ୍ରସାଦ ଦାଶ, ସମ୍ମାନିତ ଅତିଥି ରୂପେ ପୁରାତନ ଛାତ୍ର ସଂସଦର ସଭାପତି ଡ. ନିରାକର ଭଟ୍ଟ, ପ୍ରଶାସନିକ ଅଧିକାରୀ ବିଭୁତି ଭୂଷଣ ବେବର୍ତ୍ତା ମଞ୍ଚାସୀନ ଥିଲେ। ଅଧ୍ୟାପକ ସରୋଜ କୁମାର ପଣ୍ଡା ସମସ୍ତ ଅତିଥିଙ୍କ ସ୍ୱାଗତ ସମ୍ବର୍ଦ୍ଧନା ପୂର୍ବକ ମଞ୍ଚାସୀନ କରାଇଥିଲେ। ସହ ପ୍ରଶାସନିକ ଅଧିକାରୀ ଡ. ଅଭୟ କେଶରୀ ପରିଚ୍ଛା ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମସ୍ତ ମଞ୍ଚାସୀନ ଅତିଥିଙ୍କୁ ପୁଷ୍ପଗୁଚ୍ଛ ତଥା ଉପଢୌକନ ଦ୍ୱାରା ସମ୍ମାନୀତ କରାଯାଇଥିଲା। ଅଧ୍ୟାପକ ଡ. ଅଜିତ କୁମାର ମୁନୀ ସଭା ସଞ୍ଚାଳନ କରିଥିଲେ। ସମସ୍ତ ଅତିଥିଙ୍କ ଦ୍ୱାରା ଏବଂ ବେଦ ଗବୈୟା ଧନଞ୍ଜୟ ମହାପାତ୍ରଙ୍କ ବେଦ ମନ୍ତ୍ର ଧ୍ୱନୀରେ ଚତୁର୍ଦ୍ଧାମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ଛାତ୍ରୀମାନେ 'ବନ୍ଦେ ଉତ୍କଳ ଜନନୀ' ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଅଧ୍ୟକ୍ଷ ଡ. ଚୌଧୁରୀ ସ୍ୱାଗତ ଭାଷଣ ରଖିଥିଲେ ଏବଂ ସମାରୋହର ମୁଖ୍ୟ ଉଦ୍ଦେଶ୍ୟରେ ପ୍ରାକ୍ତନ ଆସିକା ବିଧାୟକ ହରିହର ଦାଶ ଏବଂ ଆଖୁ ଚାଷୀଙ୍କ ମହାବିଦ୍ୟାଳୟ ପ୍ରତିଷ୍ଠାରେ ମହାନ୍ ଅବଦାନର ସ୍ମୃତିଚାରଣ କରିଥିଲେ। ବିଧାୟକ ତଥା ମୁଖ୍ୟ ଅତିଥି ପାଢ଼ୀଙ୍କ ସ୍ପଷ୍ଟବାଦୀ ଭାଷଣ ସମସ୍ତଙ୍କୁ ଆକୃଷ୍ଟ କରିଥିଲା। ମହାବିଦ୍ୟାଳୟର ସମସ୍ତ ବିକାଶମୂଳକ କାର୍ଯ୍ୟରେ ମୁଁ ବଦ୍ଧପରିକର ବୋଲି କହିଥିଲେ। ବାଳିକାବାଳକ ଛାତ୍ରାବାସ ତଥା କ୍ରୀଡା ପ୍ରାଙ୍ଗଣର ପାଚେରୀ ନିର୍ମାଣ ପାଇଁ ସେ ଦୃଢ଼ ପ୍ରତିଶୃତି ଦେଇଥିଲେ। ଛାତ୍ରଛାତ୍ରୀମାନଙ୍କୁ ନିଜ ଶୈକ୍ଷିକ ଦକ୍ଷତା ବଳରେ ମହାବିଦ୍ୟାଳୟର ଗୌରବକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ତଥା ପୁରାତନ ଛାତ୍ର ସଂସଦର ସଭାପତି ଡ. ଭଟ୍ଟ ନିଜର ସ୍ୱଳ୍ପ ଅଭିଭାଷଣରେ ଛାତ୍ରଛାତ୍ରୀମାନଙ୍କୁ କଠିନ ପରିଶ୍ରମୀ, ମନଯୋଗୀ ଏବଂ ସମୟାନୁବର୍ତ୍ତିତା ପରାୟଣ ହେବା ପାଇଁ ସଫଳତାର ମନ୍ତ୍ର ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଡ. ତାରାପ୍ରସାଦ ଦାଶ ନିଜର ଓଜସ୍ୱୀନୀ ବ୍ୟକ୍ତବ୍ୟରେ ସ୍ୱତନ୍ତ୍ର ରୂପେ ଛାତ୍ରଛାତ୍ରୀଙ୍କ ଉତ୍ତରୋତ୍ତର ଉନ୍ନତି କାମ୍ନେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ତଥା କର୍ମଚାରୀମାନଙ୍କୁ ନିଜ ବୃତ୍ତି ପ୍ରତି ସଦିଚ୍ଛା ଏବଂ ମମତ୍ୱ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସମାରୋହର ଅନ୍ତିମ ପର୍ଯ୍ୟାୟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ତରୀୟ ସ୍ନାତକ କୃତି ଛାତ୍ରଛାତ୍ରୀ ତଥା ଆସିକା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁକ୍ତ ଦୁଇ ବିଜ୍ଞାନ, କଳା, ବାଣିଜ୍ୟ ଏବଂ ଧନ୍ଦାମୂଳକ ବିଭାଗର ଶ୍ରେଷ୍ଠତମ ଛାତ୍ରଛାତ୍ରୀଙ୍କୁ ମଞ୍ଚାସୀନ ଅତିଥିଙ୍କ ଦ୍ୱାରା ଟ୍ରଫି ସହ ପ୍ରମାଣ ପତ୍ର ପ୍ରଦାମ କରାଯାଇଥିଲା। ପରିଶେଷରେ ସଭା ସଂଚାଳକ ଡ. ମୁନୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଦର୍ଶ ବିଦ୍ୟାଳୟ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା




ମାଲକାନାଗିରି, (ଭାସ୍କର ନ୍ୟୁଜ୍): ମାଲକାନାଗିରି ଜିଲ୍ଲା ଖଇରପୁଟ ବ୍ଲକର କୁଡୁମୁଲୁଗୁମ୍ମା ନିକଟସ୍ଥ ଗୁଣ୍ଡୁରିଗୁଡା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସଂସ୍କୃତ ବିଷୟର ଶିକ୍ଷକ କନ୍ଦର୍ପ ଦଳେଇ ଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଆଜିର ଏହି ସଭାରେ ବିଦ୍ୟାଳୟର ଅଧ୍ୟକ୍ଷ ମହେଶ୍ୱର ସାହୁ ଅଧ୍ୟକ୍ଷତା କରିଥିବାବେଳେ ବିଦ୍ୟାଳୟ ପରିଚାଳନାର ପୁରାତନ କମିଟି ସଦସ୍ୟ ସୁକୁମାର ଦେଓ, ବାଳକୃଷ୍ଣ ପ୍ରଧାନ, ମଳୟ କୁମାର ନନ୍ଦୀ, ଦିଲ୍ଲୀପ କୁମାର ଦାସ, ଭଗବାନ ସାହୁଙ୍କ ସମେତ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅଧ୍ୟକ୍ଷ ସାହୁ ଗୁଣଗାନ କରିବା ସହ କହିଥିଲେ ଯେ ସଂସ୍କୃତ ଶିକ୍ଷକ ଦଳେଇ ଜଣେ ନମ୍ର, ଶାନ୍ତ, ସରଳ, ମିଷ୍ଟଭାଷୀ ଓ ମେଳାପି ସ୍ୱଭାବର ବ୍ୟକ୍ତିତ୍ୱ ଅଟନ୍ତି। ତାଙ୍କର ଏଭଳି ସ୍ୱଭାବ ପାଇଁ ସେ ସମସ୍ତଙ୍କ ପ୍ରିୟପାତ୍ର ହୋଇପାରିଛନ୍ତି। ଶିକ୍ଷକତାକୁ ନିଜ ଜୀବନର ଏକ ବ୍ରତ ଭାବେ ଗ୍ରହଣ କରିଥିବାରୁ ଛାତ୍ରଛାତ୍ରୀ ମାନଙ୍କ ସହ ସମସ୍ତଙ୍କ ନିକଟରେ ଆଦର୍ଶ ଶିକ୍ଷକ ରୂପେ ପରିଗଣିତ ହୋଇଛନ୍ତି ବୋଲି କହିବା ସହ ଆଗାମୀ ଭବିଷ୍ୟତ ପାଇଁ ଶୁଭମନାସୀ ଥିଲେ। ଶେଷରେ ଦଳେଇ ପିଲାମାନଙ୍କୁ ଉଦବୋଧନ ଦେଇ ଏକ ଗପ ମାଧ୍ୟମରେ ସମୟର ମୁଲ୍ୟକୁ ବୁଝାଇଥିଲେ ଓ କହିଥିଲେ ଯେ, ଅତୀତର ସମୟକୁ କେହି ଫେରାଇପାରିବେ ନାହିଁ କି ଭବିଷ୍ୟତ ସମୟ ବିଷୟରେ କିଛି ଭବିଷ୍ୟବାଣୀ କରିହେବ ନାହିଁ। ଏଣୁ ବର୍ତ୍ତମାନ ସମୟର ସଠିକ ଉପଯୋଗ ଓ ବିନିଯୋଗ ଏକ ଅମୁଲମୁଲ୍ୟ ସଦୃଶ୍ୟ ଯାହାର କୌଣସି ତୁଳନା ନାହିଁ ବୋଲି ଛାତ୍ରଛାତ୍ରୀମାନଙ୍କୁ କହିଥିଲେ। ଶେଷରେ ବିଦ୍ୟାଳୟ ର ଅଧ୍ୟକ୍ଷ, ଦଳେଇଙ୍କୁ ଉତ୍ତରା ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ ଓ ପରେପରେ ଛାତ୍ର ଛାତ୍ରୀ ମାନେ ମଧ୍ୟ ସାରଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଭିନ୍ନ ପ୍ରକାରର ଉପହାର ମାନ ପ୍ରଦାନ କରିଥିଲେ, ଏହି ସମୟରେ ସମ୍ପୂର୍ଣ୍ଣ ମୁହୂର୍ତ୍ତଟି ଗମ୍ଭୀରମୟ ହେବାସହ ସମସ୍ତଙ୍କ ଆଖି ଛଳଛଳ ହୋଇଯାଇଥିଲା।

# ନୂତନ ଦେୱାନୀ ବିଚାରପତି ଅଦାଲତ ଗୃହ ଯାଞ୍ଚ

କାକଟପୁର, (ଭାସ୍କର ନ୍ୟୁଜ୍): ଗ୍ରାମାଞ୍ଚଳରେ ବିଚାର ବିଭାଗୀୟ ଭିତ୍ତିଭୂମି ସୁଦୃଢ଼ କରି ନ୍ୟାୟ ପ୍ରଦାନ କ୍ଷେତ୍ରରେ ସମାନତା ରଖି ଗରିବ ଜନସାଧାରଣଙ୍କୁ ଉପଯୁକ୍ତ ନ୍ୟାୟ ଦେବା ପାଇଁ ସ୍ଥାୟୀ ବିଚାରାଳୟ ନିର୍ମାଣ ହେବା ପର୍ଯ୍ୟନ୍ତ କାକଟପୁର ବ୍ଲକ ପରିସରରେ ଅସ୍ଥାୟୀ ଭାବେ ଏକ ଗୃହରେ ଦେୱାନୀ ବିଚାରପତି ଏବଂ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀଙ୍କ ଅଦାଲତ ଗୃହ ଓ ପରିବେଶ ଯାଞ୍ଚ ପାଇଁ ଓଡ଼ିଶା ହାଇକୋର୍ଟର ନ୍ୟାୟ ମୂର୍ତ୍ତି, ପୁରୀ ଜିଲ୍ଲା ଜଜ୍ ମହୋଦୟା, ଅତିରିକ୍ତ ଜିଲ୍ଲା ଜଜ୍ ନିମାପଡ଼ା, ସିଭିଲ ଜଜ୍ ନିମାପଡ଼ା, ଜେ ଏମ ଏଫ୍ ସିଙ୍କ ସମେତ ପୁରୀ ଜିଲ୍ଲା ପୂର୍ତ୍ତବିଭାଗ କାର୍ଯ୍ୟନିର୍ବାହୀ ଅଧିକାରୀ, ନିମାପଡ଼ା ପୂର୍ତ୍ତବିଭାଗ ଉପଖଣ୍ଡ ଅଧିକାରୀ, କାକଟପୁର ପୂର୍ତ୍ତବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଆସିଥିଲେ। କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ ଓ ମଣ୍ଡଳ ଉନ୍ନୟନ ଅଧିକାରୀ ବିଷ୍ଣୁ ଗୋବିନ୍ଦଙ୍କ ଉପସ୍ଥିତିରେ ବିଚାରାଳୟ ପାଇଁ ଉଦ୍ଦିଷ୍ଟ ଗୃହ ଓ ପରିବେଶକୁ ତଦାରଖ କରାଯାଇଥିଲା। ବ୍ଲକ ପରିସରରେ ହାଇକୋର୍ଟ ଜଜ୍ ବୃକ୍ଷ ଚାରା ରୋପଣ କରି ପରିବେଶରେ ସନ୍ତୁଳନତା ପାଇଁ ବୃକ୍ଷର ଆବଶ୍ୟକତା ଥିବା ଦର୍ଶାଇ ଥିଲେ। ବିଚାରାଳୟ ପାଇଁ ସ୍ଥାୟୀ ଭାବରେ ଅଭିପ୍ରେତ ଥିବା ସ୍ଥାନ ମଧ୍ୟ ପରିଦର୍ଶନ କରି ସନ୍ତୋଷ ବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଅନିଲ କୁମାର ଦୀକ୍ଷିତ, ମିହିର ରଞ୍ଜନ ମହାନ୍ତି, ସମେତ ଗଣମାଧ୍ୟମ ପ୍ରତିନିଧି ଓ ଜନସାଧାରଣ ମାନେ ଉପସ୍ଥିତ ଥିଲେ।

## ଉଦ୍ଧାର ଦୁଇ ନାବାଳିକା ଛାତ୍ରୀ ଗଲେ ଜିଲ୍ଲା ସଷ୍ଟାଙ୍ଗ କେନ୍ଦ୍ର

ବଡ଼ଚଣା, (ଭାସ୍କର ନ୍ୟୁଜ୍): ବଡ଼ଚଣା ଥାନାରେ ଦୁଇ ନାବାଳିକା ଛାତ୍ରୀ ଅପହରଣ ଅଭିଯୋଗ ହୋଇଥିଲା ପରେ ପୋଲିସ ଦୁଇ ଜଣଙ୍କୁ ଠାବ କରି ଅପହରଣକାରୀଙ୍କୁ ଜେଲକୁ ପଠାଇ ଦେଇଥିଲା। ଜଣେ ହେଲେ ଧାନ ମଣ୍ଡଳ ରାମଚନ୍ଦ୍ର ପୁର ଗ୍ରାମର ଛଦ୍ମନାମ ବର୍ଷା ନାଏକ (୧୪) ହୋଇଥିବା ବେଳେ ବଡ଼ଚଣା ଗ୍ରାମର ଛଦ୍ମନାମ ରିନୁ ଦଳାଇ(୧୪) ମାମୁଁ ଘରେ ରହି ପାଠ ପଢୁଥିଲେ। ପୋଲିସର ଖବର ଅନୁଯାୟୀ ଅଭିଯୋଗ ଦେଇ ଥିବା ଦୁଇ ପରିବାରଙ୍କୁ ଡାକି ହସ୍ତାନ୍ତର କରିବାକୁ ଦେଉ ଥିବା ବେଳେ ଦୁଇ ପରିବାର ଦୁଇ ଉଦ୍ଧାର ନାବାଳିକା ଛାତ୍ରୀଙ୍କୁ କୌଣସି ମତେ ନେବାକୁ ମନା କରି ଦେଇଥିଲେ। ପୋଲିସ ହରଡ଼ଘଣାରେ ପଡ଼ିଥିଲା। ଶେଷରେ ବଡ଼ଚଣା ଥାନା ଅଧିକାରୀ ମଧୁସ୍ମିତା ବେହେରା ବାଧ ହୋଇ ଦୁଇ ନାବାଳିକା ଛାତ୍ରୀଙ୍କୁ ଯାଜପୁର ଜିଲ୍ଲା ସଷ୍ଟାଙ୍ଗ ମହିଳା କେନ୍ଦ୍ରକୁ ପଠାଇ ଦେଇଛନ୍ତି ବୋଲି ଜଣାଇଛନ୍ତି।

## ପୋଖରୀରେ ବୁଡ଼ି ଜଣେ ମୃତ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କୋକସରା ଥାନା ଅନ୍ତର୍ଗତ ଖୁଣ୍ଟିଆ ବନ୍ଧ ପଡ଼ାରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଗ୍ରାମର ମାର୍କଣ୍ଡ ଧରୁଆ ଗାଧୋଇବାକୁ ଯାଇ ପୋଖରୀ ରେ ବୁଡ଼ି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି । ସୂଚନାଯେ ମୃତକ ଜଣକ ଦୀର୍ଘଦିନରୁ ଅପସ୍ମାର ରୋଗରେ ଶିକାର ଥିଲେ । ତେବେ ସେ ଦିନ ୧ଟା ସମୟରେ ଗାଁ ନିକଟରେ ଥିବା ଏକ ନାଳ ବନ୍ଧକୁ ଗାଧୋଇବାକୁ ଯାଇ ଫେରି ନ ଥିଲେ । ଘରକୁ ଫେରିବା ବିଳମ୍ବ ଦେଖି ପରିବାର ଲୋକ ଖୋଜା ଖୋଜି କରିବା ପରେ ବନ୍ଧ ଭିତରେ ଶବ ଭାସୁଥିବା ଦେଖିବାକୁ ପାଇଥିଲେ । ଏନେଇ କୋକସରା ପୋଲିସକୁ ଖବର ଦେବାପରେ ପୋଲିସ ଆସି ଶବ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପାଇଁ କୋକସରା ଡାକ୍ତର ଖାନା ପଠାଇଥିବା ଜଣାପଡ଼ିଛି । ଏନେଇ ଥାନା ରେ ଏକ ଅପମୃତ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ କରୁଥିବା ସୂଚନା ଦେଇଛି ।

## ଡିଲେଶ୍ୱର ରଣାଙ୍କୁ ଯୁବଗାଳ୍ପିକ ପୁରସ୍କାର



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲାର ପ୍ରତିଭାବାନ ଯୁବ ଲେଖକ ଡିଲେଶ୍ୱର ରଣାଙ୍କୁ "ଫକୀରମୋହନ ବିଶ୍ୱବିଦ୍ୟାଳୟ ଯୁବଗାଳ୍ପିକ ପୁରସ୍କାର-୨୦୨୫" ପ୍ରଦାନ କରାଯାଇଛି । ବିଶ୍ୱବିଦ୍ୟାଳୟ ପକ୍ଷରୁ ଓଡ଼ିଆ ଭାଷାରେ ଗଳ୍ପ ଲିଖନ ପାଇଁ ତାଙ୍କର ଉଲ୍ଲେଖନୀୟ ଅବଦାନକୁ ପ୍ରଶଂସା କରାଯାଇ ତାଙ୍କୁ ମିଳିଛି ଏଇ ମର୍ଯ୍ୟାଦାଜନକ ପୁରସ୍କାର । ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ଗଳ୍ପ ମାଧ୍ୟମରେ ସମୃଦ୍ଧ କରିବା ଦିଗରେ ତାଙ୍କର ନିଷ୍ଠା ଓ ସୃଜନଶୀଳତାକୁ ସ୍ୱୀକୃତି ସ୍ୱରୂପ ତାଙ୍କୁ ବିଶିଷ୍ଟ ଗାଳ୍ପିକା ଡ. କବିତା ବାରିକଙ୍କ ଦ୍ୱାରା ସଂସ୍ଥାପିତ ଉକ୍ତ ପୁରସ୍କାର ପ୍ରଦାନ କରାଯାଇଛି । ବାଲେଶ୍ୱରସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ୨୭ତମ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୁଖ୍ୟବକ୍ତା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଅସମୀୟା ଲେଖିକା ଅରୁପା କାଳିତା ପତାଙ୍ଗିଆ, ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀ, କୁଳସଚିବ କୁନ୍ତଳା ଦାସ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଭାସ୍କର ଦାସ ପ୍ରମୁଖ ଶ୍ରୀ ରଣାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ଅନ୍ତର୍ଗତ ଧଅାଁରାମାଲ ଗାଁରେ ଜନ୍ମିତ ଡିଲେଶ୍ୱରଙ୍କର ଗଳ୍ପ, କବିତା, ଫିଚର ଓ ଗୀତ ରଚନା, ଅଭିନୟ ତଥା ଉପସ୍ଥାପନାରେ ବେଶ୍ ରୁଚି ରହିଛି । ତାଙ୍କର ଟାଇମପାସ ପ୍ରକାଶିତ ଗଳ୍ପ ସଂକଳନ 'ସେଁମରା' ଓ ନେସନାଲ୍ ବୁକ୍ ଟ୍ରଷ୍ଟ ପ୍ରକାଶିତ ଉପନ୍ୟାସ 'ମେଲିଭୁଙ୍ଗି' ବିପୁଳ ପାଠକୀୟତା ଲାଭ କରିଛି । 'ସେଁମରା' ସଂକଳନର ଶୀର୍ଷକ ଗଳ୍ପକୁ ନେଇ ପ୍ରସ୍ତୁତ ଟେଲିଫିଲ୍ମ ଦୂରଦର୍ଶନରେ ପ୍ରସାରିତ ହୋଇ ବେଶ୍ ଆଦୃତ ହୋଇଛି । ସାରସ୍ୱତ ସାଧନା ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର, ପ୍ରଧାନମନ୍ତ୍ରୀ ଯୁବା ମେଣ୍ଟରସିପ୍, କଥା ନବପ୍ରତିଭା ପୁରସ୍କାର, କାଦମ୍ବିନୀ ଗଳ୍ପ ଉନ୍ମେଷ ପୁରସ୍କାର, ତପସ୍ୟା ସମ୍ଭାବନା ପୁରସ୍କାର, ପଲ୍ଲବନ ଶବ୍ଦ ସମ୍ମାନ, ଦେବଗିରି ଯୁବ ସମ୍ମାନ, କଳାହାଣ୍ଡି ଯୁବ ପ୍ରତିଭା ପୁରସ୍କାର ପାଇବା ସହ କେନ୍ଦ୍ର ସାହିତ୍ୟ ଅକାଦେମୀର ଯୁବସାହିତ୍ୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିସାରିଛନ୍ତି । ସେହିପରି ଦେଶର ବିଭିନ୍ନ ମଞ୍ଚରେ ଅଭିନୟ କରିବା ସହ ବଲିଉଡ ଫିଲ୍ମ 'ଏ ରେଡ୍ ଶାର୍ଟ'ରେ ଅଭିନେତା ରଘୁବୀର ଯାଦବଙ୍କ ସହ ଅଭିନୟ ମଧ୍ୟ କରିଛନ୍ତି । ଏହି ପୁରସ୍କାର ପାଇଁ ତାଙ୍କୁ ରାଜ୍ୟର ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଅଭିନନ୍ଦନ ଜଣାଇଛନ୍ତି ।

## ଗୋଆରେ ହତ୍ୟା ଘଟଣା

## ମୃତଶରୀରକୁ ଭିଟାମାଟିକୁ ଆଣିବାରେ ଯୁବ ବାହିନୀର ସହାୟତା



ଧର୍ମଗଡ଼ (ଭାସ୍କର ନ୍ୟୁଜ୍) : ଗତ ଦୁଇଦିନ ତଳେ ଗୋଲାମୁଣ୍ଡା ବ୍ଲକ ଗଣ୍ଡାମେର ଗ୍ରାମପଲସା ପଡାର ଦ୍ରୋପଦ ନାଏକଙ୍କୁ ଗୋଆରେ ହତ୍ୟା କରିଥିବା ଜଣାପଡିଛି । ସେଠାକାର ପୋଲିସ ଶବ ଜବତ କରିବା ସହ ବ୍ୟବଚ୍ଛେଦ କରି ପରିବାରକୁ ଶବ ହସ୍ତାନ୍ତର କରିଛି । ହେଲେ ଅର୍ଥ ଅଭାବରୁ ଗାଁକୁ ମୃତ ଦେହ ଆସିପାରି ନ ଥିବା ବେଳେ ପଣ୍ଡରା ମାଳି ଯୁବ ବାହିନୀ ପକ୍ଷରୁ ସହାୟତାର ହାତ ବଢ଼ାଇଛି । ସୂଚନା ଅନୁଯାୟୀ ସେଠାରୁ ଶବ ଆଣିବାକୁ ହେଲେ ଅତିକମ୍‌ରେ ୮୦ହଜାର ଟଙ୍କା ଦରକାର ପଡୁଥିବା ବେଳେ ଗରିବ ପରିବାର ଅର୍ଥ ଯୋଗାଣ କରିବାରେ ଅସମର୍ଥ ହୋଇ ପଡୁଛନ୍ତି । ଅନ୍ୟପଟେ ସରକାର ପକ୍ଷରୁ ୩୦ହଜାର ମିଳିଥିବା ବେଳେ ଲେବର ୟୁନିୟନ ୨୦ହଜାର ଦେଇଥିବା ସୂଚନା ମିଳିଛି । ତେବେ ଶବକୁ ଆଣିବାକୁ ହେଲେ ଆଉ ମାତ୍ର ୩୦ହଜାରର ଆବଶ୍ୟକ ଥିବା ବେଳେ ପଣ୍ଡରାମାଲି ଯୁବ ବାହିନୀ ସହାୟତାର ହାତ ବଢ଼େଇଛି । ଯୁବ ବାହିନୀ ସଭାପତି ଭାବନୀ ଶଙ୍କର ବଣିଆ-ଜିଲ୍ଲା ପଣ୍ଡରା ମାଲି ସାମଜ କୁଳପତି ଈଶ୍ୱର ପୁଝାରି, ଆଇନ ପରାମର୍ଶ ଦାତା ଦୁର୍ଗା ପ୍ରସାଦ ନାଏକଙ୍କୁ ଏ ବାବଦରେ କହି ଆଲୋଚନା କରିଥିଲେ । ତେବେ ପଣ୍ଡରା ମାଲି ସମାଜର ଅନେକ କର୍ମ କର୍ତ୍ତା ଓ ସଦସ୍ୟ ମାନଙ୍କ ଠାରୁ ଅର୍ଥ ଆଦାୟ କରାଯାଇ ପରିବାର କୁ ୩୦ହଜାର ଟଙ୍କା ଯୁବ ବାହିନୀ ପକ୍ଷରୁ ଦେଇଥିବା ଜଣାପଡେ । ଯୁବ ବାହିନୀ ସଭାପତି ଭବାନୀ ଶଙ୍କର ବଣୁଆ, ଆଦିତ୍ୟ ବଣୁଆ, ସମ୍ପାଦକ ଲୋକେଶ ନାଏକ ସମେତ କୁଳପତି ପ୍ରକାଶ ଚନ୍ଦ୍ର ନାଏକ,ସଭାପତି-ଈଶ୍ୱର ପୁଝାରି,ଆଇନ ପରାମର୍ଶ ଦାତା ଦୁର୍ଗା ପ୍ରସାଦ ନାଏକ ପ୍ରମୁଖ ପରିବାରଙ୍କ ହାତରେ ସହାୟତା ଦେଇଥିଲେ । ତେବେ ଆସନ୍ତା କାଲି ମୃତ ଦେହ ଗାଁକୁ ଆସିବା ସମ୍ଭାବନା ଥିବା କୁହାଯାଏ ।

## ଆକାଂକ୍ଷା ବ୍ଲକ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ଠାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆକାଂକ୍ଷା ଜିଲ୍ଲା ଏବଂ ଆକାଂକ୍ଷା ବ୍ଲକ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅନିତା କର୍ଣ୍ଣ, ଯୁଗ୍ମ ସଚିବ, ଖାଦ୍ୟ ଓ ସାଧାରଣ ବଣ୍ଟନ ତଥା କେନ୍ଦ୍ର ପ୍ରଭାରୀ ଅଧିକାରୀ, ନୀତି ଆୟୋଗ, ସଭାପତି ଭାବେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ପାଓ୍ୱାର ସଚିନ ପ୍ରକାଶ, କଳାହାଣ୍ଡି ଜିଲ୍ଲାପାଳ, ଯଦୟାମୟ ପାଢ଼ୀ, ମୁଖ୍ୟ ବିକାଶ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, କଳାହାଣ୍ଡି, ବୈତାରୁ ଦୀପ ଅତିରିକ୍ତ ଜିଲ୍ଲାପାଳ, ଶ୍ରୀକାନ୍ତ ଦଳେଇ, ଉପ ନିର୍ଦ୍ଦେଶକ, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ, କଳାହାଣ୍ଡି, ଉପ ଜିଲ୍ଲାପାଳ, ଭବାନୀପାଟଣା, ଜିଲ୍ଲାର ସମସ୍ତ ଜିଲ୍ଲା ଅଧିକାରୀ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଥୁ.ରାମପୁର , ମ .ରାମପୁର, କୋକସରା, ଜୁନାଗଡ଼, ନର୍ଲା, ଲାଞ୍ଜିଗଡ ଯୋଗ ଦେଇଥିଲେ । ଏହି ସମୀକ୍ଷା ସଭାରେ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଓ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପୋଷଣ, ଶିକ୍ଷା, କୃଷି ଓ ଜଳ ସମ୍ପଦ, ଆର୍ଥିକ ଅନ୍ତର୍ଭୁକ୍ତି ଓ ଦକ୍ଷତା ବିକାଶ, ମୌଳିକ ଭିତ୍ତିଭୂମି ଓ ସାମାଜିକ ବିକାଶ ଆଦି ଛଅଟି ସୂଚକାଙ୍କ ଉପରେ ବିସ୍ତୃତ ଭାବେ ସମୀକ୍ଷା କରାଯାଇଥିଲା । ବିଶେଷକରି ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଓ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁ ମୃତ୍ୟୁ ହାର ହ୍ରାସ, ମାତୃ ମୃତ୍ୟୁହାର ହ୍ରାସ, ଗର୍ଭବତୀ ମହିଳାଙ୍କ ପରୀକ୍ଷା ଓ ଟୀକାକରଣ, ଜନ୍ମ ସମୟରେ ଲିଙ୍ଗ ଅନୁପାତ, ଶିଶୁର ସମ୍ପୂର୍ଣ୍ଣ ଟିକାକରଣ, ମହିଳା ଓ ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରଦାନ, ରକ୍ତ ହୀନତା ନିରାକରଣ, ଗୁଣାତ୍ମକ ଶିକ୍ଷା, ମୃତ୍ତିକା, କୃଷି ଉତ୍ପାଦନ ବୃଦ୍ଧି, ଫସଲ ବୀମା, ପ୍ରମାଣିତ ଗୁଣବତ୍ତା ବିହନ ବଣ୍ଟନ, ପ୍ରତିଘରେ ବିଦ୍ୟୁତ୍ ସଂଯୋଗୀକରଣ, ପ୍ରତିଘରେ ପାନୀୟ ଜଳ ଯୋଗାଣ ଉପରେ ସମୀକ୍ଷା କରାଯାଇଥିଲା । କଳାହାଣ୍ଡି ଜିଲ୍ଲା ଦେଶର ୧୧୨ଟି ଆକାଂକ୍ଷା ଜିଲ୍ଲା ମାନଙ୍କ ମଧ୍ୟରେ କରାଯାଇଥିବା ପ୍ରତିଯୋଗିତାରେ ୩ ଥର ଉତ୍ତମ ସ୍ଥାନ ପ୍ରଦର୍ଶନ କରିଥିବାରୁ ୯ କୋଟି ଟଙ୍କା ପୁରସ୍କାର ରାଶି ନୀତି ଆୟୋଗ, ଭାରତ ସରକାରଙ୍କ ଠାରୁ ଗ୍ରହଣ କରିଛି । ଅନିତା କର୍ଣ୍ଣ କହିଥିଲେ ଯେ ୨ଟି ଗ୍ରାମକୁ ଆଦର୍ଶ ଗ୍ରାମ ହିସାବରେ ନେଇ ତାର ସର୍ବାଙ୍ଗୀନ ଉନ୍ନତି କରାଯିବ ଏବଂ ପରବର୍ତ୍ତୀ ସମୟରେ ତାହା ଅନ୍ୟ ଗ୍ରାମ ପରି କାର୍ଯ୍ୟ କରାଯାଇପାରିବ । ସେ ଭିଟାମିନ ଯୁକ୍ତ ଚାଉଳ ପିଡ଼ିଏସ ମାଧ୍ୟମରେ ବଣ୍ଟନ କରିବା ଦ୍ୱାରା ଅପପୃଷ୍ଟି ରୋକିବାରେ କେତେ ସଫଳ ହୋଇଛି ତାର ଏକ ସର୍ଭେ କରିବା ପାଇଁ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳ, ଶ୍ରୀ ପାଓ୍ୱାର ସଚିନ ପ୍ରକାଶ କହିଥିଲେ ଗତ ବର୍ଷ ୬ ଟି ସୂଚକାଙ୍କର ସମ୍ପୂର୍ଣ୍ଣକରଣ ପାଇଁ ସମ୍ପୂର୍ଣ୍ଣତା ଅଭିଯାନ କରାଯାଇଥିଲା । ଯାହାଦ୍ୱାରା ଜିଲ୍ଲାରେ ୫ଟି ସୂଚକାଙ୍କ ୧୦୦% ସଫଳତା ଜନସାଧାରଣଙ୍କୁ ମିଳିପାରିଥିଲା କ୍ଷଆମ ଜିଲ୍ଲାରେ ୭ଟି ମାଆ ଗୃହ ଅଛି ଏବଂ ଆବଶ୍ୟକତା ଅନୁଯାୟୀ ଆଉ ୩ଟି ମାଆ ଗୃହ ପାଇଁ ସରକାରଙ୍କୁ ପ୍ରସ୍ତାବ ପଠାଯାଇଛି । ଧାନ ଫସଲ ପରିବର୍ତ୍ତେ ଅନ୍ୟାନ୍ୟ ଅଣଧାନ ଫସଲ ଯଥା ମକା, କପା, ଡ଼ାଲି ଓ ତୈଳବୀଜ ଜାତୀୟ ଫସଲ ଚାଷ କରିବାପାଇଁ ସେ ଗୁରୁତ୍ୱ ଆରୋପ କରିଥିଲେ । ଶେଷରେ ସମସ୍ତ ଜିଲ୍ଲା ଅଧିକାରୀ ଏବଂ ବ୍ଲକ ଅଧିକାରୀ ମାନଙ୍କୁ ଜିଲ୍ଲାର ବିକାଶ ଏବଂ ବ୍ଲକର ବିକାଶ ପାଇଁ କାର୍ଯ୍ୟ କରିବାକୁ ଶ୍ରୀମତୀ କର୍ଣ୍ଣ ନିର୍ଦ୍ଦେଶ ଦେଇଥଲେ । ଶେଷରେ ଶ୍ରୀ ଦଳେଇ, ଉପ ନିର୍ଦ୍ଦେଶକ, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କଳାହାଣ୍ଡି, ଧନ୍ୟବାଦ ଅର୍ପଣ କରିଥିଲେ ।

## କଣ୍ଟାଦୋଳିରେ ଝୁଲି ଭକ୍ତଙ୍କୁ ଦର୍ଶନ ଦେଲେ ମା'



**ବସ୍ତରେନ ମାଉଲିଙ୍କ 'ଅଷାଢ଼କେନା' ଯାତ୍ରା ସମ୍ପନ୍ନ**

କୋକସରା, (ଭାସ୍କର ନ୍ୟୁଜ୍) : କୋକସରା ବ୍ଲକ ଟେମରା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମାଁ ବସ୍ତରେନ ମାଉଲିଙ୍କ ବାର୍ଷିକ ମଣ୍ଡଇ ଓ ଅଷାଢକେନା ଯାତ୍ରା ଶୁକ୍ରବାର ଶାନ୍ତି ଶୃଙ୍ଖଳା ସହିତ ସମ୍ପନ୍ନ ହୋଇଛି । ମଣ୍ଡେଇ ହାଟ ପରିକ୍ରମା ସହ ଶ୍ରଦ୍ଧାଳୁ ମାନଙ୍କୁ କଣ୍ଟା ଦୋଳିରେ ଝୁଲି ଦେବୀ ମା' ବସ୍ତେରେନ ମାଉଳୀ ଦର୍ଶନ ଦେଇଛନ୍ତି । କଳାହାଣ୍ଡିର ଆରାଧ୍ୟ ଦେବତା ଆମପାଣିର ବୁଢ଼ାରଜା, ମାଝିଗୁଡାର ବରସଲ୍ ମାଝୀ ସମେତ ନିମନ୍ତ୍ରିତ ବିଭିନ୍ନ ଦେବାଦେବୀ ମାନେ ସାମିଲ ହେବାପରେ ପୁଝାରୀ ଓ ଗୌନ୍ତିଆ ଘରୁ ଦେବା ଦେବୀଙ୍କୁ ସ୍ୱାଗତ କରାଯାଇଥିଲା । ପରେ ଦେବାଦେବୀଙ୍କ ଲାଠି କାଲିଶୀ ଗହଣରେ ପାରମ୍ପାରିକ ବାଦ୍ୟର ବଜେଇ ବସ୍ତେରେନ ମାଉଳୀ ଦେବୀଙ୍କ ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ । ପ୍ରାଥମିକ ପୂଜା ଆରମ୍ଭ ହେବାପରେ ମଣ୍ଡେଇ ହାଟକୁ ତିନି ଥର ପରିକ୍ରମା କରିବା ସହିତ କଣ୍ଟା ଦୋଳିରେ ଝୁଲି ଶ୍ରଦ୍ଧାଳୁ ମାନଙ୍କୁ ଦର୍ଶନ ଦେଇଛନ୍ତି । ଏହା ପରେ ମାନସିକଧାରୀ ଭକ୍ତମାନେ ମାନସିକ ପୂରଣ ହୋଇଥିବାରୁ ଦେବୀଙ୍କ ନିକଟରେ ରକ୍ତ ଭୋଗ ଓ ଶୁକ୍ଲ ଭୋଗ ଅର୍ପଣ କରିଥିଲେ । ପୂଜକ ଚିତ୍ରସେନ ମାଝିଙ୍କ ସମସ୍ତ ପୂଜାର୍ଚ୍ଚନା ସମ୍ପାଦକ କରିଥିବାବେଳେ କମିଟି ସଭାପତି ପଦ୍ମଲୋଚନ ଦଳପତି, ସମ୍ପାଦକ ମହାଦେବ ବେଶ୍ରା, ଟେମରା ସରପଞ୍ଚ କ୍ଷିତିରାମ ପାତ୍ର, ସୁଧିର କୁମାର ପାତ୍ର, ଅଶୋକ କୁମାର ଦାସ, ଗୋଦାବରୀଶ ପାତ୍ର, ସୁଦାମ ପୁଝାରୀ, ଚକାଡୋଳା ପାତ୍ର, ଅଭିରାମ ଲଦୁଆ, ହେମନ୍ତ ବାଣୁଆ, ରାଜେନ୍ଦ୍ର ନାଏକ, ମିନକେତନ ସାହୁ, ଦୁଷ୍ମନ୍ତ କୁମାର ପାତ୍ର, ଟୋପେଶ୍ୱର ମାଝୀ, ଗୋପିନାଥ ସୁନାନୀ, ବୃନ୍ଦାବନ ସତନାମୀ, କମଣ୍ଡଳ ପଟେଲ, କ୍ଷୀରସିନ୍ଧୁ ହଂସ, ବିପିନ ଦଳପତି ଲଳିତ ସତନାମୀ ପ୍ରମୁଖଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ । ଶାନ୍ତିଶୃଙ୍ଖଳା ନିମନ୍ତେ କୋକସରା ଥାନା ପୋଲିସ ନିୟୋଜିତ ହୋଇଥିଲେ, କମିଟି ପକ୍ଷରୁ ମଧ୍ୟ ସୁରକ୍ଷା ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା ।

## 'ଚାରାରୋପଣର ଗୁରୁତ୍ୱ ଅନେକ'

କୋକସରା, (ଭାସ୍କର ନ୍ୟୁଜ୍) : ବୃକ୍ଷ ମାନବ ସମାଜ ପାଇଁ ବରଦାନ ସଦୃଶ । ତେବେ ଗତ ଏକ ଦଶନ୍ଧି ହେଲା କେବଳ ଗଛ କଟା ଯୋଗୁଁ ଦେଶରେ ୧୬ ପ୍ରତିଶତ ଗଛ କମି ଯାଇଛି । ତେଣୁ ପୂର୍ବପେକ୍ଷା ଏବେ ମାନବିକ କାର୍ଯ୍ୟକଳାପ ଯୋଗୁଁ ଜଙ୍ଗଲ ଓ ବୃକ୍ଷରାଜି ପ୍ରତି ଅଧିକ ବିପଦ ରହିଥିବାରୁ ଚାରାରୋପଣ ଅଧିକ ଗୁରୁତ୍ୱ ବହନ କରୁଛି । ଏହି କ୍ରମରେ କୋକସରା ବ୍ଲକ ସଦର ମହକୁମା ସ୍ଥିତ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟ ଠାରେ ଶୁକ୍ରବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କଲେଜ ଅଧକ୍ଷ ପୁଷ୍ପରାଜ ମେହେରଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ଃ ହିମାଞ୍ଚଳ ମାଝୀ ଯୋଗଦେଇ ବୃକ୍ଷରୋପଣ କରିଥିଲେ । ଏହି କ୍ରମରେ ବୃକ୍ଷରୋପଣର ପରବର୍ତ୍ତୀ ସୁରକ୍ଷା, ରକ୍ଷଣାବେକ୍ଷଣ ଦାୟିତ୍ୱ ଉପରେ ମତପ୍ରକାଶ ପାଇଥିଲା । ଅନ୍ୟମାନଙ୍କ ମଧ୍ୟରେ କନିଷ୍ଠ ଯନ୍ତ୍ରୀ ସୁକାନ୍ତ ବେହେରା, ଅଧାପକ ସୁବ୍ରତ ବେହେରା, ଏନସିସି ଏନ୍‌ଓ ଅଶ୍ୱିନ କୁମାର ପଟ୍ଟନାୟକ, ଅଧାପିକା କନକ ମଞ୍ଜୁରୀ ବେହେରା, ଶୁଭଶ୍ରୀ ସାହୁ, ବେଦମୟୀ ବାରିକ, କର୍ମଚାରୀ ଜିତେନ୍ଦ୍ର ପ୍ରଧାନୀ, ସୁନୀଲ ପ୍ରଧାନୀ, ଖେଳ ଶିକ୍ଷକ ପ୍ରତାପ ଚନ୍ଦ୍ର ବିଶି, ତପନ ବିଶି ସମେତ ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ଉପସ୍ଥିତ ରହି କଲେଜ ପରିସରରେ ବିଭିନ୍ନ ପ୍ରକାରର ବୃକ୍ଷ ଲଗାଇଥିଲେ ।



## ଡ୍ରାଇଭର ସଂଘ ଆନ୍ଦୋଳନକୁ ବିଜେଡିର ସମର୍ଥନ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ଦିନ ଥିଲା ବିଜେଡି ସରକାର ଥିଲାବେଳେ ବିଜେପିର ବିଧାୟକ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଡ୍ରାଇଭର ମହା ସଂଘର ଆନ୍ଦୋଳନକୁ ସମର୍ଥନ ଦେଇ ପ୍ରଶ୍ନ ଉଠାଇଥିଲେ । ସରକାରଙ୍କ ନିକଟରେ ଡ୍ରାଇଭର ସଂଘର ଦାବିକୁ ଗ୍ରହଣ କରିବାକୁ ଜୋର ଦେଇଥିଲେ । ଏବେ ସେ ଓଡିଶାର ମୁଖ୍ୟମନ୍ତ୍ରୀ । ବର୍ତ୍ତମାନ ଡ୍ରାଇଭର ସଂଘ ଆନ୍ଦୋଳନ ରାଜ ରାସ୍ତାରେ ଥିବାବେଳେ ସରକାର ନିରବ ଥିବା ନେଇ ଧର୍ମଗଡ଼ ବ୍ଲକ ବିଜେଡ଼ି ଦଳର କର୍ମକର୍ତ୍ତା ସମର୍ଥନ ଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷି ଏଭଳି କହିଛନ୍ତି । ଓଡିଶା ଡ୍ରାଇଭର ମହାସଂଘର ୭ ଦଫା ଦାବି ନେଇ ରାଜ୍ୟ ବ୍ୟାପି ଅନିର୍ଦ୍ଦିଷ୍ଟ କାଳ ପାଇଁ ଷ୍ଟିଅରିଂ ଛାଡ ଆନ୍ଦୋଳନ କରୁଥିବା ବେଳେ ଧର୍ମଗଡ଼ରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଛି । ଧର୍ମଗଡ଼ ଡ୍ରାଇଭର ମହାସଂଘ ପକ୍ଷରୁ ଗୋଡ଼ଭଞ୍ଜା ଗୋଳେଇଛକ ଠାରେ ୫ ଦିନ ହେଲା ଆନ୍ଦୋଳନରେ ବସିଥିବା ବେଳେ ଏହି ଆନ୍ଦୋଳନକୁ ବିଭିନ୍ନ ସାମାଜିକ ସଂଗଠନ ସହିତ କଂଗ୍ରେସ ପାର୍ଟି ସମର୍ଥନ ଜଣାଇଥିବା ବେଳେ ଶୁକ୍ରବାର ଦିନ ସମର୍ଥନ ଜଣାଇ ଆନ୍ଦୋଳନରେ ବସିଥିଲେ ଧର୍ମଗଡ ବ୍ଲକ ବିଜୁ ଜନତା ଦଳର କର୍ମକର୍ତ୍ତା । ଡ୍ରାଇଭର ମାନଙ୍କ ଆନ୍ଦୋଳନ ଫଳରେ ପରିବହନ ସେବା ଠପ୍ ହୋଇ ଯାଇଛି । ୭ ଦଫା ଦାବିକୁ ସରକାର ତୁରନ୍ତ ପୂରଣ ନ କଲେ ଆଗକୁ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ସମସ୍ତ ଡ୍ରାଇଭର ସମେତ ବିଜୁ ଜନତା ଦଳର ଡାକେ ଲହଜଳ, ରାଜେନ୍ଦ୍ର ମୁନି, ପ୍ରବୋଧ ହଂସ, ସୁନୀଲ ଭଏସାଲ, ରତନ ନାଏକ, ସନ୍ତୋଷ ପାଢ଼ୀ, ଲିପୁ ମହାନ୍ତି, ଲବଣି ରାଉତ, ରାମପ୍ରସାଦ ଗୋପାଳ, ମଧୁସୂଦନ ବାଗ, ଗୟରାମ ଖରସେଲ, ଶୋଷିଆ ହାତୀ, ଧନିରାମ ହାତୀ ପ୍ରମୁଖ ଚେତାବନୀ ଦେଇଛନ୍ତି ।

## ବିଶ୍ୱ ଜନସଂଖ୍ୟା ଦିବସ ପାଳିତ

## ଡ଼ାକ୍ତର ସଦାନନ୍ଦ ପାଣିଗ୍ରାହୀ ସମ୍ବର୍ଦ୍ଧିତ



ଧର୍ମଗଡ଼ (ଭାସ୍କର ନ୍ୟୁଜ) ବିଶ୍ୱ ଜନସଂଖ୍ୟା ଦିବସ ପାଳନ ଅବସରରେ ମହିଳା ପରିବାର ନିୟୋଜନ ବନ୍ଧ୍ୟାକରଣ ଅସ୍ତ୍ରୋପଚାର କ୍ଷେତ୍ରରେ ଉଲ୍ଲେଖନୀୟ ସେବା କାର୍ଯ୍ୟ ପାଇଁ ଡାକ୍ତର ସଦାନନ୍ଦ ପାଣିଗ୍ରାହୀଙ୍କୁ କ୍ରମାଗତ ଦଶମ ଥର ପାଇଁ ସମ୍ବର୍ଦ୍ଧିତ କରାଯାଇଛି । ଶୁକ୍ରବାର ଭୁବନେଶ୍ୱର ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସଭାରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ କୁମାର ମହାଲିଙ୍ଗ ଡାକ୍ତର ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ ଅମରେନ୍ଦ୍ର ମହାନ୍ତି, ଏହି ଅବସରରେ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ରାଜଶ୍ରୀ ପଟ୍ଟନାୟକ ଓ ଅନ୍ୟାନ୍ୟ ନିର୍ଦ୍ଦେଶକ ମାନେ ଉପସ୍ଥିତ ଥିଲେ । ଏହି ଅବସରରେ ମହିଳା ବନ୍ଧ୍ୟାକରଣ ଅସ୍ତ୍ରୋପଚାର କ୍ଷେତ୍ରରେ ଦମ୍ପତିଙ୍କୁ ପ୍ରେରଣା ପାଇଁ ଧର୍ମଗଡର ମହିଳା ସ୍ୱାସ୍ଥ୍ୟକର୍ମୀ ଦିବ୍ୟଲତା ଦୀପଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଡାକ୍ତର ପାଣିଗ୍ରାହୀ ୧୯୯୭ ମସିହାରୁ ଏପର୍ଯ୍ୟନ୍ତ ୩୬ ହଜାର ୭୪୬ ଜଣ ମହିଳାଙ୍କୁ ସଫଳ ଭାବେ ପରିବାର ନିୟୋଜନ ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରି ରାଜ୍ୟରେ ଏକ ବିରଳ ଉଦାହରଣ ସୃଷ୍ଟି କରିଛନ୍ତି । ଏହି ସେବା କାର୍ଯ୍ୟରେ ସଫଳତା ପାଇଁ ସେ ଥରେ ଜାତୀୟ ସ୍ତରରେ ସମ୍ବର୍ଦ୍ଧିତ ହୋଇଥିବା ବେଳେ ରାଜ୍ୟ ସ୍ତରରେ ଦଶ ଥର ଓ ଜିଲ୍ଲାସ୍ତରରେ ମଧ୍ୟ ଦଶ ଥର ସମ୍ବର୍ଦ୍ଧିତ ହୋଇଛନ୍ତି । ତାଙ୍କର ଏହି ସେବା କାର୍ଯ୍ୟ ପାଇଁ ୨୦୧୪ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବର୍ଦ୍ଧିତ କରିଥିଲେ । ଡାକ୍ତର ପାଣିଗ୍ରାହୀଙ୍କୁ ନୂଆଦିଲ୍ଲୀ ସ୍ଥିତ ଇଣ୍ଡିଆ ଇଣ୍ଟରନେସେନାଲ ଫ୍ରେଣ୍ଡସିପ ସୋସାଇଟି ପକ୍ଷରୁ ଭାରତ ଜ୍ୟୋତି ସମ୍ମାନ ପ୍ରଦାନ କରାଯାଇଥିଲା । ମହାବୀର ସାଂସ୍କୃତିକ ଅନୁଷ୍ଠାନର ଭବାନୀପାଟଣାର ମହାବୀର ମହୋତ୍ସବରେ ଡାକ୍ତର ସଦାନନ୍ଦ ପାଣିଗ୍ରାହୀ କୃତୀ ସନ୍ତାନ ଭାବେ ସମ୍ବର୍ଦ୍ଧିତ ହୋଇଥିଲେ । ଏହା ବ୍ୟତୀତ ସେ ନୂଆ ଦିଲ୍ଲୀର ଇଣ୍ଡିଆ ଇଣ୍ଟର ନ୍ୟାସେନାଲ ସେଣ୍ଟର ଠାରେ ଆୟୋଜିତ ଇକୋନୋମିକ ଗ୍ରୋଥ ଆଣ୍ଡ ନେସେନାଲ ଇଣ୍ଟରଗ୍ରେସନ୍ ଏଣ୍ଡ ପ୍ରେଜେନଟେସନ୍ ଅଫ ଆୱାର୍ଡ଼ ସେମିନାରରେ ମହାତ୍ମା ଗାନ୍ଧୀ ଲାଇଫ ଟାଇମ ଆଚିଭମ୍ୟାଣ୍ଟ ଆୱାର୍ଡ଼ରେ ସମ୍ବର୍ଦ୍ଧିତ ହୋଇଥିଲେ । ଏଠାରେ ସୁଚନା ଯୋଗ୍ୟ ଯେ, ଦୁଇଥର ତାଙ୍କ ନାମ "ଇଣ୍ଡିଆ ବୁକ ଅଫ ରେକର୍ଡସ୍"ରେ ସ୍ଥାନିତ ହୋଇସାରିଛି । କିଛିଦିନ ତଳେ ଡାକ୍ତର ପାଣିଗ୍ରାହୀ ନିଜେ ୨୪୬ଗୋଟି ଦେଶର ୨୨୩୯ ଗୋଟି ମୁଦ୍ରା ସଂଗ୍ରହ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।ଏନେଇ "ଇଣ୍ଡିଆ ବୁକ ଅଫ ରେକର୍ଡସ୍"ରେ ତାଙ୍କ ନାମ ସ୍ଥାନିତ ହୋଇଅଛି । ଡାକ୍ତର ସଦାନନ୍ଦ ପାଣିଗ୍ରାହୀ ନିଜର ୨୬ ବର୍ଷ ଚାକିରୀ କାଳ ମଧ୍ୟରେ ୩୦ ହଜାର ମହିଳାଙ୍କୁ ସଫଳ ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରି ଏକ ଇତିହାସ ସୃଷ୍ଟି କରି ଥିବାରୁ ପୂର୍ବରୁ ତାଙ୍କ ନାମ "ଇଣ୍ଡିଆ ବୁକ ଅଫ ରେକର୍ଡସ୍"ରେ ଦର୍ଜ ହୋଇଛି । ଡ଼ାକ୍ତର ସଦାନନ୍ଦ ପାଣିଗ୍ରାହି ଏବେ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ସରକାରୀ ଚିକିତ୍ସାଳୟରେ ମେଡିକାଲ୍ ଅଧିକାରୀ ଭାବରେ ଅବସ୍ଥାପିତ ଅଛନ୍ତି । ଡାକ୍ତର ପାଣିଗ୍ରାହୀଙ୍କ ଏଭଳି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି ।

## ରାଶିଫଳ


ରବିବାର, ୧୩ ଜୁଲାଇ ୨୦୨୫



**ମେଷ:** କୌଣସି ନିଷ୍ପତ୍ତି ନେବାରେ ବିବେକ ବ୍ୟବହାର କରନ୍ତୁ । ପରିବାର ସହିତ ଦିନଟି ଖୁସିରେ ବିତାଇବେ । ମୂଲ୍ୟବାନ ସାମଗ୍ରୀ ତୁମ ପାଖରେ ରଖ । ବ୍ୟବସାୟ ଭଲ ହେବ । ଖର୍ଚ୍ଚ ବୃଦ୍ଧି ପାଇବ । ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ । ଦୁଷ୍ଟମାନଙ୍କଠାରୁ ସତର୍କତା ଆବଶ୍ୟକ । କ୍ରନିକ ରୋଗ ଦେଖାଦେଇପାରେ ।




**ବୃଷ:** ସ୍ଥାୟୀ ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ହୋଇପାରେ । ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି । ଏହା ବହୁତ ଲାଭଦାୟକ ହୋଇପାରେ । ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ । ପ୍ରଗତିର ରାସ୍ତା ଖୋଲିଯିବ ।



**ମିଥୁନ:** ଅଟକି ରହିଥିବା ଟଙ୍କା ମିଳିବାର ସମ୍ଭାବନା ଅଛି । ବ୍ୟବସାୟ ଯାତ୍ରା ସଫଳ ହେବ । ରାଜନୈତିକ ସମର୍ଥନ ମିଳିବ । ବ୍ୟବସାୟ ବୃଦ୍ଧି ପାଇବ । ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ । ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ । ଟଙ୍କା ପାଇବା ସହଜ ହେବ । ସେଠାରେ ଭୟ ଏବଂ ସନ୍ଦେହ ରହିବ ।



**କର୍କଟ:** ଆପଣ କୋର୍ଟର କାର୍ଯ୍ୟରୁ ମୁକ୍ତି ପାଇପାରିବେ । ବ୍ୟବସାୟ ଅନୁକୂଳ ଲାଭ ଦେବ । ତୁମେ ତୁମର ଜୀବନସାଥୀଙ୍କଠାରୁ ସମର୍ଥନ ପାଇବ । ଚାକିରିରେ କାମକୁ ପ୍ରଶଂସା କରାଯିବ । ଦିନଟି ଭଲ ରହିବ । କାରବାରକୁ ଶୀଘ୍ର କର ନାହିଁ । ବୁଦ୍ଧିମାନ ଭାବରେ ଆପଣଙ୍କର ବିନିଯୋଗରେ ପ୍ରବେଶ କରନ୍ତୁ । ଉପକୃତ ହେବ ।



**ସିଂହ:** ଆପଣ ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ସମର୍ଥନ କରିବାକୁ ସମର୍ଥ ହେବେ । ତୁମେ ସମ୍ମାନ ପାଇବ । କିଛି ମହତ୍ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ । ବୟସ୍କଙ୍କ ମାର୍ଗଦର୍ଶନ ଲାଭ ବୃଦ୍ଧି କରିବ । ବ୍ୟବସାୟ ବୃଦ୍ଧି ପାଇବ । ଚାକିରିରେ ତୁମେ ଏକ ଉଚ୍ଚ କର୍ତ୍ତୃପକ୍ଷଙ୍କ ସୁଖ ପାଇବ ।




**କନ୍ୟା:** ଉତ୍ସାହଜନକ ସୂଚନା ଗ୍ରହଣ କରାଯିବ । ତୁମେ ଭୁଲିଯାଇଥିବା ସାଙ୍ଗମାନଙ୍କୁ ଭେଟିବ । ସେଠାରେ ଖର୍ଚ୍ଚ ହେବ । ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ । ଆତ୍ମ ସମ୍ମାନ ରହିବ । କିଛି ବଡ କାମ ଏବଂ ବାହାରକୁ ଯିବାକୁ ଇଚ୍ଛା ହେବ । ବ୍ୟବସାୟ ଲାଭଦାୟକ ହେବ । ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ । ଶତ୍ରୁମାନେ ସକ୍ରିୟ ରହିବେ ।




**ତୁଳା:** ଉପହାର ଗ୍ରହଣ କରାଯାଇପାରେ । ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ । ବ୍ୟବସାୟ ଯାତ୍ରା ସଫଳ ହେବ । କିଛି ବଡ ଘଟଣା ହୋଇପାରେ । ଆପଣ ଜଣେ ବୟସ୍କ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ । ବ୍ୟବସାୟ ଅନୁକୂଳ ଲାଭ ଦେବ ।




**ବିଛା:** କିଛି ବଡ ଅସୁବିଧା ଆସିପାରେ । ତାହା ଅଧିକ ଦ୍ରୁତ ଗତିରେ ଆସିବ । ଦୁଃଖଦ ଖବର ଗ୍ରହଣ କରାଯାଇପାରେ । ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର । ଆଶା କରାଯାଉଥିବା କାର୍ଯ୍ୟ ବିଳମ୍ବ ହେବ । ଆୟ ହେବ । ବ୍ୟବସାୟ ଭଲ ହେବ । ଚାକିରିରେ କାର୍ଯ୍ୟଭାର ରହିବ । କ୍ରନିକ ରୋଗ ଦେଖାଦେଇପାରେ । ଅନାବଶ୍ୟକ ନକାରାତ୍ମକତା ଦେଖାଯିବ । ଅଳସୁଆତା ଜିତିବ ।




**ଧନୁ:** ଛାତ୍ର ଶ୍ରେଣୀ ସଫଳତା ହାସଲ କରିବେ । ପିକନିକ୍ ଉପଭୋଗ କରାଯିବ । ଚାକିରିରେ ଆପଣ କିଛି ନୂଆ କରିବାକୁ ସକ୍ଷମ ହେବେ । ସୁସ୍ୱାଦୁ ଖାଦ୍ୟଗୁଡ଼ିକ ଉପଭୋଗ କରାଯାଇପାରିବ । ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ । ବ୍ୟବସାୟ ଭଲ ହେବ । ସହଭାଗୀମାନେ ସମର୍ଥନ ପାଇବେ । ଦୁଷ୍ଟ ଲୋକମାନେ କ୍ଷତି କରିବାକୁ ଚେଷ୍ଟା କରିବେ । ସୁଖ ମିଳିବ ।




**ମକର:** ଆଘାତ ଏବଂ ଦୁର୍ଘଟଣା ହେତୁ କ୍ଷତି ହୋଇପାରେ । ଦ୍ୱନ୍ଦ୍ୱ ଆସିପାରେ । ଜଣେ ବ୍ୟକ୍ତିର ଆଚରଣ ମନକୁ ଆଘାତ ଦେଇପାରେ । ତତ୍ପରତା ନାହିଁ । ବିବାଦ ଉପୁଜିବାକୁ ଦିଅନ୍ତୁ ନାହିଁ । କୌଣସି ଅପରିଚିତ ବ୍ୟକ୍ତିଙ୍କ ଉପରେ ଅନ୍ଧବିଶ୍ୱାସ ରଖନ୍ତୁ ନାହିଁ । ବ୍ୟବସାୟ ଲାଭଦାୟକ ହେବ । ଅଳସୁଆତା ଜିତିବ ।



**କୁମ୍ଭ:** ପୂଜା ପାଇଁ ଆଗ୍ରହୀ ହେବେ । ଆପଣ ଜଣେ ସାଧୁଙ୍କ ସେବା କରିବାର ସୁଯୋଗ ପାଇବେ । ବ୍ୟବସାୟ ଯାତ୍ରା ସଫଳ ହେବ । ବ୍ୟବସାୟ ଲାଭଦାୟକ ହେବ । ଅଂଶୀଦାରମାନଙ୍କଠାରୁ ସହଯୋଗ ହେବ । ବିନିଯୋଗ ଲାଭଦାୟକ ହେବ । ଘର ବାହାରେ ସୁଖ ମିଳିବ । ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ ।



**ମୀନ:** ଅର୍ଥନୈତିକ ପ୍ରଗତି ପାଇଁ ଏକ ନୂତନ ନୀତି ପ୍ରସ୍ତୁତ କରାଯିବ । ସିଷ୍ଟମ୍ ଉନ୍ନତି କରିବ । ଦୀର୍ଘ ଦିନ ଧରି ବିଚାରାଧୀନ ଥିବା କାର୍ଯ୍ୟ ସମାପ୍ତ କରିବାର ଏକ ସମ୍ଭାବନା ଅଛି, ଚେଷ୍ଟା ଜାରି ରଖନ୍ତୁ । ଆୟ ବୃଦ୍ଧି ପାଇବ । ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ । ପ୍ରତିଷ୍ଠା ବୃଦ୍ଧି ପାଇବ । ବ୍ୟବସାୟ ଲାଭଦାୟକ ହେବ ।



ଶ୍ରୀପତି ଗୁରୁ


ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯